# ‘‘ଉନ୍ନତ’’
# ଦଳ
# ପ୍ରଶିକ୍ଷଣ ସହାୟକ
# ପୁସ୍ତକ

Scriptures taken from the Holy Bible, New International Version, NIV, Copyright 1973, 1978, 1984, 201 by Biblica, Inc.™ Used by permission of Zondervan. All right reserved worldwide. www.zondervan.com The "NIV" and "New International Version" are trademarks
registered in the United States Patent and Trademark Office by Biblica, Inc.™

Written by Ben Jack

2019 The Message Trust

# ସୂଚୀପତ୍ର


‘‘ଉନ୍ନତ’’କୁ ସ୍ୱାଗତ ୫

ଅଧିବେଶନ ନିୟାମକ ୧୧

୧. ‘‘ଉନ୍ନତ’’ କୁ ସ୍ୱାଗତ ୧୩

୨. ସୁସମାଚାର ପ୍ରଚାରକର ପରିଚୟ ୧୬

୩. ସୁସମାଚାର ପ୍ରଚାରକର ବାର୍ତ୍ତା ୧୯

୪. ସୁସମାଚାର ପ୍ରଚାରକର କାର୍ଯ୍ୟ ୨୨

୫. ସୁସମାଚାର ପ୍ରଚାରକର ଶକ୍ତି ୨୬

୬. ସୁସମାଚାର ପ୍ରଚାରକର ଉପାସନା ୩୦

୭. ସୁସମାଚାର ପ୍ରଚାରକର ବଶ୍ୟତା ୩୩

୮. ସୁସମାଚାର ପ୍ରଚାରକର ଚରିତ୍ର ୩୭

୯. ସୁସମାଚାର ପ୍ରଚାରକର ସୁଯୋଗ ୪୧

୧୦. ସୁସମାଚାର ପ୍ରଚାରକର ପ୍ରତିବଦ୍ଧତା ୪୫

୧୧. ସୁସମାଚାର ପ୍ରଚାରକର ପ୍ରେରଣା ୪୯

୧୨. ନିର୍ଜନ ସ୍ଥାନରେ ସଭା ୫୩

## ଅତିରିକ୍ତ ଅଧିବେଶନ ଓ ସମ୍ବଳ ୫୭

ଅତିରିକ୍ତ ଅଧିବେଶନ : ବାର୍ତ୍ତାଳାପ ମାଧ୍ୟମରେ ସୁସମାଚାର ପ୍ରଚାର ୫୮

ଅତିରିକ୍ତ ଅଧିବେଶନ : ବିଶ୍ୱାସମତର ପକ୍ଷସମର୍ଥନ ୬୧

ପରିଶିଷ୍ଟ : ସୁସମାଚାରର ଶିକ୍ଷା ୬୪

ପରିଶିଷ୍ଟ : ସୁସମାଚାର ବର୍ଣ୍ଣନା ୬୫

ପରିଶିଷ୍ଟ : ଦଶମିନିଟ୍‌ର ଯୁବ ସୁସମାଚାର ଆଲୋଚନାର ଦୃଷ୍ଟାନ୍ତ ୬୬

ପରିଶିଷ୍ଟ : ସୁସମାଚାର ପଦ୍ଧତି ୬୭

ପ୍ରସ୍ତାବିତ ପଠନ ୬୮

ଉତ୍ତର ଦାୟିତ୍ୱପୂର୍ଣ୍ଣ ପ୍ରଶ୍ନାବଳି ୬୯

# "ଉନ୍ନତ"
# ପ୍ରତି ସ୍ୱାଗତ

# ସୁସମାଚାର ପ୍ରଚାର କରିବା ପାଇଁ ପ୍ରଚାରକମାନଙ୍କର ପ୍ରତିବଦ୍ଧତାରେ ସେମାନଙ୍କୁ ସହାୟତା ଦେବା ଦ୍ୱାରା ସେମାନଙ୍କ ଆହ୍ୱାନ ପ୍ରତି ଉନ୍ନତ ଦଳଗତ ସମର୍ଥନ ଓ ବିକାଶ ।

''ଉନ୍ନତ'' ପୁସ୍ତକଟି ୧୨ ଜଣ ସୁସମାଚାର ପ୍ରଚାରକଙ୍କୁ ଏକତ୍ରିତ କରିବା ପାଇଁ ପ୍ରଚାରକ ଆଣ୍ଡି ହଥୋର୍ନଙ୍କର (The Message Trust. UK) ଏକ ଦର୍ଶନରୁ ବୃଦ୍ଧିପ୍ରାପ୍ତ ହୋଇଥିଲା। ସେ ସେମାନଙ୍କୁ ବିକଶିତ ଓ ଅଧିକ କାର୍ଯ୍ୟଦକ୍ଷ କରିବା ପାଇଁ ଓ ସେହିପରି କରିବା ନିମନ୍ତେ ଅନ୍ୟ ଅଭିଜ୍ଞ ପ୍ରଚାରକମାନଙ୍କୁ ଉତ୍ସାହିତ କରିବା ପାଇଁ ଲକ୍ଷ୍ୟ ରଖିଥିଲେ ଯେପରି ଶେଷରେ ଶିକ୍ଷାପ୍ରାପ୍ତ ହୋଇ ସେମାନେ ସେମାନଙ୍କ ନିଜସ୍ୱ ଦଳ ଗଠନ କରିପାରିବେ ।

ମାସିକ ସଭା ମାଧ୍ୟମରେ ଗୋଟିଏ ଦଳ ଭିତରେ ଥିବା ଲୋକମାନେ ଶିକ୍ଷା ପ୍ରାପ୍ତ ହୁଅନ୍ତି, ଆଲୋଚନା ମାଧ୍ୟମରେ ଏକ ଆରେକର ଦକ୍ଷତା ବୃଦ୍ଧି କରନ୍ତି, ଓ ବ୍ୟକ୍ତିଗତ ଓ ଆତ୍ମିକ ଜୀବନ ବିଷୟ ପ୍ରକାଶ୍ୟ ଭାବରେ ଏକ ଆରେକକୁ ଜଣାନ୍ତି । ସୁସମାଚାର ପ୍ରଚାର କରିବା ପାଇଁ ଦଳଗତ ଅଧିବେଶନ ମଧ୍ୟରେ, ସେମାନେ ପାଇଥିବା ସୁଯୋଗ ଓ ନିୟୋଜନ ଓ ସେହି ସୁଯୋଗ ଗୁଡ଼ିକରୁ ଉତ୍ପନ୍ନ ଫଳଦ୍ୱାରା ଏକ ଆରେକକୁ ଉତ୍ସାହିତ କରିବା ପାଇଁ ଘଟିଥିବା ସଦ୍ୟତମ ଘଟଣାଗୁଡ଼ିକ ବିଷୟରେ ନିୟମିତ ଭାବେ ଏକ ଆରେକକୁ ଜଣାନ୍ତି (ହ୍ୱାଟସ୍-ଅପ୍ କିମ୍ବା ସେହିପରି କିଛି ବ୍ୟବହାର କରି) ।

ଗୋଟିଏ ଉନ୍ନତ ଦଳରେ ଗୋଟିଏ ବର୍ଷ ରହିବା ପରେ, ପ୍ରତ୍ୟେକ ପ୍ରଚାରକ ଅନ୍ୟ ୧୨ ଜଣଙ୍କୁ ଖୋଜି ବାହାର କରନ୍ତି ଓ ଏହାପରେ ସେମାନଙ୍କୁ ଠିକ୍ ସେହି ମାର୍ଗରେ ତାଲିମ ଦିଅନ୍ତି । ''ଉନ୍ନତ'' କାର୍ଯ୍ୟକ୍ରମଟି ସମଗ୍ର ପୃଥିବୀରେ ଏପରି ବହୁ ପରିମାଣର ଖ୍ରୀଷ୍ଟିୟାନମାନଙ୍କୁ ବୃଦ୍ଧି କରିବାର ନେତୃତ୍ୱ ନେବା ପାଇଁ ପ୍ରଚାରକମାନଙ୍କୁ ବିକାଶଶୀଳ ପ୍ରଚାରକ ହେବାର ଦେଖେ, ଯେଉଁମାନେ କୌଣସି ମଞ୍ଚ ଉପରୁ ହେଉ କିମ୍ବା ପରିବାର, ବନ୍ଧୁବର୍ଗ ଓ ଅପରିଚିତମାନଙ୍କ ସହିତ ଦୈନିକ ସାକ୍ଷାତ୍ ମାଧ୍ୟମରେ ହେଉ – ଲଜ୍ଜାବୋଧ ନ କରି ସୁସମାଚାର ପ୍ରଚାର କରିବେ ।

ଉନ୍ନତ କାର୍ଯ୍ୟକ୍ରମ ସମଗ୍ର ପୃଥିବୀରେ ବୃଦ୍ଧି ପାଉଥିବା ସମୟରେ, ଏହା ସୁସଜ୍ଜିତ, ଉତ୍ସାହିତ ଓ ସହାୟତା ପ୍ରାପ୍ତ ହେବା ପାଇଁ ଯୀଶୁ ଖ୍ରୀଷ୍ଟଙ୍କର ସୁସମାଚାରର ଆଗ୍ରହୀ ନିର୍ଭୀକ ଯୋଗାଯୋଗକାରୀମାନଙ୍କର ଏକ ଆବଶ୍ୟକତା ପ୍ରତି ଏକ ପ୍ରତ୍ୟକ୍ଷ ପ୍ରତିକ୍ରିୟା ଅଟେ ।

## କାର୍ଯ୍ୟଧାରାର ପାଞ୍ଚଟି ନିୟମ

ଆପଣ ନିଜର ଉନ୍ନତ ଦଳ ସ୍ଥାପନ କରିବା ସମୟରେ, ଆପଣଙ୍କୁ ପାଞ୍ଚଟି ଅପରିବର୍ତ୍ତନୀୟ ନିୟମ ମାନିବାକୁ ପଡ଼ିବ ।

### ୧. ନିୟମିତ ସଭା

ମାସିକ ସଭାକୁ ଦଳର ସଦସ୍ୟମାନେ ସର୍ବାଧିକ ପ୍ରାଧାନ୍ୟ ଦେବା ଉଚିତ୍ । ଲୋକମାନେ ଗୋଟିଏ ଦଳରେ ଯୋଗ ଦେବା ସମୟରେ, ସେମାନେ ସଭାଗୁଡ଼ିକ ପ୍ରତି ସମର୍ପିତ ହେବା ଅତି ଆବଶ୍ୟକ ଅଟେ । ଏହିସବୁ ଅଧିବେଶନକୁ ପବିତ୍ର ବୋଲି ଭାବିବା ପାଇଁ ଦଳଗୁଡ଼ିକୁ ଉତ୍ସାହିତ କରାଯାଏ – ସଦସ୍ୟମାନେ ଅନ୍ୟ କୌଣସି ବକ୍ତୃତା ଦାନ କାର୍ଯ୍ୟ କିମ୍ବା ଅନ୍ୟ କୌଣସି ''ଅଧିକ ଗୁରୁତ୍ୱପୂର୍ଣ୍ଣ'' ମନେ ହେଉଥିବା ସଭା ଦ୍ୱାରା ଆକର୍ଷିତ ହେବେ ନାହିଁ । ଈଶ୍ୱର ଯେଉଁ କାର୍ଯ୍ୟ ପାଇଁ ସେମାନଙ୍କୁ ଆହ୍ୱାନ କରିଛନ୍ତି, ସେଥି ନିମନ୍ତେ ସେମାନେ ଯେପରି ପ୍ରସ୍ତୁତ ରହିବେ, ଏ ବିଷୟରେ ସୁନିଶ୍ଚିତ ହେବା ଅତି ଆବଶ୍ୟକ ଅଟେ ।

### ୨. ଦକ୍ଷତାକୁ ବୃଦ୍ଧି କରିବା

ସୁସମାଚାର ସମ୍ବନ୍ଧରେ ଏକ ଗଭୀରତର ଜ୍ଞାନ ପାଇଁ ବାଇବଲ ଅଧ୍ୟୟନ ପ୍ରତି ଏକ ପ୍ରତିବଦ୍ଧତା ପ୍ରତ୍ୟେକ ମାସର ଅଧିବେଶନ ସମୟର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଅଟେ ଓ ଏହା ମଧ୍ୟରେ ଆଲୋଚନା ମାଧ୍ୟମରେ ଏକ ଆରେକର ସୁସମାଚାର ପ୍ରଚାର ଓ ସୁସମାଚାର ସମ୍ବନ୍ଧୀୟ ଜ୍ଞାନ ଓ ପ୍ରୟୋଗର ହିତଜନକ ସମାଲୋଚନା ପାଇଁ ସୁଯୋଗ ମଧ୍ୟ ଅନ୍ତର୍ଭୁକ୍ତ ଅଟେ ।

### ୩. ଉତ୍ତର ଦାୟିତ୍ୱ

ଦଳର ସମୟ ମଧ୍ୟରେ ଉତ୍ସାହପ୍ରଦ ପ୍ରଶ୍ନାବଳି ଓ ପ୍ରକାଶ୍ୟ ଆଦାନପ୍ରଦାନ ମାଧ୍ୟମରେ ସଙ୍କୋଚ ଆତ୍ମ-ମୂଲ୍ୟାଙ୍କନ, ଏହି ବିଷୟକୁ ସୁନିଶ୍ଚିତ କରିବା ପାଇଁ ପ୍ରସ୍ତୁତ କରାଯାଇଛି ଯେ ଜୀବନ କାଟିବା ଓ ସୁସମାଚାର ଜଣାଇବା ପ୍ରତି ବିଶ୍ୱସ୍ତ ରହିବା ପାଇଁ ଚେଷ୍ଟା କରୁଥିବା ସମୟରେ, ଆମେ ଦାୟିତ୍ୱପୂର୍ଣ୍ଣ ଓ ପବିତ୍ର ଜୀବନ କାଟଅଛୁ । ଆପଣଙ୍କ ଦଳରେ ବିପଦ ପ୍ରତି ଉନ୍ମୋଚନ ଓ ସାଧୁତାର ବିକାଶ ପାଇଁ ସମୟ ଲାଗିପାରେ, ମାତ୍ର ସେଗୁଡ଼ିକୁ ଉତ୍ସାହିତ କରାଯିବା ଓ ଦଳର ନେତାଙ୍କ ଦୃଷ୍ଟାନ୍ତ ଦ୍ୱାରା ପରିଚାଳିତ କରାଯିବା ଉଚିତ ।

### ୪. ଯୋଗାଯୋଗ

ଇ-ମେଲ୍ ଓ / କିମ୍ବା ଦଳଗତ ବାର୍ତ୍ତା ପ୍ରଦାନ ମାଧ୍ୟମରେ ପ୍ରତିଦିନ ପରସ୍ପରକୁ ପ୍ରଚାର କାର୍ଯ୍ୟ, ପ୍ରାର୍ଥନା ଅନୁରୋଧ ଓ ପରିତ୍ରାଣ କାହାଣୀଗୁଡ଼ିକୁ ଜଣାଇବା ଦ୍ୱାରା ଦଳ ଗୋଟିଏ ପ୍ରଚାରକ ସଂପ୍ରଦାୟ ଭାବରେ ପରସ୍ପରର ସମର୍ଥନ ସମ୍ବନ୍ଧରେ ସୁନିଶ୍ଚିତ ହୁଏ । ଅଧିବେଶନଗୁଡ଼ିକ ମଧ୍ୟରେ ସଂଯୁକ୍ତ ହୋଇ ରହିବା ଦ୍ୱାରା ଦଳରେ ଗୋଟିଏ ଅଧିକ ପାରିପାରିକ ଶକ୍ତି ସୃଷ୍ଟି ହୁଏ ।

### ୫. ସଂଖ୍ୟାରେ ବୃଦ୍ଧି

ଦଳରେ ଯୋଗ ଦେବାର ୧୨-୧୮ ମାସ ମଧ୍ୟରେ, ଦଳର ସଦସ୍ୟମାନେ ସେମାନଙ୍କ ନିଜସ୍ୱ ଦଳକୁ କିପରି ବୃଦ୍ଧି କରିବେ (ମୂଳ ଦଳରେ ରହିଥିବା ସମୟରେ), ସେ ବିଷୟରେ ଅନୁସନ୍ଧାନ କରିବା ଉଚିତ । ଆପଣଙ୍କ ଦଳରେ ଥିବା ସମସ୍ତ ସଦସ୍ୟ ସେମାନଙ୍କ ନିଜସ୍ୱ ଦଳ ଆରମ୍ଭ କରିବେ ନାହିଁ, ମାତ୍ର ଏହି ସମ୍ବଳ ବ୍ୟବହାର କରିବା ଦ୍ୱାରା ଓ ଏହି ବିଷୟରେ ଆଗ୍ରହୀ ହେବା ଦ୍ୱାରା, ଅନେକେ ଏହା କରିପାରିବେ ଓ କରିବେ । ସେମାନଙ୍କୁ ଏ ବିଷୟରେ ମଧ୍ୟ ସୁନିଶ୍ଚିତ ହେବାକୁ ପଡ଼ିବ ଯେ ସୁସମାଚାର ପ୍ରଚାର ପ୍ରତି ସମର୍ପିତ ଖ୍ରୀଷ୍ଟିଆନମାନଙ୍କର ଆବଶ୍ୟକୀୟ ବିଷୟ ଯୋଗାଣ, ଶକ୍ତି ପ୍ରଦାନ ଓ ଉତ୍ସାହ ଦାନ ସମଗ୍ର ପୃଥିବୀରେ ବୃଦ୍ଧି ପାଇବାରେ ଓ ପ୍ରସାରିତ ହେବାରେ ଲାଗିଛି ।

## ଏହା କ'ଣ ମୋ' ପାଇଁ ଉଦ୍ଦିଷ୍ଟ ?

ଆପଣ ଗୋଟିଏ ମଞ୍ଚ ଉପରୁ ପ୍ରଚାର କରିବାର ସୁଯୋଗ ପାଆନ୍ତୁ କିମ୍ବା ଦିନ ପ୍ରତିଦିନ ଯେଉଁମାନଙ୍କୁ ଆପଣ ବ୍ୟକ୍ତିଗତ ଭାବେ ସାକ୍ଷାତ୍ କରନ୍ତି, ସେମାନଙ୍କ ନିକଟରେ ପ୍ରଚାର କରିବା ବିଷୟରେ ଆଗ୍ରହୀ ହୁଅନ୍ତୁ, ଆପଣଙ୍କ ପାଇଁ ଗୋଟିଏ ''ଉନ୍ନତ'' ଦଳ ଆରମ୍ଭ କରିବା (କିମ୍ବା ଯୋଗ ଦେବା) ବିଷୟ ନିର୍ଣ୍ଣୟ କରିବା ନିମନ୍ତେ ଏହି ତିନୋଟି ସରଳ ପ୍ରଶ୍ନ ଆପଣଙ୍କୁ ସାହାଯ୍ୟ କରିବ ...।

### ବିଶ୍ୱାସ

ସୁସମାଚାର ଯେ ଏହାର କୌଣସି ଶକ୍ତି ହରାଇ ନାହିଁ, ଓ ଏହା ଏକମାତ୍ର ମାର୍ଗ ଯଦ୍ଦ୍ୱାରା ଜଣେ ବ୍ୟକ୍ତି ସତ୍ୟ ଜୀବନ ଓ ପରିତ୍ରାଣ ଜାଣିପାରିବ - ଏହି ବିଷୟରେ ଆପଣଙ୍କର ବିଶ୍ୱାସ ଅଛି କି ?

### ସ୍ୱଷ୍ଟତା

ଆପଣ ବ୍ୟକ୍ତିଗତ ବାର୍ତ୍ତାଳାପ କିମ୍ବା ଗୋଟିଏ ମଞ୍ଚ ଉପରେ ପ୍ରଚାର ମାଧ୍ୟମରେ ସୁସମାଚାରକୁ ସ୍ୱଷ୍ଟ ଭାବରେ ଜଣାଇବାକୁ ଇଚ୍ଛା କରନ୍ତି କି ?

### ଆମନ୍ତ୍ରଣ

ସୁସମାଚାରର ଭରସାକୁ ଗ୍ରହଣ କରିବା ପାଇଁ ଏକ ଆମନ୍ତ୍ରଣ ଜଣାଇବା ନିମନ୍ତେ ଓ ଲୋକମାନଙ୍କୁ ଯୀଶୁଙ୍କ ସହିତ ଅନନ୍ତ ସଂପର୍କ ମଧ୍ୟକୁ ଯାଉଥିବାର ଦେଖିବା ନିମନ୍ତେ ଆପଣ ଇଚ୍ଛା କରନ୍ତି କି ?

ଯଦି ଆପଣ ଏହି ପ୍ରଶ୍ନଗୁଡ଼ିକର ଉତ୍ତର ''ହଁ'' ରେ ଦେଇ ପାରୁଛନ୍ତି, ତେବେ ଏପରି ଅନ୍ୟମାନଙ୍କୁ ଏକତ୍ରିତ କରିବାକୁ ଚେଷ୍ଟା କରନ୍ତୁ ଯେଉଁମାନେ ମଧ୍ୟ ସେଗୁଡ଼ିକୁ ସମର୍ଥନ କରନ୍ତି ଓ ଏକତ୍ର ଯାତ୍ରା ଆରମ୍ଭ କରିବା ପାଇଁ ଏହି ଉନ୍ନତ ଦଳ ତାଲିମ ସହାୟକ ପୁସ୍ତକ ବ୍ୟବହାର କରନ୍ତୁ ।

## ଅଧିବେଶନ ସହାୟକ ପୁସ୍ତକ

ଏହି ପୁସ୍ତକ ମଧ୍ୟରେ ୧୨ ଅଧିବେଶନ ରହିଛି ଯେଉଁଗୁଡ଼ିକ ଏକ ''ଉନ୍ନତ ଦଳ'' ଭାବରେ ଆପଣଙ୍କୁ ଏକତ୍ର ପ୍ରଥମ ବର୍ଷ ମଧ୍ୟ ଦେଇ ଯାତ୍ରା କରାଇବ । ଯଦି ଆପଣ ଜଣେ ଅଭିଜ୍ଞ ପ୍ରଚାରକ ଅଟନ୍ତି କିମ୍ବା ଏହି ପ୍ରକାର ବିଷୟର ନେତୃତ୍ୱ ନେବାରେ ନିର୍ଭୀକ ଅଟନ୍ତି, ତେବେ ଆପଣ ଆପଣଙ୍କ ଦଳର ଆବଶ୍ୟକତାକୁ ପୂରଣ କରିବା ଏଥିରେ ଥିବା ବିଷୟ ବସ୍ତୁ ସହିତ କିଛି ଯୋଗ କରି ଓ ଅଭ୍ୟସ୍ତ ହୋଇ ଓ ନିଜର ଅନୁଭୂତିକୁ ବ୍ୟବହାର କରି ଅଧିବେଶନଗୁଡ଼ିକୁ ଏକ ନୂତନ ବିଷୟ ଆରମ୍ଭ କରିବାର ସ୍ଥାନ ଭାବରେ ବ୍ୟବହାର କରିପାରିବେ । ଯଦି ଆପଣ ଏହିସବୁ ବିଷୟରେ ନୂତନ ଅଟନ୍ତି, ତେବେ ଆପଣ ଅଧିବେଶନ ଗୁଡ଼ିକର ପ୍ରତ୍ୟେକଟି ବାକ୍ୟ ଓ ପ୍ରତ୍ୟେକଟି ନିର୍ଦ୍ଦେଶ ପାଳନ କରିବା ପାଇଁ ସ୍ୱାଧୀନ ଅଟନ୍ତି - ଏଠାରେ ଆପଣ ଗୋଟିଏ ଦଳ ଭାବରେ ଏକତ୍ର ବୃଦ୍ଧି ପାଇବା ପାଇଁ ସମସ୍ତ ଆବଶ୍ୟକୀୟ ବିଷୟ ପ୍ରାପ୍ତ ହେବେ ।

୧୨ଟି ଅଧିବେଶନକୁ ସୁସମାଚାର, ସୁସମାଚାର ପ୍ରଚାର ଓ ଗୋଟିଏ ପ୍ରଚାରକର ଚରିତ୍ର ସମ୍ବନ୍ଧୀୟ ଜ୍ଞାନ ପ୍ରଦାନ କରିବା ପାଇଁ ପ୍ରସ୍ତୁତ କରାଯାଇଛି । ଅଧିବେଶନଗୁଡ଼ିକୁ କେତେଗୁଡ଼ିଏ ଭାଗରେ ବିଭାଜନ କରାଯାଇଛି ଓ ସେହି ଭାଗଗୁଡ଼ିକରେ ଗୋଟିଏ ପ୍ରଚାରକର ଏହି ପାଞ୍ଚଟି ଗୁଣ ଆଲୋଚିତ ହୋଇଛି ଯାହା ପ୍ରାରମ୍ଭିକ ଅଧିବେଶନ (ଅଧିବେଶନ - ୧) ପରେ ଆମର ହୋଇଛି ।

# ଜଣେ ପ୍ରଚାରକଙ୍କର ମୁଖ୍ୟ ଗୁଣାବଳି

## ବାଇବଲ ଶିକ୍ଷା ଦେଉଥିବା ପ୍ରଚାରକମାନେ : ସୁସମାଚାରକୁ ଗଭୀରଭାବେ ଜାଣନ୍ତି (ଅଧିବେଶନ – ୨, ୩ ଓ ୪)।

ଆମେ ଯେଉଁ ବାର୍ତ୍ତାକୁ ଘୋଷଣା କରୁ, ତାକୁ ଯଥା ସମ୍ଭବ ଗଭୀରଭାବେ ଜାଣିବା ଆବଶ୍ୟକ । ଏହା କରିବା ପାଇଁ ଆମକୁ ଈଶ୍ୱରଙ୍କ ବାକ୍ୟ ଏପରି ଗଭୀରଭାବେ ପଠନ ଓ ଅଧ୍ୟୟନ କରିବାକୁ ହେବ ଯେପରି ଆମର ଘୋଷଣା ସୁସମାଚାର ବିଷୟରେ ଥିବା ଆମର ନିଜସ୍ୱ ଚିନ୍ତାଧାରା ଓ ଅନୁମାନ ଉପରେ ଆଧାରିତ ନ ହୋଇ ଈଶ୍ୱରଙ୍କ ବାକ୍ୟର ଶିକ୍ଷା ଉପରେ ଆଧାରିତ ହେବ । ମାଥିଉ ୨୮ରେ ଯୀଶୁଙ୍କର ଆଦେଶର ବାକ୍ୟ ସମସ୍ତ ଜାତିର ଲୋକଙ୍କୁ ଯୀଶୁଙ୍କ ଆଜ୍ଞା ପାଳନ କରିବା ପାଇଁ ଶିକ୍ଷା ଦେଇ ସେମାନଙ୍କୁ ଶିଷ୍ୟ କରିବା ନିମନ୍ତେ ଆମକୁ ଆହ୍ୱାନ ଦେଇଅଛି । ଆମକୁ କେବଳ ସୁସମାଚାର ପ୍ରଚାରକ ହେବା ପାଇଁ ନୁହେଁ, ମାତ୍ର ମତାମତ ଅପେକ୍ଷା ସତ୍ୟ ବିଷୟ ଜଣାଇବା ଦ୍ୱାରା ବାଇବଲ ଶିକ୍ଷା ଦେଉଥିବା ପ୍ରଚାରକ ହେବା ପାଇଁ ଆହ୍ୱାନ ଦିଆଯାଇଛି । ଏହି ତିନି ଅଧିବେଶନ ପିତା, ପୁତ୍ର ଓ ପବିତ୍ର ଆତ୍ମାଙ୍କ ବିଷୟରେ ବାଇବଲ ଆମକୁ ଯାହା ଶିକ୍ଷା ଦିଏ, ତାହାର ଆଲୋକରେ ସୁସମାଚାର ଓ ସୁସମାଚାର ପ୍ରଚାରକୁ ବିଚାର କରିବ ।

## ପ୍ରାର୍ଥନାଶୀଳ ପ୍ରଚାରକମାନେ : ଆତ୍ମାଙ୍କ ଶକ୍ତିରେ କାର୍ଯ୍ୟ କରନ୍ତି (ଅଧିବେଶନ ୫ ଓ ୬)

ଆମକୁ ସୁସମାଚାର ପ୍ରଚାରର କାର୍ଯ୍ୟ ପାଇଁ ପବିତ୍ର ଆତ୍ମାଙ୍କ ଶକ୍ତି ପ୍ରତି ବଶୀଭୂତ ହେବାକୁ ପଡ଼ିବ, କାରଣ ଏହା ଆମ ଶକ୍ତି ନୁହେଁ ମାତ୍ର ଈଶ୍ୱରଙ୍କ ଶକ୍ତି ପରିତ୍ରାଣ ଆଣେ । ସେଥିପାଇଁ ଆମେ ଆମର ବିଶ୍ୱାସକୁ ଅନ୍ୟମାନଙ୍କ ନିକଟରେ ଜଣାଇ ଏହାର ଫଳ ସ୍ୱରୂପେ ସେମାନଙ୍କର ପରିବର୍ତ୍ତିତ ଜୀବନ ଦେଖିବା ପାଇଁ ସୁଯୋଗ ପ୍ରଦାନ କରିବା ନିମନ୍ତେ ଈଶ୍ୱରଙ୍କ ନିକଟରେ ଏକ ପ୍ରାର୍ଥନାପୂର୍ଣ୍ଣ ସମର୍ପିତ ଜୀବନ କାଟିବା ଉଚିତ । ଏହି ଅଧିବେଶନଗୁଡ଼ିକ ଜଣେ ପ୍ରଚାରକର ଆତ୍ମିକ ଜୀବନକୁ ଅନୁସନ୍ଧାନ କରେ ଓ ଆମର ଧାର୍ମିକ ଜୀବନ ଅନୁସନ୍ଧାନ କରିବାର ସୁଯୋଗ ଓ ଆମ ପ୍ରଚାର ଉପରେ ସେଗୁଡ଼ିକ ପକାଉଥିବା ପ୍ରତ୍ୟେକ୍ଷ ପ୍ରଭାବ ଆମକୁ ଯୋଗାଇ ଦିଏ ।

## ଉତ୍ତରଦାୟୀ ପ୍ରଚାରକମାନେ : ଗୋଟିଏ ପବିତ୍ର ଜୀବନ କାଟନ୍ତି (ଅଧିବେଶନ ୭ ଓ ୮)

ପବିତ୍ରତା ସୁସମାଚାରର କେନ୍ଦ୍ରରେ ଅଛି । ବିଶ୍ୱାସ ଯୋଗ୍ୟ ମାର୍ଗରେ ସୁସମାଚାରର ପରିବର୍ତ୍ତନକାରୀ ଶକ୍ତିକୁ ଜଣାଇବାର ଅର୍ଥ, ଏପରି ଦାୟିତ୍ୱଶୀଳ ଜୀବନ କାଟିବା ଯେଉଁଠାରେ ଆମର ଶିକ୍ଷାଦାନ ଆମର ଜୀବନଶୈଳୀ ସହିତ ଉପଯୁକ୍ତ ଭାବେ ମେଳ ଖାଇବ । ଆମେ ଏକ ପବିତ୍ର ବାର୍ତ୍ତା ଜଣାଉଥିବା ପବିତ୍ର ଲୋକ ଭାବରେ ବୃଦ୍ଧି ପାଇବା ପାଇଁ ଚେଷ୍ଟା କରୁଥିବା ସମୟରେ ସଫଳତାରେ ପରସ୍ପରକୁ ଉତ୍ସାହିତ କରିବା ଓ ବିଫଳତାରେ ଏକ ଆରେକ ସହିତ ଠିଆ ହେବା ଅତି ଗୁରୁତ୍ୱପୂର୍ଣ୍ଣ ଅଟେ । ଏହି ଅଧିବେଶନଗୁଡ଼ିକ ଯୀଶୁଙ୍କୁ ସେବା କରୁଥିବା ଲୋକମାନଙ୍କର ଏକ ମୁଖ୍ୟ ଗୁଣ ଭାବରେ ଦାୟିତ୍ୱଶୀଳତା ଓ ନମ୍ରତାକୁ ସମର୍ଥନ କରି ପ୍ରଚାରକର ପବିତ୍ରତା ଉପରେ କେନ୍ଦ୍ରୀଭୂତ ହୋଇଛି ।

## ସମର୍ପିତ ପ୍ରଚାରକମାନେ : ପ୍ରଦତ୍ତ କାର୍ଯ୍ୟରେ ଉଦ୍ଦେଶ୍ୟଶୀଳ ହୁଅନ୍ତି (ଅଧିବେଶନ ୯ ଓ ୧୦)

ଉଦ୍ଦେଶ୍ୟଶୀଳ ହେବା ସୁସମାଚାର ପ୍ରଚାରର ମୁଖ୍ୟ ବିଷୟ ଅଟେ । ଆମେ ଈଶ୍ୱରଙ୍କ ପ୍ରେମ ବିଷୟରେ ଜଣାଇବା ପାଇଁ ପ୍ରତ୍ୟେକ ଦିନର ସୁଯୋଗ ଗୁଡ଼ିକ ବିଷୟ ସଚେତନ ହେବା ଓ ସେଗୁଡ଼ିକୁ ବ୍ୟବହାର କରିବା ଆବଶ୍ୟକ । ଆମେ କେବଳ ଯୀଶୁଙ୍କ କାହାଣୀ ଜଣାଇବା, ତା' ନୁହେଁ, ମାତ୍ର ଏହା ପ୍ରଦାନ କରୁଥିବା ନୂତନ ଜୀବନ ନିକଟକୁ ଶ୍ରୋତାମାନଙ୍କୁ ନିମନ୍ତ୍ରଣ ଜଣାଇବା ଓ ସେମାନଙ୍କୁ ଶିଷ୍ୟତ୍ୱର ଯାତ୍ରା ଆରମ୍ଭ କରିବାରେ ସାହାଯ୍ୟ କରିବା ମଧ୍ୟ ଆବଶ୍ୟକ ଅଟେ । ଏହି ଅଧିବେଶନ ଗୁଡ଼ିକରେ ଏପରି ଦୁଇଟି ମୁଖ୍ୟ ନିର୍ଣ୍ଣାୟକ ନୀତିର ଅନୁସନ୍ଧାନ କରାଯାଇଛି ଯେଉଁଗୁଡ଼ିକ ପ୍ରଚାର ପ୍ରତିଭାରେ ଅସାଧାରଣ ହୋଇପାରେ : ଯଥା, ପ୍ରତିଦିନ ସାହସର ସହିତ ସୁସମାଚାର ଜଣାଇବାର ସୁଯୋଗର ବୃଦ୍ଧି ଓ ପ୍ରତ୍ୟେକ ସୁସମାଚାର ପ୍ରଚାର ସୁଯୋଗର ଶୀର୍ଷରେ ରାଜ୍ୟ ମଧ୍ୟକୁ ଲୋକମାନଙ୍କୁ ଆହ୍ୱାନ କରିବାର ଏକ ଇଚ୍ଛା ।

## ପ୍ରେରଣାଦାୟକ ପ୍ରଚାରକମାନେ : ମଣ୍ଡଳୀକୁ ସାକ୍ଷ୍ୟଦାନ ପାଇଁ ଉଦ୍ଦୀପିତ କରନ୍ତି (ଅଧିବେଶନ ୧୧)

ଆମେ ସୁସମାଚାର ଆବଶ୍ୟକ କରୁଥିବା ଗୋଟିଏ ଜଗତ ନିକଟରେ ଏହାର ବାର୍ତ୍ତା ଜଣାଇବା ସମୟରେ, ସେହି କାର୍ଯ୍ୟ ପାଇଁ ମଣ୍ଡଳୀକୁ ମଧ୍ୟ ଉଦ୍ଦୀପିତ କରିବା ଆବଶ୍ୟକ । ସୁସମାଚାର ପ୍ରଚାର ପ୍ରତ୍ୟେକ ଖ୍ରୀଷ୍ଟିୟାନର କାର୍ଯ୍ୟ ଅଟେ, ଆଉ ସେଥିପାଇଁ ଏହି କାର୍ଯ୍ୟ ନିମନ୍ତେ ମଣ୍ଡଳୀକୁ ଉତ୍ସାହିତ କରିବା ଓ ଉଦ୍ଦୀପିତ କରିବା ଯେ କୌଣସି ପ୍ରଚାରକର ଏକ ପ୍ରତିବଦ୍ଧତା ହେବା ଆବଶ୍ୟକ । ଏହି ଅଧିବେଶନ ଯୀଶୁଙ୍କ ଅନୁଗାମୀ ଭାବରେ ଆମେ ଯାହା ଅଟୁ, ତାହାକୁ କେନ୍ଦ୍ରୀଭୂତ କରି ଖ୍ରୀଷ୍ଟୀୟ ସାକ୍ଷ୍ୟ ରକ୍ଷା କରିବା ପାଇଁ ମଣ୍ଡଳୀ ପ୍ରତି ଉତ୍ସାହଦାୟକ ବ୍ୟକ୍ତି ଭାବେ ପ୍ରଚାରକର ଭୂମିକାକୁ ଅନୁସନ୍ଧାନ କରିଅଛି ।

'ଉନ୍ନତ'ର ପ୍ରଥମ ବର୍ଷଟି ୧୨ ଅଧ୍ୟାୟ ସହିତ ଶେଷ ହୁଏ ଓ ଏହା ଏକ ପ୍ରକାର ସଭା ଭାବରେ ସର୍ବୋତ୍ତମ କାର୍ଯ୍ୟ କରେ । ଏହା ଆପଣଙ୍କ ଦଳକୁ ସେମାନେ ଶିକ୍ଷା କରିଥିବା ବିଷୟଗୁଡ଼ିକ ଉପରେ ଓ ଆପଣଙ୍କଠାରେ ଓ ଆପଣଙ୍କ ମାଧ୍ୟମରେ ଈଶ୍ୱର ସାଧନ କରିଥିବା ବିଷୟଗୁଡ଼ିକ ଉପରେ ଚିନ୍ତା କରିବା ପାଇଁ ଓ ଆଗକୁ କ'ଣ ଅଛି, ଏହାକୁ ଏକତ୍ର ଦେଖିବା ପାଇଁ ସମୟ ପ୍ରଦାନ କରେ ।

# ଗୋଟିଏ ଦଳର ପରିଚାଳନା କରିବା

ଗୋଟିଏ ମାସରେ ଥରେ ପ୍ରାୟ ଦୁଇ ଘଣ୍ଟା ଧରି ଏକତ୍ରିତ ହେବା ପାଇଁ ୧୨ ସଦସ୍ୟ ବିଶିଷ୍ଟ ଗୋଟିଏ ଦଳକୁ (ସାଧାରଣ ଭାବରେ ସମାନ ଲିଙ୍ଗ ବିଶିଷ୍ଟ ବ୍ୟକ୍ତିମାନେ ଉତ୍ତର ଦାୟିତ୍ୱ ପାଇଁ ସର୍ବୋତ୍ତମ କାର୍ଯ୍ୟ କରନ୍ତି) ଉତ୍ସାହିତ କରନ୍ତୁ । ଏହି ସମୟ ମଧ୍ୟରେ ଦଳର ନେତା ପ୍ରାର୍ଥନା, ଶିକ୍ଷାଦାନ, ଆଲୋଚନା ଓ ଉତ୍ତର ଦାୟିତ୍ୱକୁ ଅନ୍ତର୍ଭୁକ୍ତ କରି ଅଧିବେଶନକୁ ସୂଚାରୁ ରୂପେ ପରିଚାଳନା କରିବେ । ଏହି ପୁସ୍ତକ ପ୍ରଥମ ବର୍ଷ ପାଇଁ, ପ୍ରତ୍ୟେକ ମାସ ଗୋଟିଏ ଦଳର ପରିଚାଳନା ପାଇଁ ଆପଣଙ୍କୁ ସମସ୍ତ ଆବଶ୍ୟକୀୟ ବିଷୟ ପ୍ରଦାନ କରିଛି ।

## ଅଧିବେଶନର ବିଭାଜନ

ପ୍ରତ୍ୟେକ ଅଧିବେଶନ ସହାୟକ ପ୍ରବନ୍ଧ ଗୋଟିଏ ଅତି ସଂକ୍ଷିପ୍ତ ଉପକ୍ରମ ଓ **''ଗୋଟିଏ ବାକ୍ୟରେ ଅଧିବେଶନ''**ରୁ ଆରମ୍ଭ ହୁଏ ।

**''ଅଧିବେଶନର ପୃଷ୍ଠଭୂମି''** ଭାଗଟି ଏପରି କିଛି ଶିକ୍ଷା ପ୍ରଦାନ କରେ ଯାହା ଉପରେ ଅଧିବେଶନ ନିର୍ମିତ ହୁଏ । ଆପଣ ଗୋଟିଏ ଅଧିବେଶନର ନେତୃତ୍ୱ ନେବା ପୂର୍ବରୁ ଏହାକୁ ପଢ଼ିବା ପାଇଁ ଇଚ୍ଛା କରିବେ କାରଣ ଏହା ଆପଣଙ୍କୁ ଅଧିବେଶନର ମୋଟାମୋଟି ଆକାର ସମ୍ବନ୍ଧରେ ଏକ ଗଭୀରତର ଜ୍ଞାନ ପ୍ରଦାନ କରିବାରେ ସାହାଯ୍ୟ କରିବ । ଯଦି ଆପଣଙ୍କ ପାଖରେ ସମୟ ଥାଏ ଓ ଏହା ଉପକାରୀ ହେବ ବୋଲି ଆପଣ ଭାବନ୍ତି, ତେବେ ଏହି ବିଷୟ ବସ୍ତୁ ମଧ୍ୟରୁ ଯେ କୌଣସିଟିକୁ ଆପଣ ଅନ୍ତର୍ଭୁକ୍ତ କରିପାରିବେ, ମାତ୍ର ପରବର୍ତ୍ତୀ ଶିକ୍ଷାଦାନର ନେତୃତ୍ୱ ନେବା ପାଇଁ ଆପଣ ପ୍ରସ୍ତୁତ ହେଉଥିବା ସମୟରେ ଏହାକୁ ପ୍ରାଥମିକ ଭାବରେ ଆପଣଙ୍କୁ ସାହାଯ୍ୟ କରିବା ପାଇଁ ରଖାଯାଇଛି ।

ଏଠାରୁ ଆପଣ ଅଧିବେଶନର ମୁଖ୍ୟ ବିଷୟ ସ୍ପଷ୍ଟ ଭାବରେ ଓ ସଠିକ୍ ଭାବରେ ଉପସ୍ଥାପିତ ନ ହେବା ପର୍ଯ୍ୟନ୍ତ, ଆପଣ ଯେପରି ଉପଯୁକ୍ତ ମନେ କରନ୍ତି, ସେହିପରି ପୁଙ୍ଖାନୁପୁଙ୍ଖ ଭାବରେ କିମ୍ବା ଅନିର୍ଦ୍ଦିଷ୍ଟ ଭାବରେ ପ୍ରତ୍ୟେକ ଅଧିବେଶନ ସହାୟକ ପ୍ରବନ୍ଧକୁ ଏହାର ବିଷୟବସ୍ତୁରୁ ସମୟ ପର୍ଯ୍ୟନ୍ତ ଅନୁସରଣ କରିପାରିବେ (ବ୍ରାକେଟ ମଧ୍ୟରେ ଅଧିବେଶନର ପ୍ରତ୍ୟେକ ଭାଗର ପରବର୍ତ୍ତୀ ଭାଗ) ଓ ପ୍ରାର୍ଥନା ଓ ସମୀକ୍ଷା ପାଇଁ ସମୟ ଦେବେ । କିନ୍ତୁ, ସହାୟକ ପ୍ରବନ୍ଧରୁ ଯଥାସମ୍ଭବ ସର୍ବୋତ୍ତମ ବିଷୟ ପାଇବା ପାଇଁ ଏଥିରେ ଘନିଷ୍ଠ ଭାବରେ ଲାଗି ରହିବା ଏକ ଉତ୍ତମ ଚିନ୍ତାଧାରା ଅଟେ ।

ପ୍ରତ୍ୟେକ ଅଧିବେଶନ ଏକ **''ନିକଟବର୍ତ୍ତୀ ହେବା''** ସମୟରୁ ଆରମ୍ଭ ହୁଏ । ଆଦ୍ୟ ଅଧିବେଶନ ଗୁଡ଼ିକରେ ଏହା ପରସ୍ପରକୁ ଜାଣିବା ପାଇଁ ଓ ଦଳ କିପରି କାର୍ଯ୍ୟ କରିବ, ତା'ର ଅନୁସନ୍ଧାନ ପାଇଁ ଉଦ୍ଦିଷ୍ଟ ଅଟେ । ଅଧିବେଶନଗୁଡ଼ିକ ଅଗ୍ରସର ହେଉଥିବା ସମୟରେ, ପରସ୍ପରକୁ କାହାଣୀ ସବୁ ଓ ପୂର୍ବ ଅଧିବେଶନକୁ ପ୍ରୟୋଗ କରି ମିଳୁଥିବା ମତାମତଗୁଡ଼ିକୁ ଜଣାଇବା ପାଇଁ ଅଧିକ ସମୟ ଦିଆଯିବ ।

ଏହାପରେ ପ୍ରାର୍ଥନାର ସମୟ ଆସେ । ଏହା କେତେ ଦୀର୍ଘସ୍ଥାୟୀ ହେବା ଉଚିତ୍, ଏଥିପାଇଁ କୌଣସି ନିର୍ଦ୍ଦେଶ ଓ ଏହା କରିବା ପାଇଁ କୌଣସି ବାସ୍ତବ ଠିକ୍ କିମ୍ବା ଭୁଲ୍ ମାର୍ଗ ନାହିଁ । ଆପଣ ଅଳ୍ପ ସମୟ ପାଇଁ କିମ୍ବା ଦୀର୍ଘ ସମୟ ପାଇଁ ଦଳଗତ ଭାବରେ କିମ୍ବା ସାଥୀମାନଙ୍କ ସହିତ ପ୍ରାର୍ଥନା କରିପାରିବେ ।

ଏହାପରେ ମୁଖ୍ୟ **ଶିକ୍ଷାଦାନ** ଭାଗ ଆସେ ଓ ଏହା ମଧ୍ୟରେ ଶାସ୍ତ୍ରାଂଶ ସୂଚନା, ପଦଗୁଡ଼ିକର ଉଲ୍ଲେଖ ଓ ଆଲୋଚନା ପାଇଁ **ପ୍ରଶ୍ନାବଳି** ରହିଥାଏ । ଏହିଠାରୁ ହିଁ ଆପଣ ଘଣ୍ଟା ଉପରେ ଆପଣଙ୍କ ଦୃଷ୍ଟି ରଖିବା ଅତି ଆବଶ୍ୟକ କରିବେ । ଆଗକୁ ଆହୁରି ଅଧିକ ଆଲୋଚନାର ସମୟ ଥାଏ ଓ ଗୁରୁତ୍ୱପୂର୍ଣ୍ଣ ଭାବରେ, ଆପଣଙ୍କୁ ଅଧିବେଶନ ଶେଷରେ ଉତ୍ତର ଦାୟିତ୍ୱ (ସମୀକ୍ଷା) ଭାଗ ପାଇଁ ସମୟ ରଖିବା ଆବଶ୍ୟକ ହେବ । ଗୋଟିଏ ଶିକ୍ଷାଦାନ ବିଷୟ ଉପରେ ଅଧିକ ସମୟ ଦେଇ ତାକୁ ଅତି କ୍ଲିଷ୍ଟ କରିବା ଦ୍ୱାରା ସମୀକ୍ଷାର ସମୟକୁ ସଂକ୍ଷିପ୍ତ ହେବାକୁ ଦିଅନ୍ତୁ ନାହିଁ । (ଆହୁରି ମଧ୍ୟ ଏହା ଲକ୍ଷ୍ୟ କରନ୍ତୁ ଯେ ଏହି ଭାଗ ପାଇଁ ଉଦ୍ଦିଷ୍ଟ ସମୟ ଅଧିବେଶନ ଅନୁସାରେ ଭିନ୍ନ ଭିନ୍ନ ଅଟେ, ସେଥିପାଇଁ ପ୍ରସ୍ତାବିତ ସମୟ ଉପରେ ଧ୍ୟାନ ଦିଅନ୍ତୁ ଓ ସେହି ଅନୁସାରେ ନିଜକୁ ବ୍ୟବସ୍ଥିତ କରନ୍ତୁ) ।

ଶିକ୍ଷାଦାନ ଭାଗଟି ସମାପ୍ତ ହେବା ପରେ **ଆଲୋଚନା** ଭାଗ ଆସେ । ଏହା ମଧ୍ୟରେ ଅଧିବେଶନର ବିଷୟ ବସ୍ତୁ ସହିତ ସଂପୃକ୍ତ ଅଳ୍ପ କେତେକ ପ୍ରଶ୍ନ ଓ ଗୋଟିଏ ଉଦ୍ଧୃତାଂଶ ଅନ୍ତର୍ଭୁକ୍ତ ଅଟେ । ସମ୍ଭବତଃ, ଆପଣଙ୍କ ପାଖରେ ସବୁ କିଛି ଆଲୋଚନା କରିବା ପାଇଁ ସମୟ ନ ଥିବ, ମାତ୍ର ଆପଣ ଯେପରି ସର୍ବାଧିକ ଉପକାରୀ ବିଷୟକୁ ମନୋନୀତ କରିପାରିବେ, ଏଥିପାଇଁ ଆମେ ଆପଣଙ୍କ ଆବଶ୍ୟକତାଠାରୁ ଅଧିକ ବିଷୟବସ୍ତୁ ଅନ୍ତର୍ଭୁକ୍ତ କରିଛୁ । ସବୁକିଛି ସଂପୂର୍ଣ୍ଣ କରିବା ପାଇଁ ଏହି ଭାଗଟିକୁ ଶୀଘ୍ର ଶୀଘ୍ର ଶେଷ କରିବା ବିଷୟ ଚିନ୍ତା କରନ୍ତୁ ନାହିଁ – ଏହା ପରିବର୍ତ୍ତେ, କେବଳ ଅଳ୍ପ କେତେକ ବିଷୟ ଉପରେ ଦୃଷ୍ଟି ନିବଦ୍ଧ କରନ୍ତୁ ।

ପ୍ରତ୍ୟେକ ଅଧିବେଶନର ଶେଷ ଆଡ଼କୁ ଗୋଟିଏ ''ପ୍ରୟୋଗ'' ଭାଗ ରହିଛି । ଏହାକୁ ବର୍ତ୍ତମାନ ଓ ପରବର୍ତ୍ତୀ ଅଧିବେଶନ ମଧ୍ୟରେ ଶିକ୍ଷାଦାନ ଅନୁଯାୟୀ କରାଯିବା ଉଚିତ୍ । ଆପଣ ନିଜ ପ୍ରୟୋଗ ଜଣାଇବା ପାଇଁ ସ୍ୱାଧୀନ ଅଟନ୍ତି, ମାତ୍ର ଏହା ଶିକ୍ଷା ଦାନକୁ ସମର୍ଥନ କରୁଥିବା ଆବଶ୍ୟକ ଓ ଏହା ସେହି କ୍ଷେତ୍ରରେ ବୃଦ୍ଧି ପାଇବା ପାଇଁ ଆପଣଙ୍କ ଦଳକୁ ସାହାଯ୍ୟ କରିବ ।

ଏହାପରେ ଅନ୍ୟ ଏକ **ପ୍ରାର୍ଥନା** ସମୟ ଆସେ । ଏହିଥର ପ୍ରାର୍ଥନାରେ, ଅଧିବେଶନର ଆଲୋକରେ କେଉଁ ବିଷୟ ପାଇଁ ପ୍ରାର୍ଥନା କରିବାକୁ ହେବ, ତା' ଉପରେ କିଛି ଚାଳନା ଦିଆଯିବ, ମାତ୍ର ଏହି ବିଷୟ କିପରି ଅଗ୍ରସର ହେବେ ଓ କେତେ ସମୟ ପାଇଁ ପ୍ରାର୍ଥନା କରିବେ, ତାହା ଆପଣଙ୍କ ଉପରେ ନିର୍ଭର କରେ ।

ଶେଷରେ, ପ୍ରତ୍ୟେକ ଭାଗ **ଉତ୍ତର ଦାୟିତ୍ୱର** ସମୟ ସହିତ ଶେଷ ହୁଏ । ଏଠାରେ ଆପଣ ଆତ୍ମ-ମୂଲ୍ୟାଙ୍କନ କାଗଜକୁ ସଂପୂର୍ଣ୍ଣ କରିପାରିବେ, ଏହାକୁ ପରସ୍ପରକୁ ଜଣାଇ ପାରିବେ ଓ ଏହା ଉପରେ ପ୍ରାର୍ଥନା କରିପାରିବେ । ଆପଣ ୬୯ ପୃଷ୍ଠାରୁ କାଗଜଗୁଡ଼ିକର ନକଲ ବାହାର କରିପାରିବେ କିମ୍ବା **advance2020.org/accountability** ରୁ ଗୋଟିଏ PDF ବାହାର କରିପାରିବେ ।

ଯଦି ଆପଣ ପରବର୍ତ୍ତୀ ସଭା ପାଇଁ ଏପର୍ଯ୍ୟନ୍ତ ସମୟ ଧାର୍ଯ୍ୟ କରି ନାହାଁନ୍ତି, ତେବେ ଅଧିବେଶନ ଶେଷ ହେବା ପୂର୍ବରୁ ଏହା ନିଶ୍ଚିତ ଭାବରେ କରନ୍ତୁ । ଏହାକୁ କିଛି ଦିନ ପରେ ଇ-ମେଲ୍ ମାଧ୍ୟମରେ ଜଣାଇବା ଅପେକ୍ଷା ନିଜେ ବ୍ୟକ୍ତିଗତ ଭାବରେ ଏହାକୁ ଜଣାଇବା ଅଧିକ ସହଜ ହେବ ।

# ଇଚ୍ଛାଧୀନ ଅଧିବେଶନ ବିଷୟ ବସ୍ତୁ

## ନିର୍ଦ୍ଦିଷ୍ଟ ପ୍ରାର୍ଥନାର ବିଷୟ

ପ୍ରତ୍ୟେକ ଅଧିବେଶନରେ, ଦଳ ମଧ୍ୟରେ ଥିବା ଅଳ୍ପ କେତେ ଜଣ ବ୍ୟକ୍ତିଙ୍କ ପାଇଁ ପ୍ରାର୍ଥନା କରିବାକୁ ସମଗ୍ର ଦଳକୁ ସମୟ ଦିଅନ୍ତୁ । ସେମାନେ ସେମାନଙ୍କ ଜୀବନ, ପରିବାର, ସେବାକାର୍ଯ୍ୟ ଓ ସେମାନଙ୍କ ପ୍ରସ୍ତାବିତ ଯେ କୌଣସି ବିଷୟ ପାଇଁ ପ୍ରାର୍ଥନା କରିବେ । ତିନୋଟି କିମ୍ବା ସେହିପରି କେତେକ ସଭା ପରେ ପ୍ରତ୍ୟେକ ଜଣଙ୍କୁ ବୁଝିବାକୁ ଚେଷ୍ଟା କରନ୍ତୁ ଓ ଏହାପରେ ପୁଣି ଥରେ ଆରମ୍ଭ କରନ୍ତୁ ।

## ବ୍ୟାବହାରିକ ପ୍ରୟୋଗ

ଆପଣ ହୁଏତ ଗୋଟିଏ ଘଣ୍ଟା ପାଇଁ ରାସ୍ତାକୁ ଯିବାକୁ ଓ ବ୍ୟକ୍ତିଗତ ସାକ୍ଷ୍ୟ ଦାନରେ ବ୍ୟବହାର କରିବା ପାଇଁ କିଛି ଆଲୋଚନା ଓ ପ୍ରାର୍ଥନାକୁ କିମ୍ବା ସୁସମାଚାର ପ୍ରଚାରର ଅନ୍ୟ କିଛି ବ୍ୟାବହାରିକ ପରିପ୍ରକାଶକୁ ପ୍ରୟୋଗ କରିବାକୁ ଇଚ୍ଛା କରିପାରନ୍ତି । ସୁସମାଚାର ପ୍ରଚାର ପାଇଁ ଆମର ପ୍ରସ୍ତୁତିରେ ଆମକୁ ସାହାଯ୍ୟ କରିବା ପାଇଁ ଦଳଗୁଡ଼ିକୁ ଉଦ୍ଦିଷ୍ଟ କରାଯାଇଛି ମାତ୍ର ଆପଣ ଯଦି ଇଚ୍ଛା କରନ୍ତି, ତେବେ ଆପଣଙ୍କୁ ପ୍ରକୃତରେ ଅଭ୍ୟାସ କରିବାର ସମୟ ଦିଆଯାଇ ପାରିବ । ଏହି ଅନୁଭୂତିଗୁଡ଼ିକର ସଂକ୍ଷିପ୍ତ ବିବରଣୀ ଓ ସେଥିରୁ ମିଳୁଥିବା ମତାମତ ଜଣାଇବା ପାଇଁ ମଧ୍ୟ ସମୟ ଦିଅନ୍ତୁ ।

## ଅତିଥିଗଣ

ଯଦି ଆପଣ ଏହି କୌଣସି ବକ୍ତା କିମ୍ବା ଅତିଥିଙ୍କୁ ଜାଣିଛନ୍ତି, ଯିଏ ଶିକ୍ଷାଦାନ ଓ ଆଲୋଚନା ପାଇଁ ସମୟ ଦେଇପାରିବେ ଓ ଦଳ ନିକଟକୁ କିଛି ଭିନ୍ନ କିମ୍ବା କିଛି ନୂତନ ଅନୁଭୂତି ଆଣିପାରିବେ, ତେବେ ଆପଣଙ୍କ ଦଳକୁ କିଛି ଜଣାଇବା ପାଇଁ ସେମାନଙ୍କୁ ନିମନ୍ତ୍ରଣ କରନ୍ତୁ ।

# ଗୋଟିଏ ଦଳର ପରିଚାଳନା ପାଇଁ ଉପଯୋଗୀ ସୂଚନା

ଯଥାସାଧ୍ୟ ବହୁ ପୂର୍ବରୁ ଦଳଗତ ସଭାଗୁଡ଼ିକର କାର୍ଯ୍ୟ ସୂଚୀ ସ୍ଥିର କରନ୍ତୁ ଓ ସେହି ତାରିଖ ଗୁଡ଼ିକୁ ଉତ୍ସର୍ଗୀକୃତ ଭାବରେ ରଖନ୍ତୁ (ଯଦି ସମ୍ଭବ ହୁଏ, ଛ' ମାସ କିମ୍ବା ତା' ପୂର୍ବରୁ) । ଏଥିପାଇଁ ଏକ ନିକଟ ଉପକରଣ ଭାବରେ **doodle.com** ଭଳି କିଛି ବିଷୟକୁ ବ୍ୟବହାର କରନ୍ତୁ ।

ଦଳର ସମୟ ମଧ୍ୟରେ ଯୋଗାଯୋଗ, ପ୍ରାର୍ଥନା ଅନୁରୋଧ ଓ ପରିତ୍ରାଣର କାହାଣୀଗୁଡ଼ିକ ପାଇଁ **'ହ୍ୱାଟ୍‌ସ ଆପ୍'** କିମ୍ବା ସେହିପରି କିଛି ବାର୍ତ୍ତା ପ୍ରଦାନକାରୀ 'ଆପ୍' ଯଥାର୍ଥ ଅଟେ । ଦଳର ନେତା ଭାବରେ, ଆପଣଙ୍କର ସାଧ୍ୟ ଅନୁସାରେ ଅବଦାନ ଦେବା ଦ୍ୱାରା ଏହି ଦଳକୁ ସୁରକ୍ଷିତ ରଖିବାକୁ ଚେଷ୍ଟା କରନ୍ତୁ । ଆପଣଙ୍କର କାହାଣୀଗୁଡ଼ିକୁ ଜଣାନ୍ତୁ, ଲୋକମାନଙ୍କୁ ସେମାନଙ୍କର ପ୍ରାର୍ଥନା ଅନୁରୋଧ ଗୁଡ଼ିକୁ ପଚାରନ୍ତୁ, ସମ୍ବଳଗୁଡ଼ିକର ଯୋଗାଯୋଗର ଉପାୟ ପୋଷ୍ଟକାର୍ଡ଼ ଓ ୟୁଟ୍ୟୁବର କ୍ଲିପ୍ ଦିଅନ୍ତୁ । ଯଦି ଆପଣ ଦାୟିତ୍ୱ ନେବେ, ତେବେ ଅନ୍ୟମାନେ ଏଥିରେ ନିୟୋଜିତ ହେବେ ।

**ଖାଦ୍ୟ** ଲୋକମାନଙ୍କୁ ଏକତ୍ରିତ ଓ ସଂଯୁକ୍ତ କରିବାର ଏକ ଶ୍ରେଷ୍ଠ ଉପାୟ ହୋଇପାରିବ, ସେଥିପାଇଁ ଆପଣ ଏହି ଅଧିବେଶନ ଶେଷରେ ଏକ ସାନ୍ଧ୍ୟ ଭୋଜନ ଦେଇପାରନ୍ତି ।

ଅତିଶୀଘ୍ର ସେମାନଙ୍କ **ନିଜସ୍ୱ ଦଳ ଆରମ୍ଭ କରିବା** ବିଷୟରେ ଚିନ୍ତା କରିବା ପାଇଁ ଆପଣଙ୍କ ଦଳକୁ ପ୍ରରୋଚିତ କରନ୍ତୁ ଓ ଯେତେବେଳେ ଅନ୍ୟ ସାମ୍ଭାବ୍ୟ ସଦସ୍ୟମାନେ ଆପଣଙ୍କ ଦଳରେ ଯୋଗ ଦେବା ପାଇଁ ଅତି ବିଳମ୍ବ କରନ୍ତି, ସେତେବେଳେ ଆପଣ ନିଜ ଆଡ଼ୁ ଆରମ୍ଭ କରିଥିବା ନୂତନ ଦଳଗୁଡ଼ିକ ସହିତ ସେମାନଙ୍କୁ ସଂଯୁକ୍ତ କରିପାରିବେ ।

ଏପରି ଗୋଟିଏ ସ୍ଥାନରେ ଏକତ୍ରିତ ହୁଅନ୍ତୁ ଯେଉଁଠାରେ ଲୋକମାନଙ୍କୁ ଆଲୋଚନା କରିବା ପାଇଁ, ପ୍ରାର୍ଥନା କରିବା ପାଇଁ ଓ ସମୀକ୍ଷା ସମୟରେ ବିଭିନ୍ନ ବିଷୟ ଜଣାଇବା ପାଇଁ ସୁବିଧା ହେବ । କେତେ ଜଣଙ୍କ ପାଇଁ କଫି ହାଉସ୍ ଭଳି ଗୋଟିଏ ସର୍ବ ସାଧାରଣ ସ୍ଥାନ ଉତ୍ତମ ମନେହୁଏ, ମାତ୍ର ଅନ୍ୟମାନେ ଏହି ଯାତ୍ରାରେ ଥିବା ସମୟରେ ଅଧିକ ଗୋପନୀୟତା ଆବଶ୍ୟକ କରନ୍ତି । ସେଥିପାଇଁ ଆପଣଙ୍କ ସଭା ସ୍ଥଳକୁ ସତର୍କ ଭାବରେ ସ୍ଥିର କରନ୍ତୁ ।

ଜନ୍ ଷ୍ଟଟ୍‌ଙ୍କର ''ମୌଳିକ ଖ୍ରୀଷ୍ଟଧର୍ମ'' (Basic Christianity) ରିକୋ ଟାଇସ୍‌ଙ୍କର ''ସଚ୍ଚୋଟ ସୁସମାଚାର ପ୍ରଚାର'' (Honest Evangelism) ଓ ବେନ୍ ଜ୍ୟାକ୍‌ଙ୍କର ''ସରଳ ସୁସମାଚାର'' (The Simple Gospel) ଭଳି ପୁସ୍ତକ ଗୁଡ଼ିକ ସଂକ୍ଷିପ୍ତ, ବିଷୟବସ୍ତୁ – ଅନୁରୂପୀ ପୁସ୍ତକ ଯେଉଁଗୁଡ଼ିକ 'ଗୃହକାର୍ଯ୍ୟ' ପଠନ ଭାବରେ କାର୍ଯ୍ୟ କରିପାରିବ – ଆପଣ ପ୍ରତ୍ୟେକ ମାସ ଗୋଟିଏ ପରେ ଗୋଟିଏ ଅଧ୍ୟାୟ ପଢ଼ିପାରିବେ କିମ୍ବା ଏହି ପୁସ୍ତକରେ ଥିବା ଅଧିବେଶନ ଗୁଡ଼ିକୁ ଶେଷ କରିବା ପରେ, ଦଳ ପାଇଁ ବିଷୟବସ୍ତୁ ଓ ଆଲୋଚନା ନିମନ୍ତେ ବ୍ୟବହାର କରିପାରିବେ ।

# ଅଧିବେଶନ ସହାୟକ
# ପ୍ରବନ୍ଧ

# ଅଧିବେଶନ – ୧
# ‘‘ଉନ୍ନତ’’ ପ୍ରତି ସ୍ୱାଗତ

**ପରସ୍ପରକୁ ଜାଣିବା ପାଇଁ, ଭବିଷ୍ୟତ୍‌ରେ ଦଳ କ’ଣ ହେବ, ତା’ର ଏକ ଢାଞ୍ଚା ପ୍ରସ୍ତୁତ କରିବା ପାଇଁ ଓ ସୁସମାଚାର ପ୍ରଚାର କ’ଣ ଓ ପ୍ରଚାରକମାନଙ୍କର ପାଞ୍ଚଟି ଗୁଣ କ’ଣ କ’ଣ – ଏହି ବିଷୟରେ ଏକ ବାର୍ତ୍ତାଳାପ ଆରମ୍ଭ କରିବା ପାଇଁ ଏହି ପ୍ରଥମ ଦଳଗତ ସଭାକୁ ଏକ ସୁଯୋଗ ଭାବରେ ବ୍ୟବହାର କରାଯିବା ଉଚିତ୍ ।**

## ଗୋଟିଏ ବାକ୍ୟରେ ଅଧିବେଶନ

‘‘ଉନ୍ନତ’’ ମାଧ୍ୟମରେ, ଆମେ ସୁସମାଚାର ପ୍ରଚାର କାର୍ଯ୍ୟ ନିମନ୍ତେ ଈଶ୍ୱରଙ୍କ ଶକ୍ତି ଉପରେ ନିର୍ଭର କରୁ କରୁ ପରସ୍ପରକୁ ଉତ୍ସାହିତ ଓ ସୁସଜ୍ଜିତ କରି ପ୍ରଚାରକର ପାଞ୍ଚଟି ଗୁଣରେ ଏକତ୍ର ବୃଦ୍ଧି ପାଇବା ।

## ଅଧିବେଶନର ପୃଷ୍ଠଭୂମି

‘‘ଉନ୍ନତ’’ ଯାତ୍ରା ପ୍ରତି ଲୋକମାନଙ୍କୁ ସ୍ୱାଗତ ଜଣାଇ ସୁସମାଚାର ପ୍ରଚାର ସମ୍ବନ୍ଧୀୟ ଏକ ଆଲୋଚନା ଆରମ୍ଭ କରିବା ପାଇଁ ଏକ ଉତ୍ତମ ସ୍ଥାନ ହେଉଛି, ଏହା ମନେ ରଖିବା ଯେ ସୁସମାଚାର ପ୍ରଚାର ପ୍ରତି ଆହ୍ୱାନ ‘ବ୍ୟକ୍ତିଗତ’ ଅଟେ । ମାର୍କ ଲିଖିତ ସୁସମାଚାରର ଆରମ୍ଭରେ ଯୀଶୁ କିପରି ତାଙ୍କର ଅନୁଗମନ କରିବା ପାଇଁ ଆନ୍ଦ୍ରିୟ ଓ ପିତରଙ୍କୁ ଆହ୍ୱାନ କରିଛନ୍ତି, ତାହା ଦେଖନ୍ତୁ (ମାର୍କ ୧:୧୬–୧୮) । ସେ ସେହି ଯୁବ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର କୂଳରୁ ଡାକିଛନ୍ତି ଓ ସେମାନଙ୍କ ଜାଲକୁ ଛାଡ଼ି ଦେଇ ତାଙ୍କର ଅନୁଗମନ କରିବା ପାଇଁ ସେମାନଙ୍କୁ କହିଛନ୍ତି, କାରଣ ସେ ସେମାନଙ୍କୁ ମନୁଷ୍ୟ ଧରିବା ଶିଖେଇବେ ବୋଲି କହିଛନ୍ତି । ଈଶ୍ୱର ଆଜି ଠିକ୍ ସେହି ବାକ୍ୟ ବ୍ୟବହାର କରି ଆପଣଙ୍କୁ ଡାକୁଛନ୍ତି କି ? ଯେଉଁ ଭାଇମାନଙ୍କୁ ଯୀଶୁ ଆହ୍ୱାନ କରିଥିଲେ, ସେମାନଙ୍କର ସେହି ସମାନ କାର୍ଯ୍ୟ ପଛାରେ ଆପଣ ଅଂଶୀଦାର ନ ହେବା ଅସମ୍ଭବ ଅଟେ । ଯୀଶୁ ମାଛ ଧରିବା ଦୃଷ୍ଟାନ୍ତକୁ ଏକ ଯୋଗାଯୋଗର ବିଷୟ ଭାବରେ ବ୍ୟବହାର କରି ଆନ୍ଦ୍ରିୟ ଓ ପିତରଙ୍କୁ ବ୍ୟକ୍ତିଗତ ଭାବରେ ଆହ୍ୱାନ କରିଥିଲେ ।

‘ଈଶ୍ୱର କିଏ ଅଟନ୍ତି’ – ଏହାକୁ ଅର୍ଥପୂର୍ଣ୍ଣ କରିବା ପାଇଁ ସୁଯୋଗଗୁଡ଼ିକୁ ଆମର ଆଗ୍ରହ ସହିତ ସଂଯୁକ୍ତ କରିବା ଦ୍ୱାରା ଈଶ୍ୱର ଆମ ପ୍ରତ୍ୟେକଙ୍କୁ ବ୍ୟକ୍ତିଗତ ଭାବରେ ଆହ୍ୱାନ କରନ୍ତି । ହୁଏତ ଆପଣ ଜଣେ ସଙ୍ଗୀତଜ୍ଞ କିମ୍ବା ଚିତ୍ରକର କିମ୍ବା ବୈଜ୍ଞାନିକ କିମ୍ବା ସେବିକା କିମ୍ବା ବ୍ୟବସାୟୀ ହୋଇଥିବେ – ଆପଣଙ୍କର ବୃତ୍ତି କିମ୍ବା ପ୍ରତିଭା ଯାହା ହୋଇଥାଉ, ଈଶ୍ୱର ଏହାକୁ ତାଙ୍କର ସୁସମ୍ବାଦଘୋଷଣା କରିବା ପାଇଁ ସୁଯୋଗ ସୃଷ୍ଟି ନିମନ୍ତେ ବ୍ୟବହାର କରିପାରିବେ ।

ସୁସମାଚାର ପ୍ରଚାରର ଲକ୍ଷ୍ୟ ହେଉଛି, ଲୋକମାନଙ୍କୁ ଈଶ୍ୱରଙ୍କ ସୁସମ୍ବାଦ ସହିତ ସଂଯୁକ୍ତ କରିବା । ଅଧିକ ସଂପୂର୍ଣ୍ଣ ଭାବରେ, ସୁସମାଚାରର ବାର୍ତ୍ତା ହେଉଛି, ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରିବା ପାଇଁ – ତାଙ୍କଠାରେ ଭରସା ରଖି ତାଙ୍କର ବାଧ୍ୟ ହେବା ପାଇଁ ଏକ ଆହ୍ୱାନ, ଯେପରିକି ଆମେ ଈଶ୍ୱରଙ୍କୁ ଆଉ ଅଗ୍ରାହ୍ୟ ନ କରି ତାଙ୍କର ପ୍ରଭୁତ୍ୱକୁ ସ୍ୱୀକାର କରିପାରିବୁ । ଯେତେବେଳେ ଆମେ ଏହା ଜାଣିପାରୁ ଯେ ଆମକୁ ତାଙ୍କ ନିମନ୍ତେ ସୃଷ୍ଟି କରାଯାଇଛି, ସେତେବେଳେ ଉପାସନା କ’ଣ ଅଟେ, ତାହା ଆମେ ବୁଝୁ ଓ ଆମ ଜୀବନରେ ପବିତ୍ର ଆତ୍ମାଙ୍କର ପରିବର୍ତ୍ତନାକାରୀ ଶକ୍ତିର ଅନୁଭୂତି ପାଉ । ଲୋକମାନେ ସେତେବେଳେ ସଂପୂର୍ଣ୍ଣତାକୁ ଜାଣନ୍ତି ଯେତେବେଳେ ଆମେ ବାଧ୍ୟତା, ବଳିଦାନ, ବିଶ୍ୱାସ ଓ ପ୍ରେମ ମାଧ୍ୟମରେ ଉପାସନାର ଜୀବନ୍ତ ପରିପ୍ରକାଶ ପ୍ରତି ନିଜ ଜୀବନକୁ ସମର୍ପଣ କରୁ ।

ଯାତ୍ରା ପୁସ୍ତକ ୮:୧ରେ, ଈଶ୍ୱର ମୋଶାଙ୍କୁ ଫାରୋଙ୍କ ନିକଟକୁ ଯାଇ, ‘‘ଆମ୍ଭର ଲୋକମାନଙ୍କୁ ଛାଡ଼ି ଦିଅ ...’’ ବୋଲି କହିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଈଶ୍ୱର ବନ୍ଦୀମାନଙ୍କୁ ପାପରୁ ମୁକ୍ତ କରିବାକୁ ଇଚ୍ଛା କରନ୍ତି । ମୋଶାଙ୍କ ଭଳି, ଆମକୁ ମଧ୍ୟ ଜଗତ ମଧ୍ୟକୁ ଯାଇ ଏହି ମୁକ୍ତିର ବାର୍ତ୍ତା ଘୋଷଣା କରିବାକୁ କୁହାଯାଇଛି । ଯେ ଆଉ ଦାସତ୍ୱରେ ରହିବାର ଆବଶ୍ୟକତା ନାହିଁ କାରଣ ଈଶ୍ୱର ଯୀଶୁଙ୍କ ମାଧ୍ୟମରେ ଓ ତାଙ୍କ ଆତ୍ମାଙ୍କ ଶକ୍ତି ଦ୍ୱାରା ସ୍ୱାଧୀନ ଭାବରେ ଜୀବନ କାଟିବା ଆମ ପାଇଁ ସମ୍ଭବ କରିଛନ୍ତି (ରୋମୀୟ ୮:୨) । ସୁସମାଚାର ପ୍ରଚାରର ଉଦ୍ଦେଶ୍ୟ ମୋଶା ଓ ଇସ୍ରାଏଲର ଲୋକମାନଙ୍କ ପାଇଁ ଯାହା ଥିଲା, ତାହା ଅଟେ, ଯଥା – ଉପାସନା ।

‘‘ଆମ୍ଭର ସେବା କରିବା ନିମନ୍ତେ ଆମ୍ଭ ଲୋକମାନଙ୍କୁ ଛାଡ଼ି ଦିଅ ।’’

ଆମକୁ ସାକ୍ଷ୍ୟ ପ୍ରଦାନ କରୁଥିବା ଉପାସକ ହେବାକୁ ପଡ଼ିବ ଯେପରିକି ଅନ୍ୟମାନେ ମଧ୍ୟ ଉପାସନା କରିବା ପାଇଁ ଓ ସାକ୍ଷ୍ୟ ଦେବା ପାଇଁ ଆସିପାରିବେ ।

## ଅଧିବେଶନ ସହାୟକ ସୂଚନା

### ନିକଟବର୍ତ୍ତୀ ହେବା (୨୦–୩୦ ମିନିଟ୍)

*ଏହି ସମୟରେ ଦଳର ପ୍ରତ୍ୟେକ ଜଣଙ୍କ ସହିତ ପରିଚିତ ହୁଅନ୍ତୁ ଓ ପରସ୍ପରକୁ ଜାଣିବା ଆରମ୍ଭ କରନ୍ତୁ । ଆପଣ ହୁଏତ କିଛି ପ୍ରାରମ୍ଭିକ କାର୍ଯ୍ୟ କରିପାରନ୍ତି କିମ୍ବା ଦଳ ମଧ୍ୟକୁ ଯାଇ ନିଜ ନିଜ ବିଷୟରେ କିଛି ମୌଳିକ ସୂଚନା ଜଣାଇବାକୁ ଲୋକମାନଙ୍କୁ କହିପାରନ୍ତି । ଏହାପରେ ଦଳ କେଉଁ କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ ହେବ ଓ ଏହା କିପରି ଆଗାମୀ ମାସରେ ପରିଚାଳିତ ହେବ, ଏହାକୁ ନିଜସ୍ୱ ଶୈଳୀରେ ବୁଝାନ୍ତୁ କିମ୍ବା ୬ ପୃଷ୍ଠାରେ ଥିବା ଉପକ୍ରମ ଭାଗକୁ ପାଠ କରନ୍ତୁ ।*

## ପ୍ରାର୍ଥନା

*ପ୍ରଭୁଙ୍କ ପାଇଁ ସମୟ ଦେବା ନିମନ୍ତେ ଓ ନିକଟବର୍ତ୍ତୀ ହେବା ସମୟରୁ ଉତ୍ପିତ ଯେ କୌଣସି ସକାରାତ୍ମକ କିମ୍ବା ଆହ୍ୱାନମୂଳକ ପରିସ୍ଥିତି ନିମନ୍ତେ ପ୍ରାର୍ଥନା କରନ୍ତୁ ।*

## ଶିକ୍ଷାଦାନ (୨୦–୩୦ ମିନିଟ୍)

*ନିମ୍ନଲିଖିତ ଶିକ୍ଷାଦାନର ବିଷୟ ବସ୍ତୁକୁ ଆପଣଙ୍କ ନିଜସ୍ୱ ମାର୍ଗରେ, ଏହାର ପ୍ରତ୍ୟେକଟି ବାକ୍ୟକୁ ପାଠ କରିବା ଦ୍ୱାରା କିମ୍ବା ନିଜର ଉପସ୍ଥାପନା ମଧ୍ୟରେ ଏହା ପୁନଃପ୍ରଚଳନ କରବା ଦ୍ୱାରା ସଂପୂର୍ଣ୍ଣ କରନ୍ତୁ ।*

କିନ୍ତୁ ମୁଁ ଯେପରି ମୋହର ନିରୂପିତ ପଥର ଶେଷ ପର୍ଯ୍ୟନ୍ତ ଦୌଡ଼ି ପାରେ, ଆଉ ଈଶ୍ୱରଙ୍କ ଅନୁଗ୍ରହର ସୁସମାଚାର ପକ୍ଷରେ ସାକ୍ଷ୍ୟ ଦେବା ନିମନ୍ତେ ଯେଉଁ ସେବାର କାର୍ଯ୍ୟ ପ୍ରଭୁ ଯୀଶୁଙ୍କଠାରୁ ପାଇଅଛି, ତାହା ସଂପୂର୍ଣ୍ଣ କରିପାରେ, ଏଥିପାଇଁ ମୁଁ ଆପଣା ପ୍ରାଣକୁ ପ୍ରିୟ ଜ୍ଞାନ ନ କରି ତାହା ନଗଣ୍ୟ ମନେ କରୁଅଛି ।

ପ୍ରେରିତ ୨୦:୨୪

ସରଳ ଭାଷାରେ, ‘‘ସୁସମାଚାର ପ୍ରଚାର କରିବା’’ର ଅର୍ଥ, ‘‘ସୁସମ୍ବାଦ ଘୋଷଣା କରିବା ।’’ ସେହି ସୁସମ୍ବାଦ ଯୀଶୁ ଖ୍ରୀଷ୍ଟଙ୍କ ସମ୍ବନ୍ଧୀୟ ସୁସମାଚାର ଅଟେ । ଯେ ପାପୀ (ବିଦ୍ରୋହୀ) ମନୁଷ୍ୟ ଜାତି ଯୀଶୁଙ୍କର ତ୍ରାଣକାରୀ କାର୍ଯ୍ୟ ମାଧ୍ୟମରେ ଈଶ୍ୱରଙ୍କ ସହିତ ପୁନର୍ମିଳିତ ହୋଇଅଛି । ଯୀଶୁ ଆମ ପାଇଁ ଉଦ୍ଦିଷ୍ଟ ମୃତ୍ୟୁକୁ ଗ୍ରହଣ କରିଥିବାରୁ, ଆମେ ଅନନ୍ତ ଜୀବନ ଜାଣି ପାରିଛୁ ଓ ଈଶ୍ୱରଙ୍କ ସହିତ ଏକ ଯଥାର୍ଥ ସଂପର୍କ ଉପଭୋଗ କରି ପାରୁଛୁ ।

ସୁସମାଚାର ପ୍ରଚାରର ନିମ୍ନଲିଖିତ ଦୁଇଟି ସଂଜ୍ଞା ପ୍ରତି ଦୃଷ୍ଟିପାତ କରନ୍ତୁ :

ସୁସମାଚାର ପ୍ରଚାର ହେଉଛି, ପାପପୂର୍ଣ୍ଣ ଲୋକମାନଙ୍କ ନିକଟରେ ଖ୍ରୀଷ୍ଟ ଯୀଶୁଙ୍କ ଉପସ୍ଥାପନ କରିବା, ଯେପରିକି, ପବିତ୍ର ଆତ୍ମାଙ୍କ ଶକ୍ତି ମାଧ୍ୟମରେ, ସେମାନେ ଯୀଶୁଙ୍କ ମଧ୍ୟ ଦେଇ ଈଶ୍ୱରଙ୍କଠାରେ ସେମାନଙ୍କ ବିଶ୍ୱାସ ସ୍ଥାପନ କରିପାରିବେ ।

**ଜେ.ଆଇ. ପ୍ୟାକର**

ଲୋକମାନେ ଯେପରି **ବ୍ୟକ୍ତିଗତ ଭାବରେ** ଯୀଶୁଙ୍କ ନିକଟକୁ ଆସି, ତଦ୍ଦ୍ୱାରା ଈଶ୍ୱରଙ୍କ ସହିତ **ପୁନର୍ମିଳିତ ହେବେ,** ଏହି ଦୃଷ୍ଟିକୋଣ ସହିତ **ଐତିହାସିକ, ବାଇବଲ ଉଲ୍ଲିଖିତ ଖ୍ରୀଷ୍ଟଙ୍କୁ ତ୍ରାଣକର୍ତ୍ତା ଓ ପ୍ରଭୁ** ଭାବରେ **ଘୋଷଣା କରିବା ।**

**ବିଲି ଗ୍ରାହାମ୍**

**ପ୍ରଶ୍ନ :** ଏହି ସଂକ୍ଷିପ୍ତ ସାରାଂଶ ଗୁଡ଼ିକରୁ ସୁସମାଚାର ପ୍ରଚାର କାର୍ଯ୍ୟ ବିଷୟରେ ଆମେ କ'ଣ ଶିକ୍ଷା କରିପାରିବା (ନିର୍ଦ୍ଦିଷ୍ଟ ଆଲୋଚନା ପାଇଁ କେତେକ ଶବ୍ଦ ଉପରେ ଗୁରୁତ୍ୱ ଦିଆଯାଇଛି) ?

ସୁସମାଚାର ପ୍ରଚାର ମଧ୍ୟରେ ଗୋଟିଏ ବାର୍ତ୍ତାର ଘୋଷଣା, ପୁନରୁତ୍ଥିତ ଯୀଶୁଙ୍କ ବିଷୟରେ ଏକ ଉପସ୍ଥାପନା ଓ ସୁସମ୍ବାଦକୁ ଗ୍ରହଣ କରି ସ୍ୱୀକାର କରିବା ପାଇଁ ଶ୍ରୋତାଙ୍କୁ ପ୍ରରୋଚିତ କରିବାର ଏକ ଉଦ୍ୟମ ଅନ୍ତର୍ଭୁକ୍ତ ଅଟେ । ମାତ୍ର ସୁସମାଚାର ପ୍ରଚାର ପାଇଁ ବାକ୍ୟ ଅତ୍ୟାବଶ୍ୟକ ହୋଇଥିବାରୁ, ଆମକୁ ମୌଖିକ ଯୋଗାଯୋଗର ଉର୍ଦ୍ଧ୍ୱକୁ ଯିବାକୁ ହୁଏ ।

ଡେଭିଡ୍ ୱାଟସନ୍ କହିଥିଲେ ଯେ, ‘‘ଆତ୍ମାଙ୍କ ଶକ୍ତିର ପ୍ରଦର୍ଶନ ନ ରହିଲେ, ସୁସମାଚାର ଘୋଷଣା ବୃଥା ହେବ । ଏହା ସୁସମାଚାର ପ୍ରଚାର ହେବ ନାହିଁ ।’’ ସୁସମାଚାର ପ୍ରଚାର ଏକ ଆତ୍ମିକ କାର୍ଯ୍ୟ ଅଟେ, ଏଡା କେବଳ ସେତେବେଳେ ଫଳପ୍ରଦ ଅଟେ ଯେତେବେଳେ ଈଶ୍ୱର ଶକ୍ତିରେ ଅଗ୍ରସର ହୁଅନ୍ତି । ଯଦି ସୁସମାଚାର ପ୍ରଚାର କେବଳ ଲୋକମାନଙ୍କ ମନ ପରିବର୍ତ୍ତନ ସମ୍ବନ୍ଧୀୟ ହୋଇଥାନ୍ତା, ତେବେ ଆମେ କେବଳ ପ୍ରରୋଚନା ଉପରେ ନିର୍ଭର କରିପାରନ୍ତୁ । ମାତ୍ର ସୁସମାଚାର ପ୍ରଚାର ପରିତ୍ରାଣ ସମ୍ବନ୍ଧୀୟ ଅଟେ : ଆମର ବାର୍ତ୍ତା ମାଧ୍ୟମରେ, ଈଶ୍ୱରଙ୍କ ଆତ୍ମା ଚେତନା ଦିଅନ୍ତି, ବିଶ୍ୱାସ ଦିଅନ୍ତି ଓ ହୃଦୟର ପରିବର୍ତ୍ତନ ଆରମ୍ଭ କରନ୍ତି । ଆତ୍ମାଙ୍କ ଶକ୍ତି ବିନା ସୁସମାଚାର ପ୍ରଚାର କେବଳ ବ୍ୟବସାୟୀକରଣ ଅଟେ । ଅନ୍ୟ ପକ୍ଷରେ, ଯେପରି ଲିଓନାର୍ଡ ରାଭେନ୍‌ହିଲ କହିଥିଲେ ସେହିପରି ‘‘ଯଦି କୌଣସି ସୁସମାଚାର ପଦ୍ଧତି ଭିତରେ ଈଶ୍ୱର ଥାଆନ୍ତି, ତେବେ ଏହା କାର୍ଯ୍ୟ କରିବ’’ ବୋଲି ଆମେ ଦୃଢ଼ ବିଶ୍ୱାସ କରିପାରିବା ।

ସୁସମାଚାର ପ୍ରଚାରର ଉଦ୍ଦେଶ୍ୟ ହେଉଛି ଶିଷ୍ୟମାନଙ୍କୁ ଅର୍ଥାତ୍, ଆତ୍ମାରେ ଓ ସତ୍ୟରେ ଉପାସନା କରୁଥିବା ଉପାସକମାନଙ୍କୁ ଗଠନ କରିବା (ଯୋହନ ୪:୨୩) । ସେଥିପାଇଁ ପ୍ରଚାରକମାନେ ମଧ୍ୟ ବିଶ୍ୱାସଯୋଗ୍ୟ ଉପାସକ ହେବା ଆବଶ୍ୟକ । କୁହାଯାଇଛି ଯେ ଉପାସନା ଓ ସୁସମାଚାର ପ୍ରଚାର ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ଅଟେ ଓ ଏହା ସତ୍ୟ ଅଟେ ଯେ ଜଗତ ପ୍ରତି ଆମର ସାକ୍ଷ୍ୟ ଉପାସନାର ଏକ କାର୍ଯ୍ୟ ଅଟେ – ରାଜାଙ୍କ ପ୍ରତି ବାଧ୍ୟତା ଓ ଭକ୍ତିର ଏକ କାର୍ଯ୍ୟ ଅଟେ ।

ଏହି ଉନ୍ନତ ଦଳ ଅଧିବେଶନଗୁଡ଼ିକ ଆପଣଙ୍କୁ ଏକ ପ୍ରକୃତ ଉପାସନା ଭାବରେ ପରିପକ୍ୱ କରିବାରେ ସାହାଯ୍ୟ କରିବ ଓ ଆପଣଙ୍କୁ ଗୋଟିଏ ପ୍ରଚାରକର ପାଞ୍ଚଟି ମୁଖ୍ୟ ଗୁଣରେ ବୃଦ୍ଧି ପାଉଥିବାର ଦେଖିବ ।

### ବାଇବଲ – ଶିକ୍ଷା ଦେଉଥିବା ପ୍ରଚାରକମାନେ

ଆମେ ଘୋଷଣା କରୁଥିବା ବାର୍ତ୍ତାକୁ ଯଥାସମ୍ଭବ ଗଭୀରଭାବେ ଜାଣିବା ଆବଶ୍ୟକ । ଏହା କରିବା ପାଇଁ ଆମକୁ ଈଶ୍ୱରଙ୍କ ବାକ୍ୟ ପଠନ ଓ ଅଧ୍ୟୟନ ପ୍ରତି ସମର୍ପିତ ହେବାକୁ ପଡ଼ିବ, ଯେପରିକି ସୁସମାଚାର ବିଷୟରେ ଆମର ଘୋଷଣା ଆମର ନିଜସ୍ୱ ଚିନ୍ତାଧାରା ଓ ଅନୁମାନ ଉପରେ ପର୍ଯ୍ୟବେଶିତ ନ ହୋଇ ଈଶ୍ୱରଙ୍କ ବାକ୍ୟର ଶିକ୍ଷା ଉପରେ ଆଧାରିତ ହେବ ।

### ପ୍ରାର୍ଥନାଶୀଳ ପ୍ରଚାରକମାନେ

ଆମକୁ ସୁସମାଚାର ପ୍ରଚାର କାର୍ଯ୍ୟ ପାଇଁ ପବିତ୍ର ଆତ୍ମାଙ୍କ ଶକ୍ତିର ବଶୀଭୂତ ହେବାକୁ ପଡ଼ିବ, କାରଣ ଆମର ଶକ୍ତି ନୁହେଁ, ମାତ୍ର ଈଶ୍ୱରଙ୍କ ଶକ୍ତି ପରିତ୍ରାଣ ଆଣେ । ସେଥିପାଇଁ, ଆମେ

ପ୍ରାର୍ଥନାପୂର୍ଣ୍ଣ ଜୀବନଯାପନ ପ୍ରତି ସମର୍ପିତ ହେଉ ଓ ଆମର ବିଶ୍ୱାସକୁ ଅନ୍ୟମାନଙ୍କୁ ଜଣାଇବା ପାଇଁ ଓ ଏହା ଫଳରେ ପରିବର୍ତ୍ତିତ ହେଉଥିବା ଜୀବନଗୁଡ଼ିକୁ ଦେଖିବା ପାଇଁ ସୁଯୋଗ ଯୋଗାଇ ଦେବା ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁ ।

### ଉତ୍ତରଦାୟୀ ପ୍ରଚାରକମାନେ

ପବିତ୍ରତା ସୁସମାଚାରର କେନ୍ଦ୍ରରେ ଥାଏ । ଏକ ବିଶ୍ୱାସଯୋଗ୍ୟ ମାର୍ଗରେ ସୁସମାଚାରର ପରିବର୍ତ୍ତନକାରୀ ଶକ୍ତିକୁ ଅନ୍ୟମାନଙ୍କ ନିକଟରେ ଜଣାଇବାର ଅର୍ଥ ଏପରି ଉତ୍ତର ଦାୟୀ ଜୀବନ କାଟିବା, ଯେଉଁଠାରେ ଆମର ଶିକ୍ଷାଦାନ ଆମର ଜୀବନଶୈଳୀ ସହିତ ମେଳ ଖାଇବ । ଆମେ ଗୋଟିଏ ପବିତ୍ର ବାର୍ତ୍ତା ଜଣାଉଥିବା ପବିତ୍ର ଲୋକ ଭାବରେ ବୃଦ୍ଧି ପାଇବାକୁ ଚେଷ୍ଟା କରୁଥିବା ସମୟରେ, ସଫଳତାରେ ପରସ୍ପରକୁ ଉତ୍ସାହିତ କରିବା ଓ ବିଫଳତାରେ ଏକ ଆରେକ ସହିତ ଠିଆ ହେବା ଅତି ଗୁରୁତ୍ୱପୂର୍ଣ୍ଣ ଅଟେ ।

### ସମର୍ପିତ ପ୍ରଚାରକମାନେ

ଉଦ୍ଦେଶ୍ୟମୂଳକ ହେବା ସୁସମାଚାର ପ୍ରଚାରର ମୁଖ୍ୟ ବିଷୟ ଅଟେ । ଆମେ ଈଶ୍ୱରଙ୍କ ପ୍ରେମ ବିଷୟରେ ଜଣାଇବା ପାଇଁ ପ୍ରତିଦିନର ସୁଯୋଗ ଗୁଡ଼ିକ ସମ୍ବନ୍ଧରେ ସଚେତନ ହେବା ଓ ସେଗୁଡ଼ିକୁ ବ୍ୟବହାର କରିବା ଆବଶ୍ୟକ । ଆମେ କେବଳ ଯୀଶୁଙ୍କ କାହାଣୀ ଜଣାଇବା, ତା' ନୁହେଁ, ମାତ୍ର ଏହା ପ୍ରଦାନ କରୁଥିବା ନୂତନ ଜୀବନ ମଧ୍ୟକୁ ଏହାର ଶ୍ରୋତାମାନଙ୍କୁ ନିୟନ୍ତ୍ରଣ କରିବା ଓ ଏକ ଶିଷ୍ୟତ୍ୱର ଯାତ୍ରା ଆରମ୍ଭ କରିବାରେ ସେମାନଙ୍କୁ ସାହାଯ୍ୟ କରିବା ମଧ୍ୟ ଆବଶ୍ୟକ ।

### ପ୍ରେରଣାଦାୟକ ପ୍ରଚାରକମାନେ

ଯେଉଁ ଜଗତ ସୁସମାଚାର ବାର୍ତ୍ତା ଆବଶ୍ୟକ କରେ, ତା' ନିକଟରେ ଏହା ଜଣାଇବା ସମୟରେ, ଆମେ ସେହି ସମାନ କାର୍ଯ୍ୟ କରିବା ପାଇଁ ମଣ୍ଡଳୀକୁ ମଧ୍ୟ ଜାଗ୍ରତ କରିବା ଆବଶ୍ୟକ । ସୁସମାଚାର ପ୍ରଚାର ପ୍ରତ୍ୟେକ ଖ୍ରୀଷ୍ଟିଆନର କାର୍ଯ୍ୟ ଅଟେ ଓ ସେଥିପାଇଁ ସେହି କାର୍ଯ୍ୟ ପାଇଁ ମଣ୍ଡଳୀକୁ ଉତ୍ସାହିତ ଓ ଜାଗ୍ରତ କରିବା ମଧ୍ୟ ଯେ କୌଣସି ପ୍ରଚାରକର ଏକ ପ୍ରତିବଦ୍ଧତା ହେବା ଆବଶ୍ୟକ ।

**ପ୍ରଶ୍ନ :** ଏହି ପାଞ୍ଚଟି ମୁଖ୍ୟ ଗୁଣ ଗୁଡ଼ିକୁ ବିଚାର କରନ୍ତୁ । ପ୍ରତ୍ୟେକ କ୍ଷେତ୍ରରେ ଆପଣଙ୍କ ଶକ୍ତି ଓ ଦୁର୍ବଳତାକୁ ଆପଣ କେଉଁଠାରେ ଚିହ୍ନଟ କରିବେ ?

## ଆଲୋଚନା (୧୫ ମିନିଟ୍)

*ନିମ୍ନଲିଖିତ ପ୍ରଶ୍ନ ଗୁଡ଼ିକର ଓ / କିମ୍ବା ଆଲୋଚନା ଉଦ୍ଧୃତାଂଶର ଅନୁସନ୍ଧାନ କରନ୍ତୁ :*

- ସୁସମାଚାର ପ୍ରଚାରରେ ଆମର ଭୂମିକା କ'ଣ ଓ ସୁସମାଚାର ପ୍ରଚାରରେ ଈଶ୍ୱରଙ୍କର ଭୂମିକା କ'ଣ ?
- ଆମେ ଯେ ପ୍ରକୃତ ସୁସମାଚାର ପ୍ରଚାରକ ଓ ପ୍ରକୃତ ଉପାସକ ଏ ବିଷୟରେ ଆମେ କିପରି ସୁନିଶ୍ଚିତ ହୋଇପାରିବା ?
- ଏହି ଉନ୍ନତ ଦଳ ମାଧ୍ୟମରେ, ଆପଣ ଆଗାମୀ ମାସଗୁଡ଼ିକରେ କିପରି ବୃଦ୍ଧି ପାଇବେ ବୋଲି ଆଶା କରୁଛନ୍ତି ?

ଯଦି ପାପୀମାନେ ଦଣ୍ଡ ପାଇବେ, ତେବେ ସେମାନଙ୍କୁ, ଅନ୍ତତଃ ଆମ ଶରୀର ଉପରେ ଲମ୍ଫ ପ୍ରଦାନ କରି ନର୍କକୁ ଯିବା ପାଇଁ ଦିଅନ୍ତୁ । ପୁଣି ଯଦି ସେମାନେ ବିନଷ୍ଟ ହେବେ, ତେବେ ସେମାନଙ୍କୁ ନଷ୍ଟ ନ ହେବା ପାଇଁ ନିବେଦନ କରି ସେମାନଙ୍କୁ ବିନଷ୍ଟ ହେବାକୁ ଦିଅନ୍ତୁ । ଯଦି ନର୍କକୁ ପୂର୍ଣ୍ଣ କରିବାକୁ ହୁଏ, ତେବେ, ଅନ୍ତତଃ ଏହା ଆମ ଉଦ୍ୟମ ପରେ ପୂର୍ଣ୍ଣ ହେଉ ଓ ଏପରି କେହି ସେହି ସ୍ଥାନକୁ ନ ଯାଆନ୍ତୁ, ଯାହାକୁ ସତର୍କ କରାଯାଇ ନାହିଁ ଓ ଯାହା ପାଇଁ ପ୍ରାର୍ଥନା କରାଯାଇ ନାହିଁ ।

**ଚାର୍ଲସ ସ୍ପର୍ଜିଆନ**

## ପ୍ରୟୋଗ (୫ ମିନିଟ୍)

ପରବର୍ତ୍ତୀ ସମୟରେ ଦଳକୁଆଲୋଚନା ଓ ସମାଲୋଚନା ନିକଟକୁ ଆଣିବା ପାଇଁ ସୁସମାଚାର ପ୍ରଚାରର ଏକ ବାଇବଲ ଭିତ୍ତିକ – ବଳିଷ୍ଠ ସଂଜ୍ଞା (ମୁଖ୍ୟତଃ, ଶାସ୍ତ୍ରାଂଶ ଉଲ୍ଲେଖ ସହିତ) ନିର୍ଣ୍ଣୟ କରନ୍ତୁ । ସୁସମାଚାର ପ୍ରଚାର ଉପରେ ପ୍ରସ୍ତାବିତ ପଠନ ସହାୟକ ହୋଇପାରେ ।

## ପ୍ରାର୍ଥନା

ଈଶ୍ୱରଙ୍କୁ ତାଙ୍କର ଆଶ୍ଚର୍ଯ୍ୟଜନକ ସୁସମାଚାର ପାଇଁ ଧନ୍ୟବାଦ ଦିଅନ୍ତୁ । ଜଗତରେ ଆପଣଙ୍କୁ ତାଙ୍କର ତ୍ରାଣକାରୀ କାର୍ଯ୍ୟର ଅଂଶ ବିଶେଷ କରିଥିବାରୁ ତାଙ୍କୁ ଧନ୍ୟବାଦ ଦିଅନ୍ତୁ । ଆପଣ ତାଙ୍କୁ ଆତ୍ମାରେ ଓ ସତ୍ୟରେ ଉପାସନା କରୁଥିବା ସମୟରେ, ବାକ୍ୟରେ ଓ କାର୍ଯ୍ୟରେ ତାଙ୍କର ବାର୍ତ୍ତାବହ ହେବା ପାଇଁ ତାଙ୍କଠାରୁ ଶକ୍ତି ମାଗନ୍ତୁ । ଆପଣ ଏହି 'ଉନ୍ନତ' ଦଳରେ ଅଗ୍ରସର ହୋଇ ଏକତ୍ର ବୃଦ୍ଧି ପାଉଥିବା ସମୟରେ ଗୋଟିଏ ପ୍ରଚାରକର ପାଞ୍ଚଟି ଗୁଣରେ ଆପଣ ଯେପରି ବୃଦ୍ଧି ପାଇବେ, ଏଥିପାଇଁ ତାଙ୍କଠାରୁ ସାହାଯ୍ୟ ମାଗନ୍ତୁ ।

## ଉତ୍ତର ଦାୟିତ୍ୱ (୧୫ ମିନିଟ୍)

*ଉତ୍ତର ଦାୟିତ୍ୱ (ସମୀକ୍ଷା) ଫର୍ମଗୁଡ଼ିକୁ ପୂରଣ କରନ୍ତୁ, ଦୁଇ ଜଣ ସାଥୀ କିମ୍ବା ଛୋଟ ଦଳ ମଧ୍ୟରେ ପରସ୍ପରକୁ ଏହା ଜଣାନ୍ତୁ ଓ ଏକ ଆରେକ ପାଇଁ ପ୍ରାର୍ଥନା କରନ୍ତୁ ।*

## ବାର୍ତ୍ତା ଓ ତାରିଖ (୧୦ ମିନିଟ୍)

*ଏହି ପ୍ରଥମ ଅଧିବେଶନକୁ ଡାଉନଲୋଡ୍ କରି ଗୋଟିଏ ମେସେଞ୍ଜର ସିଷ୍ଟମରେ ରଖିବା ପାଇଁ ପ୍ରତ୍ୟେକଙ୍କୁ କହିବା ଦ୍ୱାରା ଏହାକୁ ଶେଷ କରନ୍ତୁ । ଏହା ଦଳର ପ୍ରତ୍ୟେକଙ୍କ ପାଇଁ କାର୍ଯ୍ୟ କରେ । ହ୍ୱାଟସ ଆପ୍ ଓ ଫେସ୍‌ବୁକ ମେସେଞ୍ଜର ମାଗଣା ଓ ଉତ୍ତମ ଭାବେ କାର୍ଯ୍ୟ କରନ୍ତି । ଏପରି ଗୋଟିଏ ଦଳ ସୃଷ୍ଟି କରନ୍ତୁ ଯାହାକୁ ଆପଣ ସମୟ ଅନୁରୂପୀ, ପ୍ରାର୍ଥନା ଅନୁରୋଧ, ସାକ୍ଷ୍ୟଦାନ, ଇତ୍ୟାଦି ସହିତ ଅଧିବେଶନ ଗୁଡ଼ିକ ମଧ୍ୟରେ ବ୍ୟବହାର କରିବେ ।*

*ଶେଷରେ, ଆପଣ ଯେତେ ପାରନ୍ତି, ସେତେ ଆଗାମୀ ଅଧିବେଶନଗୁଡ଼ିକର ତାରିଖ ଧାର୍ଯ୍ୟ କରନ୍ତୁ । ସମସ୍ତେ ଯେପରି ତାରିଖଗୁଡ଼ିକୁ ଜାଣିପାରିବେ ଓ ସେଗୁଡ଼ିକୁ ଅତି ପ୍ରାଧାନ୍ୟ ଦେବେ, ଏଥିପାଇଁ ଛ' ମାସ ପୂର୍ବରୁ ତାରିଖ ଧାର୍ଯ୍ୟ କରିବା ଉତ୍ତମ ଅଟେ ।*

# ଅଧିବେଶନ – ୨
# ସୁସମାଚାର ପ୍ରଚାରକର ପରିଚୟ

**ଏହି ଦ୍ୱିତୀୟ ଦଳଗତ ସଭାରେ, ଆପଣ ଈଶ୍ୱର ଓ ତାଙ୍କ ସୁସମାଚାର ସହିତ ସଂପୃକ୍ତ ଜଣେ ପ୍ରଚାରକର ପରିଚୟ ଆବିଷ୍କାର କରିବେ ।**

## ଗୋଟିଏ ବାକ୍ୟରେ ଅଧିବେଶନ

ଜଣେ ସୁସମାଚାର ପ୍ରଚାରକର ପରିଚୟ ପିତା ଈଶ୍ୱରଙ୍କଠାରେ ରୋପିତ ହୋଇଥାଏ : ଆମେ ତାଙ୍କର ବାର୍ତ୍ତାବହ ସନ୍ତାନଗଣ ଅଟୁ ।

## ଅଧିବେଶନର ପୃଷ୍ଠଭୂମି

ବିଲି ଗ୍ରାହାମ୍‌ଙ୍କ ସେବାକାର୍ଯ୍ୟର ଶୀର୍ଷ ସମୟରେ, ଯୁବ ଖ୍ରୀଷ୍ଟିଆନମାନେ ତାଙ୍କୁ ଅନୁସରଣ କରିବାର ପ୍ରେରଣା ପାଉଥିଲେ ଓ ସୁସମ୍ବାଦର ପ୍ରଚାରକ ହେଉଥିଲେ । ବିଗତ ୨୦ ବର୍ଷ ଧରି, ଯୁବ ଖ୍ରୀଷ୍ଟିୟାନମାନଙ୍କର ଆଗ୍ରହରେ ଗୋଟିଏ ଲକ୍ଷ୍ୟଯୋଗ୍ୟ ପରିବର୍ତ୍ତନ ଦେଖାଯାଇଛି । ଏକଦା ଗୋଟିଏ ପ୍ରଚାରକର ଭୂମିକାକୁ ଚରମ ଖ୍ରୀଷ୍ଟୀୟ ସେବା ଭାବରେ ଦେଖା ଯାଉଥିଲା, ମାତ୍ର ଆଜିର ଯୁବ ଖ୍ରୀଷ୍ଟିଆନମାନଙ୍କର ସାଧାରଣ ଅଭିଳାଷ ହେଉଛି, ଗୋଟିଏ ଉପାସନା ନେତା, ଯୁବ କାର୍ଯ୍ୟକାରୀ କିମ୍ବା ମଣ୍ଡଳୀ ପାଳକ ହେବା ।

ମଣ୍ଡଳୀ ନିଶ୍ଚୟ ବ୍ୟକ୍ତିଗତ ଓ ସାମୂହିକ ଉପାସନାରେ ଅନ୍ୟମାନଙ୍କୁ ସୁବିଧା ଦେବା ପାଇଁ ସେମାନଙ୍କର ପ୍ରତିଭା ବ୍ୟବହାର କରି ପ୍ରତିଭାଶାଳୀ ସଙ୍ଗୀତଜ୍ଞ, ଚଳଚ୍ଚିତ୍ର ନିର୍ମାତା ଓ ଅନ୍ୟାନ୍ୟ ସୃଜନଶୀଳ ବ୍ୟକ୍ତିମାନଙ୍କଠାରୁ ଉପକୃତ ହୋଇଛି ଓ ଈଶ୍ୱର ଏହି ବିଶ୍ୱସ୍ତ ଲୋକମାନଙ୍କର ପ୍ରଚେଷ୍ଟା ମାଧ୍ୟମରେ ଆନନ୍ଦିତ ଓ ଗୌରବାନ୍ୱିତ ହୋଇଥାନ୍ତି । ମାତ୍ର କୌଣସି ଜଣେ ବ୍ୟକ୍ତିକୁ ଜଣେ ପ୍ରକୃତ ଉପାସକ ଆତ୍ମାରେ ଓ ସତ୍ୟରେ ଏକ ଉପାସକ ହେବା ନିମନ୍ତେ (ଯୋହନ ୪:୨୩), ସୁସମାଚାର ଶୁଣିବାକୁ ଓ ଏହା ପ୍ରତି ପ୍ରତିକ୍ରିୟା ଦେଖାଇବାକୁ ପଡ଼ିଥାଏ (ରୋମୀୟ ୧୦:୧୪–୧୭) ।

ସେହିପରି ଭାବରେ, ପାଳକ କିମ୍ବା ଶିକ୍ଷକର ଭୂମିକା ଶିଷ୍ୟତ୍ୱ ପାଇଁ ଅତ୍ୟାବଶ୍ୟକ ଅଟେ ଓ ଏହାକୁ ଗୌଣ କରାଯିବା ଉଚିତ୍ ନୁହେଁ । ମାତ୍ର ଯଦି ଜଗତ ନିକଟରେ ସେବାକାର୍ଯ୍ୟ ଓ ସୁସମାଚାର ପ୍ରଚାରର ଅଭାବ ଯୋଗୁ ମଣ୍ଡଳୀ ଗୃହରେ ସଦସ୍ୟ–ଆସନ ଶୂନ୍ୟ ରହିବ, ତେବେ ପାଳକ ନିକଟରେ କୌଣସି ମଣ୍ଡଳୀ ରହିବ ନାହିଁ ।

ଲୋକମାନଙ୍କୁ ପ୍ରକୃତ ଉପାସନା ନିକଟକୁ ଆଣିବା ପାଇଁ ସେମାନଙ୍କୁ ସୁସମାଚାର ବୁଝାଇବା ଆବଶ୍ୟକ ହୁଏ ଓ ତାହାକୁ ସ୍ମରଣରେ ରଖି, ଆମ ମଧ୍ୟରୁ କେହି ଆତ୍ମାଙ୍କ ଶକ୍ତିରେ ସମସ୍ତ ଲୋକ ନିକଟରେ ଆମ ଖ୍ରୀଷ୍ଟୀୟ ବିଶ୍ୱାସର ସାକ୍ଷ୍ୟ ଦେବା ଦ୍ୱାରା ଜଗତକୁ ସୁସମ୍ବାଦ ଜଣାଇବାର ଦାୟିତ୍ୱକୁ ଏଡ଼ାଇ ଦେବା ଉଚିତ୍ ନୁହେଁ (ପ୍ରେରିତ ୧:୮) । ବାଇବଲ ଏହି ଶିକ୍ଷା ଦିଏ ଯେ ସମସ୍ତ ବିଶ୍ୱାସୀଙ୍କୁ ଗୋଟିଏ ପ୍ରଚାରକର କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦିଆଯାଇଛି (ମାଥିଉ ୨୮:୧୯, ୨ ତୀମଥି ୪:୫), ମାତ୍ର ଏପରି କେତେକ ଲୋକ ଅଛନ୍ତି, ଯେଉଁମାନଙ୍କୁ ସୁସମାଚାର ପ୍ରଚାରକ ହେବା ପାଇଁ ନିର୍ଦ୍ଦିଷ୍ଟ ଭାବରେ ଆହ୍ୱାନ କରାଯାଇଛି (ଏଫିସୀୟ ୪:୧୧) । ଏହି ଲୋକମାନଙ୍କ ପାଇଁ, ସୁସମାଚାର ପ୍ରଚାର କେବଳ ଦିନ ପ୍ରତିଦିନର ସାକ୍ଷ୍ୟ ନୁହେଁ, ମାତ୍ର ଏହା ସେମାନଙ୍କ ଜୀବନର ପ୍ରାଥମିକ ବିଷୟ ଅଟେ ।

## ଅଧିବେଶନ ସହାୟକ ସୂଚନା

### ନିକଟବର୍ତ୍ତୀ ହେବା (୨୦–୩୦ ମିନିଟ୍)

*ଏହି ସମୟରେ ଏକ ଆରେକର ନିକଟବର୍ତ୍ତୀ ହୁଅନ୍ତୁ, ଦଳକୁ ଉତ୍ସାହିତ କରୁଥିବା କାହାଣୀ, ଉତ୍ସାହଦାୟକ ବିଷୟ, ସୁଯୋଗ ଉପରେ ମତାମତ ଓ ଅନ୍ୟ କୌଣସି ବିଷୟ ପରସ୍ପରକୁ ଜଣାନ୍ତୁ । ସୁସମାଚାର ପ୍ରଚାର ସମ୍ବନ୍ଧରେ ସେମାନଙ୍କର ବାଇବଲ ଭିତ୍ତିକ ସଂଜ୍ଞା (ଅଧିବେଶନ – ୧ : ପ୍ରୟୋଗ) ଜଣାଇବା ପାଇଁ ସେମାନଙ୍କୁ କୁହନ୍ତୁ ଓ ଏକତ୍ର ସେମାନଙ୍କ ସହିତ ଆଲୋଚନା କରନ୍ତୁ । ଛୋଟ ଦଳ ଏହାକୁ ଏକତ୍ର ଏକ ସମଗ୍ର ଦଳ ଭାବରେ କହିପାରିବେ, ଆପଣ ବଡ଼ ଦଳକୁ ଆଲୋଚନା ପାଇଁ ଛୋଟ ଛୋଟ ଦଳରେ ଭାଗ କରିପାରିବେ । ପ୍ରଥମ ଅଧିବେଶନରେ ଅନୁପସ୍ଥିତ ଥିବା କୌଣସି ବ୍ୟକ୍ତିଙ୍କ ପାଇଁ ଦଳ କିପରି କାର୍ଯ୍ୟ କରୁଛି, ସେ ସମ୍ବନ୍ଧରେ ମୌଳିକ ବିଷୟଗୁଡ଼ିକୁ ଆଲୋଚନା କରିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ହୋଇପାରେ ।*

### ପ୍ରାର୍ଥନା

*ପ୍ରଭୁଙ୍କ ପାଇଁ ସମୟ ଦିଅନ୍ତୁ ଓ ‘ନିକଟବର୍ତ୍ତୀ ହେବା’ ସମୟରୁ ଉତ୍ପନ୍ନ ହୋଇଥିବା ଯେକୌଣସି ସକାରାତ୍ମକ କିମ୍ବା ଆହ୍ୱାନମୂଳକ ପରିସ୍ଥିତି ପାଇଁ ପ୍ରାର୍ଥନା କରନ୍ତୁ ।*

### ଶିକ୍ଷାଦାନ (୨୦–୩୦ ମିନିଟ୍)

*ଆପଣଙ୍କ ନିଜସ୍ୱ ମାର୍ଗରେ, ଅର୍ଥାତ୍, ପ୍ରତ୍ୟେକଟି ବାକ୍ୟକୁ ପଢ଼ିବା ଦ୍ୱାରା କିମ୍ବା ଏହାକୁ ଆପଣଙ୍କ ନିଜସ୍ୱ ଉପସ୍ଥାପନରେ ପ୍ରୟୋଗ କରିବା ଦ୍ୱାରା ନିମ୍ନଲିଖିତ ଶିକ୍ଷାଦାନର ବିଷୟ ବସ୍ତୁକୁ କାର୍ଯ୍ୟକାରୀ କରନ୍ତୁ ।*

ମୁଁ ଈଶ୍ୱରଙ୍କ ସାକ୍ଷାତରେ, ଆଉ ଯେଉଁ ଖ୍ରୀଷ୍ଟ ଯୀଶୁ ଜୀବିତ ଓ ମୃତ ଉଭୟଙ୍କର ବିଚାର କରିବାକୁ ଯାଉଅଛନ୍ତି, ତାହାଙ୍କ ସାକ୍ଷାତରେ, ପୁଣି ତାହାଙ୍କ ପୁନରାଗମନ ଓ ରାଜ୍ୟର ଶପଥ ଦେଇ ତୁମ୍ଭକୁ ଦୃଢ଼ ଆଜ୍ଞା ଦେଉଅଛି, ବାକ୍ୟ ପ୍ରଚାର କର, ସମୟରେ କି ଅସମୟରେ ସେଥିରେ ଉଦ୍‌ଯୋଗୀ ହୁଅ, ପୂର୍ଣ୍ଣ ସହିଷ୍ଣୁତା ସହ ଶିକ୍ଷା ଦେଇ ଅନୁଯୋଗ କର, ପୁଣି ଧମକ ଓ ଉତ୍ସାହ ଦାନ କର । କାରଣ ସମୟ ଆସିବ, ଯେତେବେଳେ ସେମାନେ ହିତଜନକ ଶିକ୍ଷା ସହ୍ୟ କରିବେ ନାହିଁ, ମାତ୍ର ଶ୍ରୁତି ମଧୁର କଥାରେ ସନ୍ତୁଷ୍ଟ ହୋଇ ଅଭିଳାଷାନୁସାରେ ଆପଣାମାନଙ୍କ ନିମନ୍ତେ ବହୁ ସଂଖ୍ୟକ ଶିକ୍ଷକଙ୍କୁ ସଂଗ୍ରହ କରିବେ, ପୁଣି, ସତ୍ୟ ବାକ୍ୟରେ କର୍ଣ୍ଣ ନ ଦେଇ କଳ୍ପିତ କାହାଣୀ ପ୍ରତି ମନ ଦେବେ । କିନ୍ତୁ ତୁମ୍ଭେ ସମସ୍ତ ବିଷୟରେ ସଚେତନ ହୁଅ, କ୍ଲେଶ ସହ୍ୟ କର, ସୁସମାଚାର ପ୍ରଚାରକର କାର୍ଯ୍ୟ ସାଧନ କର, ତୁମ୍ଭ ସେବାର କାର୍ଯ୍ୟ ସମ୍ପନ୍ନ କର ।''

**୨ ତୀମଥି ୪ : ୧–୫**

ଗୋଟିଏ ସୁସମାଚାର ପ୍ରଚାରକ ହେବା ପାଇଁ ଆହ୍ୱାନ ପାଇବାର ଅର୍ଥ କ'ଣ ? ଜଗତ ନିକଟରେ ଯୀଶୁ ଖ୍ରୀଷ୍ଟଙ୍କ ସମ୍ବନ୍ଧୀୟ ସୁସମ୍ବାଦ ଜଣାଇବା ପାଇଁ ସମସ୍ତ ବିଶ୍ୱାସୀଙ୍କୁ ଆହ୍ୱାନ କରାଯାଇ ନାହିଁ କି ? ମାଥିଉ ୨୮ରେ ଥିବା ଯୀଶୁଙ୍କର ମହାନ୍ ଆଦେଶ ଜଗତ ମଧ୍ୟକୁ ଯାଇ ଶିଷ୍ୟ କରିବା ନିମନ୍ତେ ତାଙ୍କର ସମସ୍ତ ବିଶ୍ୱାସୀଙ୍କୁ ଆଚ୍ଛାଦନ କରୁଥିବା ଏକ ଆହ୍ୱାନ ଭଳି ମନେହୁଏ । ମାତ୍ର ଏହାପରେ ଆମେ ଏଫିସୀୟ ୪ (୧୧–୧୨ ପଦ)ରେ ଗୋଟିଏ କ୍ଷୁଦ୍ର ଅନୁଚ୍ଛେଦ ଦେଖୁ, ଯାହା ପାଳକ, ଶିକ୍ଷକ, ଭାବବାଦୀ ଓ ପ୍ରେରିତଙ୍କ ସଙ୍ଗେ ସଙ୍ଗେ ପ୍ରଚାରକଙ୍କର ନିର୍ଦ୍ଦିଷ୍ଟ ଭୂମିକା ଉପରେ ଆଲୋକପାତ କରିଛି । ଉପରୋକ୍ତ ପ୍ରତ୍ୟେକ ଜଣ ଖ୍ରୀଷ୍ଟଙ୍କ ଶରୀର (ମଣ୍ଡଳୀ)ର ନିର୍ମାଣ ପାଇଁ ବ୍ୟବହୃତ ହେବା ଆବଶ୍ୟକ । ଆମେ ପ୍ରେରିତ ପୁସ୍ତକରେ ଫିଲିପ୍ପ ନାମକ ଏପରି ଜଣେ ବ୍ୟକ୍ତିଙ୍କୁ ମଧ୍ୟ ଦେଖୁ ଯାହାଙ୍କୁ ସୁସମାଚାର ପ୍ରଚାରକର ଏକ ନିର୍ଦ୍ଦିଷ୍ଟ ଭୂମିକା ଦିଆଯାଇଛି (ପ୍ରେରିତ ୨୧:୮) । ତେବେ ପ୍ରଚାରକର ଆହ୍ୱାନ ବିଷୟରେ ଆମେ କ'ଣ ବୁଝିବା ? ଏହା ପ୍ରତ୍ୟେକଙ୍କ ପାଇଁ କିମ୍ବା ନିର୍ଦ୍ଦିଷ୍ଟ କେତେକ ବ୍ୟକ୍ତିଙ୍କ ପାଇଁ ଉଦ୍ଦିଷ୍ଟ ?

ଆପଣ ହୁଏତ ୨ କରିନ୍ଥୀୟ ୫:୧୭ରେ ଉଲ୍ଲିଖିତ ବାକ୍ୟଟିକୁ ଜାଣିଥିବେ । ସେଠାରେ ପାଉଲ ଖ୍ରୀଷ୍ଟଙ୍କ ମାଧ୍ୟମରେ ଏକ ନୂତନ ସୃଷ୍ଟି ହେବା ବିଷୟରେ କହିଛନ୍ତି । ଆପଣ ପ୍ରାୟ ନିଶ୍ଚିତ ଭାବରେ ଏହି ପଦଟିକୁ ସୁସମାଚାର ପ୍ରଚାର କରିବା ସମୟରେ ବ୍ୟବହାର କରିଥାନ୍ତି । କିନ୍ତୁ, ଆମେ ପ୍ରାୟ ଅନୁଚ୍ଛେଦର ଅବଶିଷ୍ଟାଂଶକୁ ଉଲ୍ଲେଖ କରି ନ ଥାଉ ।

ଏଣୁ ଯଦି କେହି ଖ୍ରୀଷ୍ଟଙ୍କଠାରେ ଅଛି, ତେବେ ସେ ନୂତନ ସୃଷ୍ଟି ହୋଇଅଛି, ପୁରାତନ ବିଷୟ ସବୁ ଲୋପ ପାଇଅଛି, ଦେଖ, ନୂତନ ବିଷୟସବୁ ହୋଇଅଛି । କିନ୍ତୁ ସମସ୍ତ ବିଷୟ ଈଶ୍ୱରଙ୍କଠାରୁ ହୋଇଅଛି, ସେ ଖ୍ରୀଷ୍ଟଙ୍କ ଦ୍ୱାରା ଆପଣା ସହିତ ଆମ୍ଭମାନଙ୍କୁ ସମ୍ମିଳିତ କରିଅଛନ୍ତି ଓ ସେହି ସମ୍ମିଳନର ସେବକ ପଦ ଆମ୍ଭମାନଙ୍କୁ ଦେଇଅଛନ୍ତି । ସେହି ସମ୍ମିଳନର ବାକ୍ୟ ଏହି, ଈଶ୍ୱର ଖ୍ରୀଷ୍ଟଙ୍କଠାରେ ଜଗତକୁ ଆପଣା ସହିତ ସମ୍ମିଳିତ କରୁଥିଲେ, ସେ ଜଗତବାସୀଙ୍କର ଅପରାଧ ଗଣନା ନ କରି ସେହି ସମ୍ମିଳନର ବାକ୍ୟ ଆମ୍ଭମାନଙ୍କ ନିକଟରେ ସମର୍ପଣ କରିଅଛନ୍ତି । ଅତଏବ, ଈଶ୍ୱର ଆମ୍ଭମାନଙ୍କ ଦ୍ୱାରା ଆହ୍ୱାନ କରୁଥିବାରୁ ଆମ୍ଭେମାନେ ଖ୍ରୀଷ୍ଟଙ୍କ ପକ୍ଷରେ ରାଜଦୂତର କର୍ମ କରୁଅଛୁ, ଖ୍ରୀଷ୍ଟଙ୍କ ପକ୍ଷରୁ ଆମ୍ଭେମାନେ ନିବେଦନ କରୁଅଛୁ, ତୁମ୍ଭେମାନେ ଈଶ୍ୱରଙ୍କ ସହିତ ସମ୍ମିଳିତ ହୁଅ ।

**୨ କରିନ୍ଥୀୟ ୫ : ୧୭–୨୦**

ଈଶ୍ୱର ନିଜ ସହିତ ସୃଷ୍ଟିକୁ ପୁନର୍ମିଳିତ କରିବା କାର୍ଯ୍ୟରେ ଅଛନ୍ତି ଓ ଆମେ, ଅର୍ଥାତ୍, ତାଙ୍କର ପୁନର୍ମିଳିତ ଲୋକମାନେ ତାଙ୍କର ପରିବର୍ତ୍ତନାକାରୀ ବାର୍ତ୍ତାର ରାଜଦୂତ ହେଉ ବୋଲି ସେ ଇଚ୍ଛା କରନ୍ତି । ଏହା କେବଳ ''ବୃତ୍ତିଧାରୀ'' ପ୍ରଚାରକମାନଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ, ଏହା ସମସ୍ତ ବିଶ୍ୱାସୀଙ୍କ ପାଇଁ ଏକ ଆହ୍ୱାନ ଅଟେ । କିନ୍ତୁ, ଏହି ରାଜଦୂତର କାର୍ଯ୍ୟ ଭିନ୍ନ ଭିନ୍ନ ବ୍ୟକ୍ତିଙ୍କ ପାଇଁ ଅତି ଭିନ୍ନ ଭିନ୍ନ ଦିଶିପାରେ ।

ଏହାକୁ ଏହିପରି ଭାବନ୍ତୁ : ଗୋଟିଏ ଫୁଟବଲ୍ ଦଳରେ ପ୍ରତ୍ୟେକ ଜଣ ଖେଳ ଜିତିବାର ଲକ୍ଷ୍ୟ ରଖିଥାନ୍ତି । ମାତ୍ର ବଲ୍ ଫିଙ୍ଗାଳୀମାନେ ହିଁ ନିର୍ଦ୍ଦିଷ୍ଟଭାବେ ଗୋଲ କରିବାର କାର୍ଯ୍ୟରେ ରହିଥାନ୍ତି । ଏହାର ଏହି ଅର୍ଥ ନୁହେଁ ଯେ ଅନ୍ୟ ଖେଳାଳୀମାନେ ଥରକୁ ଥର ଗୋଲ୍ କରିପାରିବେ ନାହିଁ କିମ୍ବା କରିବେ ନାହିଁ, କିନ୍ତୁ ବଲ୍ ଫିଙ୍ଗାଳୀର ପ୍ରାଥମିକ କାର୍ଯ୍ୟ ହେଉଛି, ଗୋଲ୍ କରିବା । ସେହିପରି, ମଣ୍ଡଳୀ ଭାବରେ, ଆମେ ସମସ୍ତେ ଈଶ୍ୱରଙ୍କ ସିଦ୍ଧ ରାଜ୍ୟର ପୁନଃ ପ୍ରତିଷ୍ଠା ପାଇଁ ଲକ୍ଷ୍ୟ ରଖିଅଛୁ । ଏହି କାରଣରୁ ଆମ ସମସ୍ତଙ୍କ ନିକଟରେ ସାକ୍ଷ୍ୟ ଦାନ ଓ ସୁସମାଚାର ପ୍ରଚାରର ଏକ ଭୂମିକା ରହିଛି । ମାତ୍ର ଏପରି କେତେ ଜଣ ଅଛନ୍ତି ଯେଉଁମାନଙ୍କୁ ନିର୍ଦ୍ଦିଷ୍ଟ ଭାବରେ, ସମ୍ଭବତଃ, ଅନ୍ୟ ସମସ୍ତ କାର୍ଯ୍ୟ ବିନିମୟରେ ସୁସମାଚାର ପ୍ରଚାର କାର୍ଯ୍ୟକୁ ପ୍ରାଧାନ୍ୟ ଦେବା ପାଇଁ ଆହ୍ୱାନ କରାଯାଇଛି । ଏମାନେ ହିଁ ସେହି ଫିଲିପଙ୍କ ଭଳି ପ୍ରଚାରକ ଅଟନ୍ତି, ଯାହାଙ୍କ ବିଷୟରେ ଆମେ ପ୍ରେରିତ ୨୧:୮ରେ ପାଠ କରିଛୁ ।

ଯଦି ନିମ୍ନଲିଖିତ କେତୋଟି ବିଷୟ ଆପଣଙ୍କ ପ୍ରତି ପ୍ରଯୁଜ୍ୟ ଅଟେ, ତେବେ ସଠିକ୍ ଭାବେ ଆପଣଙ୍କ ଜୀବନ ଉପରେ ପ୍ରଚାରକର ଆହ୍ୱାନ ଥାଇପାରେ :

- ବିନାଶପ୍ରାପ୍ତ ଲୋକମାନେ ଯେପରି ପରିତ୍ରାଣ ପାଇବେ, ଏହା ଆପଣ ଦେଖିବାକୁ ଇଚ୍ଛା କରନ୍ତି ।
- ଆପଣ ସମୟରେ କିମ୍ବା ଅସମୟରେ ସୁସମାଚାର ପ୍ରଚାର କରିବା ପାଇଁ ବାଧ୍ୟ ହୁଅନ୍ତି ।
- ଆପଣଙ୍କ ଉପରେ ଯେତେ କଷ୍ଟ ଆସିଲେ ମଧ୍ୟ ଆପଣ ଏହି କାର୍ଯ୍ୟରେ ଲାଗିରହନ୍ତି ।
- ଆପଣଙ୍କ ଶ୍ରୋତାମାନେ ଆପଣଙ୍କଠାରୁ ଯେତେ ଶ୍ରୁତି ମଧୁର କଥା ଶୁଣିବାକୁ ଚାହିଁଲେ ସୁଦ୍ଧା ଆପଣ ବାର୍ତ୍ତାର ସତ୍ୟନିଷ୍ଠା ସହିତ ବୁଝାମଣା କରିବେ ନାହିଁ ।
- ଆପଣ ସୁସମାଚାରର ଏହି ଶକ୍ତିଶାଳୀ, ପରିବର୍ତ୍ତନକାରୀ, ତ୍ରାଣକାରୀ ବାର୍ତ୍ତାକୁ ବିନାଶପ୍ରାପ୍ତ ଲୋକମାନଙ୍କ ନିକଟରେ ପହଞ୍ଚାଇବା ପାଇଁ ସଂପୂର୍ଣ୍ଣ ଭାବରେ ଏକମନା ଅଟନ୍ତି ।

- ଆପଣଙ୍କ ନିକଟରେ ଏକ ପ୍ରଚାରକ ହେବା ବିଷୟରେ କୌଣସି ପ୍ରକାର ଭବିଷ୍ୟତ୍ ବାଣୀ ରହିଅଛି ।
- ସୁସମାଚାର ଆପଣଙ୍କୁ ଯେଉଁ ସ୍ଥାନକୁ ନିଏ, ସେହି ସ୍ଥାନକୁ ଯିବା ପାଇଁ ଆପଣ ଇଚ୍ଛା କରନ୍ତି ।

**ପ୍ରଶ୍ନ :** ଏହି ବାକ୍ୟଗୁଡ଼ିକ ବିଷୟରେ କିଛି ସମୟ କଥାବାର୍ତ୍ତା କରନ୍ତୁ ଓ ଏଥି ମଧ୍ୟରୁ କିଛି କିମ୍ବା ସମସ୍ତ ବିଷୟ ଆପଣଙ୍କ ପାଇଁ ପ୍ରଯୁଜ୍ୟ କି ନାହିଁ, ତାହା ଦେଖନ୍ତୁ । ଈଶ୍ୱର ଆପଣଙ୍କୁ ଜଣେ ପ୍ରଚାରକ ହେବା ପାଇଁ ଆହ୍ୱାନ କରିଛନ୍ତି ବୋଲି ଆପଣ କିପରି ଉପଲବ୍ଧି କଲେ, ଏ ବିଷୟରେ ଜଣାନ୍ତୁ (କିମ୍ବା ଦଳରେ ଥିବା ଜଣେ କିମ୍ବା ଦୁଇ ଜଣ ଲୋକଙ୍କୁ ପଚାରନ୍ତୁ) ।

କେହି ବିନଷ୍ଟ ହେଉ ବୋଲି ଈଶ୍ୱର ଇଚ୍ଛା କରନ୍ତି ନାହିଁ (୨ ପିତର ୩:୯) ବୋଲି ବାଇବଲ କହେ, ପିତାଙ୍କ ଭଳି ହୃଦୟ ନେଇ ଜଗତ ମଧ୍ୟକୁ ଯିବା ପାଇଁ ପ୍ରଚାରକ ବାଧ୍ୟ ଅଟେ । ଆମକୁ ପ୍ରଚାର କରିବାକୁ ହେବ (କର୍ତ୍ତବ୍ୟ କିମ୍ବା ଭୟ ଯୋଗୁ) ବୋଲି ଆମେ ପ୍ରଚାର କରି ନ ଥାଉ, ମାତ୍ର ଆମ ସ୍ୱର୍ଗୀୟ ପିତାଙ୍କ ସହିତ ଆମ ହୃଦୟ ମିଳନରେ ଥିବାରୁ ଆମେ ପ୍ରଚାର କରୁ । ଆମର ପରିଚୟ ଗୋଟିଏ ପ୍ରଚାରକ ହେବାରେ ନୁହେଁ, ମାତ୍ର ଈଶ୍ୱରଙ୍କର ଗୋଟିଏ ସନ୍ତାନ ହେବାରେ ମିଳିଥାଏ, ଆମେ ବର୍ତ୍ତମାନ ଘୋଷଣା କରୁଥିବା ସୁସମାଚାର ମାଧ୍ୟମରେ ତାଙ୍କର ଉତ୍ତରାଧିକାରୀ ହେବାରେ ମିଳିଥାଏ (ଯୋହନ ୧:୧୨) ।

ପ୍ରତିଭା କିମ୍ବା ଆହ୍ୱାନ ସତ୍ତ୍ୱେ, ନିଜକୁ କିମ୍ବା ଅନ୍ୟ କୌଣସି ବ୍ୟକ୍ତିକୁ ପରିତ୍ରାଣ ଦେବା ପାଇଁ କାହା ନିକଟରେ ଶକ୍ତି ନାହିଁ । ଆମେ କେବଳ ବାର୍ତ୍ତାବହ ଅଟୁ କାରଣ ଈଶ୍ୱର ହିଁ କେବଳ ପରିତ୍ରାଣ ଦିଅନ୍ତି । ଆମେ ଆମର ପ୍ରିୟ ସ୍ୱର୍ଗୀୟ ପିତା ଭାବରେ ତାଙ୍କୁ ଅଧିକରୁ ଅଧିକ ଜାଣି ଜଗତ ନିକଟରେ ତାଙ୍କର ତ୍ରାଣକାରୀ ଶକ୍ତି ପ୍ରକାଶ କରିବା ସମୟରେ ବିନାଶପ୍ରାପ୍ତମାନଙ୍କ ପାଇଁ ତାଙ୍କର ଇଚ୍ଛାରେ ସହଭାଗୀ ହେବା ପାଇଁ ସେ ଆମକୁ ଆମନ୍ତ୍ରଣ ଜଣାନ୍ତି ।

## ଆଲୋଚନା (୨୦ ମିନିଟ୍)

*ନିମ୍ନଲିଖିତ ପ୍ରଶ୍ନ ଗୁଡ଼ିକର ଓ / କିମ୍ବା ଆଲୋଚନା ଉଦ୍ଧୃତାଂଶଗୁଡ଼ିକ ବିଷୟରେ ଜାଣିବାକୁ ଚେଷ୍ଟା କରନ୍ତୁ :*

- ବ୍ୟକ୍ତିଗତ ସାକ୍ଷ୍ୟ ଓ ସୁସମାଚାର ପ୍ରଚାର ବିଷୟରେ କୌଣସି ପାର୍ଥକ୍ୟ ଅଛି କି ?
- ଯଦି ସମସ୍ତଙ୍କଠାରୁ ସୁସମାଚାର ପ୍ରଚାର କାର୍ଯ୍ୟ ଆଶା କରାଯାଏ, ତେବେ କେବଳ କେତେକ ଲୋକଙ୍କୁ କାହିଁକି ସୁସମାଚାର ପ୍ରଚାରକ ହେବା ପାଇଁ ଆହ୍ୱାନ ଦିଆଯାଏ ?
- ଆମେ କିପରି ବିନାଶପ୍ରାପ୍ତମାନଙ୍କ ପାଇଁ ଆମ ନିଜ ନିଜ ଠାରେ ପିତାଙ୍କର ହୃଦୟକୁ ବିକାଶ କରିପାରିବା ?

ଯିଏ ଏକ ପ୍ରଚାରକର କାର୍ଯ୍ୟ ପାଇଁ ଆହ୍ୱାନ ପାଇଛି ଓ ପୃଥକୀକୃତ ହୋଇଛି, ସେ ଏହି ଈଶ୍ୱର-ପ୍ରଦତ୍ତ କାର୍ଯ୍ୟ ପ୍ରତି ଏକ ମନରେ ନିଜର ସମୟ ଓ ଚେଷ୍ଟା ଉତ୍ସର୍ଗ କରିବା ଉଚିତ୍ । ଏଥିରୁ ତାକୁ ବିଚ୍ୟୁତ କରିବା ଭଳି କୌଣସି ବିଷୟ ଦ୍ୱାରା ସେ ବିଭ୍ରାନ୍ତ ହେବା ଉଚିତ୍ ନୁହେଁ । ତାଡ଼ା ତା'ର ସଂକଳ୍ପକୁ ଦୁର୍ବଳ କରିବ ନାହିଁ । ଅନ୍ୟମାନଙ୍କର ପ୍ରରୋଚନା ପ୍ରତି ସେ ନିଜର କର୍ଣ୍ଣ ରୁଦ୍ଧ କରିବ । କେବଳ ଈଶ୍ୱରଙ୍କର ସ୍ପଷ୍ଟ ଚାଳନା ତାକୁ ତା'ର ସେବାକାର୍ଯ୍ୟକୁ ପରିବର୍ତ୍ତନ କରିବା ପାଇଁ ପ୍ରରୋଚିତ କରିବ ।

**ବିଲି ଗ୍ରାହାମ୍**

## ପ୍ରୟୋଗ (୫ ମିନିଟ୍)

ଆମେ ''ପ୍ରଚାରକ'' ହୋଇଥିବାରୁ ସୁସମାଚାର ଜଣାଉ ନାହୁଁ । ଆମେ ପିତାଙ୍କ ପ୍ରେମ ଦ୍ୱାରା ପରିବର୍ତ୍ତିତ ହୋଇଥିବାରୁ ଏହା ଜଣାଉଅଛୁ ଓ ଆମେ ତାଙ୍କୁ ଯେପରି ଜାଣୁ, ଜଗତ ମଧ୍ୟ ତାଙ୍କୁ ସେହିପରି ଜାଣୁ ବୋଲି ଆମେ ତାଙ୍କ ସହିତ ମିଶି ଏହା ଇଚ୍ଛା କରୁଅଛୁ ।

ପରବର୍ତ୍ତୀ ମାସରେ, ଆପଣଙ୍କର ଦୈନନ୍ଦିନ ଉପାସନା ସମୟରେ ମାର୍କ ଲିଖିତ ସୁସମାଚାର ପଢ଼ନ୍ତୁ ଓ ମାର୍କଙ୍କର ଗୋଟିଏ ମୁଖ୍ୟ ବିଷୟ ବସ୍ତୁ ଉପରେ ଦୃଷ୍ଟି ଦିଅନ୍ତୁ, ଯଥା : ଯୀଶୁ ଈଶ୍ୱରଙ୍କ ପୁତ୍ର ଅଟନ୍ତି, ସେ ଏପରି ଦାସ ଅଟନ୍ତି ଯିଏ ପିତାଙ୍କ ଇଚ୍ଛା ସାଧନ କରିବା ପାଇଁ ଆସିଛନ୍ତି । ଆପଣ ସୁସମାଚାରକୁ ଏହି ଦୃଷ୍ଟିକୋଣରୁ ବାରମ୍ବାର ପଢ଼ିବା ସମୟରେ, ଈଶ୍ୱର କିଏ ଅଟନ୍ତି, ତାହାର ଆଲୋକରେ ଆପଣଙ୍କ ପରିଚୟକୁ ସୁଦୃଢ଼ କରିବା ତାଙ୍କୁ ନିବେଦନ କରନ୍ତୁ ।

## ପ୍ରାର୍ଥନା

ଆମ ସ୍ୱର୍ଗୀୟ ପିତା ଈଶ୍ୱରଙ୍କୁ ଏଥିପାଇଁ ଧନ୍ୟବାଦ ଦିଅନ୍ତୁ ଯେ କେହି ଯେପରି ବିନଷ୍ଟ ନ ହେବେ ଏହା ସେ ଇଚ୍ଛା କରନ୍ତି ଓ ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ମାଧ୍ୟମରେ ସମସ୍ତେ ଯେପରି ପରିତ୍ରାଣ ପାଇପାରିବେ, ଏଥିପାଇଁ ସେ ଉପାୟ ଯୋଗାଇଛନ୍ତି । ଈଶ୍ୱର ଯେପରି ଏକ ପ୍ରଚାରକ ଭାବରେ ଆପଣଙ୍କ ଆହ୍ୱାନକୁ ଅଧିକ ସ୍ପଷ୍ଟ କରିବେ, ସୁସମାଚାର ପ୍ରଚାର କରିବା ପାଇଁ ଅଧିକ ସୁଯୋଗ ଦେବେ ଓ ଆପଣ ତାହା କରିବା ସମୟରେ ଅଧିକ ସାହସୀ ହେବେ, ଏଥିପାଇଁ ପରସ୍ପର ନିମନ୍ତେ ପ୍ରାର୍ଥନା କରନ୍ତୁ ।

## ଉତ୍ତର ଦାୟିତ୍ୱ (୧୫ ମିନିଟ୍)

*ସମୀକ୍ଷା ଫର୍ମକୁ ପୂରଣ କରନ୍ତୁ, ଦୁଇ ଜଣଙ୍କ ମଧ୍ୟରେ କିମ୍ବା ଛୋଟ ଦଳ ମଧ୍ୟରେ ଏହାକୁ ଜଣାନ୍ତୁ ଓ ଏକ ଆରେକ ପାଇଁ ପ୍ରାର୍ଥନା କରନ୍ତୁ ।*

# ଅଧିବେଶନ – ୩
# ସୁସମାଚାର ପ୍ରଚାରକର ବାର୍ତ୍ତା

**ଏହି ଅଧିବେଶନରେ, ଆମେ ସୁସମାଚାର ବାର୍ତ୍ତା ବିଷୟରେ ଅନୁସନ୍ଧାନ କରିବା । ସୁସମାଚାର କ'ଣ ଅଟେ ? ଆମେ ଯେଉଁ ବାର୍ତ୍ତାକୁ ପ୍ରଚାର କରୁଅଛୁ, ତାହାକୁ ସ୍ପଷ୍ଟ ଭାବରେ ଜଣାଇବା ପାଇଁ ଏ ବିଷୟରେ ଆମର ଯଥେଷ୍ଟ ଜ୍ଞାନ ଅଛି କି ?**

## ଗୋଟିଏ ବାକ୍ୟରେ ଅଧିବେଶନ

ସୁସମାଚାର ପ୍ରଚାରକର ବାର୍ତ୍ତା ଯୀଶୁ ଖ୍ରୀଷ୍ଟ, ଅର୍ଥାତ୍, ଖ୍ରୀଷ୍ଟ ଆସିଥିଲେ, ଖ୍ରୀଷ୍ଟ କ୍ରୁଶାର୍ପିତ ହୋଇଥିଲେ, ଖ୍ରୀଷ୍ଟ ପୁନରୁତ୍ଥିତ ହୋଇଥିଲେ ଓ ଖ୍ରୀଷ୍ଟ ପ୍ରତ୍ୟାବର୍ତ୍ତନ କରୁଛନ୍ତି ।

## ଅଧିବେଶନର ପୃଷ୍ଠଭୂମି

ସାଧୁ ଅଗଷ୍ଟିନ୍‌ଙ୍କର ବିଖ୍ୟାତ ଘୋଷଣା ଥିଲା, ''ହେ ପ୍ରଭୋ, ଆପଣ ନିଜ ପାଇଁ ଆମକୁ ସୃଷ୍ଟି କରିଛନ୍ତି ଓ ଆମର ଆପଣଙ୍କଠାରେ ବିଶ୍ରାମ ନ ପାଇବା ପର୍ଯ୍ୟନ୍ତ ଅସ୍ଥିର ଅଟେ ।''

ସୁସମାଚାର ଲୋକମାନଙ୍କୁ ବିଷାଦ, ଅନ୍ଧକାର, ଭଗ୍ନତା ଓ ନୈରାଶ୍ୟରୁ ଆନନ୍ଦ, ଆଲୋକ, ପ୍ରେମ ଓ ଭରସା ମଧ୍ୟକୁ ନେଇଯାଏ । ସୁସମାଚାର ଅସ୍ଥିର ହୃଦୟକୁ ସେମାନଙ୍କର ସୃଷ୍ଟିକର୍ତ୍ତାଙ୍କଠାରେ ସଫଳତା ଦିଗକୁ କଢ଼ାଇ ନିଏ । ମାତ୍ର ଦୁଃଖର ବିଷୟ, ଏପରି ମନେହୁଏ ଯେପରି ଆଜି ଯୀଶୁଙ୍କର ଅନେକ ଅନୁଗାମୀ ସୁସମାଚାରର ଶକ୍ତିରେ ସେମାନଙ୍କର ବିଶ୍ୱାସ ହରାଇଛନ୍ତି । ବିଶ୍ୱାସୀମାନେ ଅନେକ କାରଣରୁ ଅନ୍ୟମାନଙ୍କୁ ସୁସମାଚାର ଜଣାଉ ନାହାଁନ୍ତି, ଯଥା – ଭୟ, ଯଥେଷ୍ଟତା ଅଭାବର ଅନୁଭବ ଓ କେହି ଜଣେ ଏହି କାର୍ଯ୍ୟ କରିଥିବ ବୋଲି ଆଶା କରିବା । ପ୍ରକୃତରେ, ଏହି ସମସ୍ତ କାରଣର ମୂଳ ସମାନ ସ୍ଥାନ ଅଟେ, ଯଥା – ପ୍ରକୃତରେ ସୁସମାଚାର କ'ଣ ଅଟେ, ସେ ସମ୍ବନ୍ଧରେ ଜ୍ଞାନର ଅଭାବ ଓ ଏହାର ଶକ୍ତିରେ ବିଶ୍ୱାସର ଅଭାବ ।

ରୋମୀୟ ୧ରେ ପାଉଲ ସାହସର ସହିତ ଘୋଷଣା କରିଛନ୍ତି, ''କାରଣ ମୁଁ ସୁସମାଚାର ସମ୍ବନ୍ଧରେ ଲଜ୍ଜାବୋଧ କରେ ନାହିଁ, ଯେଣୁ ତାହା ପ୍ରତ୍ୟେକ ବିଶ୍ୱାସୀ ପକ୍ଷରେ ପରିତ୍ରାଣ ନିମନ୍ତେ ଈଶ୍ୱରଙ୍କ ଶକ୍ତି ଅଟେ'' (ରୋମୀୟ ୧:୧୬) । ସୁସମାଚାର ପରିତ୍ରାଣ ଦେବା ପାଇଁ ଈଶ୍ୱରଙ୍କ ଶକ୍ତି ଅଟେ ବୋଲି ବୁଝିବାର ଅର୍ଥ, ଈଶ୍ୱର କିଏ, ସେ କ'ଣ କରିଛନ୍ତି ଓ ଜଗତ ପାଇଁ ତା'ର ଅର୍ଥ କ'ଣ, ଏହା ବୁଝିବା । ଏହିସବୁ 'ଯୀଶୁ ଖ୍ରୀଷ୍ଟ କିଏ'' – ତାହାର ବାସ୍ତବତାରେ ଆଚ୍ଛାଦିତ ହୋଇଅଛି । ମାତ୍ର ଏହା ବକ୍ତୃତା କିମ୍ବା ବିତର୍କ କକ୍ଷର ବାହାରେ କୌଣସି ଗୁରୁତ୍ୱ ରଖୁ ନ ଥିବା ଏକ ଅସଂଲଗ୍ନ କିମ୍ବା ଭାବାତ୍ମକ ଦର୍ଶନ ନୁହେଁ । କାରଣ ସୁସମାଚାରକୁ ବୁଝିବା ଦ୍ୱାରା ଆମେ ଆମର ସତ୍ତା ସମ୍ବନ୍ଧରେ ଓ ଆମର ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ପରିଚୟ ସମ୍ବନ୍ଧରେ ମୌଳିକ ପ୍ରଶ୍ନଗୁଡ଼ିକ ବୁଝିପାରୁ । ପ୍ରଶ୍ନଗୁଡ଼ିକ ନିମ୍ନ ପ୍ରକାର ଅଟେ –

### ମୁଁ କିଏ ଅଟେ ?

ପ୍ରତ୍ୟେକ ଜଣ କୌଣସି ନା କୌଣସି ପ୍ରକାରେ ଏହି ପ୍ରଶ୍ନ ପଚାରନ୍ତି । ଜୀବନର ଅର୍ଥ କ'ଣ ? ଏହାର କୌଣସି ଉଦ୍ଦେଶ୍ୟ ଅଛି କି ? ମୋର ପରିଚୟ କ'ଣ ? ଏହାର ଉତ୍ତର ହେଉଛି, ଆପଣ ଈଶ୍ୱରଙ୍କର ଜଣେ ସନ୍ତାନ, ତାଙ୍କ ଦ୍ୱାରା ସୃଷ୍ଟ ହୋଇଛନ୍ତି ଓ ତାଙ୍କର ପ୍ରେମ ପାଇଛନ୍ତି ।

### ଈଶ୍ୱର କିଏ ?

ଜଗତରେ ଅନେକ ଧର୍ମ ଅଛି । ଯଦିଓ ଈଶ୍ୱର ଅଛନ୍ତି, ତଥାପି ସେ କିଏ ଅଟନ୍ତି ଓ ଆମେ ତାଙ୍କୁ ଠିକ୍ ମାର୍ଗରେ ପୂଜା କରୁଅଛୁ ବୋଲି କିପରି ଜାଣିପାରିବା ? ଈଶ୍ୱର ନିଜକୁ ସୃଷ୍ଟି ମାଧ୍ୟମରେ, ବାଇବଲ ମାଧ୍ୟମରେ, ସମଗ୍ର ଜଗତର ଖ୍ରୀଷ୍ଟିଆନମାନଙ୍କ ଅନୁଭୂତି ମାଧ୍ୟମରେ ଓ ଯୀଶୁ ଖ୍ରୀଷ୍ଟଙ୍କ ବ୍ୟକ୍ତିତ୍ୱ ମାଧ୍ୟମରେ ଜଣାଇଅଛନ୍ତି । ସେ ଜୀବନର ସୃଷ୍ଟିକର୍ତ୍ତା ଓ ପାଳନକର୍ତ୍ତା ଅଟନ୍ତି, ବିଶ୍ୱର ରାଜା ଅଟନ୍ତି, ଜଣେ ସିଦ୍ଧ ଓ ପ୍ରେମମୟ ସ୍ୱର୍ଗୀୟ ପିତା ଅଟନ୍ତି ଯିଏ ଭଗ୍ନ ଓ ବିଦ୍ରୋହୀ ମନୁଷ୍ୟ ଜାତିକୁ ନିଜ ସହିତ ସଂପର୍କ ରଖିବା ପାଇଁ ଫେରାଇ ଆଣନ୍ତି ।

### ଯୀଶୁ ଖ୍ରୀଷ୍ଟ କିଏ ଅଟନ୍ତି ?

ସେ ସମଗ୍ର ମାନବ ଇତିହାସରେ ସର୍ବାଧିକ ଆକର୍ଷଣୀୟ ବ୍ୟକ୍ତି ଅଟନ୍ତି । ତାଙ୍କର ସ୍ଥିତି ବିଷୟରେ କୌଣସି ଐତିହାସିକ ବିଦ୍ୱାନ ସନ୍ଦେହ କରନ୍ତି ନାହିଁ, ମାତ୍ର ସେ କିଏ ଥିଲେ, ସେ ବିଷୟରେ ସନ୍ଦେହ କରନ୍ତି । ଜଣେ ବିଜ୍ଞ ଗୁରୁ ? ଜଣେ ଠକ ? ଜଣେ ପାଗଳ ? ପ୍ରକୃତରେ, ସେ ଯିଏ ବୋଲି କହିଛନ୍ତି, ସେ ତାହା ହିଁ ଅଟନ୍ତି । ସେ ଜଗତର ତ୍ରାଣକର୍ତ୍ତା ଅଟନ୍ତି ଯିଏ ନିଜର ଜୀବନ, ମୃତ୍ୟୁ ଓ ପୁନରୁତ୍ଥାନ ମାଧ୍ୟମରେ ଈଶ୍ୱରଙ୍କର ଜଣେ ସନ୍ତାନ ହେବା ଜଣେ ବ୍ୟକ୍ତି ପକ୍ଷରେ ସମ୍ଭବ କରିଛନ୍ତି ।

ଏହି ପ୍ରକାର ପ୍ରଶ୍ନ ସୁସମାଚାର ବିଷୟରେ ଏକ ବାର୍ତ୍ତାଳାପ ପାଇଁ ଆରମ୍ଭ ବିନ୍ଦୁ ଭାବରେ କାର୍ଯ୍ୟ କରିପାରେ, ମାତ୍ର ସେଗୁଡ଼ିକ, ଆବଶ୍ୟକତଃ ସୁସମାଚାରର ଅର୍ଥ ବିଷୟରେ ଯଥେଷ୍ଟ ଜ୍ଞାନ ଦିଗକୁ କଢ଼ାଇ ନିଅନ୍ତି ନାହିଁ । ବରଂ, ସେଗୁଡ଼ିକ ଏପରି ସଂଯୋଗ ବିନ୍ଦୁ ଅଟନ୍ତି ଯାହା ଉପରେ ଆମେ ଏକ ସଂପର୍କ ନିର୍ମାଣ ଆରମ୍ଭ କରିପାରିବା । ସେଥିପାଇଁ ଆମେ ଏହି ବିଷୟରେ ସୁନିଶ୍ଚିତ ହେବା ପାଇଁ ଧର୍ମଶାସ୍ତ୍ରକୁ ଗଭୀରଭାବେ ଅଧ୍ୟୟନ କରିବା ଆବଶ୍ୟକ ଯେ ଏହି ପ୍ରଶ୍ନଗୁଡ଼ିକୁ ଆମେ ଯୀଶୁ ଖ୍ରୀଷ୍ଟଙ୍କର ସଂପୂର୍ଣ୍ଣ ଓ ଶକ୍ତିପୂର୍ଣ୍ଣ ସୁସମାଚାର ପ୍ରତି ନିର୍ଦ୍ଦେଶିତ କରିପାରୁଛୁ ।

# ଅଧିବେଶନ ସହାୟକ ସୂଚନା

## ନିକଟବର୍ତ୍ତୀ ହେବା (୧୫–୨୫ ମିନିଟ୍)

*କାହାଣୀ, ଉତ୍ସାହପ୍ରଦ କଥା, ସୁଯୋଗ ଗୁଡ଼ିକ ଉପରେ ମତାମତ ଓ ଦଳକୁ ଉତ୍ସାହିତ କରୁଥିବା ଯେ କୌଣସି ବିଷୟ ପରସ୍ପରକୁ ଜଣାଇବା ଦ୍ୱାରା ଏକ ଆରେକର ନିକଟବର୍ତ୍ତୀ ହେବା ପାଇଁ ସମୟ ଦିଅନ୍ତୁ । ଗତ ମାସରେ ସେମାନଙ୍କର ମାର୍କ ସୁସମାଚାର ପଠନ ବିଷୟରେ ଜଣାଇବା ପାଇଁ ଦଳକୁ କୁହନ୍ତୁ (ଅଧିବେଶନ – ୨ : ପ୍ରୟୋଗ) । ଏହି ସମୟଟିକୁ ଈଶ୍ୱରଙ୍କର ସେବକ ପୁତ୍ର ଭାବେ ଯୀଶୁଙ୍କ ଆଲୋକରେ ପୁଣି ଥରେ ପ୍ରଚାରକର ପରିଚୟର ଅନୁସନ୍ଧାନ କରନ୍ତୁ ଓ ଦୃଢ଼ ହୁଅନ୍ତୁ ।*

## ପ୍ରାର୍ଥନା

*ସମୟଟିକୁ ପ୍ରଭୁଙ୍କ ପ୍ରତି ସମର୍ପଣ କରନ୍ତୁ ଓ ନିକଟବର୍ତ୍ତୀ ହେବାର ସମୟ ମଧ୍ୟରେ ଉତ୍ପନ୍ନ ହୋଇଥିବା ଯେ କୌଣସି ସକାରାତ୍ମକ କିମ୍ବା ଆହ୍ୱାନମୂଳକ ପରିସ୍ଥିତି ପାଇଁ ପ୍ରାର୍ଥନା କରନ୍ତୁ ।*

## ଶିକ୍ଷାଦାନ (୨୫–୩୫ ମିନିଟ୍)

*ପ୍ରତ୍ୟେକଟି ବାକ୍ୟ ପଢ଼ିବା ଦ୍ୱାରା କିମ୍ବା ଆପଣଙ୍କ ନିଜସ୍ୱ ଉପସ୍ଥାପନ ମଧ୍ୟରେ ପ୍ରୟୋଗ କରିବା ଦ୍ୱାରା ଆପଣଙ୍କ ନିଜସ୍ୱ ମାର୍ଗରେ ନିମ୍ନଲିଖିତ ଶିକ୍ଷାଦାନ ବିଷୟ ବସ୍ତୁକୁ କାର୍ଯ୍ୟକାରୀ କରନ୍ତୁ ।*

> ଅତଏବ, ହେ ଭାଇମାନେ, ଯେତେବେଳେ ମୁଁ ତୁମ୍ଭମାନଙ୍କ ନିକଟକୁ ଯାଇଥିଲି, ସେତେବେଳେ ଈଶ୍ୱରଙ୍କ ନିଗୂଢ଼ତତ୍ତ୍ୱ ବକ୍ତୃତା କିମ୍ବା ଜ୍ଞାନର ଉତ୍କୃଷ୍ଟତା ସହିତ ଯେ ତୁମ୍ଭମାନଙ୍କ ନିକଟରେ ପ୍ରଚାର କରିଥିଲି, ତାହା ନୁହେଁ । କାରଣ ଯୀଶୁଖ୍ରୀଷ୍ଟ, ଅର୍ଥାତ୍ କ୍ରୁଶରେ ହତ ଯୀଶୁ ଖ୍ରୀଷ୍ଟଙ୍କ ବିନା ତୁମ୍ଭମାନଙ୍କ ମଧ୍ୟରେ ଆଉ କୌଣସି ବିଷୟ ନ ଜାଣିବାକୁ ମୁଁ ମନସ୍ଥ କଲି ।
>
> **୧ କରିନ୍ଥୀୟ ୨: ୧–୨**

''ଯୀଶୁ ଖ୍ରୀଷ୍ଟ, ଅର୍ଥାତ୍, କ୍ରୁଶରେ ହତ ଯୀଶୁ ଖ୍ରୀଷ୍ଟଙ୍କ ବିନା ତୁମ୍ଭମାନଙ୍କ ମଧ୍ୟରେ ଆଉ କୌଣସି ବିଷୟ ନ ଜାଣିବାକୁ ମୁଁ ମନସ୍ଥ କଲି'' – ଏହା ଘୋଷଣା କରିବା ଦ୍ୱାରା ପାଉଲ ଯୀଶୁଙ୍କ କାହାଣୀର ସତ୍ୟତା ଓ ଶକ୍ତି ପ୍ରତି ନିଜର ପ୍ରତିବଦ୍ଧତା ପ୍ରଦର୍ଶନ କରିଛନ୍ତି । ଈଶ୍ୱର ନିଜେ ଯୀଶୁ ଖ୍ରୀଷ୍ଟଙ୍କ ବ୍ୟକ୍ତିତ୍ୱରେ ଆମର ଏହି ବିଶୃଙ୍ଖଳିତ ଜଗତ ମଧ୍ୟକୁ ଆସିଥିଲେ, ଏକ ସିଦ୍ଧ ଜୀବନ କାଟିଥିଲେ, ଆମର ଯୋଗ୍ୟ ମୃତ୍ୟୁକୁ ନିଜେ ଗ୍ରହଣ କରି କ୍ରୁଶ ଉପରେ ମୃତ୍ୟୁଭୋଗ କରିଥିଲେ ଓ ଏକାଥରେ ସବୁଦିନ ପାଇଁ ମୃତ୍ୟୁର ଅଭିଶାପକୁ ଭଗ୍ନ କରି ତିନି ଦିନ ପରେ ପୁନର୍ଜୀବିତ ହୋଇଥିଲେ – ଏହା ସୁସମାଚାରର କେନ୍ଦ୍ର ଅଟେ । ପରିତ୍ରାଣ ଓ ସତ୍ୟ ଜୀବନ କେବଳ ତାଙ୍କଠାରେ ବିଶ୍ୱାସ ମାଧ୍ୟମରେ ମିଳିଥାଏ । ଆମେ କେବଳ ପରିବର୍ତ୍ତିତ ମନ ଉତ୍ପନ୍ନ କରିବା ପାଇଁ ଏହି ସତ୍ୟ ଜଣାଇ ନ ଥାଉ, ମାତ୍ର ନୂତନ ଜୀବନ, ଅର୍ଥାତ୍, କେବଳ ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ଦ୍ୱାରା ମିଳି ପାରୁଥିବା ଏକ ପରିବର୍ତ୍ତନ ଉତ୍ପନ୍ନ କରିବା ପାଇଁ ଏହା ଜଣାଇଥାଉ ।

**ପ୍ରଶ୍ନ :** ସୁସମାଚାର କ'ଣ – ଏହା ଆମେ ଏହି ଅଧିବେଶନରେ ଜାଣିବାକୁ ଚେଷ୍ଟା କରିବା । ସୁସମାଚାର କ'ଣ ଅଟେ ବୋଲି ଆମେ ବିଶ୍ୱାସ କରୁ, ସେ ବିଷୟରେ ଆଲୋଚନା ଆରମ୍ଭ କରିବା ପାଇଁ ନିମ୍ନଲିଖିତ ଭାଗଗୁଡ଼ିକୁ ବ୍ୟବହାର କରନ୍ତୁ (ପରିଶିଷ୍ଟରେ ରହିଛି) ।

### ସୁସମାଚାରର ଶିକ୍ଷା (୬୪ ପୃଷ୍ଠା)

ସୁସମାଚାରର ବ୍ୟବସ୍ଥିତ ବିନ୍ୟାସ

### ସୁସମାଚାର ବର୍ଣ୍ଣନା (୬୫ ପୃଷ୍ଠା)

ମୋଟାମୋଟି ଭାବରେ, ସେହି ସମାନ ସୁସମାଚାରକୁ ଏଠାରେ ଅଧିକ ବ୍ୟବସ୍ଥିତ ମାର୍ଗରେ ଉପସ୍ଥାପନ କରାଯାଇଛି, ମାତ୍ର ଏଠାରେ ଏପରି ଏକ ବ୍ୟାଖ୍ୟାମୂଳକ ବର୍ଣ୍ଣନା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି ଯାହାକୁ ଏକ କାହାଣୀ ସଦୃଢ଼ ପଢ଼ିହୁଏ ।

### ଯୁବ ସୁସମାଚାର ବକ୍ତୃତା ଦୃଷ୍ଟାନ୍ତ, (ଚାରି) ୪ ବିଷୟର ଦୃଷ୍ଟାନ୍ତ ତିନି ବୃତ୍ତର ଦୃଷ୍ଟାନ୍ତ (ପୃଷ୍ଠା ୬୬–୬୭)

ଏହି ଦୃଷ୍ଟାନ୍ତଗୁଡ଼ିକ ସୁସମାଚାର ଉପସ୍ଥାପନର ଏକ ନିର୍ଦ୍ଦିଷ୍ଟ ପଦ୍ଧତିକୁ ସମାଲୋଚନା ମୂଳକ ବ୍ୟାଖ୍ୟା କରିବା ପାଇଁ ବ୍ୟବହାର କରାଯାଇପାରିବ । ଗୋଟିଏ (କିମ୍ବା ସମୟ ଥିଲେ ଅଧିକ) ଦୃଷ୍ଟାନ୍ତକୁ ନେଇ, ସୁସମାଚାରକୁ କିପରି ବର୍ଣ୍ଣନା କରାଯାଇଛି, ତାହା ଦେଖନ୍ତୁ । ଏଠାରେ କେଉଁ ବିଷୟ ଉତ୍ତମ ରୂପେ କାର୍ଯ୍ୟ କରୁଛି ଓ କେଉଁ ବିଷୟର ଅଭାବ ଅଛି ?

ଫ୍ରାଙ୍କ୍ ଟୁରେକ୍ କହିଥିଲେ, ''ଆପଣ ଯେଉଁମାନଙ୍କୁ ଜୟ କରନ୍ତି, ସେମାନେ ଆପଣଙ୍କ ଇଚ୍ଛାନୁସାରେ କାର୍ଯ୍ୟ କରନ୍ତି । ଆପଣ ଯେଉଁମାନଙ୍କ ଆବେଗକୁ ଜୟ କରନ୍ତି, ଆପଣ ସେମାନଙ୍କ ଆବେଗକୁ ପ୍ରଭାବିତ କରନ୍ତି ... ।'' ଯଦି ଆମର ସୁସମାଚାର ବାର୍ତ୍ତାକୁ ସରଳ କରାଯାଇ ଶ୍ରୋତାର ହୃଦୟ ପ୍ରତି ଗୁଡିକର କରିବା ପାଇଁ ଚେଷ୍ଟା କରାଯିବ, ତେବେ ଅନେକେ ହୁଏତ ବାର୍ତ୍ତା ପ୍ରତି ''ପ୍ରତିକ୍ରିୟା ଦେଖାଇବେ'', ମାତ୍ର ସେମାନେ ବାସ୍ତବରେ କେଉଁ ବିଷୟ ପ୍ରତି ପ୍ରତିକ୍ରିୟା ଦେଖାଇବେ ?''

ସୁସମାଚାର ବାର୍ତ୍ତା ସହିତ ଅବିଶ୍ୱସନୀୟ ଭାବରେ କେତେକ ଆହ୍ୱାନମୂଳକ ଚିନ୍ତାଧାରା ଥାଏ । ଏହା ଆମ ସମସ୍ତଙ୍କୁ ''ପାପୀ'' ବୋଲି ବର୍ଣ୍ଣନା କରେ ଓ ଆମେ ମୃତ୍ୟୁ ଯୋଗ୍ୟ ଭଗ୍ନ ପ୍ରାଣୀ ବୋଲି ଦାବୀ କରେ । ସୁସମାଚାରର ସୁସମ୍ବାଦ ଅତି ଉତ୍ତମ ଅଟେ ଯେ କାରଣ ଏହା ଗୋଟିଏ ଅତି ମନ୍ଦ ମାନବିକ ସ୍ଥିତିର ଆଲୋକରେ ଥାଏ ।

ଈଶ୍ୱର କେତେ ପ୍ରେମମୟ ଓ ଅନୁଗ୍ରହଶୀଳ – ଏ ସମ୍ବନ୍ଧରେ ଆମର ଚିନ୍ତାଧାରା, ଆମର ପାପ କେତେ ବଡ଼ ସମସ୍ୟା ବୋଲି ଆମେ ଭାବୁ – ତାହା ଉପରେ ଝୁଲି ରହିଛି । ଲୋକମାନେ ଏପରି ଜଣେ ଈଶ୍ୱରଙ୍କ ସମ୍ବନ୍ଧୀୟ ଚିନ୍ତାଧାରା ସହିତ ସଂଘର୍ଷ କରନ୍ତି ଯିଏ ଆମ ପାପ ପାଇଁ ଦଣ୍ଡ ଦିଅନ୍ତି ଓ ଏପରି ଜଣେ ପ୍ରେମମୟ ଈଶ୍ୱରଙ୍କ ସମ୍ବନ୍ଧୀୟ ଚିନ୍ତା ଦ୍ୱାରା ଦ୍ୱନ୍ଦଗ୍ରସ୍ତ ହୁଅନ୍ତି, ଯିଏ ଲୋକମାନଙ୍କୁ ନର୍କକୁ ପ୍ରେରଣ କରିବେ । ସୁସମାଚାରର ଏହି ବିଷୟଗୁଡ଼ିକୁ ନେଇ ଏହାର ଗୁରୁତ୍ୱକୁ ହ୍ରାସ କରିବା ପାଇଁ, କିମ୍ବା ସେଗୁଡ଼ିକୁ ସଂପୂର୍ଣ୍ଣ ଭାବରେ ଅବଜ୍ଞା କରିବା ପାଇଁ ପ୍ରଲୋଭିତ ହେବା ସହଜ ଅଟେ, ମାତ୍ର ଏହା କାର୍ଯ୍ୟକାରୀ ହେବ ନାହିଁ । ପ୍ରଚାରକଙ୍କ ନିକଟରେ ପାପାର ସମସ୍ୟାକୁ ଅନାବୃତ କରିବାର ଦାୟିତ୍ୱ ଅଛି ଯେପରିକି କ୍ରୁଶର ଶକ୍ତି ଓ

ପୁନରୁତ୍ଥାନର ଆଶା ବାସ୍ତବରେ କେଉଁ ବିଷୟ ପାଇଁ ଉଦ୍ଦିଷ୍ଟ ଅଟେ, ତାହାକୁ ବୁଝି ହେବ – ଯଥା, ଅଯୋଗ୍ୟତା ସତ୍ତ୍ୱେ ତାଙ୍କ ସନ୍ତାନମାନଙ୍କ ପ୍ରତି ପ୍ରେମରେ ପ୍ରଦତ୍ତ ଈଶ୍ୱରଙ୍କ ଅନୁଗ୍ରହ ଓ ମାନବ ଜାତି ପାଇଁ ଏକମାତ୍ର ଭରସା ।

ପାପ ଏପରି ଏକ ବଡ଼ ସମସ୍ୟା ଯାହା ସମସ୍ୟାଠାରୁ ଶ୍ରେଷ୍ଠତର ଈଶ୍ୱରଙ୍କ ଦ୍ୱାରା ସମାହିତ ହୁଏ । ଜଣଙ୍କର ଗୁରୁତ୍ୱକୁ ହ୍ରାସ କରିବାର ଅର୍ଥ ଅନ୍ୟ ସମ୍ବନ୍ଧରେ ଆମର ଦୃଷ୍ଟିକୋଣକୁ ଦୁର୍ବଳ କରିବା । ସେହିପରି ସତ୍ୟ ଯେତେ ଆହ୍ୱାନମୂଳକ ମନେହେଲେ ସୁଦ୍ଧା ଆମକୁ ଏହା ପ୍ରତି ସମର୍ପିତ ହେବାକୁ ପଡ଼ିବ ।

ଆମକୁ ଯେ ଆମର ଆତ୍ମ–କୈନ୍ଦ୍ରିକ ମନୋଭାବ ପ୍ରତି ମୃତ୍ୟୁବରଣ କରିବାକୁ ହେବ, ଆମର କ୍ରୁଶ ବହନ କରି ଆମର ସମସ୍ତ ବିଷୟ ସହିତ ଯୀଶୁଙ୍କର ଅନୁଗମନ କରିବାକୁ ହେବ – ଏହି ଚିନ୍ତାଧାରାକୁ ମଧ୍ୟ ସହଜରେ ଅଣଦେଖା କରାଯାଇପାରେ (ମାଥିଉ ୧୬:୨୪) । ଏକ ବଳିଦାନର ଜୀବନ ପ୍ରତି ଆହ୍ୱାନର ଗୁରୁତ୍ୱକୁ ପ୍ରାୟତଃ, ଏପରି ଜଣେ ଈଶ୍ୱରଙ୍କ ସପକ୍ଷରେ ହ୍ରାସ କରାଯାଏ, ''ଯିଏ ତୁମକୁ ସୁଖୀ କରିବେ ।'' ମ୍ୟାଟ୍ ଚାଣ୍ଡଲର୍ ଏହାକୁ ଏହିପରି ଭାଷାରେ ଲେଖିଛନ୍ତି–

> ସୁସମାଚାରରେ ନିହିତ ଆତ୍ମିକ ଶକ୍ତି ସେତେବେଳେ ମିଳେ ନାହିଁ ଯେତେବେଳେ ଆମେ ସୁସମାଚାରକୁ ''ଆଦୌ କୌଣସି ସୁସମାଚାର ନୁହେଁ'' ମଧ୍ୟରେ ବୃଦ୍ଧି କରୁ କିମ୍ବା ବ୍ୟବସ୍ଥିତ କରୁ । ଯେତେବେଳେ ପରିତ୍ରାଣ ପାଇଁ କେବଳ ଈଶ୍ୱରଙ୍କ ଶକ୍ତି ଉଦ୍ଦିଷ୍ଟ ଅଟେ ବୋଲି ଆମେ ସନ୍ଦେହ କରୁ, ସେତେବେଳେ ଆମର ନିଜର ପ୍ରରୋଚନା କିମ୍ବା ଉପସ୍ଥାପନର ଶକ୍ତିକୁ ବିଶ୍ୱାସ କରି ଆମେ ସେହି ବାକ୍ୟରେ କିଛି ଯୋଗ କରିବା କିମ୍ବା ବିଯୁକ୍ତ କରିବା ଆରମ୍ଭ କରୁ ।

ଆମେ ସଂପୂର୍ଣ୍ଣ ସୁସମାଚାରକୁ ସ୍ପଷ୍ଟ ଭାବରେ ଉପସ୍ଥାପନ କରିବା ଆବଶ୍ୟକ, କାରଣ ଗୋଟିଏ ଅସଂପୂର୍ଣ୍ଣ ସୁସମାଚାର ଅସଂପୂର୍ଣ୍ଣ ଖ୍ରୀଷ୍ଟିଆନମାନଙ୍କୁ ଉତ୍ପନ୍ନ କରିବ ।

ଦୈନିକ ବାଇବଲ ଅଧ୍ୟୟନକୁ ପ୍ରାଧାନ୍ୟ ଦେବା ପ୍ରତ୍ୟେକ ବିଶ୍ୱାସୀ ପାଇଁ ଅନିବାର୍ଯ୍ୟ ଅଟେ, ମାତ୍ର ଏହା ସେହି ଲୋକମାନଙ୍କ ପାଇଁ ବିଶେଷ ଆବଶ୍ୟକ ଅଟେ ଯେଉଁମାନେ ନିୟମିତ ଭାବରେ ଏହାର ସତ୍ୟକୁ ଅନ୍ୟମାନଙ୍କୁ ଜଣାଉଅଛନ୍ତି । ଯଦି ଆମେ ପ୍ରତିଦିନ ଆମ ଜୀବନକୁ ତୃପ୍ତ କରିବା ପାଇଁ ଧର୍ମଶାସ୍ତ୍ରକୁ ଅନୁମତି ଦେବା ନାହିଁ, ତେବେ ଆମେ କିପରି ଏଥିରୁ ପ୍ରତ୍ୟାଦେଶ ପାଇଛୁ ବୋଲି ଦାବୀ କରିପାରିବା ? ଆମକୁ କେବଳ ସୁସମାଚାର ପ୍ରଚାରକ ହେବା ପାଇଁ ନୁହେଁ, ମାତ୍ର ବାଇବଲ–ପ୍ରଚାରକାରୀ ପ୍ରଚାରକ ହେବା ପାଇଁ ଆହ୍ୱାନ ଦିଆଯାଇଛି ।

## ଆଲୋଚନା (୨୦ ମିନିଟ୍)

*ନିମ୍ନଲିଖିତ ପ୍ରଶ୍ନ ଗୁଡ଼ିକର ଓ / କିମ୍ବା ଆଲୋଚନା ଉଦ୍ଧୃତାଂଶର ଅନୁସନ୍ଧାନ କରନ୍ତୁ :*

- ଆପଣ ସୁସମାଚାରର ସତ୍ୟ ସମ୍ବନ୍ଧରେ ଆପଣଙ୍କର ନିଜସ୍ୱ ବୋଧ ଜ୍ଞାନକୁ କିପରି ବର୍ଣ୍ଣନା କରିବେ ?
- ଆଜି ସୁସମାଚାରକୁ ଉତ୍ତମରୂପେ ବୁଝାଇବାରେ କେଉଁ କେଉଁ ଆହ୍ୱାନ ରହିଅଛି ?
- ଆମେ କିପରି ସମସାମୟିକ ଶ୍ରୋତାମାନଙ୍କ ସହିତ ସଂପର୍କ ସୃଷ୍ଟି କରିପାରିବା ?
- ପ୍ରକୃତରେ ବାଇବଲ ପ୍ରଚାରକାରୀ ସୁସମାଚାର ପ୍ରଚାରକ ହେବାର ଅର୍ଥ କ'ଣ ?

> ସୁସମାଚାର ଖ୍ରୀଷ୍ଟିଆନର ଜୀବନ ରକ୍ଷାକାରୀ ରକ୍ତ ଅଟେ ଓ ଏହା ସଂସ୍କୃତିକୁ ବିରୋଧ କରିବା ପାଇଁ ମୂଳଦୁଆ ଯୋଗାଏ । କାରଣ ଯେତେବେଳେ ଆମେ ପ୍ରକୃତରେ ସୁସମାଚାରକୁ ବିଶ୍ୱାସ କରୁ, ସେତେବେଳେ ଆମେ ଏହା ଉପଲବ୍ଧି କରିବା ଆରମ୍ଭ କରୁ ଯେ ସୁସମାଚାର କେବଳ ଆମ ଚତୁର୍ଦ୍ଦିଗସ୍ଥିତ ସଂସ୍କୃତିରେ ଥିବା ସାମାଜିକ ବିଷୟ ଗୁଡ଼ିକର ବିରୋଧ କରିବା ପାଇଁ ଖ୍ରୀଷ୍ଟିଆନକୁ ବାଧ୍ୟ କରେ ନାହିଁ । ସୁସମାଚାର ପ୍ରକୃତରେ ଆମ ଚତୁର୍ଦ୍ଦିଗରେ ଓ ଆମ ମଧ୍ୟରେ ଥିବା ସଂସ୍କୃତି ସହିତ ବିରୋଧ ସୃଷ୍ଟି କରେ ।
>
> **ଡେଭିଡ୍ ପ୍ଲାଟ**

## ପ୍ରୟୋଗ (୫ ମିନିଟ୍)

ଦଳର ପ୍ରତ୍ୟେକ ଜଣଙ୍କୁ "Youversion" (ୟୁଭର୍ସନ) ଫୋନ୍ ଆପ୍ କିମ୍ବା ଅନ୍ୟ ବାଇବଲ ପଠନ ଟୀକା ବ୍ୟବହାର କରି ଗୋଟିଏ ଦୈନିକ ପଠନ ଯୋଜନା ଆରମ୍ଭ କରିବା ପାଇଁ କିମ୍ବା ଅବ୍ୟାହତ ରଖିବା ପାଇଁ ଉତ୍ସାହିତ କରନ୍ତୁ । ଯଦି ଆମେ ଯୀଶୁଙ୍କ ଅନୁଗାମୀ ଭାବରେ ବୃଦ୍ଧି ପାଇବାକୁ ଓ ଆମେ ଯେପରି ସୁସମାଚାରକୁ ସରଳ ଭାଷାରେ ଜଣାଇ ପାରିବା, ଏଥିପାଇଁ ଏହାକୁ ଗଭୀରଭାବେ ବୁଝିବାକୁ ଇଚ୍ଛା କରୁ, ତେବେ ଆମେ ଶାସ୍ତ୍ରପାଠରେ ନିୟୋଜିତ ହେବା ଆବଶ୍ୟକ ।

ଏହି ପୁସ୍ତକ ଓ ଆପଣଙ୍କ ବାଇବଲରେ ଥିବା ସୁସମାଚାର ସମ୍ବନ୍ଧୀୟ ବିଷୟ ବସ୍ତୁକୁ ବ୍ୟବହାର କରି ସୁସମାଚାରର ଏକ ସଂକ୍ଷିପ୍ତ ବର୍ଣ୍ଣନା ପ୍ରସ୍ତୁତ କରନ୍ତୁ (୩–୫ଟି ବିଷୟ ସମ୍ବଳିତ) । ଆପଣ ଯେପରି ଦଳକୁ ଏହା ଜଣାଇ ପାରିବେ, ଏଥିପାଇଁ ଏଥିରେ କିଛି ସହାୟକ ବାଇବଲ ପଦ ଯୋଗ କରନ୍ତୁ । ପରବର୍ତ୍ତୀ ସମୟରେ, ଏଗୁଡ଼ିକୁ ସେମାନଙ୍କର ଧର୍ମତତ୍ତ୍ୱ ପାଇଁ ଓ ସେମାନଙ୍କର ଦକ୍ଷତା ପାଇଁ ଏକ ଯୋଗାଯୋଗର ଲେଖା ଭାବରେ ସମୀକ୍ଷା କରାଯିବ ।

## ପ୍ରାର୍ଥନା

ଯୀଶୁଙ୍କୁ ଧନ୍ୟବାଦ ଦିଅନ୍ତୁ ଯେ ସେ ଆସିଥିଲେ ଓ ଏକ ସିଦ୍ଧ ଜୀବନ କାଟିଥିଲେ, ସେ କ୍ରୁଶ ଉପରେ ଆପଣଙ୍କ ସ୍ଥାନ ନେଇଥିଲେ ଓ ତାଙ୍କ ପୁନରୁତ୍ଥାନ ମାଧ୍ୟମରେ ଆମେ ପ୍ରତ୍ୟେକେ ନୂତନ ଜୀବନରେ ଅଂଶଗ୍ରହଣ କରିପାରିବା । ତାଙ୍କଠାରେ ବିଶ୍ୱାସ କରିବାରେ ଓ ତାଙ୍କ ପ୍ରେମରେ ବୃଦ୍ଧି ପାଇବାରେ ଆପଣଙ୍କୁ ସାହାଯ୍ୟ କରିବା ପାଇଁ ତାଙ୍କୁ କୁହନ୍ତୁ । ତାଙ୍କ ବାକ୍ୟକୁ ଅଧିକ ସଂପୂର୍ଣ୍ଣ ଭାବରେ ବୁଝିବାରେ, ତାଙ୍କ ସୁସମାଚାରକୁ ଗଭୀରଭାବେ ଜାଣିବାରେ ଓ ଆପଣଙ୍କ ଚତୁର୍ଦ୍ଦିଗସ୍ଥିତ ଲୋକମାନଙ୍କୁ ଏହା ସରଳଭାବରେ ଓ ସତ୍ୟ ଭାବରେ ଜଣାଇବା ନିମନ୍ତେ ସମର୍ଥ କରିବାରେ ଆପଣଙ୍କୁ ସାହାଯ୍ୟ କରିବା ପାଇଁ ତାଙ୍କୁ କୁହନ୍ତୁ । ସେ ଆପଣଙ୍କୁ ଦେଇଥିବା ସୁଯୋଗ ପାଇଁ ତାଙ୍କୁ ଧନ୍ୟବାଦ ଦିଅନ୍ତୁ ଓ ଆପଣ ଯେପରି ତାଙ୍କ ବାକ୍ୟରେ ଓ ତାଙ୍କ ଉପସ୍ଥିତିରେ ସମୟ କାଟୁଥିବା ସମୟରେ ସେହି ସୁଯୋଗଗୁଡ଼ିକ ପ୍ରତି ବିଶ୍ୱସ୍ତ ହେବା ପାଇଁ ସୁସଜ୍ଜିତ ହେବେ – ଏଥି ନିମନ୍ତେ ପ୍ରାର୍ଥନା କରନ୍ତୁ ।

## ଉତ୍ତର ଦାୟିତ୍ୱ (୧୫ ମିନିଟ୍)

*ସମୀକ୍ଷା ଫର୍ମଟିକୁ ପୂରଣ କରନ୍ତୁ, ଏହାକୁ ଦୁଇ ଜଣଙ୍କ ମଧ୍ୟରେ କିମ୍ବା ଛୋଟ ଦଳ ମଧ୍ୟରେ ଜଣାନ୍ତୁ ଓ ଏକ ଆରେକ ପାଇଁ ପ୍ରାର୍ଥନା କରନ୍ତୁ ।*

# ଅଧିବେଶନ – ୪
# ସୁସମାଚାର ପ୍ରଚାରକର କାର୍ଯ୍ୟ

**ଜଣେ ସୁସମାଚାର ପ୍ରଚାରକଙ୍କ ପାଇଁ ପ୍ରଚାର କରିବା କେତେ ଗୁରୁତ୍ୱପୂର୍ଣ୍ଣ ଅଟେ ? ଏହି ବିଷୟବସ୍ତୁ ଉପରେ ଅନୁସନ୍ଧାନ କରି ଏହି କାର୍ଯ୍ୟ ପାଇଁ ପବିତ୍ର ଆତ୍ମାଙ୍କ ପ୍ରତି ସଂପୂର୍ଣ୍ଣ ବଶ୍ୟତାରେ ଆମର ଯୋଗାଯୋଗ ଓ ପ୍ରଚାର ଦକ୍ଷତାକୁ ବିକଶିତ ଓ ତୀକ୍ଷ୍ଣ କରିବା ପାଇଁ ଏକ ଆରେକକୁ ଉତ୍ସାହିତ କରିବା ନିମନ୍ତେ ଏହି ଅଧିବେଶନ ଏକ ସୁଯୋଗ ଅଟେ ।**

## ଗୋଟିଏ ବାକ୍ୟରେ ଅଧିବେଶନ

ସୁସମାଚାର ପ୍ରଚାରକର କାର୍ଯ୍ୟ ହେଉଛି ଆତ୍ମାଙ୍କ ଶକ୍ତି ଦ୍ୱାରା ଈଶ୍ୱରଙ୍କ ପବିତ୍ର ବାକ୍ୟ ମାଧ୍ୟମରେ ପ୍ରକାଶିତ ହୋଇଥିବା ସୁସମାଚାରକୁ ଘୋଷଣା କରିବା ।

## ଅଧିବେଶନର ପୃଷ୍ଠଭୂମି

ପରଂପରା ଅନୁସାରେ, ଆସିସିର ସାଧୁ ଫ୍ରାନ୍‌ସିସ ଏକଦା କହିଥିଲେ,

> ''ସବୁ ସମୟରେ ସୁସମାଚାର ପ୍ରଚାର କର ଓ ଯଦି ଆବଶ୍ୟକ ହୁଏ, ତେବେ ବାକ୍ୟ ବ୍ୟବହାର କର ।''

ଏହା ସୁସମାଚାର ଦ୍ୱାରା ଚିହ୍ନିତ ଏକ ଜୀବନ କାଟିବାର ଗୁରୁତ୍ୱକୁ ଚିତ୍ରିତ କରିବା ପାଇଁ ଏକ ଲୋକପ୍ରିୟ ଉଦ୍ଧୃତାଂଶ ଅଟେ । ମାତ୍ର ଏଠାରେ ଦୁଇଟି ସମସ୍ୟା ଅଛି । ପ୍ରଥମରେ, ସାଧୁ ଫ୍ରାନ୍‌ସିସ୍ ଏହା କହିଥିଲେ ବୋଲି କୌଣସି ବାସ୍ତବ ପ୍ରମାଣ ନାହିଁ – ଅନ୍ତତଃ, ସେ ଏହାକୁ ଆଦୌ ଲିପିବଦ୍ଧ କରି ନ ଥିଲେ ।

ଦ୍ୱିତୀୟରେ, ଓ ଅଧିକ ଗୁରୁତ୍ୱପୂର୍ଣ୍ଣ ଭାବରେ, ଏହାକୁ କେବଳ ଏକ ବାକ୍ୟ ଭାବରେ ଧରାଯାଏ ନାହିଁ । ଏହା ଠିକ୍ ଅଟେ ଯେ ଆମର ଜୀବନ ଆମ ବାକ୍ୟ ଭଳି ଈଶ୍ୱରଙ୍କ ରାଜ୍ୟ ସମ୍ବନ୍ଧୀୟ ସୁସମ୍ବାଦକୁ ପ୍ରଦର୍ଶନ କରିବା ଉଚିତ୍, ମାତ୍ର ସୁସମାଚାର ପ୍ରଚାରର ସଂଜ୍ଞା ଅନୁସାରେ ଏହା ଏକ ବାକ୍ୟ–ଭିତ୍ତିକ ପ୍ରକ୍ରିୟା ଅଟେ । ବାକ୍ୟଟିକୁ ନିମ୍ନ ପ୍ରକାରେ ପୁନଃ ଉଲ୍ଲେଖ କରିବା ଅଧିକ ଉପକାରୀ ହୋଇପାରେ :

> ''ସବୁ ସମୟରେ ସୁସମାଚାର ପ୍ରଚାର କର, ଓ ବାକ୍ୟ ଆବଶ୍ୟକ ହେଉଥିବାରୁ ଏହାକୁ ବ୍ୟବହାର କର ।''

ପ୍ରକୃତରେ, ''ପ୍ରଚାର କରାଯାଉଥିବା'' ଓ ''ଘୋଷଣା କରାଯାଉଥିବା ବାକ୍ୟଗୁଡ଼ିକରେ କଥିତ ବାକ୍ୟ ସହିତ ଏକ ଅବିଚ୍ଛିନ୍ନ ସଂଯୋଗ ଥାଏ – ସେଗୁଡ଼ିକ ମୌଖିକ ଘୋଷଣା ଅଟେ । ସର୍ବୋପରି, ଆପଣ ଏକ ସିଦ୍ଧ ''ସୁସମାଚାର'' ଜୀବନ କାଟିପାରନ୍ତି, ମାତ୍ର ଯଦି ଆପଣ ଯୀଶୁଙ୍କଠାରେ ଥିବା ଆପଣଙ୍କର ଭରସାକୁ ସ୍ପଷ୍ଟ ଭାବରେ ବ୍ୟକ୍ତ କରିବେ ନାହିଁ, ତେବେ ଆପଣ ସେହିପରି ଜୀବନ କାଟିବାର କାରଣ ଜଗତ କିପରି ଜାଣିବ ?

> ''ନୀରବ ରହିବା ଓ ଅନ୍ୟ ଜଣଙ୍କୁ ଆମର କାର୍ଯ୍ୟକୁ ବ୍ୟାଖ୍ୟା କରିବା ପାଇଁ ଅନୁମତି ଦେବା ଭୁଲ୍ ଅଟେ, ଈଶ୍ୱର ନିଜେ ଏହା କରି ନ ଥିଲେ । ଇତିହାସରେ ଈଶ୍ୱରଙ୍କର ଉଦ୍ଧାର କାର୍ଯ୍ୟର ମୁଖ୍ୟ ବିଷୟଗୁଡ଼ିକ ସହିତ ମୌଖିକ ପ୍ରତ୍ୟାଦେଶ ମିଶି ରହିଛି ।
>
> **ୱିଲ ମେକ୍‌ଗର୍**

ନୂତନ ନିୟମରେ ଯେପରି ଲିପିବଦ୍ଧ ଅଛି, ସେହିପରି ସୁସମାଚାରର ପ୍ରସାର ପାଇଁ ପ୍ରଚାର କରିବା ଗୁରୁତ୍ୱପୂର୍ଣ୍ଣ ଅଟେ (ପ୍ରେରିତ ୨:୧୪), ତଥାପି ଆଜି ଏପରି କେତେକ ଲୋକ ଅଛନ୍ତି ଯେଉଁମାନେ ବିଶ୍ୱାସ କରନ୍ତି ଯେ ପ୍ରଚାର ପରୁଣା କାଳିଆ ଅଟେ ଓ ଜଗତ ନିକଟରେ ସୁସମାଚାର ଜଣାଇବା ପାଇଁ ଏହା ଆଉ ସର୍ବୋତ୍ତମ ମାର୍ଗ ନୁହେଁ । ଆମେ ନିଶ୍ଚୟ (ଚଳଚ୍ଚିତ୍ର ନିର୍ମାଣ, କିମ୍ବା ସଙ୍ଗୀତ ରଚନା ଭଳି ଯୋଗାଯୋଗର ଅନ୍ୟ ମାଧ୍ୟମଗୁଡ଼ିକୁ ଆବିଷ୍କାର କରି) ଆମ ପ୍ରଚାରରେ ଓ ଆମ ଯୋଗାଯୋଗର କାର୍ଯ୍ୟରେ ସୃଜନଶୀଳ ହେବା ପାଇଁ ଇଚ୍ଛା କରୁ, ମାତ୍ର ସୁସମାଚାର ଜଣାଇବା କାର୍ଯ୍ୟର ଏକ ମୁଖ୍ୟ ଉପାଦାନ ଭାବରେ ପ୍ରଚାର କାର୍ଯ୍ୟକୁ ଗ୍ରହଣ କରିବା ପାଇଁ ବାଇବଲ ଆମକୁ ବାଧ୍ୟ କରିଛି (୧ କରିନ୍ଥୀୟ ୧:୨୧, ୨ ତୀମଥି ୪:୧–୨) ।

ଜଣେ ପ୍ରଚାରକଙ୍କ ପାଇଁ, ସୁସମାଚାର ପ୍ରଚାର କରିବା ମୁଖ୍ୟ କାର୍ଯ୍ୟ ଅଟେ ଓ ଏହି କାର୍ଯ୍ୟ ପାଇଁ ସେମାନଙ୍କୁ ଆହ୍ୱାନ କରାଯାଇଛି । ଏହି ପ୍ରଚାର ଶ୍ରୋତାମାନଙ୍କର ବୋଧଗମ୍ୟ ମାର୍ଗରେ ଯୀଶୁ ଖ୍ରୀଷ୍ଟଙ୍କ ସମ୍ବନ୍ଧୀୟ ସୁସମ୍ବାଦକୁ ବୁଝାଇବା ସଙ୍ଗେ ସଙ୍ଗେ ଖ୍ରୀଷ୍ଟଙ୍କୁ ଅନୁସରଣ କରିବା ପାଇଁ ମନୋନୀତ କରିବା ଦ୍ୱାରା ସେମାନେ ଯାହା ଶୁଣିଛନ୍ତି, ତାହା ପ୍ରତି ପ୍ରତିକ୍ରିୟା ଦେଖାଇବା ନିମନ୍ତେ ସେମାନଙ୍କୁ ନିମନ୍ତ୍ରଣ ମଧ୍ୟ କରେ (ମାର୍କ ୧:୧୨, ଲୂକ ୯:୨୩) । କିନ୍ତୁ, କେବଳ ବାକ୍ୟ ଏହା କରିବ ନାହିଁ । ସମର୍ପିତ ହୋଇ ନ ଥିବା ଏକ ଜୀବନରୁ କଥିତ ବାକ୍ୟ ଫମ୍ପା ଓ ଛଳନାପୂର୍ଣ୍ଣ ଧ୍ୱନି ସୃଷ୍ଟି କରିବ ଓ ଈଶ୍ୱରଙ୍କ ଆତ୍ମାଙ୍କ ଶକ୍ତିରୁ ବିଚ୍ଛିନ୍ନ ବାକ୍ୟରେ ପରିତ୍ରାଣ ପ୍ରଦାନ କରିବାର କୌଣସି ଶକ୍ତି ରହିବ ନାହିଁ ।

# ଅଧିବେଶନ ସହାୟକ ସୂଚନା

## ନିକଟବର୍ତ୍ତୀ ହେବା (୧୦-୨୦ ମିନିଟ୍)

*ଏହି ସମୟରେ କାହାଣୀ, ଉତ୍ସାହପ୍ରଦ ଘଟଣା, ସୁଯୋଗ ଗୁଡ଼ିକ ଉପରେ ମତାମତ ଓ ଦଳକୁ ଉତ୍ସାହିତ କରୁଥିବା ଯେ କୌଣସି ବିଷୟ ଜଣାଇ ଏକ ଆରେକର ନିକଟବର୍ତ୍ତୀ ହୁଅନ୍ତୁ । ଜଣେ କିମ୍ବା ଦୁଇ ଜଣ ଆଗ୍ରହୀ ବ୍ୟକ୍ତିଙ୍କୁ ସେମାନଙ୍କର ସୁସମାଚାର ଉପସ୍ଥାପନ ବିଷୟରେ ଜଣାଇବାକୁ କହନ୍ତୁ (ଅଧିବେଶନ - ୩ : ପ୍ରୟୋଗ) ଓ ମତାମତ ଦିଅନ୍ତୁ । ସକାରାତ୍ମକ ହେବାକୁ ଭୁଲନ୍ତୁ ନାହିଁ ।*

## ପ୍ରାର୍ଥନା

*ପ୍ରଭୁଙ୍କୁ ସମୟ ଦିଅନ୍ତୁ ଓ ନିକଟବର୍ତ୍ତୀ ହେବା ସମୟରେ ଉପନ୍ନ ହୋଇଥିବା ଯେ କୌଣସି ସକାରାତ୍ମକ କିମ୍ବା ଆହ୍ୱାନମୂଳକ ପରିସ୍ଥିତି ପାଇଁ ପ୍ରାର୍ଥନା କରନ୍ତୁ ।*

## ଶିକ୍ଷାଦାନ (୨୦-୩୦ ମିନିଟ୍)

*ନିମ୍ନଲିଖିତ ଶିକ୍ଷାଦାନର ବିଷୟବସ୍ତୁର ପ୍ରତ୍ୟେକଟି ବାକ୍ୟକୁ ପଢ଼ିବା ଦ୍ୱାରା କିମ୍ବା ଆପଣଙ୍କ ନିଜସ୍ୱ ଉପସ୍ଥାପନରେ ଏହାକୁ ପୁନଃ ପ୍ରୟୋଗ କରିବା ଦ୍ୱାରା ଆପଣଙ୍କ ନିଜସ୍ୱ ମାର୍ଗରେ ଏହାକୁ ସଂପୂର୍ଣ୍ଣ କରନ୍ତୁ ।*

> ଯେଣୁ ତୁମ୍ଭେ ଯଦି ମୁଖରେ ଯୀଶୁଙ୍କୁ ପ୍ରଭୁ ବୋଲି ସ୍ୱୀକାର କରିବ, ଆଉ ଈଶ୍ୱର ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇ ଅଛନ୍ତି ବୋଲି ହୃଦୟରେ ବିଶ୍ୱାସ କରିବ, ତେବେ ପରିତ୍ରାଣ ପ୍ରାପ୍ତ ହେବ । କାରଣ ଯେ କେହି ପ୍ରଭୁଙ୍କ ନାମ ଧରି ପ୍ରାର୍ଥନା କରିବ, ସେ ପରିତ୍ରାଣ ପ୍ରାପ୍ତ ହେବ । ତେବେ ଯାହାଙ୍କୁ ସେମାନେ ବିଶ୍ୱାସ କରି ନାହାନ୍ତି, ତାହାଙ୍କ ନିକଟରେ କିପରି ପ୍ରାର୍ଥନା କରିବେ ? ପୁଣି ଯାହାଙ୍କ କଥା ସେମାନେ ଶୁଣି ନାହାନ୍ତି, କିପରି ତାହାଙ୍କଠାରେ ବିଶ୍ୱାସ କରିବେ ? ଆଉ ପ୍ରଚାରକ ବିନା ସେମାନେ କିପରି ଶୁଣିବେ ? ପୁଣି ପ୍ରେରିତ ନ ହେଲେ କିପରି ପ୍ରଚାର କରିବେ ? ଯେପରି ଲେଖାଅଛି, ''ଯେଉଁମାନେ ଶୁଭ ବିଷୟର ସୁସମାଚାର ଆଣନ୍ତି, ସେମାନଙ୍କ ପାଦ କିପରି ଶୋଭାଯୁକ୍ତ !''
>
> **ରୋମୀୟ ୧୦:୯, ୧୩-୧୫**

ବାଇବଲରେ ''ଘୋଷଣା'' ବିଷୟରେ ଅନେକ ବକ୍ତୃତା ରହିଛି - ଟିମ୍ କେଲର୍, ଅନ୍ତତଃ, ୩୩ଟି ଭିନ୍ନ ଭିନ୍ନ ଗ୍ରୀକ୍ ଶବ୍ଦକୁ ଚିହ୍ନଟ କରିଛନ୍ତି ଯେଉଁଗୁଡ଼ିକୁ ଆମେ ସାଧାରଣ ଭାବରେ ''ପ୍ରଚାର କରିବା'' କିମ୍ବା ''ଘୋଷଣା କରିବା'' ଭାବରେ ଅନୁବାଦ କରୁ । ଏହି ରୋମୀୟ ଅନୁଚ୍ଛେଦରେ, ପାଉଲ ସୁସମାଚାର ଜଣାଇବା ବିଷୟକୁ ଉଲ୍ଲେଖ କରି ଶବ୍ଦଟିକୁ ବ୍ୟବହାର କରିଥିବାର ଆମେ ଦେଖୁ । ପାଉଲଙ୍କ ପାଇଁ ପ୍ରଚାର ଅପରିହାର୍ଯ୍ୟ ଭାବରେ ଗୁରୁତ୍ୱପୂର୍ଣ୍ଣ ଅଟେ ଓ ସେ ପ୍ରଚାରକୁ ଅଗ୍ରାଧିକାର ଦେବା ପାଇଁ ତୀମଥିଙ୍କୁ କହିଛନ୍ତି (୨ ତୀମଥି ୪:୧-୨) । ଈଶ୍ୱର କିପରି ଏହାକୁ ବ୍ୟବହାର କରିବା ପାଇଁ ମନୋନୀତ କରିବାର, ତାହାର ଏକ ଦୃଷ୍ଟାନ୍ତ ପେଣ୍ଟିକଷ୍ଟରେ ଆମେ ଦେଖୁ - ହଜାର ହଜାର ଲୋକ କେବଳ ଅଲୌକିକ ଚିହ୍ନ ଓ ଅଦ୍ଭୁତ କର୍ମ (ଅଗ୍ନିସଦୃଶ ଜିହ୍ୱା, ଅନ୍ୟ ଭାଷାରେ କଥାବାର୍ତ୍ତା) ଦେଖି ପରିତ୍ରାଣ ପାଇ ନ ଥିଲେ, ମାତ୍ର ପିତରଙ୍କର ଆତ୍ମାରେ-ପରିପୂର୍ଣ୍ଣ ଘୋଷଣା ଶୁଣି ପରିତ୍ରାଣ ପାଇଥିଲେ ।

ମାତ୍ର ଆଜି ପ୍ରଚାର କରିବା ଏକ ଆହ୍ୱାନ ଅଟେ, ଓ ଅନେକ ଲୋକ ଏହା ବିଶ୍ୱାସ କରନ୍ତି ନାହିଁ ଯେ ସୁସମାଚାର ପ୍ରଚାର ଏପରି ସର୍ବୋତ୍ତମ ମାର୍ଗ ଅଟେ ଯଦ୍ଦ୍ୱାରା ଜଗତ ସୁସମ୍ବାଦ ପ୍ରାପ୍ତ ହୋଇ ପାରିବ । ବ୍ୟକ୍ତିଗତ ଭାବରେ ସୁସମାଚାର ଜଣାଇବା, ବନ୍ଧୁତା ସ୍ଥାପନ କରି ସୁସମାଚାର ଜଣାଇବା ଓ ସାମାଜିକ କାର୍ଯ୍ୟକ୍ରମ ମାଧ୍ୟମରେ ଏହା ଜଣାଇବା ଲୋକ ପ୍ରିୟ ମାର୍ଗ ହୋଇଯାଇଛି ଓ ଏଗୁଡ଼ିକ ଏତେ ବିରୋଧ ଉତ୍ପନ୍ନ କରନ୍ତି ନାହିଁ । କିନ୍ତୁ, ଆମେ ଏହା ଅସ୍ୱୀକାର କରିପାରିବା ନାହିଁ ଯେ ପ୍ରଚାରରେ ଶକ୍ତି ଅଛି ଓ ଯେଉଁ ଗ୍ରୀକ୍ ଶବ୍ଦରୁ ଆମେ ''ସୁସମାଚାର ପ୍ରଚାର'' ଶବ୍ଦଟି ପାଇଛୁ, ତାହାର ଅର୍ଥ, ମୁଖ୍ୟତଃ, ''ସୁସମ୍ବାଦ ଘୋଷଣା କରିବା'' - ଏକ ଅନ୍ତର୍ନିହିତ ମୌଖିକ କାର୍ଯ୍ୟ । ଯଦି ଆମେ ଆମ ଜୀବନ କାଟିବାର ମାର୍ଗକୁ କିମ୍ବା ଆମ ନିକଟରେ ଥିବା ଭରସାକୁ ଆଦୌ ବୁଝାଇବା ନାହିଁ, ତେବେ କେହି ଜଣେ କିପରି ଯୀଶୁଙ୍କ ସମ୍ବନ୍ଧୀୟ ସତ୍ୟ ଜାଣିବ (୧ ପିତର ୩:୧୫) ?

> **ପ୍ରଶ୍ନ :** ଯଦି ଆମେ ଜାଣୁ ଯେ ଜଣେ ସୁସମାଚାର ପ୍ରଚାରକର କାର୍ଯ୍ୟ ପାଇଁ ପ୍ରଚାର କରିବା ଅତି ଗୁରୁତ୍ୱପୂର୍ଣ୍ଣ ଅଟେ, ତେବେ ଶ୍ରୋତାମାନେ ଯେପରି ସୁସମାଚାର ବାର୍ତ୍ତାକୁ ବୁଝି, ସେମାନେ ଯାହା ଶୁଣିଛନ୍ତି ତା' ପ୍ରତି ଅର୍ଥପୂର୍ଣ୍ଣ ଭାବରେ ପ୍ରତିକ୍ରିୟା ଦେଖାଇବାର ସୁଯୋଗ ପାଇବେ, ଏଥିପାଇଁ ଆମେ ଯେ ସ୍ପଷ୍ଟ ଭାବରେ ଏହା ଜଣାଇଅଛୁ, ଏ ବିଷୟରେ ଆମେ କିପରି ସୁନିଶ୍ଚିତ ହେବା ?

ଆମର ଶ୍ରୋତାମାନଙ୍କୁ ଓ ସେମାନଙ୍କର ପରିସରକୁ ଜାଣିବା ଗୁରୁତ୍ୱପୂର୍ଣ୍ଣ ଅଟେ କାରଣ ଏହା ସେହିସବୁ ଦୃଷ୍ଟାନ୍ତ ଏବଂ ସଂଯୋଗ ବିଷୟ ଭାବିବାରେ ଆମକୁ ସାହାଯ୍ୟ କରେ ଯେଉଁଗୁଡ଼ିକ ସେମାନଙ୍କୁ ଆମେ ଜଣାଉଥିବା ବିଷୟରେ ନିୟୋଜିତ ହେବା ପାଇଁ ଓ ବୁଝିବା ପାଇଁ ସାହାଯ୍ୟ କରିପାରେ । ଯଦି ଆମେ ଦଳେ କିଶୋର ବୟସର ପିଲାମାନଙ୍କ ନିକଟରେ ସୁସମାଚାର ପ୍ରଚାର କରୁଅଛୁ, ତେବେ ଆମେ ବୟସ୍କମାନଙ୍କ ନିକଟରେ ପ୍ରଚାର କରୁଥିବା ସମୟରେ ବ୍ୟବହାର କରୁଥିବା ଶବ୍ଦଗୁଡ଼ିକୁ ପରିବର୍ତ୍ତନ କରି ଭିନ୍ନ ଶବ୍ଦ ସବୁ ବ୍ୟବହାର କରିପାରିବା । ସୁସମାଚାରର ବାର୍ତ୍ତାକୁ ପରିବର୍ତ୍ତନ କରାଯାଏ ନାହିଁ, ମାତ୍ର ଏହାକୁ ବ୍ୟକ୍ତ କରିବାର ମାର୍ଗ, ଆମେ ବ୍ୟବହାର କରୁଥିବା ଦୃଷ୍ଟାନ୍ତ ଓ ଆମେ ପ୍ରୟୋଗ କରୁଥିବା ସାଂସ୍କୃତିକ ସୂଚନାଗୁଡ଼ିକୁ ଆମ ସମ୍ମୁଖସ୍ଥ ଲୋକମାନଙ୍କ ପାଇଁ ଭିନ୍ନ କରାଯାଇ ପାରିବ । ଆମେ ଯାହା ପ୍ରଚାର କରୁ, ତାହା ପରିବର୍ତ୍ତିତ ହୁଏ ନାହିଁ, ମାତ୍ର ଆମେ ଯେପରି ପ୍ରଚାର କରୁ, ତାହା ପରିବର୍ତ୍ତିତ ହୁଏ ।

ସେଥିପାଇଁ ଜଣେ ସୁସମାଚାର ପ୍ରଚାରକ ପ୍ରସ୍ତୁତିରେ ସମୟ କାଟିବା ଆବଶ୍ୟକ । ଯଦି ଆମେ କେବଳ ସେହି ସମାନ ସୁସମାଚାର ବକ୍ତବ୍ୟ ଉପରେ ପ୍ରତ୍ୟେକ ଥର ନିର୍ଭର କରିବା, ତେବେ ଆମେ ହୁଏତ ବିଶେଷତ୍ୱ ହୀନ ଓ ଅଳସୁଆ ପ୍ରଚାରକ ହୋଇଯିବା । ପ୍ରଥମ ଓ ପ୍ରମୁଖ ବିଷୟ ହେଉଛି, ଆମେ ଆମର ପ୍ରସ୍ତୁତିକୁ ପ୍ରାର୍ଥନା ପୂର୍ବକ ସଂପନ୍ନ କରିବା ଓ ତାଙ୍କ ଆତ୍ମାଙ୍କ ଦ୍ୱାରା ଆମ ମାଧ୍ୟମରେ କଥା କହିବା ପାଇଁ ଓ କହିବା ନିମନ୍ତେ ଉପଯୁକ୍ତ ଶବ୍ଦ ଦେବା ପାଇଁ ଈଶ୍ୱରଙ୍କୁ ନିବେଦନ କରିବା ଉଚିତ୍ । ଆମେ ଏପରି ବକ୍ତୃତା ମଧ୍ୟ ପ୍ରସ୍ତୁତ କରିବା ଉଚିତ ଯାହାକୁ ଶ୍ରୋତାମାନେ ବିଚାର କରିବେ ।

**ପ୍ରଶ୍ନ :** ସୁସମାଚାର ପ୍ରଚାର ପାଇଁ ନିମ୍ନଲିଖିତ ଛ'ଟି ଉପାଦେୟ ସୂଚନା ଦେଖନ୍ତୁ ଓ ଆପଣଙ୍କ ନିଜସ୍ୱ ସେବାକାର୍ଯ୍ୟରେ ଏପରି କିଛି ଦୃଷ୍ଟାନ୍ତ ବିଷୟରେ ଚିନ୍ତା କରନ୍ତୁ ଯେଉଁଗୁଡ଼ିକ ଏହି ଚିନ୍ତାଧାରାଗୁଡ଼ିକୁ ଦୃଷ୍ଟିରେ ରଖିବା ପାଇଁ ସାହାଯ୍ୟ କରିପାରେ ।

ଆମେ ନିମ୍ନ ପ୍ରକାରେ ପ୍ରଚାର କରିବା ଉଚିତ

- **ସରଳ ଭାବରେ :** ସ୍ୱଷ୍ଟତା ଉତ୍ତମ ଯୋଗାଯୋଗରେ ଅପରିହାର୍ଯ୍ୟ ଅଟେ । ସରଳ ଭାବରେ ବୁଝାଇବା ପାଇଁ, ଆମେ ପ୍ରଥମେ ଆମର ବାର୍ତ୍ତାକୁ ଗଭୀର ଭାବରେ ବୁଝିବା ଆବଶ୍ୟକ ।
- **ନିର୍ଭୀକ ଭାବରେ :** ଆମେ ଆମ ବାର୍ତ୍ତାର ସତ୍ୟତାରେ ଦୃଢ଼ ପ୍ରତ୍ୟୟ ଓ ଦୃଢ଼ ବିଶ୍ୱାସର ସହିତ ପ୍ରଚାର କରିବା ଆବଶ୍ୟକ ।
- **ଆତ୍ମିକ ଭାବରେ :** ମୃତ ହୃଦୟ ଯେପରି ଆମ ବାର୍ତ୍ତାକୁ ଗ୍ରହଣ କରି ଜୀବନ୍ତ ହେବେ, ଏଥିପାଇଁ ଈଶ୍ୱରଙ୍କ ଆତ୍ମା କାର୍ଯ୍ୟକାରୀ ହେବା ଆବଶ୍ୟକ – ସେଥିପାଇଁ ଆମର ପ୍ରଚାରକୁ ଆତ୍ମାଙ୍କ ଶକ୍ତିର ବଶୀଭୂତ କରିବାକୁ ହେବ ।
- **ପ୍ରେମପୂର୍ଣ୍ଣ ଭାବରେ :** ଆମେ ଲୋକମାନଙ୍କୁ ଆମ ନିଜସ୍ୱ ଚିନ୍ତାଧାରା ଓ ଜ୍ଞାନରେ ପ୍ରଭାବିତ କରି ନ ଥାଉ, ମାତ୍ର ଯୀଶୁ ଖ୍ରୀଷ୍ଟଙ୍କ ସମ୍ବନ୍ଧୀୟ ଏକମାତ୍ର ବାସ୍ତବତାରେ ପ୍ରଭାବିତ କରୁଥାଉ । ଆମେ ନମ୍ର ଭାବରେ ପ୍ରଚାର କରିବା ଉଚିତ ଓ ଯେଉଁମାନଙ୍କ ନିକଟରେ (ଈଶ୍ୱରଙ୍କ ବିଷୟରେ) ପ୍ରଚାର କରୁ, ସେମାନଙ୍କୁ ସମ୍ମାନ ଦେଖାଇବା ଉଚିତ ଓ ଯେଉଁମାନଙ୍କୁ (ତାଙ୍କର ସନ୍ତାନମାନଙ୍କୁ) ଏହା ଜଣାଉ, ସେମାନଙ୍କ ପାଇଁ ଦୟା ମନୋଭାବ ରଖିବା ଉଚିତ୍ ।
- **ବ୍ୟକ୍ତିଗତ ଭାବରେ :** ଆମେ ନିଜସ୍ୱ ଜୀବନରେ ଏହାର ପ୍ରଭାବ ସମ୍ବନ୍ଧରେ ଜଣାଇବା ଦ୍ୱାରା, ଶ୍ରୋତା ଓ ସେମାନଙ୍କ ପରିବେଶ ମଧ୍ୟରେ ସେତୁ ନିର୍ମାଣ କରି ସୁସମାଚାରର ସତ୍ୟକୁ ପ୍ରଦର୍ଶନ କରିପାରିବା ।

ଏହି ବ୍ୟବହାରିକ ଉପାୟଗୁଡ଼ିକ ଯେତେ ଉପକାରୀ ହେଲେ ମଧ୍ୟ ଆମକୁ ଏହା ମନେ ରଖିବାକୁ ହେବ ଯେ କୌଣସି ପରିମାଣର ଦକ୍ଷତାପୂର୍ଣ୍ଣ ପରିପ୍ରକାଶ ପ୍ରକୃତରେ କାହାରିକୁ ଈଶ୍ୱରଙ୍କ ରାଜ୍ୟ ମଧ୍ୟକୁ ଆଣିବ ନାହିଁ ।

''ପ୍ରଚାର କରିବାର ପଦ୍ଧତି ଓ ଶୈଳୀ ଶିକ୍ଷା କରିବା ଗୋଟିଏ ବିଷୟ, ଏପରି ଗୋଟିଏ ଶିକ୍ଷା ପ୍ରଚାର କରିବା ସଂପୂର୍ଣ୍ଣ ଭାବରେ ଅନ୍ୟ ଏକ ବିଷୟ ଯାହା ପର୍ଦ୍ଦାକୁ ହଟାଇ ଈଶ୍ୱରଙ୍କ ମୁଖକୁ ଲୁଚାଇ ଦେଇଥିବା ପ୍ରତିବନ୍ଧକକୁ ଦୂର କରି ଦେବ ।''

ଡେଭିଡ୍ ୱାଟସନ୍

ଆମର ପ୍ରଚାର ପବିତ୍ର ଆତ୍ମାଙ୍କୁ ଶକ୍ତିରେ ଗତିଶୀଳ ହେବା ପାଇଁ ସମୟ ଦେବା ଆବଶ୍ୟକ । ଆମେ କିପରି ସୁସମାଚାର ଜଣାଇବା, ସେହି ବିଷୟ ସତର୍କ ଭାବରେ ଚିନ୍ତା କରିବା ଗୁରୁତ୍ୱପୂର୍ଣ୍ଣ ଅଟେ, ମାତ୍ର ଶେଷରେ ଆମେ ଆମର କଥିତ ବାକ୍ୟକୁ ଗ୍ରହଣ କରି ନୂତନ ଜୀବନ ରୂପକ ଅଲୌକିକ କାର୍ଯ୍ୟ ଉତ୍ପନ୍ନ କରିବା ନିମନ୍ତେ ଈଶ୍ୱରଙ୍କୁ ଅନ୍ୱେଷଣ କରିଥାଉ । ପୂର୍ବ ଅଧିବେଶନରେ, ଆମେ ୧ କରିନ୍ଥୀୟ ୨ରେ ଯୀଶୁଙ୍କ କାହାଣୀ ଜାଣିବା ପାଇଁ ଓ ପ୍ରଚାର କରିବା ପାଇଁ ପାଉଲଙ୍କର ପ୍ରତିବଦ୍ଧତା ପ୍ରତି ଦୃଷ୍ଟିପାତ କରିଥିଲୁ । ପରବର୍ତ୍ତୀ ପଦଗୁଡ଼ିକରେ ନୂତନ ବିଶ୍ୱାସ ଯେପରି ମାନବିକ ଯୁକ୍ତି ଅପେକ୍ଷା ଈଶ୍ୱରଙ୍କ ଉପରେ ନିର୍ଭର କରିପାରିବ, ଏଥିପାଇଁ ପାଉଲ ଆତ୍ମାଙ୍କ ଶକ୍ତିରେ ଯୀଶୁଙ୍କ କାହାଣୀ ଘୋଷଣା କରିବା ପ୍ରତି ନିଜର ପ୍ରତିବଦ୍ଧତାକୁ ଜଣାଇବା ଅବ୍ୟାହତ ରଖିଛନ୍ତି :

''ତୁମ୍ଭମାନଙ୍କ ବିଶ୍ୱାସ ଯେପରି ମନୁଷ୍ୟର ଜ୍ଞାନ ଉପରେ ସ୍ଥାପିତ ନ ହୋଇ ଈଶ୍ୱରଙ୍କ ଶକ୍ତି ଉପରେ ସ୍ଥାପିତ ହୁଏ, ଏଥିପାଇଁ ମୋହର ଶିକ୍ଷା ଓ ମୋହର ପ୍ରଚାର ଜ୍ଞାନର ମନୋହର ବାକ୍ୟଯୁକ୍ତ ନ ହୋଇ ଆତ୍ମା ଓ ଶକ୍ତିର ପ୍ରମାଣଯୁକ୍ତ ହୋଇଥିଲା ।''

**୧ କରିନ୍ଥୀୟ ୨ : ୩–୫**

ଆମେ ଆତ୍ମାରେ ଓ ସତ୍ୟରେ ଈଶ୍ୱରଙ୍କର ଉପାସନା କରିବାକୁ ଇଚ୍ଛା କରୁ (ଯୋହନ ୪:୨୫) ଓ ଆମର ସୁସମାଚାର ପ୍ରଚାର ମଧ୍ୟ କୌଣସି ଭିନ୍ନ ହେବା ଉଚିତ୍ ନୁହେଁ । ଅନ୍ୟମାନେ ଯେପରି ଈଶ୍ୱରଙ୍କର ଉପାସନା କରିପାରିବେ, ଏଥିପାଇଁ ତାଙ୍କର ଉପାସକ ଭାବରେ ତାଙ୍କ ପ୍ରତି ସାକ୍ଷ୍ୟ ଦେଉଥିବା ସମୟରେ, ଆମେ ଆତ୍ମାଙ୍କ ଶକ୍ତିରେ ତାଙ୍କର ସତ୍ୟତାକୁ ଘୋଷଣା କରୁ ।

# ଆଲୋଚନା (୨୦ ମିନିଟ୍)

*ନିମ୍ନଲିଖିତ ପ୍ରଶ୍ନ ଗୁଡ଼ିକର ଓ / କିମ୍ବା ଆଲୋଚନା ଉଦ୍ଧୃତାଂଶର ଅନୁସନ୍ଧାନ କରନ୍ତୁ :*

- ପ୍ରଚାର ଆଜି ମଧ୍ୟ ପ୍ରାସଙ୍ଗିକ ଅଟେ କି ?
- ଆମେ କିପରି ଭିନ୍ନ ଭିନ୍ନ ଆବଶ୍ୟକତା ରହିଥିବା ଗୋଟିଏ ଜଗତରେ ସୁସମାଚାର ପ୍ରଚାରକ ଭାବରେ ଦକ୍ଷ ରହିପାରିବା ?
- ଜଣେ ପ୍ରଚାରକ / ଯୋଗାଯୋଗକାରୀ ଭାବରେ ଆପଣଙ୍କ ନିକଟରେ କି କି ଶକ୍ତି ଓ ଦୁର୍ବଳତା ରହିଛି ?
- ଆପଣ କିପରି ସୁସମାଚାର ଉପସ୍ଥାପନା ପାଇଁ ପ୍ରସ୍ତୁତ ହୁଅନ୍ତି ?

ଉତ୍ତମ ପ୍ରଚାର ଓ ଶ୍ରେଷ୍ଠ ପ୍ରଚାର ମଧ୍ୟରେ, ମୁଖ୍ୟତଃ, ପବିତ୍ର ଆତ୍ମାଙ୍କ କାର୍ଯ୍ୟ ନିହିତ ଥାଏ ... ଆମେ ଆମର ପ୍ରଚାରକୁ ଉତ୍ତମ କରିବା ପାଇଁ ଚେଷ୍ଟା କରିବା ଓ ଈଶ୍ୱର କିପରି ଓ କେତେ ଥର ଏହାକୁ ଶ୍ରୋତାମାନଙ୍କ ପାଇଁ ଶ୍ରେଷ୍ଠ କରିବେ, ତାହା ତାଙ୍କ ଉପରେ ଛାଡ଼ି ଦେବା ଉଚିତ୍ ।

**କେଲର**

# ପ୍ରୟୋଗ (୫ ମିନିଟ୍)

ଏପରି ଜଣେ ସୁସମାଚାର ପ୍ରଚାରକଙ୍କର ୟୁଟ୍ୟୁବ୍ କ୍ଲିପ୍ ଖୋଜନ୍ତୁ ଯାହାଙ୍କୁ ଆପଣ ଉଭୟ ଶୈଳୀରେ ଓ ବିଷୟ ବସ୍ତୁରେ ସମାଲୋଚନାମୂଳକ ସମୀକ୍ଷା କରିପାରିବେ । ଅଧିବେଶନ ଗୁଡ଼ିକର ମଧ୍ୟ ଭାଗରେ ସେହି କ୍ଲିପକୁ ଦେଖିବା ପାଇଁ, ଟିପ୍ପଣୀ ପ୍ରସ୍ତୁତ କରିବା ପାଇଁ ଓ ପରବର୍ତ୍ତୀ ସମୟ ଆଲୋଚନା ନିମନ୍ତେ ପ୍ରସ୍ତୁତ ରହିବା ପାଇଁ ଦଳକୁ କହନ୍ତୁ ।

## ପ୍ରାର୍ଥନା

ଈଶ୍ୱରଙ୍କ ଆତ୍ମା ଯେପରି ଆପଣଙ୍କର ପ୍ରଚାରର ଏହି ଛୋଟ ଦାନ ମାଧ୍ୟମରେ କାର୍ଯ୍ୟ କରିବେ, ଏଥିପାଇଁ ଏକତ୍ର ପ୍ରାର୍ଥନା କରନ୍ତୁ । ଈଶ୍ୱର ଆପଣଙ୍କୁ ତାଙ୍କ ବାର୍ତ୍ତା ପାଇଁ ଏକ ମୁଖ କରିଥିବାରୁ ତାଙ୍କୁ ଧନ୍ୟବାଦ ଦିଅନ୍ତୁ ଓ ଆପଣଙ୍କ ମୁଖରୁ ନିର୍ଗତ ତାଙ୍କର ବାକ୍ୟ ଯେପରି ଆପଣଙ୍କ ହୃଦୟର ସ୍ଥିତି ଠାରୁ ପୃଥକ୍ ନ ହୁଏ, ଏଥିପାଇଁ ନିଜ ଜୀବନରେ ସୁସମାଚାରକୁ ବିଶ୍ୱାସ ଯୋଗ୍ୟ ଭାବରେ ପ୍ରଦର୍ଶିତ କରିବାରେ ଆପଣଙ୍କୁ ସାହାଯ୍ୟ କରିବା ପାଇଁ ତାଙ୍କୁ କହନ୍ତୁ । ଆପଣ ଯେଉଁମାନଙ୍କ ନିକଟରେ ପ୍ରଚାର କରିବେ, ସେମାନଙ୍କ ହୃଦୟକୁ ଈଶ୍ୱର ଯେପରି ପ୍ରସ୍ତୁତ କରିବେ ଓ ସେମାନଙ୍କୁ ଏପରି ଏକ ପ୍ରତ୍ୟାଦେଶର ସ୍ଥାନ ନିକଟକୁ ନେଇଯିବେ, ଯେଉଁଠାରୁ ସେମାନେ ତାଙ୍କୁ ବିଶ୍ୱାସ କରିବା ପାଇଁ ମନୋନୀତ କରିପାରିବେ – ଏଥିପାଇଁ ପ୍ରାର୍ଥନା କରନ୍ତୁ ।

## ଉତ୍ତର ଦାୟିତ୍ୱ (୧୫ ମିନିଟ୍)

*ସମୀକ୍ଷା ଫର୍ମଟିକୁ ପୂରଣ କରନ୍ତୁ, ଏହାକୁ ଦୁଇ ଜଣଙ୍କ ମଧ୍ୟରେ କିମ୍ବା ଛୋଟ ଦଳ ମଧ୍ୟରେ ଜଣାନ୍ତୁ ଓ ଏକ ଆରେକ ପାଇଁ ପ୍ରାର୍ଥନା କରନ୍ତୁ ।*

# ଅଧିବେଶନ – ୫
# ସୁସମାଚାର ପ୍ରଚାରକର ଶକ୍ତି

**ସୁସମାଚାର ପ୍ରଚାରକ ଭାବରେ, ଆମେ ଆତ୍ମିକ ଭାବରେ ମୃତ ହୃଦୟ ଗୁଡ଼ିକୁ ପୁନର୍ଜୀବିତ ହେବାର ଦେଖିବାକୁ ଇଚ୍ଛା କରୁ । ଏହି ଅଧିବେଶନରେ, ପ୍ରାର୍ଥନା ମାଧ୍ୟମରେ ଆତ୍ମିକ ଭାବରେ – ଶକ୍ତିଯୁକ୍ତ ହେବାର ଅର୍ଥ କ'ଣ, ତାହା ଆମେ ଆବିଷ୍କାର କରିବା । ଏହି ଶକ୍ତି ଆମର ନିଜସ୍ୱ ହୃଦୟରେ ଏକ ପ୍ରକୃତ ପୁନର୍ଜାଗରଣ ସୃଷ୍ଟି କରେ ଓ ଏହା ଫଳରେ ଆମେ ଏହାକୁ ଜଗତକୁ ପ୍ରଦାନ କରିପାରୁ ।**

## ଗୋଟିଏ ବାକ୍ୟରେ ଅଧିବେଶନ

ପ୍ରାର୍ଥନା ସୁସମାଚାର ପ୍ରଚାରର ମୌଳିକ ବିଷୟ ଅଟେ ଓ ଏହା ମାନବିକ ପ୍ରଚେଷ୍ଟାରେ ନୁହେଁ ମାତ୍ର ଈଶ୍ୱରଙ୍କ ହସ୍ତରେ – ଶକ୍ତିକୁ ତା'ର ନିଜସ୍ୱ ସ୍ଥାନରେ ରଖେ ।

## ଅଧିବେଶନର ପୃଷ୍ଠଭୂମି

ପ୍ରେସବିଟେରିଆନ୍ ପ୍ରଚାରକ ଓ ମିଶନେରୀ ଆର୍ଥର ଟପ୍ପନ୍ ପଅର୍ସନ ଏହି ଉଲ୍ଲେଖଯୋଗ୍ୟ ବିଷୟ କହିଥିଲେ, ''କୌଣସି ଦେଶ କିମ୍ବା ଅଞ୍ଚଳରେ ଏପରି କୌଣସି ଆତ୍ମିକ ଜାଗରଣ ଆଦୌ ଘଟି ନାହିଁ ଯାହା ମିଳିତ ପ୍ରାର୍ଥନାରୁ ଆରମ୍ଭ ହୋଇ ନ ଥିଲା ।''

ତାଙ୍କର ବାକ୍ୟକୁ ବିରୋଧ କରୁଥିବା ଗୋଟିଏ ଦୃଷ୍ଟାନ୍ତ ଖୋଜିବା ଆମ ପକ୍ଷରେ କଷ୍ଟକର ହେବ । ଏହା ସମଗ୍ର ଶାସ୍ତ୍ରରେ ଥିବା ଈଶ୍ୱରଙ୍କ ଲୋକମାନଙ୍କ ପ୍ରତି ଈଶ୍ୱରଙ୍କ ଆଦେଶ ଓ ଏହାପରେ ଆସୁଥିବା ପ୍ରତିଜ୍ଞାକୁ ବର୍ଣ୍ଣନା କରିଛି । ଶଲୋମନଙ୍କ ରାଜତ୍ୱ ସମୟରେ ଗୋଟିଏ ଦୃଷ୍ଟାନ୍ତ ଦେଖନ୍ତୁ – ଈଶ୍ୱର ବିଦ୍ରୋହୀ ଇସ୍ରାଏଲୀୟମାନଙ୍କ ସହିତ କଥା କହି ସେମାନଙ୍କୁ ସେମାନଙ୍କ ଅବାଧ୍ୟତା ଓ ପରବର୍ତ୍ତୀ ଅବଶ୍ୟମ୍ଭାବୀ ଧ୍ୱଂସାତ୍ମକ ପରିଣତି ସତ୍ତ୍ୱେ ଭରସା ପ୍ରଦାନ କରିଛନ୍ତି :

> ''ଯେବେ ଆମ୍ଭ ନାମରେ ବିଖ୍ୟାତ ଆମ୍ଭ ଲୋକମାନେ ଆପଣାମାନଙ୍କୁ ନମ୍ର କରି ପ୍ରାର୍ଥନା କରିବେ ଓ ଆମ୍ଭର ମୁଖ ଅନ୍ୱେଷଣ କରି ଆପଣା ଆପଣା କୁପଥରୁ ଫେରିବେ, ତେବେ ଆମ୍ଭେ ସ୍ୱର୍ଗରୁ ଶୁଣିବା ଓ ସେମାନଙ୍କ ପାପ କ୍ଷମା କରିବା ଓ ସେମାନଙ୍କ ଦେଶ ସୁସ୍ଥ କରିବା ।''
>
> **୨ ବଂଶାବଳୀ ୭:୧୪**

ସେହିପରି ଭାବରେ, ଯୀଶୁଙ୍କର ସୁସମାଚାର ଆମ ଜୀବନ ଉପରେ ପ୍ରଭୁତ୍ୱକୁ ନମ୍ର ଭାବରେ ପରିତ୍ୟାଗ କରିବା ପାଇଁ, ଖ୍ରୀଷ୍ଟଙ୍କର ବଶୀଭୂତ ହେବା ପାଇଁ, ସେ ପ୍ରଭୁ ଅଟନ୍ତି ବୋଲି ସ୍ୱୀକାର କରିବା ପାଇଁ ଓ ଆମକୁ ସୁସ୍ଥତା ଓ ନୂତନ ଜୀବନ ଦେବା ନିମନ୍ତେ ତାଙ୍କୁ ଅନୁମତି ଦେବା ପାଇଁ ଏକ ସୁଯୋଗ ପ୍ରଦାନ କରେ । ଆମେ ବିଦ୍ରୋହ (ପାପ)ରୁ ପ୍ରତ୍ୟାଦେଶ (ଈଶ୍ୱରଙ୍କ ସତ୍ୟ ସମ୍ବନ୍ଧୀୟ) ପ୍ରତି, ଅନୁତାପ (ଈଶ୍ୱରଙ୍କଠାରେ ବିଶ୍ୱାସ) ପ୍ରତି, ପୁନର୍ଜାଗରଣ (ଏପରି ପରିବର୍ତ୍ତନ ଯାହା ଅନ୍ୟମାନଙ୍କୁ ପରିବର୍ତ୍ତନର ଆହ୍ୱାନ ଦିଏ) ପ୍ରତି ଅଗ୍ରସର ହେଉ ।

୨ କରିନ୍ଥୀୟରେ ବ୍ୟବହୃତ ''ଫେରିବା'' ଶବ୍ଦଟି ନୂତନ ନିୟମରେ ''ଅନୁତାପ କରିବା'' ଭାବରେ ଅନୁବାଦିତ ହୋଇଥିବା ଶବ୍ଦ ସହିତ ସମାନ ଅଟେ । ଯୀଶୁ ଠିକ୍ ତାହା କରିବା ପାଇଁ ଏକ ଆହ୍ୱାନ ଜଣାଇ ତାଙ୍କର ପ୍ରଚାର କାର୍ଯ୍ୟ ଆରମ୍ଭ କରିଥିଲେ (ମାର୍କ ୧:୧୫) । ଏହି କାହାଣୀରେ ଇସ୍ରାଏଲୀୟ ସମସ୍ୟା ଆଜି ଆମର ସମସ୍ୟା ସହିତ ସମାନ ଅଟେ – ଆମେ ମଧ୍ୟ ବାରମ୍ବାର ଆମ ନିଜସ୍ୱ ଭାଗ୍ୟ ନିରୂପଣ କରିବା ଚେଷ୍ଟାରେ ଅନ୍ୟ ଦେବତାମାନଙ୍କ (ଏପରିକି ଆମ ନିଜ ନିଜ) ପ୍ରତି ଦୃଷ୍ଟିପାତ କରୁ । ଏହି ଅବାଧ୍ୟତା କେବଳ ମୃତ୍ୟୁ, ଭଗ୍ନତା ଓ ବିଶୃଙ୍ଖଳା ଦିଗକୁ କଢ଼ାଇ ନେଇପାରେ । ଈଶ୍ୱର ଆମକୁ ସେହି ମୁହୂର୍ତ୍ତରୁ ତାଙ୍କ ନିକଟକୁ ଫେରିବା ପାଇଁ ଆହ୍ୱାନ କରୁଥାନ୍ତି, ଯେଉଁ ମୁହୂର୍ତ୍ତରୁ ଆମେ ତାଙ୍କଠାରୁ ବିମୁଖ ହୋଇଥାଉ । ସୁସମାଚାର ଏହା ପ୍ରକାଶ କରେ ଯେ ଆମର ବିଦ୍ରୋହ ସତ୍ତ୍ୱେ, ଈଶ୍ୱରଙ୍କ ଅନୁଗ୍ରହରେ ଓ ତାଙ୍କ ପ୍ରତି ଆମର ବିନମ୍ର ପ୍ରତିକ୍ରିୟାରେ ଭରସା ମିଳିଥାଏ ।

ସାଧାରଣ ଭାବରେ ଜଣେ ବିଚାରପତିଙ୍କ ନିକଟରେ ନିବେଦନ କରିବା ମଧ୍ୟରେ ଦୋଷରୁ ମୁକ୍ତି ପାଇବା ଆଶାରେ ନିର୍ଦ୍ଦୋଷତାର ଏକ ପ୍ରାର୍ଥନା ରହିଥାଏ, ମାତ୍ର ଏଠାରେ ଆମକୁ ଅନନ୍ତ ବିଚାରକର୍ତ୍ତାଙ୍କ ସମ୍ମୁଖରେ ନତ ହୋଇ ଆମର ଅପରାଧ ସ୍ୱୀକାର କରିବାକୁ କୁହାଯାଇଛି – କେବଳ ଏହାପରେ ଆମେ କ୍ଷମା ପାଇପାରୁ । ଜଣେ ପବିତ୍ର ରାଜାଙ୍କ ବିରୁଦ୍ଧରେ ଆମ ବିଦ୍ରୋହର ଭୟଙ୍କର ବାସ୍ତବତାର ଆଲୋକରେ ନ୍ୟାୟ ଆମ ଅପରାଧର ଦଣ୍ଡ ଦାବୀ କରେ, ମାତ୍ର ଈଶ୍ୱର ତାହା ନ କରି କ୍ରୁଶର ଯଥାର୍ଥ ନ୍ୟାୟ ଦ୍ୱାରା ଆମକୁ କ୍ଷମା ପ୍ରଦାନ କରିଛନ୍ତି । ମୃତ୍ୟୁ ପରିବର୍ତ୍ତେ, ଆମକୁ ସୁସ୍ଥତା, ପୁନର୍ମିଳନ ଓ ଜୀବନ ପ୍ରଦାନ କରାଯାଇଛି, ଈଶ୍ୱର ନମ୍ର ଲୋକମାନଙ୍କୁ ପୁନର୍ଜୀବିତ କରନ୍ତି ।

ପୁନର୍ଜାଗରଣ ପାଇଁ ପ୍ରାର୍ଥନାର ଓ ମିଳନ (ଈଶ୍ୱରଙ୍କ ସହିତ ଓ ପରସ୍ପର ସହିତ)ର ଶକ୍ତି ସମ୍ବନ୍ଧରେ ଅନ୍ୟ ଏକ ଦୃଷ୍ଟାନ୍ତ ଆୟୁବଙ୍କ

କାହାଣୀରେ ଦେଖିବାକୁ ମିଳେ । ଆୟୁବ ଯେତେବେଳେ ଈଶ୍ୱରଙ୍କ ଠାରୁ ଏକ ଭାରୀ ପ୍ରତ୍ୟାଶିତ ପରୀକ୍ଷାର ସମ୍ମୁଖୀନ ହୋଇଥିଲେ, ସେତେବେଳେ ତାହା ତାଙ୍କ ପାଇଁ ଘଡ଼ିସନ୍ଧିର ସମୟ ନ ଥିଲା, ମାତ୍ର ତାଙ୍କର ଯେଉଁ ବନ୍ଧୁମାନେ, ମୁଖ୍ୟତଃ, ତାଙ୍କର ଆପେକ୍ଷିକ ସ୍ଥିତିକୁ ବିଶୃଙ୍ଖଳିତ କରିବା ସମସ୍ୟାର ଅଂଶ ବିଶେଷ ହୋଇଥିଲେ, ସେମାନଙ୍କ ପାଇଁ ଆଜ୍ଞାବହ ହୋଇ ପ୍ରାର୍ଥନା କରିବା ସମୟଟି ହିଁ ତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା । କାହାଣୀର ଏହି ସ୍ଥାନରେ, ଆୟୁବ ନିଜ ପରିବେଶର ଊର୍ଦ୍ଧ୍ୱକୁ ଦୃଷ୍ଟିପାତ କରି ଉଦାର ଭାବରେ ଅନ୍ୟମାନଙ୍କ (ଯେଉଁମାନେ ତାଙ୍କୁ ଦୋଷାରୋପ କରୁଥିଲେ) ପାଇଁ ପ୍ରାର୍ଥନା କରିଥିଲେ ଓ ପୁନଃସ୍ଥାପିତ ହୋଇଥିଲେ ।

ନିଜର ସ୍ୱର୍ଗୀୟ ପିତାଙ୍କର ବାଧ୍ୟ ହେବା ପାଇଁ ମନୋନୀତ କରିବା ଦ୍ୱାରା, ଶାନ୍ତି ରାଜ୍ୟ ପ୍ରତି ଆନୁଗତ୍ୟ ପ୍ରକାଶ କରିବା ଦ୍ୱାରା ଜଣେ ବ୍ୟକ୍ତିର ପୁନର୍ଜାଗରଣ ଆରମ୍ଭ ହୁଏ । ଏଥିପାଇଁ ଜଣେ ବ୍ୟକ୍ତିକୁ ବାକ୍ୟରେ ଓ କାର୍ଯ୍ୟରେ ଏହା ଘୋଷଣା କରିବାକୁ ହୁଏ ଯେ ଯୀଶୁ ପ୍ରଭୁ ଅଟନ୍ତି ଓ ପୁନର୍ଜନ୍ମ ପାଇଁ ସେମାନଙ୍କୁ ପବିତ୍ର ଆତ୍ମାଙ୍କ ଶକ୍ତି ଉପରେ ନିର୍ଭର କରିବାକୁ ହୁଏ । ଈଶ୍ୱରଙ୍କ ଅନୁଗ୍ରହ ଦ୍ୱାରା, ପୁନଃ ଜାଗରଣ ଆମଠାରୁ ଆରମ୍ଭ ହୁଏ ଓ ସେହି ସମାନ ଅନୁଗ୍ରହ ଦ୍ୱାରା, ବିଦ୍ରୋହୀ ଲୋକମାନେ ଯେତେବେଳେ ନମ୍ର ଭାବରେ ଦେଶକୁ ସୁସ୍ଥ କରିବା ପାଇଁ ପ୍ରାର୍ଥନା କରିବା ନିମନ୍ତେ ମିଳିତ ହୁଅନ୍ତି, ସେତେବେଳେ ସେହି ସ୍ଥାନରୁ ହିଁ ପୁନର୍ଜାଗରଣ ଉତ୍ପନ୍ନ ହୋଇପାରେ ।

# ଅଧିବେଶନ ସହାୟକ ସୂଚନା

## ନିକଟବର୍ତ୍ତୀ ହେବା (୧୫–୨୫ ମିନିଟ୍)

*ଏହି ସମୟରେ କାହାଣୀ, ଉତ୍ସାହପ୍ରଦ ଘଟଣା, ସୁଯୋଗ ଗୁଡ଼ିକ ଉପରେ ମତାମତ ଓ ଦଳକୁ ଉତ୍ସାହିତ କରୁଥିବା ଅନ୍ୟ ଯେ କୌଣସି ବିଷୟ ଜଣାଇ ଏକ ଆରେକର ନିକଟବର୍ତ୍ତୀ ହୁଅନ୍ତୁ । ଏହି ସମୟଟିକୁ ଭିଡିଓ ପ୍ରଚାର ଦୃଷ୍ଟାନ୍ତ (ଅଧିବେଶନ – ୪ : ପ୍ରୟୋଗ) ବିଷୟରେ କଥାବାର୍ତ୍ତା କରିବା ପାଇଁ ବ୍ୟବହାର କରନ୍ତୁ । ଲୋକମାନେ କେଉଁ ବିଷୟକୁ ଉପକାରୀ କିମ୍ବା ଅନୁପକାରୀ ବୋଲି ଆବିଷ୍କାର କରିଥିଲେ ? ଆମେ ଦୃଷ୍ଟାନ୍ତରୁ ଏପରି କ'ଣ ଶିକ୍ଷା କରିଛୁ ଯାହା ସୁସମ୍ବାଦ ଘୋଷଣାକାରୀ ଭାବରେ ବୃଦ୍ଧି ପାଇବାରେ ଆମକୁ ସାହାଯ୍ୟ କରିବ । ଅତି ସମାଲୋଚନାମୂଳକ ହୁଅନ୍ତୁ ନାହିଁ କିମ୍ବା ଆପଣ କୌଣସି ପ୍ରଚାର ଶୈଳୀକୁ ପସନ୍ଦ କରୁଛନ୍ତି କିମ୍ବା ପସନ୍ଦ କରୁ ନାହାନ୍ତି – କେବଳ ତା' ଉପରେ ମନ୍ତବ୍ୟ ଦିଅନ୍ତୁ ନାହିଁ, ମାତ୍ର ବିଷୟ ବସ୍ତୁକୁ ଗଭୀର ଭାବରେ ଦେଖନ୍ତୁ : ଏହା ସୁସମାଚାରର ଏକ ସଫଳ ବର୍ଣ୍ଣନା ଥିଲା କି ? ବାର୍ତ୍ତାକୁ ସମବେତ ଶ୍ରୋତାମାନଙ୍କ ନିକଟରେ ଉପଯୁକ୍ତ ଭାବେ ଜଣାଇ ଦିଆଯାଇଥିଲା କି ?*

## ପ୍ରାର୍ଥନା

*ପ୍ରଭୁଙ୍କୁ ସମୟ ଦିଅନ୍ତୁ ଓ ନିକଟବର୍ତ୍ତୀ ହେବା ସମୟରେ ଉତ୍ପନ୍ନ ହୋଇଥିବା ଯେ କୌଣସି ସକାରାତ୍ମକ କିମ୍ବା ଆହ୍ୱାନମୂଳକ ପରିସ୍ଥିତି ପାଇଁ ପ୍ରାର୍ଥନା କରନ୍ତୁ ।*

## ଶିକ୍ଷାଦାନ (୨୦–୩୦ ମିନିଟ୍)

*ନିମ୍ନଲିଖିତ ଶିକ୍ଷାଦାନର ବିଷୟବସ୍ତୁର ପ୍ରତ୍ୟେକଟି ବାକ୍ୟକୁ ପଢ଼ିବା ଦ୍ୱାରା କିମ୍ବା ଆପଣଙ୍କ ନିଜସ୍ୱ ଉପସ୍ଥାପନରେ ଏହାକୁ ପୁନଃ ପ୍ରୟୋଗ କରିବା ଦ୍ୱାରା, ଆପଣଙ୍କ ନିଜସ୍ୱ ମାର୍ଗରେ ଏହାକୁ ସଂପୂର୍ଣ୍ଣ କରନ୍ତୁ ।*

''ଆମ୍ଭେମାନେ ଯେପରି ସର୍ବୋତଭାବେ ଈଶ୍ୱର ପରାୟଣତା ଓ ଭଦ୍ରତା ସହ ଶାନ୍ତି ଓ ନିର୍ବିଘ୍ନତାରେ ଜୀବନ ଯାପନ କରିପାରୁ, ଏଥିନିମନ୍ତେ ସର୍ବସାଧାରଣ ଲୋକଙ୍କ ପାଇଁ, ରାଜା ଓ ଶାସନକର୍ତ୍ତାମାନଙ୍କ ପାଇଁ ନିବେଦନ, ପ୍ରାର୍ଥନା ବିନତି ଓ ଧନ୍ୟବାଦ ଉତ୍ସର୍ଗ କରିବା ନିମନ୍ତେ ମୁଁ ସର୍ବ ପ୍ରଥମେ ଅନୁରୋଧ କରୁଅଛି । ଏହା ଆମ୍ଭମାନଙ୍କ ତ୍ରାଣକର୍ତ୍ତା ଈଶ୍ୱରଙ୍କ ଦୃଷ୍ଟିରେ ଉତ୍ତମ ଓ ସୁଗ୍ରାହ୍ୟ ଅଟେ । ସମସ୍ତେ ଯେପରି ପରିତ୍ରାଣ ଓ ସତ୍ୟ ସମ୍ବନ୍ଧରେ ଜ୍ଞାନପ୍ରାପ୍ତ ହୁଅନ୍ତି, ଏହା ସେ ଇଚ୍ଛା କରନ୍ତି ।''

**୧ ତୀମଥି ୨ : ୧–୪**

ତୀମଥିଙ୍କୁ ଲିଖିତ ନିଜର ପ୍ରଥମ ପତ୍ରରେ, ପାଉଲ ତୀମଥିଙ୍କୁ ଏଫିସ ମଣ୍ଡଳୀର ଉପାସନା ଜୀବନ ପାଇଁ କିଛି ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି । ପାଉଲ ତାଙ୍କୁ ମୁଖ୍ୟତଃ, ଅନ୍ୟମାନଙ୍କ ପାଇଁ ପ୍ରାର୍ଥନା ଓ ନିବେଦନ ନିମନ୍ତେ ସମୟ ଦେବାକୁ କହିଛନ୍ତି, କାରଣ ଏହା ଈଶ୍ୱରଙ୍କୁ ସନ୍ତୁଷ୍ଟ କରେ । ସମସ୍ତ ଲୋକ ତାଙ୍କ ରାଜ୍ୟର ଶାନ୍ତି ଜାଣନ୍ତୁ ବୋଲି ଈଶ୍ୱର ଇଚ୍ଛା କରୁଥିବାରୁ, ସେ ସନ୍ତୁଷ୍ଟ ହୁଅନ୍ତି । ପ୍ରାର୍ଥନା ଏପରି ଏକ ମାର୍ଗ ଅଟେ ଯଦ୍ୱାରା ଆମେ ଈଶ୍ୱରଙ୍କୁ ସେହି କାର୍ଯ୍ୟ କରିବା ପାଇଁ କହୁ, ଯାହା କେବଳ ସେ କହିପାରନ୍ତି, ଅର୍ଥାତ୍, ବିଶୃଙ୍ଖଳା ମଧ୍ୟରେ ଶାନ୍ତି ଆଣିବା ଓ ମୃତ୍ୟୁରୁ ଜୀବନ ଉତ୍ପନ୍ନ କରିବା । ପ୍ରାର୍ଥନା ସୁସମାଚାର ପ୍ରଚାରର ମୌଳିକ ବିଷୟ ଅଟେ ଓ ଏହା ମାନବିକ ପ୍ରଚେଷ୍ଟାରେ ନୁହେଁ, ମାତ୍ର ଈଶ୍ୱରଙ୍କ ହସ୍ତରେ, ଶକ୍ତିକୁ ତା'ର ନିଜସ୍ୱ ସ୍ଥାନରେ ରଖେ ।

ଏଡ୍‌ମଣ୍ଡ ପି. କ୍ଲୋନ୍ତୀ ଲେଖିଛନ୍ତି :

''ବାଇବଲ ଈଶ୍ୱରଙ୍କ ବାକ୍ୟ ଅଟେ, ଏହା ବିଦ୍ରୋହୀ ଲୋକମାନଙ୍କୁ ତାଙ୍କ ନିକଟକୁ ଫେରାଇ ଆଣିବାରେ ତାଙ୍କ କାର୍ଯ୍ୟ ସମ୍ବନ୍ଧୀୟ ତାଙ୍କର କାହାଣୀ ଅଟେ । ଏହା ଜଣେ ହଜି ଯାଇଥିବା ଈଶ୍ୱରଙ୍କୁ ମନୁଷ୍ୟର ଅନ୍ୱେଷଣ ସମ୍ବନ୍ଧୀୟ ନୁହେଁ, ମାତ୍ର ହଜି ଯାଇଥିବା ମନୁଷ୍ୟମାନଙ୍କୁ ଈଶ୍ୱରଙ୍କର ଅନ୍ୱେଷଣ ସମ୍ବନ୍ଧୀୟ ଅଟେ । ବାଇବଲ ପ୍ରାର୍ଥନା କରିବାର ଏକ କଳାକୁ ଉପସ୍ଥାପନ କରେ ନାହିଁ, ଏହା ପ୍ରାର୍ଥନାର ଈଶ୍ୱରଙ୍କୁ ଉପସ୍ଥାପନ କରେ, ସେ ସେହି ଈଶ୍ୱର ଅଟନ୍ତି, ଯିଏ ଆମକୁ, ଆମେ ଉତ୍ତର ଦେବା ପୂର୍ବରୁ ଡାକନ୍ତି ଓ ଆମେ ଡାକିବା ପୂର୍ବରୁ ଉତ୍ତର ଦିଅନ୍ତି ।'' (ଯିଶାଇୟ ୬୫:୨୪)

ଥରେ ଯୁକ୍ତରାଷ୍ଟ୍ରର ପ୍ରତିଷ୍ଠାତା ଜନକ, ବେଞ୍ଜାମିନ୍ ଫ୍ରାଙ୍କଲିନ୍ କହିଥିଲେ, ''ପ୍ରସ୍ତୁତିରେ ବିଫଳତା ଦ୍ୱାରା, ଆପଣ ବିଫଳତା ପାଇଁ ପ୍ରସ୍ତୁତ ହେଉଥାନ୍ତି ।'' ଆମେ ପ୍ରାର୍ଥନା ପୂର୍ଣ୍ଣ ବଶ୍ୟତା ଓ ଈଶ୍ୱରଙ୍କ ନିକଟରେ ବିନତି ମାଧ୍ୟମରେ ସୁସମାଚାର ପ୍ରଚାର ପାଇଁ ଆମର ହୃଦୟକୁ ପ୍ରସ୍ତୁତ କରିବା ଆବଶ୍ୟକ । ଆମେ ଉପରୋକ୍ତ କଥନକୁ ନିମ୍ନ ପ୍ରକାରେ କହିପାରିବା :

- ''ସୁସମାଚାର ପ୍ରଚାର ପାଇଁ ପ୍ରାର୍ଥନା ପୂର୍ଣ୍ଣ ଭାବରେ ପ୍ରସ୍ତୁତ ହେବାରେ ବିଫଳ ହେବା ଦ୍ୱାରା, ଆମେ ସୁସମାଚାର ପ୍ରଚାରରେ ବିଫଳ ହେବା ପାଇଁ ପ୍ରସ୍ତୁତ ହେଉଥାଉ ।

ଏପରିକି ବିଶ୍ୱସ୍ତ ପ୍ରାର୍ଥନା ଓ ଆତ୍ମିକ ଭାବରେ ଶକ୍ତିଯୁକ୍ତ ସୁସମାଚାର ବାର୍ତ୍ତା ସହିତ, ଲୋକମାନେ ସୁସମାଚାରକୁ ଅଗ୍ରାହ୍ୟ କରିପାରିନ୍ତି । ମାତ୍ର ପରିତ୍ରାଣର ଶକ୍ତି କେବଳ ଈଶ୍ୱରଙ୍କର ଅଟେ ଓ ଆମର ପ୍ରାର୍ଥନା ମାଧ୍ୟମରେ ଈଶ୍ୱର କାର୍ଯ୍ୟ କରିବେ ବୋଲି ଆମେ ବିଶ୍ୱାସ କରିପାରିବା । ଆମେ ହୁଏତ ସର୍ବଦା ସେହି ମୁହୂର୍ତ୍ତରେ ଆମର ଆଶାନୁରୂପୀ ଫଳ ଦେଖି ନ ଥାଉ (ଏଫିସୀୟ ୬:୧୮-୨୦) । ତଥାପି ଆମ ସୁସମାଚାର ପ୍ରଚାରର ଫଳ ଆମର ବାର୍ତ୍ତା ଶୁଣୁଥିବା ବ୍ୟକ୍ତିର ଓ ଈଶ୍ୱରଙ୍କର ହସ୍ତରେ ଥାଏ । ସେଥିପାଇଁ, କେତେ ଜଣ ଲୋକ ପରିତ୍ରାଣ ପାଆନ୍ତି, ତଦ୍ୱାରା ନୁହେଁ, ମାତ୍ର ଈଶ୍ୱର ଆମକୁ ଯାହା କରିବାକୁ କହନ୍ତି, ତାହା ପ୍ରତି ବାଧ୍ୟ ହେବା ଦ୍ୱାରା, ଅର୍ଥାତ୍, ପ୍ରାର୍ଥନା କରିବା ଓ ଘୋଷଣା କରିବା ଦ୍ୱାରା ସୁସମାଚାର ପ୍ରାରମ୍ଭରେ ଆମର ସଫଳତା ଓ ବିଫଳତାକୁ ନିର୍ଣ୍ଣୟ କରାଯାଏ ।

ପ୍ରାର୍ଥନା କରିବାରେ ଆମର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି, ଈଶ୍ୱର ସେପରି କରିବାକୁ ଆମକୁ ଆଦେଶ ଦେଇଛନ୍ତି । କିନ୍ତୁ, ଆମର ସ୍ୱର୍ଗୀୟ ପିତାଙ୍କ ସହିତ ସଂପର୍କରେ ବୃଦ୍ଧି ପାଉଥିବା ସମୟରେ, ଆମେ ଯେପରି ପ୍ରେମପୂର୍ଣ୍ଣ ଭାବରେ ତାଙ୍କୁ ଗୌରବ ଦେବା ପାଇଁ ଇଚ୍ଛା କରିବୁ ଓ ଆମ ଜୀବନରେ ଓ ଆମେ ଯେଉଁମାନଙ୍କ ପାଇଁ ପ୍ରାର୍ଥନା କରୁ, ସେମାନଙ୍କ ଜୀବନରେ ତାଙ୍କର ଉତ୍ତମତା ଓ ଆଶୀର୍ବାଦକୁ ଅନ୍ୱେଷଣ କରିବୁ, ଏଥିପାଇଁ ଏହି ଉଦ୍ଦେଶ୍ୟ ଈଶ୍ୱରଙ୍କ ସରଳ ଆଦେଶର ବାଧ୍ୟ ହେବା ଦ୍ୱାରା ପରିପକ୍ୱ ହେବା ଉଚିତ୍ । ଆମେ ଈଶ୍ୱରଙ୍କୁ ଯେତେ ଅଧିକ ଜାଣିବା, ଆମେ ସେତେ ଅଧିକ ସ୍ୱଷ୍ଟ ଭାବରେ ଈଶ୍ୱରଙ୍କ ଇଚ୍ଛାକୁ ଆବିଷ୍କାର କରିବା । ଆମେ ଯେତେ ଅଧିକ ପ୍ରାର୍ଥନା କରିବା, ସେତେ ଅଧିକ ଈଶ୍ୱରଙ୍କୁ ଜାଣିବା । ଆମେ ଯେତେ ଅଧିକ ଈଶ୍ୱରଙ୍କୁ ଜାଣିବା, ପୃଥିବୀରେ ଓ ସ୍ୱର୍ଗରେ ତାଙ୍କର ଇଚ୍ଛା ଯେପରି ସଫଳ ହେବ, ଏଥିପାଇଁ ପ୍ରାର୍ଥନା କରିବା ନିମନ୍ତେ ସେତେ ଅଧିକ ଇଚ୍ଛା କରିବା ।

ତେବେ ଆମ ପ୍ରାର୍ଥନା ଜୀବନର ଅବସ୍ଥା କ'ଣ ? କେତେକ ବ୍ୟକ୍ତିଙ୍କ ପାଇଁ, ପ୍ରାର୍ଥନା ସ୍ୱାଭାବିକ ଭାବରେ ଆସେ । ଅନ୍ୟମାନଙ୍କ ପାଇଁ, ଏହା ଅଧିକ ପ୍ରଚେଷ୍ଟା ଆବଶ୍ୟକ କରେ । ପ୍ରଚାରକମାନେ ଆତ୍ମ-ମୂଲ୍ୟାଙ୍କନ ପାଇଁ ନିଜ ନିଜକୁ ଏହି ପ୍ରଶ୍ନ ପଚାରିପାରିବେ : ''ପ୍ରଚାର କରିବା କିମ୍ବା ପ୍ରାର୍ଥନା କରିବା - କେଉଁ ବିଷୟଟି ମୋ' ପାଇଁ ଅଧିକ ସହଜ ମନେହୁଏ ?'' ଆପଣ କେତେଥର, ଆପଣଙ୍କୁ ପ୍ରଦତ୍ତ ସମୟ ସୀମାର ଉର୍ଦ୍ଧ୍ୱରେ, ଖୁସିରେ ପ୍ରଚାର କରିବା ଅବ୍ୟାହତ ରଖିଥିବେ ଓ ଆପଣ କେତେଥର ଆପଣଙ୍କ ନିୟମିତ ଉପାସନା / ପ୍ରାର୍ଥନା ସମୟ ସୀମାର ଉର୍ଦ୍ଧ୍ୱରେ ପ୍ରଚାର କରିବା ଅବ୍ୟାହତ ରଖନ୍ତି ?

ଯଦି ଆମେ ଫଳପ୍ରଦ, ବାଇବଲ ଭିତ୍ତିକ ସୁସମାଚାର ପ୍ରଚାରକ ହେବା ପାଇଁ ଚାହୁଁଛୁ, ତେବେ ପ୍ରାର୍ଥନା ସ୍ୱାଭାବିକ ଭାବରେ ଆସୁ କିମ୍ବା ନ ଆସୁ, ଆମେ ପ୍ରାର୍ଥନାଶୀଳ ଲୋକ ହେବା ଆବଶ୍ୟକ । ଆମ ପ୍ରାର୍ଥନାର ଦୀର୍ଘତା ନୁହେଁ, ମାତ୍ର ତାହାର ଆନ୍ତରିକତା ଗୁରୁତ୍ୱପୂର୍ଣ୍ଣ ଅଟେ । ଆମ ଜୀବନରେ ଓ ଅନ୍ୟମାନଙ୍କ ଜୀବନରେ ପ୍ରଭୁଙ୍କର ପରିବର୍ତ୍ତନକାରୀ କାର୍ଯ୍ୟ ପାଇଁ ତାଙ୍କୁ ବିଶ୍ୱସ୍ତ ଭାବରେ ନିବେଦନ କରୁ କରୁ, ଆମେ ଏହା ଆବିଷ୍କାର କରିବା ଯେ ତାଙ୍କ ଉପସ୍ଥିତିରେ ସମୟ କାଟିବାର ସାମର୍ଥ୍ୟ ଧୀରେ ଧୀରେ ବୃଦ୍ଧି ପାଇବ ଓ ଏହି ସମୟଟି ତାଙ୍କୁ ଗୌରବ ଦେବ, ଆମ ପାଇଁ ମଙ୍ଗଳଜନକ ହେବ ଓ ଅନ୍ୟମାନଙ୍କ ପ୍ରତି ଏକ ଆଶୀର୍ବାଦସ୍ୱରୂପ ହେବ ।

**ପ୍ରଶ୍ନ :** ୱେଷ୍ଟମିନଷ୍ଟର ସର୍ଟର କାଟେସିଜିମ୍ ପ୍ରବନ୍ଧ ପ୍ରାର୍ଥନାକୁ ଏହିପରି ବର୍ଣ୍ଣନା କରିଛ, ''ଏହା ଆମର ପାପ ସ୍ୱୀକାର ଓ ଈଶ୍ୱରଙ୍କ ଦୟା ନିମନ୍ତେ କୃତଜ୍ଞତାପୂର୍ଣ୍ଣ ସ୍ୱୀକୃତି ସହିତ, ଖ୍ରୀଷ୍ଟଙ୍କ ନାମରେ ଈଶ୍ୱରଙ୍କ ଇଚ୍ଛା ସହିତ ସମ୍ମତ ହେଉଥିବା ବିଷୟଗୁଡ଼ିକ ପାଇଁ ତାଙ୍କ ପ୍ରତି ଆମ ଇଚ୍ଛାଗୁଡ଼ିକର ଏକ ନୈବେଦ୍ୟ ଅଟେ ।'' ଏହି ବର୍ଣ୍ଣନାଟି, ବିଶେଷ ଭାବରେ ସୁସମାଚାର ପ୍ରଚାର ସଂପୃକ୍ତିରେ, ପ୍ରାର୍ଥନା ସମ୍ବନ୍ଧୀୟ ଆପଣଙ୍କ ଜ୍ଞାନକୁ କିପରି ଗଠନ କରେ ?

ଆମ ସୁସମାଚାର ପ୍ରଚାରର ଏକ ଅଂଶ ବିଶେଷ ଭାବରେ ଅନ୍ୟମାନଙ୍କ ପାଇଁ ପ୍ରାର୍ଥନା କରିବା ଉର୍ଦ୍ଧ୍ୱରେ, ଆମେ ସୁସମାଚାର ପ୍ରଚାର ପାଇଁ ନିଜ ନିଜକୁ ପ୍ରସ୍ତୁତ କରୁଥିବା ସମୟରେ ପ୍ରାର୍ଥନାକୁ ତିନୋଟି ମାର୍ଗରେ ବୁଝିପାରିବା ଓ ପ୍ରୟୋଗ କରପାରିବା :

- ପ୍ରଥମତଃ, ଏହା ଏପରି ଏକ ମାର୍ଗ ଯଦ୍ଦ୍ୱାରା ଆମେ ସୁସମାଚାର ପ୍ରଚାରକ ଭାବରେ, ଈଶ୍ୱରଙ୍କର ଏକ ସନ୍ତାନ ଓ ଯୀଶୁ ଖ୍ରୀଷ୍ଟଙ୍କର ଜଣେ ଆଜ୍ଞାବହ ଶିଷ୍ୟ ରୂପେ ପରିପକ୍ୱତାରେ ବୃଦ୍ଧି ପାଇପାରିବା ।

- ଦ୍ୱିତୀୟତଃ, ଏହା ଏପରି ଏକ ମାର୍ଗ ଯଦ୍ଦ୍ୱାରା ଈଶ୍ୱରଙ୍କ ଶକ୍ତି ସାକ୍ଷ୍ୟ ଦେବା ପାଇଁ ଓ ଆମ ମାଧ୍ୟମରେ କାର୍ଯ୍ୟ କରିବା ପାଇଁ ଓ ଆମର ସୁସମାଚାର ପ୍ରଚାରକୁ କେବଳ ଖ୍ରୀଷ୍ଟ ଧର୍ମର ବ୍ୟବସାୟ ନ କରି ହୃଦୟଗୁଡ଼ିକୁ ମୃତ୍ୟୁରୁ ଜୀବନ୍ତ କରିବା ପାଇଁ ସୁଯୋଗ ଆଣିପାରେ (କଲସୀୟ ୪:୨-୬) ।

- ତୃତୀୟତଃ, ଏହା ଏପରି ମାର୍ଗ ଅଟେ ଯଦ୍ଦ୍ୱାରା ଆମେ ଆତ୍ମିକ ଯୁଦ୍ଧର ସମ୍ମୁଖଭାଗକୁ ଯିବା ସମୟରେ, ଶତ୍ରୁର ଆକ୍ରମଣରୁ ନିଜ ନିଜକୁ ରକ୍ଷା କରିବା ପାଇଁ ଆତ୍ମିକ ଯୁଦ୍ଧାସ୍ତ୍ରରେ ସୁସଜ୍ଜିତ ହୋଇପାରିବା (ଏଫିସୀୟ ୬:୧୮) ।

ପାଉଲ ଯେପରି ତୀମଥିଙ୍କୁ ଅନୁରୋଧ କରିଥିଲେ, ଆମେ ସେହିପରି ସମସ୍ତ ଲୋକଙ୍କ ପାଇଁ ପ୍ରାର୍ଥନା କରିବାକୁ ଏକ ଆରେକକୁ ଅନୁରୋଧ ଓ ଉତ୍ସାହିତ କରିବା ଉଚିତ୍ ଓ ଜଗତ ଯେପରି ଈଶ୍ୱରଙ୍କର ତ୍ରାଣକାରୀ ସତ୍ୟକୁ ଜାଣିବ ଓ ଏହାର ବଶୀଭୂତ ହେବ, ଏହି ଆଶାରେ ଆମେ ତାଙ୍କ ଶକ୍ତି ପ୍ରତି ବଶୀଭୂତ ହେଉଥିବା ସମୟରେ ଆମର ପ୍ରାର୍ଥନା ଈଶ୍ୱରଙ୍କ ପ୍ରତି ତୁଷ୍ଟିକର ହେବ ।

## ଆଲୋଚନା (୧୦ ମିନିଟ୍)

*ନିମ୍ନଲିଖିତ ପ୍ରଶ୍ନ ଗୁଡ଼ିକର ଓ / କିମ୍ବା ଆଲୋଚନା ଉଦ୍ଧୃତାଂଶର ଅନୁସନ୍ଧାନ କରନ୍ତୁ :*

- ସୁସମାଚାର ପ୍ରଚାର କରିବା କିମ୍ବା ଗୋଟିଏ ନିର୍ଦ୍ଦିଷ୍ଟ ସାକ୍ଷ୍ୟଦାନ ସୁଯୋଗରେ ନିୟୋଜିତ ହେବା ପୂର୍ବରୁ, ଆପଣଙ୍କ ନିକଟରେ କେଉଁ ପ୍ରକାର ପ୍ରାର୍ଥନା ଅଭ୍ୟାସ ଓ ଶୃଙ୍ଖଳା ରହିଥାଏ ?
- ଆପଣ ଆପଣଙ୍କର ସୁସମାଚାର ପ୍ରଚାର କାର୍ଯ୍ୟ ମଧ୍ୟରେ ପ୍ରାର୍ଥନାକୁ ବ୍ୟବହାର କରନ୍ତି କି ?
- ‘‘ଉତ୍ତର ମିଳୁ ନ ଥିବା ପ୍ରାର୍ଥନା’’ ସମସ୍ୟାକୁ ଆପଣ କିପରି ବୁଝନ୍ତି ଓ ତା’ର ସମାଧାନ କରନ୍ତି ଓ ଆପଣ ଲୋକମାନଙ୍କୁ ଆପଣଙ୍କର ବିଶ୍ୱାସ ସମ୍ବନ୍ଧରେ ଜଣାଉଥିବା ସମୟରେ, କେହି ଯଦି ଆପଣଙ୍କୁ ଏହି ଚିନ୍ତାଧାରା ବିଷୟରେ ପଚାରିବ, ତେବେ ଆପଣ ଏହା ବୁଝିବାରେ ତାଙ୍କୁ କିପରି ସାହାଯ୍ୟ କରିବେ ?

‘‘ଆଗାମୀ ପୁନର୍ଜାଗରଣ ଗୋଟିଏ ମହାନ୍ ପ୍ରାର୍ଥନା-ପୁନର୍ଜାଗରଣ ସହିତ ଆରମ୍ଭ ହେବା ଆବଶ୍ୟକ । ପ୍ରଥମେ, ଗୁପ୍ତ କୋଠରୀର ରୁଦ୍ଧ ଦ୍ୱାର ଭିତରେ ପ୍ରଚୁର ବୃଷ୍ଟିର ଶବ୍ଦ ଶୁଣାଯିବ । ସେବକ-ପ୍ରଚାରକମାନଙ୍କ ସହିତ ଗୁପ୍ତ ପ୍ରାର୍ଥନାର ବୃଦ୍ଧି ଆଶୀର୍ବାଦର ସୁନିଶ୍ଚିତ ଅଗ୍ରଦୂତ ହେବ ।’’

**ଆଣ୍ଡ୍ରିଉ ମୁରେ**

## ପ୍ରାର୍ଥନା (୨୦-୩୦ ମିନିଟ୍)

*ଏହି ଅଧିବେଶନରେ ଅତିରିକ୍ତ ସମୟକୁ ପ୍ରାର୍ଥନା ପ୍ରତି ଉତ୍ସର୍ଗ କରନ୍ତୁ ଓ ତିନୋଟି ଭିନ୍ନ ଭିନ୍ନ ମାର୍ଗରେ ପ୍ରାର୍ଥନା କରନ୍ତୁ ।*

ପରସ୍ପର ପାଇଁ ପ୍ରାର୍ଥନା କରିବାରେ ସମୟ କାଟନ୍ତୁ । ଈଶ୍ୱର ଯେପରି ତାଙ୍କ ସହିତ ଦୈନିକ ସଂପର୍କ ବୃଦ୍ଧି କରୁଥିବା ଏକ ନମ୍ର ଲୋକ ହେବାରେ ଆପଣଙ୍କୁ ସାହାଯ୍ୟ କରିବେ, ଏଥିପାଇଁ ପ୍ରାର୍ଥନା କରନ୍ତୁ ।

ଆପଣଙ୍କ ଅଞ୍ଚଳ ଓ ସହର ପାଇଁ ପ୍ରାର୍ଥନା କରନ୍ତୁ । ବିନାଶପ୍ରାପ୍ତମାନେ ଯେପରି ପରିତ୍ରାଣ ପାଇବେ ଓ ଆପଣଙ୍କ ଦେଶ ଯେପରି ସୁସ୍ଥ ହେବ, ଏଥିପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରନ୍ତୁ (ମୁଖ୍ୟତଃ : ହେ ଈଶ୍ୱର, ଆଜି ହୃଦୟଗୁଡ଼ିକୁ ଜୀବିତ କରନ୍ତୁ) ।

ନିଜ ପାଇଁ ପ୍ରାର୍ଥନା କରନ୍ତୁ । ଆପଣ ଯୁଦ୍ଧ କ୍ଷେତ୍ରକୁ ଅଗ୍ରସର ହେଉଥିବା ସମୟରେ ଈଶ୍ୱରଙ୍କର ସଂପୂର୍ଣ୍ଣ ଯୁଦ୍ଧାସ୍ତ୍ରରେ ସୁସଜ୍ଜିତ ହେବା ପାଇଁ ପ୍ରାର୍ଥନା କରନ୍ତୁ ।

## ପ୍ରୟୋଗ (୫ ମିନିଟ୍)

ଏପରି ପାଞ୍ଚ ଜଣ ବନ୍ଧୁ, ପରିବାର ସଦସ୍ୟ, ସହକର୍ମୀ କିମ୍ବା ଅପରିଚିତ ବ୍ୟକ୍ତିମାନଙ୍କର ନାମ ଲେଖନ୍ତୁ ଯେଉଁମାନେ ଏପର୍ଯ୍ୟନ୍ତ ଯୀଶୁଙ୍କୁ ପ୍ରଭୁ ଭାବରେ ଜାଣି ନାହାନ୍ତି ବୋଲି ଆପଣ ଜାଣିଛନ୍ତି । ଏହି ତାଲିକାକୁ ଆପଣଙ୍କର ଫୋନ୍‌ରେ, ଆପଣଙ୍କ ଟଙ୍କା ଥଳୀରେ, ଆପଣଙ୍କର ବାଇବଲରେ କିମ୍ବା ଏପରି କୌଣସି ସ୍ଥାନରେ ରଖନ୍ତୁ, ଯେଉଁଠାରେ ଆପଣ ପ୍ରତିଦିନ ଏହାକୁ ଦେଖିବେ । ଈଶ୍ୱର ଯେପରି ଏହି ଲୋକମାନଙ୍କୁ ପୁନର୍ଜୀବିତ କରିବେ ଓ ସେମାନେ ତାଙ୍କଠାରେ ବିଶ୍ୱାସ କରିବେ, ଏଥିପାଇଁ ପ୍ରତିଦିନ ଏମାନଙ୍କ ପାଇଁ ବିଶ୍ୱସ୍ତ ଭାବରେ ପ୍ରାର୍ଥନା କରନ୍ତୁ ।

## ଉତ୍ତର ଦାୟିତ୍ୱ (୧୫ ମିନିଟ୍)

*ସମୀକ୍ଷା ଫର୍ମଟିକୁ ପୂରଣ କରନ୍ତୁ, ଏହାକୁ ଦୁଇ ଜଣଙ୍କ ମଧ୍ୟରେ କିମ୍ବା ଛୋଟ ଦଳ ମଧ୍ୟରେ ଜଣାନ୍ତୁ ଓ ଏକ ଆରେକ ପାଇଁ ପ୍ରାର୍ଥନା କରନ୍ତୁ ।*

# ଅଧିବେଶନ – ୬
# ସୁସମାଚାର ପ୍ରଚାରକର ଉପାସନା

**ସୁସମାଚାର ପ୍ରଚାରକ ଭାବରେ, ଆମର ‘‘ବକ୍ତୃତା’’ ଯେପରି ଆମର ‘ଜୀବନଶୈଳୀ’ ସହିତ ମେଳ ଖାଇବ, ଏ ବିଷୟରେ ଆମେ ସୁନିଶ୍ଚିତ ହେବା ଆବଶ୍ୟକ । ଆମେ କିପରି ଆମ ଜୀବନରେ ଓ ଆମ ସୁସମାଚାର ପ୍ରଚାରରେ ବିଶ୍ୱାସଯୋଗ୍ୟତାକୁ ରକ୍ଷା କରୁ ? ପୂର୍ବ ଅଧ୍ୟାୟରେ ପ୍ରାର୍ଥନା ବିଷୟରେ ଆମର ଅନୁସନ୍ଧାନ ସହିତ, ଆମେ ଏଠାରେ ଆମ ଖ୍ରୀଷ୍ଟୀୟ ଆଚରଣରେ ଓ ଆମର ସୁସମାଚାର ପ୍ରଚାରରେ ସଂପୂର୍ଣ୍ଣ ଉତ୍ସର୍ଗୀକୃତ ଉପାସନାର ଜୀବନର ଗୁରୁତ୍ୱକୁ ଆବିଷ୍କାର କରିବା ।**

## ଗୋଟିଏ ବାକ୍ୟରେ ଅଧିବେଶନ

ଆମେ ଆମର ପବିତ୍ର, ସ୍ୱର୍ଗୀୟ ପିତାଙ୍କ ସହିତ ସମୟ କାଟିବା ବେଳେ, ଉପାସନା ଆମକୁ ଏପରି ଏକ ପବିତ୍ରତାର ସ୍ଥାନକୁ ନେଇଯାଏ, ଯାହା ପ୍ରତି ବଦଳରେ ଆମକୁ ଆମର ହୃଦୟର ପରିବର୍ତ୍ତନ ଦ୍ୱାରା ବିଶ୍ୱାସଯୋଗ୍ୟ ବୋଲି ପ୍ରଦର୍ଶନ କରୁଥିବା ଆମ ଓଷ୍ଠରେ ଏକ ଭରସାଦାୟକ ବାର୍ତ୍ତା ବହନକାରୀ ସ୍ୱର୍ଗ ରାଜ୍ୟର ଫଳପ୍ରଦ ରାଜଦୂତ ହେବା ନିମନ୍ତେ ପ୍ରସ୍ତୁତ କରେ ।

## ଅଧିବେଶନର ପୃଷ୍ଠଭୂମି

ଯିରୂଶାଲମରେ ବାର୍ଷିକ ନିସ୍ତାର ପର୍ବ ପାଳନ କରି ଫେରିବା ପଥରେ, ଯୀଶୁ ହଜିଯାଇଛନ୍ତି ବୋଲି ମରିୟମ ଓ ଯୋଷେଫ ଉପଲବ୍ଧି କରିଥିଲେ । ତିନି ଦିନ ପରେ, ସେମାନେ ଶେଷରେ ସେମାନଙ୍କର ପୁତ୍ରଙ୍କ ସହିତ ପୁନର୍ମିଳିତ ହୋଇଥିଲେ । ସେମାନେ ଯୀଶୁଙ୍କୁ ମନ୍ଦିର ପରିସର ମଧ୍ୟରେ ଶିକ୍ଷକମାନଙ୍କ ଗହଣରେ ଆବିଷ୍କାର କରିଥିଲେ । ଯୀଶୁ ଜ୍ଞାନୀ ଗୁରୁମାନଙ୍କ ମଧ୍ୟରେ ବସି ସେମାନଙ୍କଠାରୁ ଶିକ୍ଷା ଗ୍ରହଣ କରୁଥିଲେ ଓ କେବଳ ୧୨ ବର୍ଷ ବୟସରେ ଧର୍ମଶାସ୍ତ୍ର ସମ୍ବନ୍ଧରେ ଥିବା ତାଙ୍କର ଅସାଧାରଣ ଜ୍ଞାନ ଦେଖି ସେମାନେ ଆଶ୍ଚର୍ଯ୍ୟାନ୍ୱିତ ହୋଇଥିଲେ । ପିତାମାତାଙ୍କଠାରୁ ଦୂରେଇ ଯାଇ, ଯୀଶୁ କାହିଁକି ନିଜର ପିତାମାତାଙ୍କୁ ଚିନ୍ତିତ କରାଇଲେ ବୋଲି ମରିୟମ ପ୍ରଶ୍ନ କରିବାରୁ, ଯୀଶୁ ସେହି ପ୍ରଶ୍ନ ଦ୍ୱାରା ଦ୍ୱନ୍ଦ୍ୱଗ୍ରସ୍ତ ହେବା ଭଳି ମନେ ହୁଏ ।

ଯଦି ଆପଣଙ୍କୁ ଖୋଜିବାକୁ ଚେଷ୍ଟା କରୁଥିବା ଲୋକମାନେ, ଆପଣ କେଉଁଠାରେ ଅଛନ୍ତି, ତାହା ଜାଣନ୍ତି ନାହିଁ, ତେବେ ଆପଣ ହଜି ଯାଇପାରନ୍ତି – ଏହି କାରଣରୁ ଯୀଶୁ ଦ୍ୱନ୍ଦ୍ୱଗ୍ରସ୍ତ ହୋଇଛନ୍ତି । ମାତ୍ର ସେ ଯେ ନିଜ ପିତାଙ୍କ ଗୃହରେ ଥିବେ, ଏହା ସେମାନେ କିପରି ଜାଣି ପାରି ନ ଥିଲେ ? ଏହା ତାଙ୍କ ପାଇଁ ଏକ ସ୍ୱାଭାବିକ ରହଣି ସ୍ଥାନ ଅଟେ । ଏହା ଆମେରିକାର ରାଷ୍ଟ୍ରପତିଙ୍କୁ ହ୍ୱାଇଟ ହାଉସ୍‌ରେ ନ ଖୋଜି ଅନ୍ୟ ସ୍ଥାନରେ ଖୋଜିବା ଓ ଏହାପରେ ତାଙ୍କୁ ତାଙ୍କ କାର୍ଯ୍ୟାଳୟର ମେଜ ନିକଟରେ ବସିଥିବାର ଦେଖି ଆଶ୍ଚର୍ଯ୍ୟାନ୍ୱିତ ହୋଇ ‘‘ଆପଣ କେଉଁଠାରେ ଥିଲେ ?’’ ବୋଲି ପଚାରିବା ସଦୃଶ ଅଟେ ।

ଲୂକ ମରିୟମଙ୍କ ପ୍ରତି ଯୀଶୁଙ୍କ ଉତ୍ତରକୁ ଏପରି ନିର୍ଦ୍ଦିଷ୍ଟ ଭାଷାରେ ବର୍ଣ୍ଣନା କରିଛନ୍ତି । ଯାହା ଈଶ୍ୱରଙ୍କ ସହିତ ଏକ ଅସାଧାରଣ ସଂପର୍କ ବିଷୟରେ ତାଙ୍କର ଦାବୀକୁ ପ୍ରକାଶ କରେ : ‘‘ମୋହର ପିତାଙ୍କ ଗୃହରେ ରହିବା ଯେ ମୋହର କର୍ତ୍ତବ୍ୟ, ଏହା କ’ଣ ଜାଣି ନ ଥିଲେ ?’’ (ଲୂକ ୨:୪୯) । ଯୀଶୁ କଥା କହୁଥିବା ସମୟକୁ ବାଦ୍ ଦେଲେ, ଧର୍ମଶାସ୍ତ୍ରର ଅନ୍ୟ କୌଣସି ସ୍ଥାନରେ ଏହି ବାକ୍ୟ ସହିତ ସମାନ ବାକ୍ୟ ନ ଥିବା ଭଳି ମନେ ହୁଏ । ଯୀଶୁଙ୍କର ପ୍ରଥମ ଲିପିବଦ୍ଧ ହୋଇଥିବା ବାକ୍ୟରେ, ସେ ଯେ ଈଶ୍ୱରଙ୍କ ପୁତ୍ର ଅଟନ୍ତି, ଏହା ସେ ଘୋଷଣା କରୁଥିବାର ଦେଖାଯାଏ ।

କ୍ରୁଶର କାର୍ଯ୍ୟ ଏହି ଅର୍ଥ ପ୍ରତିପାଦନ କରେ ଯେ ଆମେ ଈଶ୍ୱରଙ୍କ ପରିବାର ମଧ୍ୟରେ ଗୃହୀତ ହୋଇପାରିବା ଓ ଆମକୁ ଈଶ୍ୱରଙ୍କ ପୁତ୍ର ବୋଲି ସମ୍ବୋଧିତ ହେବାର ଅଧିକାର ଦିଆଯାଇଛି – ସେଥିପାଇଁ ପ୍ରଶ୍ନଟି ଏହିପରି ହୋଇଯାଇଛି : ଆମ ପାଇଁ ଆମ ପିତାଙ୍କ ଗୃହରେ ସମୟ କାଟିବା କେତେ ସ୍ୱାଭାବିକ ଅଟେ ?

ଏହି ଉପାସନାର ସ୍ଥାନରେ ହିଁ ‘‘ଆମେ ପ୍ରକୃତରେ କିଏ’’, ତାହା ଆମେ ସଂପୂର୍ଣ୍ଣ ଭାବରେ ଆବିଷ୍କାର କରୁ । ଆମେ ବୃଦ୍ଧି ପାଉ, ଆମେ ପରିମାର୍ଜିତ ହେଉ, ଆମେ ସାହସିକ ହେଉ । ଆମକୁ ଆମର ଉଦ୍ଦେଶ୍ୟ ବିଷୟରେ ନିର୍ଦ୍ଦେଶ ମିଳେ । ଆମେ ଆମର ସତ୍ତାରେ ସଂପୂର୍ଣ୍ଣ ହେଉ । ଉପାସନା ମାଧ୍ୟମରେ, ଈଶ୍ୱର ଯେପରି ପବିତ୍ର ଆମକୁ ସେହିପରି ପବିତ୍ର କରାଯାଏ । ଉପାସନା ଖ୍ରୀଷ୍ଟିଆନ ଜୀବନର କେନ୍ଦ୍ର ଅଟେ କାରଣ ଏହା ପବିତ୍ରତା ଗଠନ କରେ ଓ ଏହା ସୁସମାଚାର ପ୍ରଚାର କାର୍ଯ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ କାରଣ ସୁସମାଚାରକୁ ଜୀବନରେ ପ୍ରଦର୍ଶିତ କରିବାକୁ ହୁଏ ଓ ପବିତ୍ର ଲୋକମାନଙ୍କ ଦ୍ୱାରା ଘୋଷଣା କରିବାକୁ ହୁଏ ।

ଈଶ୍ୱର ଆମକୁ ବିରକ୍ତିରେ ନୁହେଁ, ମାତ୍ର ଖୁସିରେ ପ୍ରଶ୍ନ କରୁଛନ୍ତି, ‘‘ତୁମେ କେଉଁଠାରେ ରହିଯାଇଛ ?’’

# ଅଧିବେଶନ ସହାୟକ ସୂଚନା

## ନିକଟବର୍ତ୍ତୀ ହେବା (୧୦–୨୦ ମିନିଟ୍)

*ଏହି ସମୟରେ କାହାଣୀ, ଉତ୍ସାହପ୍ରଦ ଘଟଣା, ସୁଯୋଗଗୁଡ଼ିକ ବିଷୟରେ ମତାମତ ଓ ଦଳକୁ ଉତ୍ସାହିତ କରୁଥିବା ଯେ କୌଣସି ବିଷୟ ଜଣାଇ ଏକ ଆରେକର ନିକଟବର୍ତ୍ତୀ ହୁଅନ୍ତୁ । ଆପଣ ଯେଉଁ ପାଞ୍ଚ ଜଣଙ୍କର ନାମ ଲେଖିଛନ୍ତି (ଅଧିବେଶନ – ୫ : ପ୍ରୟୋଗ) ସେମାନଙ୍କ ବିଷୟରେ ଓ ପ୍ରତିଦିନ ସେମାନଙ୍କ ପାଇଁ ବିଶ୍ୱସ୍ତ ଭାବରେ ପ୍ରାର୍ଥନା କରିବା ଦ୍ୱାରା ଯେଉଁ ଅନୁଭୂତି ପାଇଛନ୍ତି, ସେ ବିଷୟରେ କଥାବାର୍ତ୍ତା କରନ୍ତୁ ।*

## ପ୍ରାର୍ଥନା

*ପ୍ରଭୁଙ୍କୁ ସମୟ ଦିଅନ୍ତୁ ଓ ନିକଟବର୍ତ୍ତୀ ହେବା ସମୟରେ ଉତ୍ପନ୍ନ ହୋଇଥିବା ଯେ କୌଣସି ସକାରାତ୍ମକ କିମ୍ବା ଆହ୍ୱାନମୂଳକ ପରିସ୍ଥିତି ପାଇଁ ପ୍ରାର୍ଥନା କରନ୍ତୁ ।*

## ଶିକ୍ଷାଦାନ (୨୫–୩୫ ମିନିଟ୍)

*ନିମ୍ନଲିଖିତ ଶିକ୍ଷାଦାନର ବିଷୟବସ୍ତୁର ପ୍ରତ୍ୟେକଟି ବାକ୍ୟକୁ ପଢ଼ିବା ଦ୍ୱାରା କିମ୍ବା ଆପଣଙ୍କ ନିଜସ୍ୱ ଉପସ୍ଥାପନା ମଧ୍ୟରେ ଏହାକୁ ପୁନଃ ପ୍ରୟୋଗ କରିବା ଦ୍ୱାରା, ଆପଣଙ୍କ ନିଜସ୍ୱ ମାର୍ଗରେ ଏହାକୁ ସଂପୂର୍ଣ୍ଣ କରନ୍ତୁ ।*

''ପାହାନ୍ତିଆ ସମୟରେ ଅନ୍ଧାର ଥାଉ ଥାଉ ସେ ଉଠି ବାହାରିଗଲେ ଓ ଗୋଟିଏ ନିର୍ଜ୍ଜନ ସ୍ଥାନକୁ ଯାଇ ସେଠାରେ ପ୍ରାର୍ଥନା କରିବାକୁ ଲାଗିଲେ ।''

**ମାର୍କ ୧:୩୫**

ଆମେ ନିଜ ନିଜକୁ ଜୀବନର ସମସ୍ତ ପ୍ରକାର ବିଷୟ ପ୍ରତି ''ସମର୍ପିତ'' କରୁ । ଆମେ ପରିବାର ଓ ବନ୍ଧୁମାନଙ୍କ ପ୍ରତି, ସକାରାତ୍ମକ ମୂଲ୍ୟବୋଧକୁ ଧରି ରଖିବା ପ୍ରତି, ସ୍ୱପ୍ନକୁ ସଫଳ କରିବା ପ୍ରତି ନିଜ ନିଜକୁ ଉତ୍ସର୍ଗ କରିପାରୁ । କିମ୍ବା, ଆମେ କୌଣସି ପ୍ରିୟ ଅଭ୍ୟାସ, ଗୋଟିଏ କ୍ରୀଡ଼ାଦଳ, କିମ୍ବା କୌଣସି ଅତ୍ୟାଧୁନିକ ମୋବାଇଲ୍ ଖେଳରେ ଅଧିକ ପଏଣ୍ଟ ଜିତିବା ପ୍ରତି ସମର୍ପିତ ହୋଇପାରୁ ।

ଯୀଶୁ ମଧ୍ୟ ନିଜ ପରିବାର ଓ ବନ୍ଧୁମାନଙ୍କ ପ୍ରତି ସମର୍ପିତ ଥିଲେ । ସେ ନିଜର ବନ୍ଧୁମାନଙ୍କ ପ୍ରତି ସମର୍ପିତ ଥିଲେ । ସେ ଲୋକମାନଙ୍କ ନିକଟରେ ପ୍ରଚାର କରିବା ଅପେକ୍ଷା ବନ୍ଧୁମାନଙ୍କ ସହିତ ଅଧିକ ସମୟ କାଟୁଥିଲେ ବୋଲି ମନେହୁଏ । ସେ ନିଜର ମାତାଙ୍କ ପ୍ରତି ସମର୍ପିତ ଥିଲେ ଓ ତାଙ୍କର ମୃତ୍ୟୁ, ପୁନରୁତ୍ଥାନ ଓ ସ୍ୱର୍ଗାରୋହଣ ପରେ ପ୍ରେରିତ ଯୋହନ ଯେ ତାଙ୍କର (ମା'ଙ୍କର) ଯତ୍ନ ନେବେ, ଏ ବିଷୟକୁ ସେ ସୁନିଶ୍ଚିତ କରିଥିଲେ ।

ତେବେ ଯୀଶୁ ପରିବାରରେ ବିଭେଦ ସୃଷ୍ଟି କରିବାକୁ ଆସିଥିଲେ ବୋଲି କହିବା ସମୟରେ କେଉଁ ବିଷୟକୁ ସୂଚାଇଥିଲେ ? (ଲୂକ ୧୨:୫୩) । ଆମେ ତାଙ୍କର ସ୍ୱର୍ଗସ୍ଥ ପିତାଙ୍କ ପ୍ରତି ତାଙ୍କର ପ୍ରାଥମିକ ସମର୍ପଣର ଆଲୋକରେ ଏହାକୁ ଅର୍ଥପୂର୍ଣ୍ଣ କରିପାରିବା । ଏହା ଏପରି ଏକ ସମର୍ପଣ ଥିଲା, ଯାହା ଅନ୍ୟ ସମସ୍ତ ସମର୍ପଣ – ଯେତେ ପୁଣ୍ୟବନ୍ତ ମନେ ହେଲେ ସୁଦ୍ଧା, ସେଗୁଡ଼ିକର ବିନିମୟରେ ଆସିଥିଲା । ନିଜ ପିତାମାତାଙ୍କୁ ପ୍ରେମ କରିବା, ଭୁଲ ବୋଲି ଯୀଶୁ କହୁ ନ ଥିଲେ, କିମ୍ବା ଏଥି ସକାଶେ ନିର୍ଦ୍ଦିଷ୍ଟ ଭାବରେ ପରିବାର ମଧ୍ୟରେ ବିଭେଦ ସୃଷ୍ଟି କରିବାକୁ ଇଚ୍ଛା କରି ନ ଥିଲେ, ମାତ୍ର ଈଶ୍ୱରଙ୍କଠାରୁ ପ୍ରାଥମିକ ସମର୍ପଣକୁ ଦୂର କରି ଦେଉଥିବା ଯେ କୌଣସି ବିଷୟ ଶେଷରେ ଅପବିତ୍ରତା ଦିଗକୁ କଢ଼ାଇ ନେବ ବୋଲି ଯୀଶୁ ଜାଣିଥିଲେ । ଈଶ୍ୱରଙ୍କ ପ୍ରତି ଆମର ସମର୍ପଣ ହିଁ ଆମକୁ ପବିତ୍ର କରିଥାଏ ।

**ପ୍ରଶ୍ନ :** କେଉଁ କେଉଁ ବିଷୟ ଈଶ୍ୱରଙ୍କଠାରୁ ଆପଣଙ୍କର ସମର୍ପଣକୁ ସହଜରେ ଦୂର କରିଦିଏ ? ବିଶେଷ ଭାବରେ, ଏପରି କେତେକ ବିଷୟ ସମ୍ବନ୍ଧରେ କଥାବାର୍ତ୍ତା କରନ୍ତୁ, ଯେଉଁଗୁଡ଼ିକ ଆପେ ମନ୍ଦ ନୁହଁନ୍ତି, ମାତ୍ର ଈଶ୍ୱରଙ୍କ ପ୍ରତି ବଶ୍ୟତାରୁ ସହଜରେ ଆପଣଙ୍କୁ ଦୂରେଇ ଦେଇ ପାରନ୍ତି କିମ୍ବା ସେଥିରେ ପ୍ରତିବନ୍ଧକ ସୃଷ୍ଟି କରିପାରନ୍ତି ।

ଯୀଶୁଙ୍କ ପ୍ରତି ସମର୍ପିତ ହେବା ଅପେକ୍ଷା ସୁସମାଚାର ପ୍ରତି ଅଧିକ ସମର୍ପିତ ହେବା ସମ୍ଭବ ଅଟେ । ମାତ୍ର ଆମେ ଆମର ସେବାକାର୍ଯ୍ୟକୁ ନୁହେଁ, ମାତ୍ର ରାଜାଙ୍କୁ ଉପାସନା କରିବାକୁ ତିଷ୍ଠି ରହିଛୁ । ଆମେ ଏପରି ଆତ୍ମିକ ଜୀବନ ଯାପନରେ ରୋପିତ ହେବା ଆବଶ୍ୟକ ଯାହା ଫଳପ୍ରଦ ଭାବରେ ଈଶ୍ୱରଙ୍କ କଥା ଶୁଣେ ।

ତାଙ୍କ ସେବାକାର୍ଯ୍ୟ କିମ୍ବା ପାର୍ଥିବ ସଂପର୍କର ଦାବୀ ଯାହା ହେଲେ ସୁଦ୍ଧା, ଯୀଶୁ ସମସ୍ତ ବିଷୟରେ ଉର୍ଦ୍ଧ୍ୱରେ ନିଜ ପିତାଙ୍କ ସହିତ ତାଙ୍କର ବ୍ୟକ୍ତିଗତ ସଂପର୍କକୁ ପ୍ରାଧାନ୍ୟ ଦେଇଥିଲେ । ସେ ନିର୍ଜ୍ଜନ ସ୍ଥାନରେ ପ୍ରାର୍ଥନାରେ ଓ ଶୁଣିବାରେ ସମୟ ଦେଇଥିଲେ । ଯୀଶୁଙ୍କ ପାଇଁ, ପିତାଙ୍କ ସହିତ ରହିବାର ସ୍ଥାନ ଅତି ସ୍ୱାଭାବିକ ସ୍ଥାନ ଥିଲା । ମାର୍କଙ୍କର ସୁସମାଚାର ଏହିପରି ତିନୋଟି ନିର୍ଜ୍ଜନ ସ୍ଥାନ ବିଷୟରେ କହିଛି – ଏହି ଅନୁଚ୍ଛେଦଗୁଡ଼ିକ ଉପରେ କିଛି ସମୟ ଚିନ୍ତା କରନ୍ତୁ ।

- ମାର୍କ ୧ : ୩୫ – ''ପାହାନ୍ତିଆ ସମୟରେ ଅନ୍ଧାର ଥାଉ ଥାଉ ସେ ଉଠି ବାହାରି ଗଲେ ଓ ... ପ୍ରାର୍ଥନା କରିବାକୁ ଲାଗିଲେ ।
  *ଏହା ଈଶ୍ୱରଙ୍କଠାରୁ ନିର୍ଦ୍ଦେଶ ପାଇବା ବିଷୟରେ ଆମକୁ କ'ଣ ଶିକ୍ଷା ଦିଏ ?*
- ମାର୍କ ୬ : ୪୫–୪୬ ''... ସେ ପ୍ରାର୍ଥନା କରିବା ନିମନ୍ତେ ପର୍ବତକୁ ଗଲେ''
  *ଏହା ଈଶ୍ୱରଙ୍କ ଦ୍ୱାରା ସତେଜ ହେବା ବିଷୟରେ ଆମକୁ କ'ଣ ଶିକ୍ଷା ଦିଏ ?*
- ମାର୍କ ୧୪ : ୩୨–୪୧ – ବନ୍ଦୀ ହେବା ପୂର୍ବରୁ ଗେଥ୍‌ଶିମନୀରେ ପ୍ରାର୍ଥନା କରିବା ।
  *ଏହା ଆମକୁ ଈଶ୍ୱରଙ୍କ ନିକଟକୁ ଆମ ପରିବେଶର ବୋଝ ଆଣିବା ବିଷୟରେ କ'ଣ ଶିକ୍ଷା ଦିଏ ?*

ଦିନ ସାରା ଅନୌପଚାରିକ ଓ ସ୍ୱତଃସ୍ଫୂର୍ତ୍ତ ପ୍ରାର୍ଥନା ଅତି ଉତ୍ତମ ଅଟେ, ମାତ୍ର ପ୍ରାର୍ଥନା କରିବା ପାଇଁ ଓ ବାଇବଲ ପଢ଼ିବା ପାଇଁ ଉଦ୍ଦେଶ୍ୟମୂଳକ ସମୟ ରଖିବା ଗୁରୁତ୍ୱପୂର୍ଣ୍ଣ ଅଟେ । କେତେ ଜଣ ପ୍ରାର୍ଥନା କରିବାରେ ଯେତେ ଦକ୍ଷ ଅଟନ୍ତି, ବାଇବଲ ଖୋଲିବାରେ ସେତେ ଦକ୍ଷ ନ ଥାନ୍ତି, ଅନ୍ୟ କେତେକ ଲୋକଙ୍କ ନିକଟରେ ବାଇବଲ

ଅଧ୍ୟୟନ ନୀତି ଅତି ଉତ୍ତମ ଥାଏ, ମାତ୍ର ପ୍ରାର୍ଥନା କରିବାର ସମୟ ଆସିଲେ, ସେମାନେ ବିଫଳ ହୁଅନ୍ତି । ଧର୍ମଶାସ୍ତ୍ରର ଗୋଟିଏ କିମ୍ବା ଅଧିକ ଅଧ୍ୟାୟ ପଢ଼ିବା ଓ ଏହାପରେ ଅନୁଚ୍ଛେଦଟି ଯାହା କହିଛି ଓ ଏହାକୁ ଆମ ଜୀବନ ପ୍ରତି କିପରି ପ୍ରୟୋଗ କରାଯାଇପାରିବ, ଏହା ଉପରେ ପ୍ରାର୍ଥନା କରିବା ଦ୍ୱାରା ଦୁଇଟି ବିଷୟକୁ ସମ୍ମିଶ୍ରଣ କରିବା ବାସ୍ତବରେ ଫଳପ୍ରଦ ହୋଇପାରିବ । ଈଶ୍ୱରଙ୍କର ପ୍ରଶଂସା ଓ ଧନ୍ୟବାଦରେ ଓ ତାଙ୍କୁ ଆପଣଙ୍କର ଅନୁରୋଧ ଓ ଆବଶ୍ୟକତା ଜଣାଇବାରେ ସମୟ କାଟିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅଟେ ।

କୌଣସି ପାପ ସ୍ୱୀକାର କରିବା ଯୀଶୁଙ୍କର ଆବଶ୍ୟକ ନ ଥିଲା, ମାତ୍ର ସେ ନିଜ ଶିଷ୍ୟମାନଙ୍କୁ ଯେଉଁ ପ୍ରାର୍ଥନା ଶିକ୍ଷା ଦେଇଥିଲେ, ସେଥିରେ ପାପ ସ୍ୱୀକାର ଏକ ମୁଖ୍ୟ ଅଟେ : ‘‘ଆମ୍ଭମାନଙ୍କର ଅପରାଧ ସବୁ କ୍ଷମା କର ...’’ (ମାଥିଉ ୬, ଲୂକ ୧୧) । ଗୀତସଂହିତା ୫୧ ଅନୁତପ୍ତ ପ୍ରାର୍ଥନା ଓ ଅନୁଚିନ୍ତା ପାଇଁ ଗୋଟିଏ ଉତ୍ତମ ସମ୍ବଳ ଅଟେ ।

ପବିତ୍ରତା ଦିଗରେ ଆମର ପ୍ରଥମ ପଦକ୍ଷେପ ହେଉଛି, ଈଶ୍ୱର ପବିତ୍ର ଅଟନ୍ତି ଓ ଆମେ ପବିତ୍ର ନୋହୁଁ ବୋଲି ଚିହ୍ନିବା । ଆମେ ତାଙ୍କୁ ଆବଶ୍ୟକ କରୁ ଓ ପ୍ରତିଦିନ ତାଙ୍କ ଉପସ୍ଥିତି ମଧ୍ୟକୁ ଯିବା ସମୟରେ, ତାଙ୍କ ପ୍ରେମର ପରିବର୍ତ୍ତନକାରୀ ଶକ୍ତି ଏହି ଭରସା ଦେବ ଯେ ଆମେ ଆଉ କେବେ ପୂର୍ବ ଭଳି ସମାନ ବ୍ୟକ୍ତି ହୋଇ ରହିବା ନାହିଁ । ସୁସମାଚାର ଯେ ସତ୍ୟ ଅଟେ ଓ ଏଥିରେ ପରିତ୍ରାଣ ଦେବାର ଶକ୍ତି ଅଛି, ସେହି ବିଷୟରେ ଏହି ପରିବର୍ତ୍ତନ ଅତି ଦୃଢ଼ ପ୍ରମାଣ ଦିଏ । ଆମେ ଈଶ୍ୱରଙ୍କ ଉତ୍ତମତା ଘୋଷଣା କରି ଯୀଶୁଙ୍କ କାହାଣୀ ଜଣାଇବା ସମୟରେ, ଆମର ଶ୍ରୋତାମାନେ ଆମର ସଂପୂର୍ଣ୍ଣ ସମର୍ପିତ ଜୀବନ ମାଧ୍ୟମରେ ଈଶ୍ୱରଙ୍କ କାର୍ଯ୍ୟକୁ ପରୀକ୍ଷା କରିବା ଦ୍ୱାରା ଆମ ସୁସମାଚାର ବାର୍ତ୍ତାର ବିଶ୍ୱାସ ଯୋଗ୍ୟତାକୁ ଧୀରେ ଧୀରେ ବିଶ୍ୱାସ କରିପାରନ୍ତି ।

ଯୀଶୁ କ୍ରୁଶର ତ୍ରାଣକାରୀ କାର୍ଯ୍ୟ ମାଧ୍ୟମରେ ପବିତ୍ର ହେବା ନିମନ୍ତେ ଆମ ପାଇଁ ଏକ ପଥ ପ୍ରସ୍ତୁତ କରିଛନ୍ତି ଓ ନିଜର ପୁରାତନ ଜୀବନ ପ୍ରତି ମୃତ୍ୟୁବରଣ କରି ତାଙ୍କଠାରେ ବିଶ୍ୱାସ କରିବା ପାଇଁ ଆମକୁ ଆହ୍ୱାନ କରିଛନ୍ତି । ଆମେ ନୂତନ ଜୀବନ ମଧ୍ୟରେ ଗମନାଗମନ କରୁଥିବା ସମୟରେ, ପିତାଙ୍କ ସହିତ ଦୈନିକ ଉପାସନାର ସମୟ ମାଧ୍ୟମରେ ପବିତ୍ରତାର ଅନୁଗାମୀ ହେବା କିଭଳି ଦିଶେ, ତାହା ଯୀଶୁ ଆମକୁ ପ୍ରଦର୍ଶନ କରିଛନ୍ତି ।

## ଆଲୋଚନା (୨୦ ମିନିଟ୍)

*ନିମ୍ନଲିଖିତ ପ୍ରଶ୍ନ ଗୁଡ଼ିକୁ ଓ / କିମ୍ବା ଆଲୋଚନା ଉଦ୍ଧୃତାଂଶର ଅନୁସନ୍ଧାନ କରନ୍ତୁ :*

- ଆପଣ ନିଜର ପ୍ରାର୍ଥନା ଓ ବାଇବଲ ଅଧ୍ୟୟନ ସମୟକୁ କିପରି ବର୍ଣ୍ଣନା କରିବେ ?
- ଆପଣଙ୍କର ଉପାସନା ଜୀବନର ସ୍ୱାସ୍ଥ୍ୟ ଓ ଆପଣଙ୍କ ସୁସମାଚାର ପ୍ରଚାରର ମାନ ଭିତରେ କୌଣସି ସଂପର୍କ ଲକ୍ଷ୍ୟ କରିଛନ୍ତି କି ?
- ଆପଣ କିପରି ଆଗାମୀ ସପ୍ତାହରେ ଉଦ୍ଦେଶ୍ୟମୂଳକ ଉପାସନା ମାଧ୍ୟମରେ ଅଧିକ ନିର୍ଦ୍ଦେଶ, ନୂତନତା, ଦୃଷ୍ଟିକୋଣ ଓ ଅନୁତାପ ପ୍ରତି ନିଜକୁ ଉନ୍ମୁକ୍ତ କରିପାରିବେ ?

(ଆତ୍ମିକ) ଶାସନର ଉଦ୍ଦେଶ୍ୟ ସ୍ୱାଧୀନତା ଅଟେ । ଶାସନ ନୁହେଁ, ମାତ୍ର ସ୍ୱାଧୀନତା ଆମର ଲକ୍ଷ୍ୟ ଅଟେ । ଯେଉଁ ମୁହୂର୍ତ୍ତରେ ଆମକୁ ଶାସନ କରାଯିବ, ସେହି ମୁହୂର୍ତ୍ତରେ ଆମର ଦୃଷ୍ଟି, ମୁଖ୍ୟତଃ, ଆଇନ ମଧ୍ୟରେ କେନ୍ଦ୍ରୀଭୂତ ହେବ ଓ ସମରୂପୀ ସ୍ୱାଧୀନତା ଉପରେ ଆଉ କେନ୍ଦ୍ରିଭୂତ ହେବ ନାହିଁ । ଆସନ୍ତୁ, ଆମେ ଚିରଦିନ ପାଇଁ ଖ୍ରୀଷ୍ଟଙ୍କ ଉପରେ ଆମର ଦୃଷ୍ଟିକୁ କେନ୍ଦ୍ରିଭୂତ କରି ଆତ୍ମିକ ଶାସନକୁ ତାଙ୍କ ହୃଦୟର ଅତି ନିକଟକୁ ଆଣିବାର ଏକ ମାର୍ଗ ଭାବରେ ଦେଖିବା ।

**ରିଚାର୍ଡ ଫୋଷ୍ଟର**

## ପ୍ରୟୋଗ (୫ ମିନିଟ୍)

ଗୀତସଂହିତା ମାଧ୍ୟମରେ ପ୍ରାର୍ଥନା କରିବା ଆରମ୍ଭ କରନ୍ତୁ । ପ୍ରତିଦିନ କିଛି ସମୟ ବାଇବଲ ପଠନ କରନ୍ତୁ ଓ ଯେ କୌଣସି ଅନ୍ୟ ବାଇବଲ ଅଧ୍ୟୟନ ଓ ପ୍ରାର୍ଥନା ସମୟ ଉପରେ ପ୍ରାଧାନ୍ୟ ନ ଦେଇ ପ୍ରାର୍ଥନା କରନ୍ତୁ । ଯଦି ସମ୍ଭବ ହୁଏ, ତେବେ ଗୋଟିଏ ମାସ କିମ୍ବା ଗୋଟିଏ ସଂପୂର୍ଣ୍ଣ ବର୍ଷ ଧରି ଏହା କରନ୍ତୁ । ଆପଣ କେବଳ ଆପଣଙ୍କର ବାଇବଲକୁ ଖୋଲି ଗୋଟିଏ ପରେ ଗୋଟିଏ ଗୀତସଂହିତା ପଢ଼ିବା ଦ୍ୱାରା, କିମ୍ବା ଟିମ୍ କେଲରଙ୍କ ‘‘ମୋର ଶୈଳ, ମୋହର ଆଶ୍ରୟ : ଗୀତସଂହିତା ଉପରେ ଏକ ବାର୍ଷିକ ଦୈନନ୍ଦିନ ଶାସ୍ତ୍ରପାଠ’’ (My Rock; My Refuge : A Year of Daily Devotions in the Psalms) ଭଳି ଗୋଟିଏ ଶାସ୍ତ୍ରପାଠ ଯୋଜନାକୁ ଅନୁସରଣ କରିବା ଦ୍ୱାରା ଏହା କରିପାରିବେ ।

## ପ୍ରାର୍ଥନା

ଆପଣଙ୍କର ସ୍ୱର୍ଗୀୟ ପିତା ତାଙ୍କ ସନ୍ତାନମାନଙ୍କ ସହିତ ସଂପର୍କ ରଖିବାକୁ ଇଚ୍ଛା କରନ୍ତି ବୋଲି ତାଙ୍କୁ ଧନ୍ୟବାଦ ଦିଅନ୍ତୁ । ପ୍ରାର୍ଥନା ପୂର୍ଣ୍ଣ ଭାବରେ ଏପରି ଏକ ଉପାସନାର ଜୀବନ ପ୍ରତି ସମର୍ପିତ ହୁଅନ୍ତୁ ଯାହା ଆପଣଙ୍କୁ ଆତ୍ମିକ ପର୍ଯ୍ୟଟକରୁ ପିତାଙ୍କ ଗୃହରେ ଓ ତାଙ୍କ ଉପସ୍ଥିତିରେ ବାସ କରୁଥିବା ତାଙ୍କର ସନ୍ତାନ ସନ୍ତତି ହେବା ଦିଗରେ କଢ଼ାଇ ନିଏ । ଈଶ୍ୱର ଯେପରି ପବିତ୍ର ଅଟନ୍ତି, ଆପଣଙ୍କୁ ସେହିପରି ପବିତ୍ର କରିବା ପାଇଁ ଓ ଆପଣଙ୍କ ଜୀବନର ପରିବର୍ତ୍ତନ ଯେପରି ସେହି ମୂଳଦୁଆ ହେବ, ଯାହା ଉପରେ ଆପଣଙ୍କର ସୁସମାଚାର ପ୍ରଚାର ନିର୍ମିତ ହେବ, ଏଥିପାଇଁ ଈଶ୍ୱରଙ୍କୁ ସାହାଯ୍ୟ ମାଗନ୍ତୁ ।

## ଉତ୍ତର ଦାୟିତ୍ୱ (୧୫ ମିନିଟ୍)

*ସମୀକ୍ଷା ଫର୍ମଟିକୁ ପୂରଣ କରନ୍ତୁ, ଏହାକୁ ଦୁଇ ଜଣଙ୍କ ମଧ୍ୟରେ କିମ୍ବା ଛୋଟ ଦଳ ମଧ୍ୟରେ ଜଣାନ୍ତୁ ଓ ଏକ ଆରେକ ପାଇଁ ପ୍ରାର୍ଥନା କରନ୍ତୁ ।*

# ଅଧିବେଶନ – ୭
# ସୁସମାଚାର ପ୍ରଚାରକଙ୍କର ବଶ୍ୟତା

**ଏହି ଅଧିବେଶନରେ, ଆମେ ପୂର୍ବ ଅଧିବେଶନରେ ଆବିଷ୍କୃତ ହୋଇଥିବା ପବିତ୍ରତା ସମ୍ବନ୍ଧୀୟ ଚିନ୍ତାଧାରା, ନିର୍ଦ୍ଦିଷ୍ଟ ଭାବରେ, ଈଶ୍ୱରଙ୍କ ପରିଚୟ ସହିତ ଏହା ଯେପରି ଭାବରେ ସଂପୃକ୍ତ, ତାହା ଓ ସୁସମାଚାରର ଭରସା ଓ ଜଣେ ସୁସମାଚାର ପ୍ରଚାରକର ଜୀବନ ଉପରେ ଅଧିକ ବର୍ଣ୍ଣନା କରିବା । ଆମେ ସେହି ଉତ୍ତର ଦାୟିତ୍ୱ ପ୍ରତି ଦୃଷ୍ଟିପାତ କରିବା ଯାହା ଜଣେ ଶିଷ୍ୟର ଯାତ୍ରା ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ ଅଟେ ।**

## ଗୋଟିଏ ବାକ୍ୟରେ ଅଧିବେଶନ

ଈଶ୍ୱର ଯେପରି ପବିତ୍ର ଅଟନ୍ତି, ତାଙ୍କର ସନ୍ତାନମାନେ ସେହିପରି ପବିତ୍ର ହୁଅନ୍ତୁ ବୋଲି ସେ ଇଚ୍ଛା କରନ୍ତି ଓ ପବିତ୍ର ଆତ୍ମାଙ୍କ ପ୍ରତି ବଶ୍ୟତା ଓ ସମାଜରେ ଉତ୍ତର ଦାୟିତ୍ୱ ମାଧ୍ୟମରେ ହିଁ ଆମେ ପବିତ୍ରତାରେ ବୃଦ୍ଧି ପାଇପାରିବା ।

## ଅଧିବେଶନର ପୃଷ୍ଠଭୂମି

ସମଗ୍ର ବାଇବଲରେ **ପବିତ୍ରତା** ଓ **ପବିତ୍ର** ଶବ୍ଦଗୁଡ଼ିକ ୯୦୦ରୁ ଅଧିକ ଥର ଉଲ୍ଲିଖିତ ଅଛି – **ପ୍ରେମ, ବିଶ୍ୱାସ, କ୍ଷମା** ଓ **ପ୍ରାର୍ଥନା** ଶବ୍ଦଗୁଡ଼ିକର ସମ୍ମିଶ୍ରଣ ତୁଳନାରେ ଅଧିକତର ବ୍ୟବହୃତ ହୋଇଅଛି । ପବିତ୍ରତା ବାଇବଲର ମୁଖ୍ୟ ବିଷୟ ଅଟେ ଓ ଏହା ଆମ ଜୀବନର ଏକ ମୁଖ୍ୟ ବାସ୍ତବତା ହେଉ ବୋଲି ଈଶ୍ୱର ଇଚ୍ଛା କରନ୍ତି ।

ଈଶ୍ୱର ପବିତ୍ର ଅଟନ୍ତି, ଅର୍ଥାତ୍, ସେ ପୃଥକୀକୃତ ଅଟନ୍ତି । ସେ ସିଦ୍ଧ, ସାର୍ବଭୌମ ଓ ଅସାଧାରଣ ଅଟନ୍ତି ଓ ତାଙ୍କ ଭଳି ଅନ୍ୟ କେହି ନାହାଁନ୍ତି । ଆମେ ପବିତ୍ର ନୋହୁଁ, ଆମେ ପ୍ରତ୍ୟେକେ ଆମର ପବିତ୍ର ଈଶ୍ୱରଙ୍କ ସିଦ୍ଧ ଆଦର୍ଶରୁ ଊଣା ପଡ଼ିଅଛୁ । ଏବ୍ରୀ ପୁସ୍ତକର ଲେଖକ ଆମକୁ କହିଛନ୍ତି ଯେ କେବଳ ପବିତ୍ର ଲୋକମାନେ ଈଶ୍ୱରଙ୍କୁ ଦର୍ଶନ କରିବେ (ଏବ୍ରୀ ୧୨:୧୪) ଓ ଯୀଶୁ ଆମକୁ କହିଛନ୍ତି ଯେ ଶୁଦ୍ଧ ଚିତ୍ତ (ପବିତ୍ର ହୃଦୟ) ବିଶିଷ୍ଟ ଲୋକମାନେ ଈଶ୍ୱରଙ୍କୁ ଦର୍ଶନ କରିବେ (ମାଥିଉ ୫:୮) । ଆମର ପବିତ୍ରତାର ଅଭାବ ସେତେବେଳେ ମନୁଷ୍ୟ ଜାତି ପାଇଁ ଏକ ମୁଖ୍ୟ ସମସ୍ୟା ଅଟେ ଯେତେବେଳେ ଆମେ ଈଶ୍ୱରଙ୍କ ସହିତ କୌଣସି ସଂପର୍କ ରକ୍ଷା କରିବାକୁ ପାଉ । ଅପବିତ୍ର ଲୋକ କିପରି ପବିତ୍ର, ପ୍ରଭୁଙ୍କ ପ୍ରତି ଗ୍ରାହ୍ୟ ଓ ତାଙ୍କ ରାଜ୍ୟରେ ବାସ କରିବା ପାଇଁ ସମର୍ଥ ହୋଇପାରିବ ?

ସୁସମ୍ବାଦ ହେଉଛି – ଯୀଶୁ ଏପରି ଏକ ମାର୍ଗ ଯୋଗାଇଛନ୍ତି ଯଦ୍ଦ୍ୱାରା ଗୋଟିଏ ଅପବିତ୍ର ଜାତି ସିଦ୍ଧ ପବିତ୍ର ଈଶ୍ୱରଙ୍କ ଉପସ୍ଥିତି ମଧ୍ୟରେ ପ୍ରବେଶ କରି ତାଙ୍କ ସହିତ ଚିରଦିନ ବାସ କରିପାରିବ (ଉପଦେଶକ ୫:୨୫–୨୬) । ଯେଉଁମାନେ ଯୀଶୁଙ୍କଠାରେ ବିଶ୍ୱାସ କରନ୍ତି, ସେମାନେ ତାଙ୍କ ପବିତ୍ରତାର ସହଭାଗୀ ହୁଅନ୍ତି ଓ ଏକ ସଂପୂର୍ଣ୍ଣ ନୂତନ ଜୀବନ ମଧ୍ୟକୁ ଅଗ୍ରସର ହୁଅନ୍ତି । ସତ୍ୟ ଜୀବନ ପବିତ୍ର ଜୀବନ ଅଟେ ।

ମାଥିଉ ୫:୧୩ରେ ଯୀଶୁଙ୍କର ଲବଣତ୍ୱ ସମ୍ବନ୍ଧୀୟ ବାର୍ତ୍ତାର ବିଷୟବସ୍ତୁ ମଧ୍ୟ ପବିତ୍ରତା ଅଟେ । ଲବଣ ଯଦି ଏହାର ସ୍ୱାଦ ହରାଏ, ତେବେ ଏହା ଯେପରି ଭାବରେ ଅଦରକାରୀ ହୋଇଯାଏ, ସେହିପରି ଯଦି ଆମେ ଆମର ଅସାଧାରଣ ପବିତ୍ରତା ହରାଇ ଦେଉ, ତେବେ ଆମର ବାର୍ତ୍ତା ନୈରାଶ୍ୟ ଜନକ ହୋଇଯାଏ । ଯଦିଓ ଆମର ଜୀବନ ଅନନ୍ତକାଳର ଏହି ପାର୍ଶ୍ୱରେ ଏକ ଅସଂପୂର୍ଣ୍ଣ କାର୍ଯ୍ୟ ଅଟେ, ତଥାପି ଜଗତ ଯେପରି ଆମ ଦ୍ୱାରା ଘୋଷଣା କରାଯାଉଥିବା ବାର୍ତ୍ତାର ସତ୍ୟତାକୁ ଚିହ୍ନିପାରିବ, ଏଥିପାଇଁ ଭିନ୍ନ ଭାବରେ ବଞ୍ଚିବା ନିମନ୍ତେ ଆମକୁ ଆହ୍ୱାନ କରାଯାଇଛି ।

ସୁସମାଚାର ଏକ ପବିତ୍ର ବାର୍ତ୍ତା ଅଟେ । ଏହା ଏପରି ଜଣେ ପବିତ୍ର ଈଶ୍ୱରଙ୍କ ପ୍ରତି ସାକ୍ଷ୍ୟ ପ୍ରଦାନ କରେ ଯିଏ ଗୋଟିଏ ଅପବିତ୍ର ଜାତି ନିମନ୍ତେ ସେମାନଙ୍କର ପ୍ରକୃତ ପରିଚୟ, ଯଥା, ଏକ ପବିତ୍ର ରାଜ୍ୟର ପବିତ୍ର ଲୋକ ଭାବରେ ସେମାନଙ୍କର ପରିଚୟ ନିକଟକୁ ସେମାନଙ୍କୁ ଫେରାଇ ଆଣିବା ପାଇଁ ଏକ ପବିତ୍ର ମାର୍ଗ ପ୍ରସ୍ତୁତ କରିଥିଲେ ।

## ଅଧିବେଶନ ସହାୟକ ସୂଚନା

### ନିକଟବର୍ତ୍ତୀ ହେବା (୧୦–୨୦ ମିନିଟ୍)

*ଏହି ସମୟରେ କାହାଣୀ, ଉତ୍ସାହପ୍ରଦ ଘଟଣା, ସୁଯୋଗଗୁଡ଼ିକ ଉପରେ ମତାମତ ଓ ଦଳକୁ ଉତ୍ସାହିତ କରୁଥିବା ଯେ କୌଣସି ବିଷୟ ଜଣାଇ ଏକ ଆରେକର ନିକଟବର୍ତ୍ତୀ ହୁଅନ୍ତୁ । ପ୍ରାର୍ଥନା ପୂର୍ବକ ଗୀତସଂହିତା ପଠନ ସମ୍ବନ୍ଧରେ ସେମାନଙ୍କ ଅନୁଭୂତି ଜଣାଇବା ପାଇଁ ଦଳକୁ କହନ୍ତୁ (ଅଧିବେଶନ – ୬ : ପ୍ରୟୋଗ) ।*

### ପ୍ରାର୍ଥନା

*ପ୍ରଭୁଙ୍କୁ ସମୟଟିକୁ ପ୍ରଭୁଙ୍କ ପ୍ରତି ସମର୍ପିତ କରି ନିକଟବର୍ତ୍ତୀ ହେବା ସମୟରେ ଉତ୍ପନ୍ନ ହୋଇଥିବା ଯେ କୌଣସି ସକାରାତ୍ମକ କିମ୍ବା ଆହ୍ୱାନମୂଳକ ପରିସ୍ଥିତି ପାଇଁ ପ୍ରାର୍ଥନା କରନ୍ତୁ ।*

# ଶିକ୍ଷାଦାନ (୩୦–୪୦ ମିନିଟ୍)

*ନିମ୍ନଲିଖିତ ଶିକ୍ଷାଦାନର ବିଷୟବସ୍ତୁର ପ୍ରତ୍ୟେକଟି ବାକ୍ୟକୁ ପଢ଼ିବା ଦ୍ୱାରା କିମ୍ବା ଆପଣଙ୍କ ନିଜସ୍ୱ ଉପସ୍ଥାପନା ମଧରେ ଏହାକୁ ପୁନଃ ପ୍ରୟୋଗ କରିବା ଦ୍ୱାରା, ଆପଣଙ୍କ ନିଜସ୍ୱ ମାର୍ଗରେ ଏହାକୁ ସଂପୂର୍ଣ୍ଣ କରନ୍ତୁ । ଏହି ଅଧିବେଶନ ପାଇଁ ତିନୋଟି ମୁଖ୍ୟ ଶାସ୍ତ୍ରାଂଶ ଅଛି ।*

**୧. କେବଳ ଈଶ୍ୱର ପବିତ୍ର ଅଟନ୍ତି ।**

''ଆମ୍ଭେ ଆମ୍ଭର ଇସ୍ରାଏଲ ଲୋକଙ୍କ ମଧ୍ୟରେ ଆପଣା ପବିତ୍ର ନାମ ଜ୍ଞାତ କରାଇବା ଓ ଆମ୍ଭର ପବିତ୍ର ନାମ ଆଉ ଅପବିତ୍ରୀକୃତ ହେବାକୁ ଦେବା ନାହିଁ, ତହିଁରେ ଆମ୍ଭେ ଯେ ଇସ୍ରାଏଲ ମଧ୍ୟରେ ଧର୍ମମୟ ସଦାପ୍ରଭୁ ଅଟୁ, ଏହା ଗୋଷ୍ଠୀୟମାନେ ଜାଣିବେ ।''

**ଯିହିଜିକଲ ୩୯:୭**

ଆମେ ଯେପରି ଈଶ୍ୱରଙ୍କୁ ଆତ୍ମାରେ ଓ ସତ୍ୟରେ ଉପାସନା କରିପାରିବୁ, ଏଥିପାଇଁ, 'ସେ କିଏ ଅଟନ୍ତି' – ଏହା ବାଇବଲ ପ୍ରକାଶ କରିଅଛି । ଆମେ ପଢ଼ିବା ସମୟରେ ଏହା ଆବିଷ୍କାର କରୁ ଯେ ସେ ହିଁ ଏକମାତ୍ର ସତ୍ୟ ଈଶ୍ୱର ଅଟନ୍ତି । ସେ ଅବିଚ୍ଛେଦ୍ୟ, ତିନି ସ୍ୱଭାବରେ ପ୍ରକାଶିତ ଅଟନ୍ତି (ପିତା, ପୁତ୍ର ଓ ପବିତ୍ର ଆତ୍ମା) । ସେ ସିଦ୍ଧ ଅଟନ୍ତି । ସେ ଅନନ୍ତ ଅଟନ୍ତି । ସେ ରାଜା ଅଟନ୍ତି ।

ମାତ୍ର ଈଶ୍ୱର ଯେ ପବିତ୍ର ଅଟନ୍ତି, ବିଶେଷ ଭାବରେ, ଏ ବିଷୟରେ ବାଇବଲ ସ୍ପଷ୍ଟ କରିଦେଇଛି । ପବିତ୍ରତା ଈଶ୍ୱରଙ୍କର ପ୍ରାଥମିକ ଗୁଣ ଅଟେ । ଏହାର ଅର୍ଥ, ତାଙ୍କ ଭଳି କେହି ନାହାନ୍ତି ଓ ସେ ଅନ୍ୟ ସମସ୍ତଙ୍କଠାରୁ ପୃଥକ୍ ଅଟନ୍ତି : ଅନ୍ୟ କୌଣସି ପ୍ରାଣୀ ତାଙ୍କର ପରିଚୟ, ତାଙ୍କର ଚରିତ୍ର, କିମ୍ବା ତାଙ୍କ ସତ୍ତାର ବାସ୍ତବତା ସହିତ ତୁଳନୀୟ ନୁହଁନ୍ତି । ପୁଣି ତାଙ୍କ ଲୋକମାନଙ୍କଠାରେ ଏହି ଗୁଣଗୁଡ଼ିକ ରହୁ ବୋଲି ଈଶ୍ୱର ଇଚ୍ଛା କରନ୍ତି – ଯେପରିକି ଆମେ ଏକ ପବିତ୍ର ଜାତି ହେବୁ, ଆମ ଉପାସନାରେ ଓ ତାଙ୍କ ପ୍ରତି ବାଧ୍ୟତାରେ ପୃଥକୀକୃତ ହେବୁ ଓ ଧାର୍ମିକ ଓ ବିଶୁଦ୍ଧ ଲୋକ ହେବୁ (ଲେବୀୟ ୧୧:୪୫) । ଆମର ପବିତ୍ରତାର ଅଭାବ – ଈଶ୍ୱରଙ୍କ ପବିତ୍ରତାକୁ ଆମର ଅଗ୍ରାହ୍ୟ – ମାନବ ଜାତି ପାଇଁ ଏକ ଧ୍ୱଂସାତ୍ମକ ସମସ୍ୟା ସୃଷ୍ଟି କରିଅଛି । ଈଶ୍ୱରଙ୍କ ରାଜ୍ୟ ଏକ ସିଦ୍ଧ ରାଜ୍ୟ ଅଟେ, ମାତ୍ର ଆମେ ଅସଂପୂର୍ଣ୍ଣତା, ତ୍ରୁଟିକୁ ମନୋନୀତ କରିଛୁ ଓ ତାଙ୍କ ଉପସ୍ଥିତିକୁ ବର୍ଜନ କରିଛୁ ।

**୨. ଯୀଶୁଙ୍କର ପବିତ୍ରତା ତାଙ୍କ ଲୋକମାନଙ୍କର ପବିତ୍ରତାକୁ ସମ୍ଭବ କରିଛି ।**

''କିନ୍ତୁ ସେ ନିତ୍ୟସ୍ଥାୟୀ ହେବାରୁ ଅପରିବର୍ତ୍ତନୀୟ ଯାଜକତ୍ୱ ପ୍ରାପ୍ତ ହୋଇଅଛନ୍ତି । ଅତଏବ, ତାହାଙ୍କ ଦ୍ୱାରା ଯେଉଁମାନେ ଈଶ୍ୱରଙ୍କ ନିକଟବର୍ତ୍ତୀ ହୁଅନ୍ତି, ସେମାନଙ୍କୁ ସେ ସଂପୂର୍ଣ୍ଣ ରୂପେ ପରିତ୍ରାଣ ଦେବାକୁ ସକ୍ଷମ ଅଟନ୍ତି, ଯେଣୁ ସେମାନଙ୍କ ନିମନ୍ତେ ନିବେଦନ କରିବା ପାଇଁ ସେ ନିତ୍ୟ ଜୀବିତ । କାରଣ ଏହି ପ୍ରକାର ମହାଯାଜକ ଆମ୍ଭମାନଙ୍କ ପକ୍ଷରେ ଉପଯୁକ୍ତ, ଯେ କି ପବିତ୍ର, ନିର୍ଦ୍ଦୋଷ, ନିଷ୍କଳଙ୍କ, ପାପୀମାନଙ୍କଠାରୁ ପୃଥକୀକୃତ, ପୁଣି ଆକାଶମଣ୍ଡଳ ଉପରେ ଉଚ୍ଚୀକୃତ ସେହି ମହାଯାଜକମାନଙ୍କ ସଦୃଶ ପ୍ରତିଦିନ ପ୍ରଥମରେ ଆପଣାର ପାପ ପାଇଁ ଓ ପରେ ଲୋକମାନଙ୍କ ପାପ ପାଇଁ ବଳି ଉତ୍ସର୍ଗ କରିବା ତାହାଙ୍କର ଆବଶ୍ୟକ ନୁହେଁ, କାରଣ ଆପଣାକୁ ଉତ୍ସର୍ଗ କରିବା ଦ୍ୱାରା ସେ ଏକାଥରକେ ଏହା କରିଅଛନ୍ତି ।''

**ଏବ୍ରୀ ୭ : ୨୪–୨୭**

ଆମେ ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ନିର୍ମିତ ହୋଇଛୁ ଓ ଆମ ନିକଟରେ ପବିତ୍ର ଲୋକ ହେବାର ସମ୍ଭାବନା ଅଛି, ମାତ୍ର ଆମର ବିଦ୍ରୋହ ଏଥିପାଇଁ ପ୍ରତିବନ୍ଧକ ହୋଇଛି । ଯଦି ଈଶ୍ୱର ତାଙ୍କ ରାଜ୍ୟ ମଧ୍ୟରେ ସାମାନ୍ୟ ତ୍ରୁଟିକୁ ସୁଦ୍ଧା ଅନୁମତି ଦେବେ, ତେବେ ଏହା ଆଉ ସିଦ୍ଧ, ତ୍ରୁଟିଶୂନ୍ୟ ହୋଇ ରହିବ ନାହିଁ । ସେଥିପାଇଁ, ପବିତ୍ରତାକୁ ଆମର ପ୍ରତ୍ୟାଖ୍ୟାନ ଆମକୁ ଈଶ୍ୱରଙ୍କ ପବିତ୍ରତାରୁ ଓ ତାଙ୍କ ରାଜ୍ୟର ଆଶୀର୍ବାଦରୁ ଆମକୁ ଦୂରେଇ ଦିଏ ।

ସୁସମାଚାର ଆମକୁ କହେ ଯେ ଯୀଶୁ କ୍ରୁଶ ଉପରେ ଆମର ପ୍ରତିବଦଳ ହେବା ପାଇଁ ଅଗ୍ରସର ହୋଇଥିଲେ, ଆମ ନିଜ ପାଇଁ ଆମେ ଯେଉଁ ମୃତ୍ୟୁକୁ ମନୋନୀତ କରିଥିଲୁ, ତାକୁ ସେ ଗ୍ରହଣ କରିଥିଲେ । ସେ ତ୍ରୁଟିଶୂନ୍ୟ ଭାବରେ ପବିତ୍ର ଥିବାରୁ ଆମର ସ୍ଥାନ ଦେବା ପାଇଁ ସମର୍ଥ ଥିଲେ (ଅର୍ଥାତ୍, ସେ ପାପଶୂନ୍ୟ ଓ ନିର୍ଦ୍ଦାଗ ଥିଲେ) । ଜଗତର ବିଦ୍ରୋହାଚରଣର ଅପରିଶୋଧନୀୟ ଋଣକୁ ତ୍ରୁଟିଶୂନ୍ୟ, ଆଜ୍ଞାବହ ଯୀଶୁଙ୍କ ଜମାରୁ ଦାବୀ କରାଯାଇଅଛି । ଆମେ ଯେଉଁ ଋଣକୁ ପରିଶୋଧ କରିପାରି ନ ଥାନ୍ତୁ, ତାହା ତାଙ୍କ ପବିତ୍ରତାର ଅସରନ୍ତି ଧନ ମାଧ୍ୟମରେ ପରିଶୋଧ କରାଯାଇଅଛି । ବର୍ତ୍ତମାନ, ଯେତେବେଳେ ଈଶ୍ୱର ଯୀଶୁଙ୍କଠାରେ ବିଶ୍ୱାସ କରିଥିବା ଲୋକମାନଙ୍କୁ ଦେଖନ୍ତି, ସେତେବେଳେ ସେ ମନୁଷ୍ୟର ତ୍ରୁଟି (ଅପବିତ୍ରତା)କୁ ନୁହେଁ, ମାତ୍ର ଯୀଶୁଙ୍କର ସିଦ୍ଧତା (ପବିତ୍ରତା)କୁ ଦେଖନ୍ତି ।

ଏହାକୁ ଏହିପରି ଭାବନ୍ତୁ : ଆପଣ କ'ଣ ଏପରି ଗୋଟିଏ ସମୟ ବିଷୟରେ ଚିନ୍ତା କରିପାରିବେ ଯେତେବେଳେ ଆପଣ ପିନ୍ଧିଥିବା କୌଣସି ପୋଷାକ ଆପଣଙ୍କୁ ନିଜ ବିଷୟରେ ବିଶେଷ ଉତ୍ତମ ଅନୁଭବ ଦେଇଥିବ ? ହୁଏତ ଆପଣ କୌଣସି ବିଶେଷ ଅବସର ପାଇଁ ପୋଷାକ ପିନ୍ଧିଥିବେ ଓ ଆପଣ ଗୃହରୁ ବାହାରି ଆସିବା ସମୟରେ ସାମାନ୍ୟ ଆତ୍ମବିଶ୍ୱାସ ଅନୁଭବ କରିଥିବେ । ଯେତେବେଳେ ଆମେ ଯୀଶୁଙ୍କଠାରେ ବିଶ୍ୱାସ ସ୍ଥାପନ କରୁ, ସେତେବେଳେ ଈଶ୍ୱର ଆମକୁ ଯୀଶୁଙ୍କର ଧାର୍ମିକତାର ଶ୍ରେୟ ଦିଅନ୍ତି ଓ ଆମେ ତାଙ୍କ ସିଦ୍ଧତାରୂପ ବସ୍ତ୍ରରେ ବସ୍ତ୍ରାନ୍ୱିତ ହେଉ ବୋଲି ବାଇବଲ ଆମକୁ କହେ (ରୋମୀୟ ୫:୧୮, ଫିଲିପ୍ପୀୟ ୩:୯, ୧ କରିନ୍ଥୀୟ ୧:୩୦) ।

ପାଉଲ ଆମକୁ କହିଛନ୍ତି ଯେ ଶରୀରର ଅଭିଳାଷକୁ ତୃପ୍ତ କରିବା ପରିବର୍ତ୍ତେ, ଆମେ ନିଜ ନିଜକୁ ''ଯୀଶୁ ରୂପକ ବସ୍ତ୍ରରେ'' ଆଚ୍ଛାଦିତ କରିବା ଉଚିତ୍, ଆକ୍ଷରିକ ଭାବରେ ତାଙ୍କ ଉତ୍ତମତାକୁ ପରିଧାନ କରିବା ଉଚିତ୍ (ରୋମୀୟ ୧୩:୧୪) । ଏହାକୁ ଯାକୁବଙ୍କ ସହିତ ତୁଳନା କରନ୍ତୁ, ସେ ନିଜର ପାଠକମାନଙ୍କୁ ସମସ୍ତ ପ୍ରକାର ନୈତିକ ଅଶୁଚିତାରୁ ମୁକ୍ତ ହେବା ପାଇଁ (''ପରିତ୍ୟାଗ କରିବା'' ଉତ୍ତମ ଅନୁବାଦ ଅଟେ) ଅନୁରୋଧ କରିଛନ୍ତି (ଯାକୁବ ୧:୨୧) । ଆମକୁ ସେହି ସମସ୍ତ ପୂର୍ବ ବିଷୟଗୁଡ଼ିକୁ ପରିତ୍ୟାଗ କରିବାକୁ ହେବ ଯେଉଁଗୁଡ଼ିକ ଈଶ୍ୱରଙ୍କର ବିରୁଦ୍ଧରେ ରହିଥିଲା ଓ ପୁଣି ସେଗୁଡ଼ିକୁ ଖ୍ରୀଷ୍ଟଙ୍କୁ ଦେବାକୁ ହେବ ଓ ଏହାର ଏକ ବଡ଼ ବିନିମୟରେ, ସେ ସେଗୁଡ଼ିକ ସ୍ଥାନରେ ନିଜସ୍ୱ ଧାର୍ମିକତାକୁ ରଖନ୍ତି ।

ଆପଣ ନିର୍ଦ୍ଧାରିତମାନର ପୋଷାକ ପିନ୍ଧି ନ ଥିବାରୁ ଆପଣଙ୍କୁ କେବେ କୌଣସି ସ୍ଥାନରୁ ଫେରାଇ ଦିଆଯାଇଛି କି ? ସେହିପରି ଈଶ୍ୱରଙ୍କ ସିଦ୍ଧ ରାଜ୍ୟରେ ପ୍ରବେଶ କରିବା ପାଇଁ ଯଥାର୍ଥ ପବିତ୍ରତା ଆବଶ୍ୟକ ହୁଏ ଓ ଏହା ଆମ ପାଖରେ ନାହିଁ । ମାତ୍ର ଗୋଟିଏ ତ୍ରୁଟିପୂର୍ଣ୍ଣ ଲୋକ ଭାବରେ, ଆମେ ବର୍ତ୍ତମାନ ଖ୍ରୀଷ୍ଟଙ୍କ ମାଧ୍ୟମରେ ‘‘ଉପଯୁକ୍ତ ପୋଷାକ’’ ପରିଧାନ କରିଥିବାରୁ ତାଙ୍କର ସିଦ୍ଧ ରାତ୍ୟ ମଧ୍ୟରେ ପ୍ରବେଶ କରିପାରିବା । ସିଦ୍ଧତାରୁ କୌଣସି ଊଣା ବିଷୟ କାର୍ଯ୍ୟ କରିବ ନାହିଁ, ମାତ୍ର ଖ୍ରୀଷ୍ଟଙ୍କ ସିଦ୍ଧତାରୁ କୌଣସି ଊଣା ବିଷୟ ପରିଧାନ କରିବା ପାଇଁ ଆମକୁ ଦିଆଯାଇ ନାହିଁ । ଶେଷରେ, ଯେଉଁ ଦିନ ଆମେ ସ୍ୱର୍ଗରାଜ୍ୟର ସଂପୂର୍ଣ୍ଣ ବାସ୍ତବତା ମଧ୍ୟରେ ପ୍ରବେଶ କରିବୁ, ସେହିଦିନ ଆମେ ଆମ ନିଜ ସହିତ ଆମର ଅସଂପୂର୍ଣ୍ଣତାକୁ ନ ଆଣି ଧାର୍ମିକତା ବସ୍ତ୍ରରେ ଆଚ୍ଛାଦିତ ହୋଇଥିବୁ ।

**୩. ଆତ୍ମାଙ୍କ ପ୍ରତି ବଶ୍ୟତା ଓ ଆତ୍ମ-ଶୃଙ୍ଖଳା ପବିତ୍ର ଜୀବନଯାପନ ଉତ୍ପନ୍ନ କରେ ।**

‘‘ପୁଣି ତୁମ୍ଭମାନଙ୍କ ମନରେ ନୂତନୀକୃତ ହୋଇ, ଯେଉଁ ନୂତନ ସ୍ୱଭାବ ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ଧାର୍ମିକତା ଓ ସତ୍ୟର ପବିତ୍ରତାରେ ସୃଷ୍ଟ ହୋଇଅଛି, ତାହା ପରିଧାନ କରିବାକୁ ଶିକ୍ଷିତ ହୋଇଅଛ ।’’

**ଏଫିସୀୟ ୪ : ୨୩-୨୪**

ଆଜି ଆମେ ତାଙ୍କ ନିମନ୍ତେ ଜୀବନ କାଟୁଥିବା ସମୟରେ, ସେହି ଗୋଟିଏ ପାପକୁ ଯେପରି ବାରମ୍ବାର ନ କରି, ପରିପକ୍ୱତାରେ ବୃଦ୍ଧି ପାଇବୁ, ଏହା ଈଶ୍ୱର ଇଚ୍ଛା କରନ୍ତି (ଅଭ୍ୟାସଗତ ପାପ) । ଆମେ ତାଙ୍କ ଅନୁଗ୍ରହ ଦ୍ୱାରା ଆଚ୍ଛାଦିତ ହୋଇଅଛୁ, ମାତ୍ର ବିଶ୍ୱସ୍ତ ଓ ନିର୍ଭରଯୋଗ୍ୟ ବିଶ୍ୱାସର ପ୍ରମାଣ ପରିବର୍ତ୍ତନ ଓ ବୃଦ୍ଧି (ଶିଷ୍ୟତ୍ୱ) ଅଟେ । ଆମେ ଖ୍ରୀଷ୍ଟଙ୍କ ଧାର୍ମିକତାକୁ ଏକ ସ୍ୱାଧୀନତାର ପ୍ରମାଣ ପତ୍ର ଭାବରେ ପରିଧାନ କରି ସନ୍ତୁଷ୍ଟ ରହିବା ଉଚିତ୍ ନୁହେଁ, ମାତ୍ର ଯିଏ ଆମ ପାଇଁ ମୂଲ୍ୟ ପରିଶୋଧ କରିଥିଲେ, ତାହାଙ୍କ ପ୍ରତି ବାଧ୍ୟତା ପ୍ରଦର୍ଶନ କରି ଜୀବନ ଯାପନ କରିବା ଦ୍ୱାରା, ଆମେ ପରିଧାନ କରିଥିବା ଧାର୍ମିକତାର ମୂଲ୍ୟକୁ ସମ୍ମାନ ଦେଖାଇବା ପାଇଁ ମନୋନୀତ କରିବା ଉଚିତ୍ । ଏହା ଆମର ଶିଷ୍ୟତ୍ୱର ଯାତ୍ରା ଅଟେ । ଆମ ନୂତନ ଜନ୍ମ (ଧାର୍ମିକତା ପ୍ରାପ୍ତି)ର ପ୍ରାରମ୍ଭିକ ମୁହୂର୍ତ୍ତରୁ ଆରମ୍ଭ କରି ନୂତନ ଜୀବନ (ଶୁଚିକରଣ)ର ନିରବଚ୍ଛିନ୍ନ ବିକାଶ ଦିଗରେ ଅଗ୍ରସର ହେବା ।

ଏହା ଯେ ଆମକୁ କେବଳ ଆଗାମୀ ଅନନ୍ତ ସିଦ୍ଧତାର ଏକ ଭରସା ଦିଏ, ତା’ ନୁହେଁ, ମାତ୍ର ଏହା ଆମକୁ ଏପରି ଏକ ଉପାୟ ମଧ୍ୟ ପ୍ରଦାନ କରେ ଯଦ୍ୱାରା ଆମେ ଆଜି ଭିନ୍ନ ଭାବରେ ବଞ୍ଚି ପାରିବୁ ।

ଜଣେ ଶିଷ୍ୟର ଜୀବନରେ ଘଟୁଥିବା ପରିବର୍ତ୍ତନ ଯୀଶୁଙ୍କର ଜଣେ ପ୍ରକୃତ ଅନୁଗାମୀର ଜୀବନରୁ ନିର୍ଗତ ହେଉଥିବା ଆତ୍ମିକ ଫଳ ସମ୍ବନ୍ଧୀୟ ପାଉଲଙ୍କ ଆବିଷ୍କାରରେ ଶକ୍ତିପୂର୍ଣ୍ଣ ଭାବରେ ପ୍ରକାଶିତ ହୋଇଅଛି (ଗାଲାତୀୟ ୫:୨୨-୨୩) । ଉଲ୍ଲିଖିତ ହୋଇଥିବା ଫଳର ଅନ୍ତିମ ଦିଗ ଆତ୍ମ-ସଂଯମ, କିମ୍ବା ଆତ୍ମ-ଶୃଙ୍ଖଳା ଅଟେ – ମାତ୍ର ଆମକୁ ତାଙ୍କ ସହିତ ସାଥୀତ୍ୱ ରଖିବାକୁ ହୁଏ (ଫିଲିପ୍ପୀୟ ୨:୧୨-୧୩) ।

ଏହାକୁ ସ୍ମରଣ ରଖି, ଏଠାରେ ୪ଟି ବ୍ୟାବହାରିକ ବିଷୟ ରଖାଯାଇଛି, ସେଗୁଡ଼ିକ ଦ୍ୱାରା ଆମେ ପବିତ୍ରତାରେ ଓ ଈଶ୍ୱରଙ୍କ ପ୍ରତି ବାଧ୍ୟତାରେ ବୃଦ୍ଧି ପାଇପାରିବା :

**ଉପାସନା**

ଆମେ ଈଶ୍ୱରଙ୍କ ବାକ୍ୟରେ ଯେତେ ଅଧିକ ସମୟ କାଟିବା, ଆମେ ଯାହା ହେଉ ବୋଲି ଈଶ୍ୱର ଚାହାଁନ୍ତି, ତାହା ଆମେ ସେତେ ଅଧିକ ଜାଣିବା । ସେହିପରି, ପ୍ରାର୍ଥନାରେ ସମୟ କାଟିବା ଦ୍ୱାରା, ଆମର ଦୁର୍ବଳତା ଓ ପ୍ରଲୋଭନ ଉପରେ ଜୟଯୁକ୍ତ ହେବାରେ ଆମକୁ ସାହାଯ୍ୟ କରିବା ପାଇଁ ଆମେ ଈଶ୍ୱରଙ୍କୁ ଅନୁରୋଧ କରିପାରିବା । ଯୀଶୁଙ୍କ ସହିତ ସମୟ କାଟିବାର ଅର୍ଥ ପବିତ୍ର ହେବା ପାଇଁ ଶକ୍ତିଯୁକ୍ତ ହେଉଥିବା ସମୟରେ, ପବିତ୍ରତାର ଅର୍ଥ କ’ଣ, ତାହା ଶିକ୍ଷା କରିବା ।

**ଆତ୍ମ-ସଚେତନତା**

ଆମେ ଯେପରି ବାକ୍ୟ ପାଠ କରୁ, ବାକ୍ୟ ସେହିପରି ଆମକୁ ପଠନ କରେ ଓ ଆମର ନିଜସ୍ୱ ଜୀବନକୁ ପରୀକ୍ଷା କରିବାରେ ଓ ଧୀରେ ଧୀରେ ଆତ୍ମ-ସଚେତନ ହେବାରେ ଆମକୁ ସାହାଯ୍ୟ କରେ । ଏହି ଆତ୍ମ-ସଚେତନତା ଆମର ଦୁର୍ବଳତା ଚିହ୍ନିବାରେ ଆମକୁ ସାହାଯ୍ୟ କରେ ଓ ଏହା ଏହି ବିଷୟକୁ ସୂଚାଏ ଯେ ଆମେ ଆମ ପ୍ରତି କ୍ଷତିକାରକ ବିଷୟଗୁଡ଼ିକୁ ବାରଣ କରିବା ଆରମ୍ଭ କରିପାରୁ ।

**ସମାଜ**

ଆମେ ଯେଉଁ ଜୀବନ କାଟୁ, ତା’ ପ୍ରତି ଜାଗ୍ରତ ରହିବା କେବଳ ଆତ୍ମ-ସଚେତନତା ମାଧ୍ୟମରେ ମିଳେ ନାହିଁ । ଖ୍ରୀଷ୍ଟୀୟ ସହଭାଗିତା ଓ ସମାଜ ପ୍ରତି ସମର୍ପିତ ହେବା ଦ୍ୱାରା, ଆମେ ଆମ ଚତୁର୍ଦ୍ଦିଗସ୍ଥିତ ଲୋକମାନଙ୍କ ଦ୍ୱାରା ପ୍ରେମପୂର୍ଣ୍ଣ ଭାବରେ ପରୀକ୍ଷିତ ହେବା ପାଇଁ ନିଜ ନିଜକୁ ଉନ୍ମୁକ୍ତ କରୁ । ସମାଜରେ ନିଜ ନିଜକୁ ବିନିଯୋଗ କରିବା ଦ୍ୱାରା ଆପଣଙ୍କ ଜୀବନ ମଧ୍ୟରେ କଥା କହିବା ପାଇଁ ଅନ୍ୟମାନଙ୍କୁ ଓ ସେହିପରି କରିବା ପାଇଁ ଆପଣଙ୍କୁ ସୁଯୋଗ ମିଳେ । ଅନ୍ୟମାନଙ୍କ ପ୍ରତି ଉନ୍ମୁକ୍ତ ହେବା ଦ୍ୱାରା ଆହ୍ୱାନ ଆସିପାରେ, ମାତ୍ର ଉନ୍ମୋଚିତ ହେବାର ବିପଦ ଆମକୁ ବ୍ୟକ୍ତିଗତ ଭାବରେ ଓ ଈଶ୍ୱରଙ୍କ ପରିବାର ଭାବରେ ଏକତ୍ର ବୃଦ୍ଧି ପାଇବା ପାଇଁ ବାଇବଲ ଭିତ୍ତିକ ଆଦର୍ଶ ଯାତ୍ରାରେ ଆମକୁ ବାଧା ଦେବା ଉଚିତ୍ ନୁହେଁ ।

**ପାପସ୍ୱୀକାର**

ପାପ ମୁକ୍ତି ପାଇଁ ନୁହେ, ମାତ୍ର ଉତ୍ତର ଦାୟିତ୍ୱ ନିମନ୍ତେ ଏକ ଆରେକ ନିକଟରେ ଆମର ପାପ ସ୍ୱୀକାର କରିବା ପାଇଁ ଯାକୁବ ଆମକୁ କହିଛନ୍ତି (ଯାକୁବ ୫:୧୬) । ଯେଉଁମାନଙ୍କ ନିକଟରେ ଆପଣ ସଂପୂର୍ଣ୍ଣ ଭାବରେ ସଙ୍କୋଚ ହୋଇପାରିବେ ଓ ଆପଣଙ୍କ ସଂଘର୍ଷ, ପ୍ରଲୋଭନ ଓ ବିଫଳତା ବିଷୟରେ ସ୍ପଷ୍ଟ ଭାବରେ ଜଣାଇ ପାରିବେ, ଏପରି ଦଳେ ବିଶ୍ୱସ୍ତ ବନ୍ଧୁଙ୍କୁ ଖୋଜିବା ଅପରିହାର୍ଯ୍ୟ ଅଟେ । ଶତ୍ରୁ ଆପଣଙ୍କର ସଂଘର୍ଷକୁ ଏପରି ଅନ୍ଧକାରରେ ରଖିବାକୁ ଇଚ୍ଛା କରେ, ଯେଉଁଠାରେ ସେ ଏହାକୁ ଲଜ୍ଜାରେ ପରିଣତ କରିପାରିବ, ମାତ୍ର ଈଶ୍ୱର ଆମକୁ ଏକତ୍ର ଯାତ୍ରା କରିବା ପାଇଁ ଓ ଯେଉଁ ଆଲୋକରେ ସେ ଆମକୁ ପୁନଃ ପ୍ରତିଷ୍ଠିତ ଓ ଉଦ୍ଧାର କରିପାରିବେ, ସେହି ଆଲୋକ ମଧ୍ୟକୁ ଆମର ବିଫଳତାଗୁଡ଼ିକ ଆଣିବା ଦ୍ୱାରା ଏକ ଆରେକକୁ ଉତ୍ତରଦାୟୀ କରିବାରେ ସାହାଯ୍ୟ କରିବା ପାଇଁ ଆହ୍ୱାନ କରିଛନ୍ତି । ବିଫଳତା ଈଶ୍ୱରଙ୍କ ପାଇଁ ଅନ୍ତିମ ବିଷୟ ହେବା ଆଦୌ ଆବଶ୍ୟକ ନୁହେଁ : ଉତ୍ତର ଦାୟିତ୍ୱ ଏପରି ଏକ ମାର୍ଗ ଅଟେ ଯଦ୍ୱାରା ଆମେ ନମ୍ର ଭାବରେ ଓ ତାଙ୍କ ଅନୁଗ୍ରହର ବଶୀଭୂତ ହୋଇ ଆମର ସଂଘର୍ଷ ଗୁଡ଼ିକର ସମ୍ମୁଖୀନ ହୋଇପାରିବା ।

ପ୍ରଚାରକ ଭାବରେ, ଆମେ ଘୋଷଣା କରୁଥିବା ବାର୍ତ୍ତା କେବଳ ପ୍ରତିକ୍ରିୟା ଦେଖିବା ସମ୍ବନ୍ଧୀୟ ନୁହେଁ, ମାତ୍ର ବୃଦ୍ଧି ପାଉଥିବା ଓ ପରିପକ୍ୱ ହେଉଥିବା ଶିଷ୍ୟମାନଙ୍କୁ – ଏକ ପବିତ୍ର ଜାତିକୁ ସୃଷ୍ଟି କରିବା ସମ୍ବନ୍ଧୀୟ ଅଟେ (କଲସୀୟ ୧:୨୮-୨୯) । ପ୍ରକୃତ ଶିଷ୍ୟମାନେ ହିଁ ସତ୍ୟନିଷ୍ଠା ଓ ଶକ୍ତିର ସହିତ ଫଳପ୍ରଦ ଭାବରେ ଜଗତ ମଧ୍ୟକୁ ଏହି ବାର୍ତ୍ତା ନେଇ ଯିବେ । ଏହା ଗୋଟିଏ ପବିତ୍ର ଜାତି ନିମନ୍ତେ ଏକ ପବିତ୍ର କାର୍ଯ୍ୟ ଅଟେ ।

## ଆଲୋଚନା (୧୫ ମିନିଟ୍)

*ନିମ୍ନଲିଖିତ ପ୍ରଶ୍ନ ଗୁଡ଼ିକୁ ଓ / କିମ୍ବା ଆଲୋଚନା ଉଦ୍ଧୃତାଂଶର ଅନୁସନ୍ଧାନ କରନ୍ତୁ :*

- ଈଶ୍ୱରଙ୍କୁ ଜାଣି ନ ଥିବା କୌଣସି ବ୍ୟକ୍ତିଙ୍କ ନିକଟରେ, ଆପଣ କିପରି ଈଶ୍ୱରଙ୍କ ପବିତ୍ରତାକୁ ବର୍ଣ୍ଣନା କରିବେ ?
- ଆମେ କିପରି ଖ୍ରୀଷ୍ଟ ‘‘ପରିଧାନ’’ କରୁ ?
- ଅନ୍ୟମାନଙ୍କ ନିକଟରେ ବିଶ୍ୱାସ ଯୋଗ୍ୟ ଭାବରେ ଉତ୍ତରଦାୟୀ ହେବା ପାଇଁ କେଉଁ ବିଷୟ ଆପଣଙ୍କୁ ସାହାଯ୍ୟ କରେ କିମ୍ବା ବାଧା ଦିଏ ?

‘‘ଯଦି ଆପଣ ଭାବୁଛନ୍ତି ଯେ ଖ୍ରୀଷ୍ଟଙ୍କ ସହିତ ନିରବଚ୍ଛିନ୍ନ ସଂପର୍କ ନ ରଖି, ଆପଣ ପବିତ୍ରତାରେ ଆଚରଣ କରିପାରିବେ, ତେବେ ଆପଣ ଗୋଟିଏ ବଡ଼ ଭୁଲ୍ କରୁଛନ୍ତି । ଯଦି ଆପଣ ପବିତ୍ର ହେବାକୁ ଇଚ୍ଛା କରୁଛନ୍ତି, ତେବେ ଆପଣଙ୍କୁ ଯୀଶୁଙ୍କ ସହିତ ଅତି ଘନିଷ୍ଠ ହୋଇ ବଞ୍ଚିବାକୁ ହେବ ।’’

**ଚାର୍ଲସ ସ୍ପର୍ଜିଅନ୍**

## ପ୍ରୟୋଗ (୫ ମିନିଟ୍)

ଯଦି ଆପଣଙ୍କ ନିକଟରେ ବିଶ୍ୱସ୍ତ ବନ୍ଧୁମାନଙ୍କର ଗୋଟିଏ ଛୋଟ ଦଳ ନାହିଁ, (ଏହି ‘ଉନ୍ନତ’ ଦଳଗୁଡ଼ିକରେ ଆମେ କରୁଥିବା ଉତ୍ତର ଦାୟିତ୍ୱ କାର୍ଯ୍ୟଠାରୁ ପୃଥକ୍) ଯାହା ସହିତ ଆପଣ ନିୟମିତ ଭାବରେ ସାକ୍ଷାତ୍ କରନ୍ତି ଓ ଯାହା ନିକଟରେ ଆପଣ ସଂପୂର୍ଣ୍ଣ ଭାବରେ ସଚ୍ଚୋଟ, ଉନ୍ମୁକ୍ତ ଓ ଉତ୍ତରଦାୟୀ ଅଟନ୍ତି, ତେବେ କେଉଁମାନଙ୍କ ସହିତ ଏହା କରିପାରିବେ, ଏହା ଚିନ୍ତା କରନ୍ତୁ ଓ ଯଥା ଶୀଘ୍ର ସଂଗଠିତ ହୁଅନ୍ତୁ । ଯଦି ଆପଣ ଏହା କରୁଛନ୍ତି, ତେବେ ଏହା ଆପଣଙ୍କ ପାଇଁ କାହିଁକି ଗୁରୁତ୍ୱପୂର୍ଣ୍ଣ, ସେ ବିଷୟରେ ଏପରି ଜଣଙ୍କୁ କହନ୍ତୁ, ଯିଏ ଏହି କାର୍ଯ୍ୟ କରୁ ନ ଥାନ୍ତି ଓ ଆପଣଙ୍କ ସାଧ୍ୟ ଅନୁସାରେ, କୌଣସି ପରାମର୍ଶ, ଉତ୍ସାହ କିମ୍ବା ସୂଚନା ଦେଇ ଏହି କାର୍ଯ୍ୟ ଆରମ୍ଭ କରିବାରେ ତାଙ୍କୁ ସାହାଯ୍ୟ କରନ୍ତୁ ।

## ପ୍ରାର୍ଥନା

ପ୍ରାର୍ଥନାରେ ଈଶ୍ୱରଙ୍କ ପବିତ୍ରତାକୁ ଚିହ୍ନନ୍ତୁ ଓ ସେଥିରେ ଆନନ୍ଦ କରନ୍ତୁ । ଆପଣଙ୍କ ବିଦ୍ରୋହ ପାଇଁ ତାଙ୍କଠାରୁ କ୍ଷମା ମାଗନ୍ତୁ ଓ ଯୀଶୁଙ୍କର ତ୍ରାଣକାରୀ କାର୍ଯ୍ୟ ଯୋଗୁ ଆପଣ ତାଙ୍କ ଧାର୍ମିକତାରେ ସହଭାଗୀ ହୋଇ ପାରିଛନ୍ତି ବୋଲି ତାଙ୍କୁ ଧନ୍ୟବାଦ ଦିଅନ୍ତୁ । ଈଶ୍ୱର ଯେପରି ଆପଣଙ୍କୁ ପବିତ୍ର କରିବା ପାଇଁ ଆପଣଙ୍କ ଜୀବନରେ କାର୍ଯ୍ୟ କରିବା ଅବ୍ୟାହତ ରଖିବେ, ସେଥିନିମନ୍ତେ ପ୍ରାର୍ଥନା କରନ୍ତୁ । ଆପଣ ଶିଷ୍ୟଭାବରେ ବୃଦ୍ଧି ପାଇବା ପାଇଁ ଓ ଗୋଟିଏ ପବିତ୍ର ବାର୍ତ୍ତା ସହିତ ଗୋଟିଏ ପବିତ୍ର ଲୋକ ଭାବରେ ଉଦ୍ଦେଶ୍ୟ ନିମନ୍ତେ ଅଧିକ ଉପଯୁକ୍ତ ହେବା ପାଇଁ ଚେଷ୍ଟା କରୁଥିବା ସମୟରେ, ଆତ୍ମାଙ୍କ ଶକ୍ତିର ବଶୀଭୂତ ହୋଇ ଶୃଙ୍ଖଳିତ ଜୀବନଯାପନ ପ୍ରତି ସମର୍ପିତ ହୁଅନ୍ତୁ ।

## ଉତ୍ତର ଦାୟିତ୍ୱ (୨୫ ମିନିଟ୍)

*ସମୀକ୍ଷା ଫର୍ମଟିକୁ ପୂରଣ କରନ୍ତୁ, ଏହାକୁ ଦୁଇ ଜଣଙ୍କ ମଧ୍ୟରେ କିମ୍ବା ଛୋଟ ଦଳ ମଧ୍ୟରେ ଜଣାନ୍ତୁ ଓ ଏକ ଆରେକ ପାଇଁ ପ୍ରାର୍ଥନା କରନ୍ତୁ ।*

*ଫର୍ମରେ ଥିବା ପ୍ରଶ୍ନଗୁଡ଼ିକୁ ଗଭୀର ଭାବରେ ଚିନ୍ତା କରିବା ପାଇଁ, ସଚ୍ଚୋଟ ମତାମତ ଦେବା ପାଇଁ ଓ ଏହି ବିଷୟଗୁଡ଼ିକ ଉପରେ ପ୍ରାର୍ଥନା କରିବା ପାଇଁ, ଏହି ଅଧିବେଶନରେ କିଛି ଅଧିକ ସମୟ ନିଅନ୍ତୁ ।*

# ଅଧିବେଶନ – ୮
# ସୁସମାଚାର ପ୍ରଚାରକର ଚରିତ୍ର

**ସର୍ବାଧିକ ପବିତ୍ର ଖ୍ରୀଷ୍ଟିଆନମାନେ ସର୍ବାଧିକ ନମ୍ର ଅଟନ୍ତି, ସେଥିପାଇଁ ଆମର ସୁସମାଚାର ପ୍ରଚାରରେ ବିନମ୍ରତା ରଖିବା କିପରି ଦିଶେ ?**

## ଗୋଟିଏ ବାକ୍ୟରେ ଅଧିବେଶନ

ନମ୍ରତା ଗୋଟିଏ ସୁସମାଚାର ପ୍ରଚାରକର ମୁଖ୍ୟ ଗୁଣ ଅଟେ : ଆମ ପାଇଁ ଯୀଶୁଙ୍କଠାରେ ଏହା ପ୍ରଦର୍ଶିତ ହୋଇଥିଲା, ପିତାଙ୍କ ଗୌରବ ଉଦ୍ଦେଶ୍ୟରେ ପବିତ୍ର ଆତ୍ମାଙ୍କ ଦ୍ୱାରା ଆମ ମଧ୍ୟରେ ଏହା ପରିମାର୍ଜିତ ଓ ଶକ୍ତିଯୁକ୍ତ ହୋଇଥିଲା ।

## ଅଧିବେଶନର ପୃଷ୍ଠଭୂମି

ମରିୟମ ଏକ ସନ୍ତାନ ପ୍ରସବ କରିବେ ବୋଲି ଗାବ୍ରୀୟେଲ ଦୂତ ଯେଉଁ ମୁହୂର୍ତ୍ତରେ ତାଙ୍କୁ କହିଥିଲେ, ସେହି ମୁହୂର୍ତ୍ତରେ ନମ୍ରତା ଯାହା ଯୀଶୁଙ୍କ କାହାଣୀର ଏକ ମୁଖ୍ୟ ବିଷୟ ବସ୍ତୁ ଥିଲା, ତାହା ଆରମ୍ଭ ହୋଇଥିଲା । ମରିୟମ ଈଶ୍ୱରଙ୍କୁ ପ୍ରମାଣ କରିଥିଲେ ଓ ସେ ତାଙ୍କର ଦୀନାବସ୍ଥାରେ ତାଙ୍କ ଭଳି ଦାସୀ ପ୍ରତି ମନୋଯୋଗୀ ହୋଇଥିବାରୁ ତାଙ୍କୁ ଧନ୍ୟବାଦ ଦେଇଥିଲେ । ଅନ୍ୟ ଭାଷାରେ, ସେ କହିଛନ୍ତି, ''ମୁଁ କେବଳ ଜଣେ ସାଧାରଣ ନାରୀ । ଈଶ୍ୱର କାହିଁକି ମୋତେ ବ୍ୟବହାର କରିବାକୁ ଚାହୁଁଛନ୍ତି ?''

ଈଶ୍ୱର ଆପଣଙ୍କୁ କାହିଁକି ବ୍ୟବହାର କରିବେ ବୋଲି ଆପଣ କେବେ ଭାବିଛନ୍ତି କି ?

ବେଳେ ବେଳେ ଆମେ ଆମର ଦାନ ଓ ପ୍ରତିଭାରେ ଆତ୍ମଭରସା ପ୍ରାପ୍ତ ହୋଇ ଏହା ବିଶ୍ୱାସ କରିପାରୁ ଯେ ଈଶ୍ୱର ଏହିସବୁ ବିଷୟ ଯୋଗୁ ଆମକୁ ବ୍ୟବହାର କରିବା ପାଇଁ ମନୋନୀତ କରିଛନ୍ତି । ଈଶ୍ୱରଙ୍କ ଆହ୍ୱାନ ଆମ ପ୍ରତିଭା ପାଇଁ ନୁହେଁ, ଆମ ଚରିତ୍ର ପାଇଁ ଉଦ୍ଦିଷ୍ଟ ଅଟେ ଓ ଯେଉଁ ଚରିତ୍ର ତାଙ୍କୁ ସର୍ବାଧିକ ସନ୍ତୁଷ୍ଟ କରେ, ତା'ର ମଧ୍ୟ ଭାଗରେ ନମ୍ରତା ଥାଏ । ପବିତ୍ର ଈଶ୍ୱର କିପରି ଗର୍ବୀମାନଙ୍କୁ ଛିନ୍ନ ଭିନ୍ନ କରି ନମ୍ର ଲୋକମାନଙ୍କୁ ଉନ୍ନତ କରନ୍ତି – ଏହି ସମ୍ବନ୍ଧରେ ଗୀତ ଗାନ କରି, ମରିୟମ ଈଶ୍ୱରଙ୍କର ପ୍ରଶଂସା କରୁଥିଲେ । ଜଣେ ଯିହୁଦୀ ଯୁବତୀ ଭାବରେ, ପୁରାତନ ନିୟମ ସମ୍ବନ୍ଧରେ ତାଙ୍କର ଜ୍ଞାନ ଈଶ୍ୱରଙ୍କ ବିଷୟରେ ଦୃଢ଼ତାର ସହିତ ଏହି ଦାବୀ କରିବା ପାଇଁ ତାଙ୍କୁ ଆବଶ୍ୟକୀୟ ସମସ୍ତ ବିଷୟ ଯୋଗାଇ ଦେଇଥିବ । ପୁଣି ବର୍ତ୍ତମାନମ ସେ ନିଜ ପାଇଁ ଏହି ବାସ୍ତବତାର ଅନୁଭୂତି ପାଉଥିଲେ । ଈଶ୍ୱର ସର୍ବଦା ଅତି ଅନପେକ୍ଷିତ ମାର୍ଗରେ, ତାଙ୍କର ଉଦ୍ଦେଶ୍ୟ ପାଇଁ ନମ୍ର ଲୋକମାନଙ୍କୁ ବ୍ୟବହାର କରିବାକୁ ମନୋନୀତ କରିଥାନ୍ତି ଓ ଜଗତର ଜ୍ଞାନକୁ ଅବଜ୍ଞା କରି ଅତି ସାଧାରଣ ଲୋକଙ୍କ ମାଧ୍ୟମରେ ତାଙ୍କର ଶକ୍ତି ଓ ଅନୁଗ୍ରହ ପ୍ରକାଶ କରନ୍ତି । ମହତ୍ ବିଷୟ ପାଇଁ ଈଶ୍ୱରଙ୍କ ଦ୍ୱାରା ବ୍ୟବହୃତ ହେବା ଦିଗରେ ପ୍ରଥମ ପଦକ୍ଷେପ ହେଉଛି, ତାଙ୍କ ଉପରେ ଆମର ସଂପୂର୍ଣ୍ଣ ନିର୍ଭରଶୀଳତାକୁ ବାସ୍ତବରେ ପରିଣତ କରିବା ।

ଯୀଶୁଙ୍କ ଜନ୍ମ ଆଉ ଅଧିକ ଦୀନହୀନ ପରିବେଶରେ ସଂଘଟିତ ହୋଇ ପାରି ନ ଥାନ୍ତା । ରାଜାମାନଙ୍କର ରାଜା ଗୋଟିଏ ଛୋଟ ଗୁହାଳ ଘରେ ଜନ୍ମ ନେଇଥିଲେ ଓ ତାଙ୍କୁ ଗୋଟିଏ ଗୁହାଳକୁଣ୍ଡ ପଶୁମାନଙ୍କ ଖାଦ୍ୟ ପାଇଁ ଉଦ୍ଦିଷ୍ଟ କୁଣ୍ଡରେ ରଖାଯାଇଥିଲା । ଜଣେ ରାଜାଙ୍କ ଜନ୍ମର ବୈଭବ ସ୍ଥାନରେ ଜଣେ ନଗଣ୍ୟ ବ୍ୟକ୍ତିର ଜନ୍ମର ଦାରିଦ୍ର୍ୟ ରହିଥିଲା । ସମସ୍ତ ବିଷୟର ସୃଷ୍ଟିକର୍ତ୍ତାଙ୍କ ସହିତ ଆମର ପୁନର୍ମିଳନ ଆଶ୍ଚର୍ଯ୍ୟଜନକ ନମ୍ରତାରେ ଆରମ୍ଭ ହୋଇଥିଲା ।

ଧର୍ମଶାସ୍ତ୍ରର ପ୍ରାୟ ସବୁ ସ୍ଥାନରେ, ଆମେ ଏପରି ଜଣେ ସେବକ – ରାଜାଙ୍କର ଚିତ୍ର ଉପସ୍ଥାପିତ ହୋଇଥିବାର ଦେଖୁ, ଯିଏ ପବିତ୍ର ନମ୍ରତାର ଶକ୍ତି ଦ୍ୱାରା ମାନବିକ ଗର୍ବ ରୂପକ ଅଭିଶାପକୁ ପରାସ୍ତ କରିଥିଲେ । ଉଦାହରଣସ୍ୱରୂପ, ଯିଶାଇୟ ୫୩ରେ, ଆମେ ପ୍ରଭୁଙ୍କର ଏପରି ଜଣେ ଦୁଃଖଭୋଗୀ ଦାସଙ୍କ ବିଷୟରେ ଶୁଣୁ ଯାହାଙ୍କୁ ଆମର ଅଧର୍ମ ନିମନ୍ତେ ବିଦ୍ଧ କରାଯିବ, ସେହିପରି ଯୀଶୁ ସେବା ପାଇବାକୁ ନୁହେଁ, ମାତ୍ର ସେବା କରିବାକୁ ଆସିଥିଲେ ବୋଲି ଘୋଷଣା କରିଥିଲେ, ସେ ଶିଷ୍ୟମାନଙ୍କର ପାଦ ଧୋଇଦେଇଥିଲେ, ସେ ଗେତ୍‌ଶିମନୀ ଉଦ୍ୟାନରେ ନିଜ ପିତାଙ୍କ ଇଚ୍ଛାର ବଶୀଭୂତ ହୋଇଥିଲେ, ସେ ଆଜ୍ଞାମାତ୍ରେ ତାଙ୍କର କ୍ଷତି କରୁଥିବା ଲୋକମାନଙ୍କୁ ଧ୍ୱଂସ କରିପାରିଥାନ୍ତେ, ମାତ୍ର ତାହା ନ କରି, ସେ ନୀରବରେ ପ୍ରହାରିତ, ଉପହାସିତ ଓ କ୍ରୁଶାର୍ପିତ ହୋଇଥିଲେ ।

ଈଶ୍ୱର ନିଜ ଲୋକମାନଙ୍କୁ ସେହିପରି ଭାବରେ ଉଦ୍ଧାର କରନ୍ତି, ଯେପରି ଭାବରେ ସେମାନେ ବଞ୍ଚନ୍ତୁ ବୋଲି ସେ ଇଚ୍ଛା କରନ୍ତି । ଗର୍ବ ଆମକୁ ବିନାଶ ଦିଗକୁ କଢ଼ାଇ ନେଇଥିଲା ଓ ନମ୍ରତା ଆମକୁ ଫେରାଇ ଆଣିବ ।

> ''କାରଣ ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟ ଅନୁଗ୍ରହ ତୁମ୍ଭେମାନେ ଜାଣ, ତୁମ୍ଭେମାନେ ଯେପରି ତାହାଙ୍କ ଦରିଦ୍ରତା ଦ୍ୱାରା ଧନବାନ୍ ହୁଅ, ଏଥିପାଇଁ ସେ ଧନୀ ହେଲେ ହେଁ କିପରି ତୁମ୍ଭମାନଙ୍କ ନିମନ୍ତେ ଦରିଦ୍ର ହେଲେ'' ।
>
> **୨ କରିନ୍ଥୀୟ ୮:୯**

# ଅଧିବେଶନ ସହାୟକ ସୂଚନା

## ନିକଟବର୍ତ୍ତୀ ହେବା (୧୦–୨୦ ମିନିଟ୍)

*ଏହି ସମୟରେ କାହାଣୀ, ଉତ୍ସାହପ୍ରଦ ଘଟଣା, ସୁଯୋଗଗୁଡ଼ିକ ବିଷୟରେ ମତାମତ ଓ ଦଳକୁ ଉତ୍ସାହିତ କରୁଥିବା ଯେ କୌଣସି ବିଷୟ ଜଣାଇ ଏକ ଆରେକର ନିକଟବର୍ତ୍ତୀ ହୁଅନ୍ତୁ । ଛୋଟ ଦଳ ମଧ୍ୟରେ, ପ୍ରତ୍ୟେକ ଜଣଙ୍କୁ ପୂର୍ବ ଅଧିବେଶନ ସମୟଠାରୁ ଏପର୍ଯ୍ୟନ୍ତ ମିଳିଥିବା ଗୋଟିଏ ଜୟ ଓ ଗୋଟିଏ ସଂଘର୍ଷ ଜଣାଇବାକୁ କହନ୍ତୁ । ବଡ଼ ଦଳ ମଧ୍ୟରେ, ପୂର୍ବ ଅଧିବେଶନ ପରେ ରହିଥିବା କିଛି ନିର୍ଦ୍ଦିଷ୍ଟ ସାକ୍ଷ୍ୟ ଜଣାଇବା ପାଇଁ ଚାରି କିମ୍ବା ପାଞ୍ଚ ଜଣଙ୍କୁ କହନ୍ତୁ ।*

## ପ୍ରାର୍ଥନା

*ପ୍ରଭୁଙ୍କୁ ପ୍ରତି ସମର୍ପିତ ହୋଇ ନିକଟବର୍ତ୍ତୀ ହେବା ସମୟରେ ଉତ୍ପନ୍ନ ହୋଇଥିବା ଯେ କୌଣସି ସକାରାତ୍ମକ କିମ୍ବା ଆହ୍ୱାନମୂଳକ ପରିସ୍ଥିତି ପାଇଁ ପ୍ରାର୍ଥନା କରନ୍ତୁ ।*

## ଶିକ୍ଷାଦାନ (୨୫–୩୫ ମିନିଟ୍)

*ନିମ୍ନଲିଖିତ ଶିକ୍ଷାଦାନର ବିଷୟବସ୍ତୁର ପ୍ରତ୍ୟେକଟି ବାକ୍ୟ ପଢ଼ିବା ଦ୍ୱାରା କିମ୍ବା ଆପଣଙ୍କ ନିଜସ୍ୱ ଉପସ୍ଥାପନା ମଧ୍ୟରେ ଏହାକୁ ପୁନଃ ପ୍ରୟୋଗ କରିବା ଦ୍ୱାରା, ଆପଣଙ୍କ ନିଜସ୍ୱ ମାର୍ଗରେ ଏହାକୁ ସଂପୂର୍ଣ୍ଣ କରନ୍ତୁ ।*

> ''ସ୍ୱାର୍ଥପରତା କିମ୍ବା ଅସାର ଗର୍ବ ହେତୁ କିଛି କର ନାହିଁ, ବରଂ ନମ୍ର ଚିତ୍ତ ହୋଇ ପ୍ରତ୍ୟେକେ ଅନ୍ୟକୁ ଆପଣାଠାରୁ ଶ୍ରେଷ୍ଠ ମନେ କର, ପ୍ରତି ଜଣ କେବଳ ଆପଣା ବିଷୟରେ ମନୋଯୋଗୀ ନ ହୋଇ ଅନ୍ୟର ବିଷୟରେ ମଧ୍ୟ ମନୋଯୋଗୀ ହୁଅ । ଖ୍ରୀଷ୍ଟ ଯୀଶୁଙ୍କର ଯେପରି ମନ ଥିଲା, ତୁମ୍ଭମାନଙ୍କର ସେହିପରି ମନ ହେଉ । ସେ ଈଶ୍ୱରରୂପୀ ହେଲେ ହେଁ ଈଶ୍ୱରଙ୍କ ସହିତ ସମାନ ହୋଇ ରହିବା ନିଜ ନିମନ୍ତେ ଧରି ରଖିବାର ବିଷୟ ମନେ କଲେ ନାହିଁ, କିନ୍ତୁ ମନୁଷ୍ୟ ସଦୃଶ ହୋଇ ଦାସରୂପ ଧାରଣ କରି ଆପଣାକୁ ଶୂନ୍ୟ କଲେ, ପୁଣି ମନୁଷ୍ୟ ଭାବରେ ଦେଖାଯାଇ ମୃତ୍ୟୁ ପର୍ଯ୍ୟନ୍ତ, ହଁ, କ୍ରୁଶୀୟ ମୃତ୍ୟୁ ପର୍ଯ୍ୟନ୍ତ ଆଜ୍ଞାବହ ହୋଇ ଆପଣାକୁ ଅବନତ କଲେ ।''
>
> **ଫିଲିପ୍ପୀୟ ୨ : ୩–୮**

ନମ୍ରତା ଉପରେ ମନ୍ତବ୍ୟ ଦେଇ, ସି.ଏସ୍.ଲ୍ୟୁଇସ୍ ଲେଖିଥିଲେ, ''ପ୍ରକୃତ ନମ୍ରତା ନିଜ ବିଷୟରେ କମ୍ ଭାବିବା ନୁହେଁ, ଏହା ନିଜକୁ କମ୍ ବୋଲି ଭାବିବା ଅଟେ ।''

ନିଜର ମୂଲ୍ୟକୁ ହ୍ରାସ କରିବା ପାଇଁ କିମ୍ବା ନିମ୍ନ ଆତ୍ମ–ମୂଲ୍ୟାଙ୍କନ ପାଇଁ ବାଇବଲ ଆମକୁ କହି ନାହିଁ । ଈଶ୍ୱର ଆପଣଙ୍କୁ ସ୍ନେହ ଓ ପ୍ରେମ କରନ୍ତି ଓ ତାଙ୍କର ବହୁମୂଲ୍ୟ ସନ୍ତାନ ହେବା ପାଇଁ ଆହ୍ୱାନ କରନ୍ତି । ମାତ୍ର ଗୋଟିଏ ସୂକ୍ଷ୍ମ ରେଖା ଅଛି : ନିଜକୁ ଅତି ଉଚ୍ଚ ମନେ କରିବା ଦ୍ୱାରା, ଆମେ ନିଜକୁ ଏପରି ଗର୍ବ ରୂପକ ବିପଦ ମଧ୍ୟରେ ରଖୁ ଯାହା ପ୍ରଥମ ସ୍ଥାନରେ ମନୁଷ୍ୟ ଜାତିକୁ ପାପ କାର୍ଯ୍ୟ ମଧ୍ୟକୁ ପ୍ରବେଶ କରାଇଥିଲା । ନିଜକୁ ଅତି ନ୍ୟୁନ କରି ଭାବିବାର ଅର୍ଥ, ଈଶ୍ୱର ଆମକୁ ଦେଇଥିବା ପରିଚୟକୁ ଅଗ୍ରାହ୍ୟ କରିବା ଓ ନିଜ ବିଷୟରେ ଅତ୍ୟଧିକ ଭାବିବାର ଅର୍ଥ, ଈଶ୍ୱରଙ୍କର ସାର୍ବଭୌମତ୍ୱ ଓ ରାଜପଦକୁ ଚିହ୍ନିବାରେ ବିଫଳ ହେବା ।

ଗର୍ବ ସମସ୍ତ ପାପର କେନ୍ଦ୍ରରେ ବସେ । ହିତୋପଦେଶରେ ଲେଖାଯାଏ, ''ଅହଙ୍କାର ଆସିଲେ ଲଜ୍ଜା ଆସେ, ମାତ୍ର ନମ୍ରଶୀଳ ଲୋକଠାରେ ଜ୍ଞାନ ଥାଏ'' (ହିତୋପଦେଶ ୧୧:୨) । ବାଇବଲ ଜ୍ଞାନ–ସାହିତ୍ୟ ବାରମ୍ବାର ନମ୍ରତା ଗୁଣକୁ ଗର୍ବର ବିପରୀତ ବୋଲି କହିଛି ଓ ନମ୍ରତାରୁ ନିର୍ଗତ ଆଶୀର୍ବାଦଗୁଡ଼ିକୁ ପ୍ରଶଂସା କରିଛି ।

ଆମେ ଗୋଟିଏ ଆତ୍ମା – ଉନ୍ନତିର ଯୁଗରେ ବାସ କରୁଛୁ, ଯଦି ଆଜି ଦାଉଦ ଗଲିୟାତ୍‌କୁ ବଧ କରିଥାନ୍ତେ, ତେବେ କ'ଣ ଘଟିଥାନ୍ତା, ତାହା ଆପଣ କଳ୍ପନା କରିପାରିବେ କି ? ତେବେ ଗୋଟିଏ ସତେଜ–ରକ୍ତ ରଞ୍ଜିତ, ଛିନ୍ନ ମସ୍ତକ ସହିତ ବିଜୟର ଏକ ସେଲ୍‌ଫି (ନିଜର ଫଟୋ) ଉଠାଇବାର ପ୍ରଲୋଭନ ଅତି ତୀବ୍ର ହୋଇଥାନ୍ତା । ଆମର କୃତିତ୍ୱ ବିଷୟରେ ରଚିତ ଗୀତଗୁଡ଼ିକୁ, ଚଳଚ୍ଚିତ୍ର ଗୁଡ଼ିକୁ ଓ ଆମକୁ ପ୍ରଦତ୍ତ ଉପାଧିଗୁଡ଼ିକୁ, ଆମ ମଧ୍ୟରୁ ଅନେକେ ସ୍ୱାଗତ କରିବେ, ମାତ୍ର ନମ୍ରତା ଉପରେ ଏକ ଉତ୍କୃଷ୍ଟ ଉପଦେଶରେ ଡି.ଏଲ୍.ମୁଡ଼ି ଯେପରି ଦର୍ଶାଇଛନ୍ତି, ସେହିପରି ଦାଉଦ ନିଜର କୌଣସି ଗୀତରେ ଥରେ ସୁଦ୍ଧା ତାଙ୍କ ବିଜୟ ବିଷୟରେ ଉଲ୍ଲେଖ କରି ନାହାନ୍ତି । ଆଜି, ଶ୍ରେଷ୍ଠତାର ପ୍ରଥମ ଆଘ୍ରାଣରେ, ଆମେ ଆମ ନିଜ ନିଜକୁ ଶ୍ରେଷ୍ଠ ବୋଲି ଦେଖାଇବା ପାଇଁ, ଆମର ଆଭିଜାତ୍ୟ ଓ ଆମର ମଞ୍ଚ ନିର୍ମାଣ କରିବା ପାଇଁ ଉତ୍ସାହିତ ହୋଇଯାଉ । ମାତ୍ର ଈଶ୍ୱର ଗୋଟିଏ ସେବାକାର୍ଯ୍ୟ ନିର୍ମାଣ କରିବା ପାଇଁ କିମ୍ବା ନିଜକୁ ଏକ ଉଚ୍ଚ ସ୍ଥାନକୁ ଉନ୍ନୀତ କରିବା ପାଇଁ ଆମକୁ କହନ୍ତି ନାହିଁ । ସେ ଆମ ଚରିତ୍ର ବିଷୟରେ ଓ ନମ୍ରତା ମାଧ୍ୟମରେ ଆମେ କିପରି ତାଙ୍କ ଉଦ୍ଦେଶ୍ୟ ନିକଟକୁ ଉଚ୍ଚୀକୃତ ହୋଇପାରିବା, ଏହି ବିଷୟରେ ଅତ୍ୟଧିକ ଆଗ୍ରହୀ ଅଟନ୍ତି (ଲୂକ ୧୪:୧୧) ।

ଯୀଶୁ ସରଳ ପଥ, ଦାସର ସ୍ଥିତିକୁ ଗ୍ରହଣ କରିଥିଲେ । ସେ ସେବା ପାଇବାକୁ ନ ଆସି ସେବା କରିବା ପାଇଁ ଆସିଥିବା ରାଜା ଅଟନ୍ତି (ମାର୍କ ୧୦:୪୫) । ଯୀଶୁ ନିଜର ଶିଷ୍ୟମାନଙ୍କର ପାଦ ଧୋଇବା ପୂର୍ବରୁ ଯୋହନ ଯୀଶୁଙ୍କ ବିଷୟରେ କ'ଣ କହିଥିଲେ, ତାହା ଲକ୍ଷ୍ୟ କରନ୍ତୁ :

> ''ସେତେବେଳେ, ପିତା ଯେ ତାହାଙ୍କ ହସ୍ତରେ ସମସ୍ତ ବିଷୟ ସମର୍ପଣ କରିଅଛନ୍ତି ଓ ସେ ଯେ ଈଶ୍ୱରଙ୍କ ନିକଟରୁ ଆସିଅଛନ୍ତି, ପୁଣି ଈଶ୍ୱରଙ୍କ ନିକଟକୁ ଯାଉଅଛନ୍ତି, ଏହା ଜାଣି ଯୀଶୁ ଭୋଜନାସନରୁ ଉଠି ଆପଣାର ବସ୍ତ୍ର କାଢ଼ି ଦେଇ ଗୋଟିଏ ଗାମୁଛା ଘେନି ଆପଣାର କଟୀବନ୍ଧନ କଲେ'' ।
>
> **(ଯୋହନ ୧୩:୩–୪, ଗୁରୁତ୍ୱାରୋପ କରାଯାଇଛି)**

ସମସ୍ତ ବିଷୟ ତାଙ୍କ କ୍ଷମତାଧୀନ ଥିଲା ବୋଲି ଜାଣି ଓ ନିଜ ପରିଚୟର ସଂପୂର୍ଣ୍ଣତା ଜାଣି, ଯୀଶୁ ନିଜ ପିତାଙ୍କ ଇଚ୍ଛା ପ୍ରଦର୍ଶନ କରିବା ପାଇଁ ଏକ ଦାସ ହେବା ପାଇଁ ମନୋନୀତ କରିଥିଲେ ।

ଆପଣ ହୁଏତ ଏହା ଉପରେ ଗୋଟିଏ ବାଇବଲ ଅଧ୍ୟୟନ କରିଥିବେ ଓ ପ୍ରକୃତରେ ଏକ ଆରେକର ପାଦ ଧୋଇ ଦେଇଥିବେ । କିନ୍ତୁ ଆଜି କାହାର ପାଦ ଧୋଇ ଦେବା ଦ୍ୱାରା ଯୀଶୁ ନିଜ ଶିଷ୍ୟମାନଙ୍କୁ ଯାହା ପ୍ରଦର୍ଶନ କରିଥିଲେ, ତାହାର ସଂପୂର୍ଣ୍ଣ ଗୁରୁତ୍ୱ ପ୍ରତି ସଠିକ୍ ନ୍ୟାୟ ପ୍ରଦର୍ଶିତ ହୁଏ ନାହିଁ । ସେମାନଙ୍କର ଗୁରୁ – ସେମାନଙ୍କର ମସୀହ ନିଜ ନମ୍ରତା ଓ ଦାସତ୍ୱ ମନୋଭାବର ଏକ ଚିହ୍ନ ଭାବରେ ଏହି କାର୍ଯ୍ୟ କରୁଥିବା ସମୟରେ, ଶିଷ୍ୟମାନେ କେତେ ଅସହଜ ମନେ କରୁଥିବେ, ତାହା ଆମ ପକ୍ଷେ ବୁଝିବା କଷ୍ଟକର ଅଟେ ।

ଏହାକୁ ଏହିପରି ଭାବନ୍ତୁ : ଆପଣ ଦ୍ୱାରରେ କରାଘାତ ଶୁଣିଛନ୍ତି ଓ ଦ୍ୱାର ଖୋଲି ଆପଣଙ୍କ ଦେଶର ରାଜାଙ୍କୁ ଠିଆ ହୋଇଥିବାର ଦେଖିଛନ୍ତି । ସେ ଆପଣଙ୍କ ଗୃହ ଭିତରେ ପ୍ରବେଶ କରି ଆପଣଙ୍କ ଶିଶୁ ସନ୍ତାନକୁ ଧରିଛନ୍ତି ଓ ତା'ର ମଇଳା ନାପ୍‌କିନ୍‌କୁ ବଦଳାଇବା ଆରମ୍ଭ କରିଛନ୍ତି । ସେଥିରୁ ଅତି ଦୁର୍ଗନ୍ଧ ବାହାରୁଛି ଓ ଆପଣଙ୍କ ଶିଶୁର ମଳ ରାଜାଙ୍କ ହାତରେ ଲାଗିବା ଦେଖି ଆପଣ ଭୟରେ ଚାହିଁ ରହିଛନ୍ତି । ମାତ୍ର ରାଜା ଏହି ପରିସ୍ଥିତିରେ ସଂପୂର୍ଣ୍ଣଭାବେ ସହଜ ଅଛନ୍ତି ଓ ଏହି ଅପ୍ରୀତିକର, ଅଥଚ, ଆବଶ୍ୟକୀୟ କାର୍ଯ୍ୟରେ ସୁଦ୍ଧା ଶିଶୁ ସହିତ ତାଙ୍କର ସମୟକୁ ଉପଭୋଗ କରୁଛନ୍ତି ।

ଏହା ଭୁଲନ୍ତୁ ନାହିଁ ଯେ ଯୀଶୁ ନିଜର ଶିଷ୍ୟମାନଙ୍କର ପାଦ ଧୋଉଥିବା ସମୟରେ, ଯିହୁଦା ଯେ ତାଙ୍କ ପ୍ରତି ବିଶ୍ୱାସଘାତକତା କରିବ, ଏହା ସେ ଜାଣିଥିଲେ । ସେ ଏହା ମଧ୍ୟ ଜାଣିଥିଲେ ଯେ ପିତର ତାଙ୍କୁ ଅସ୍ୱୀକାର କରିବେ । ତାଙ୍କର ଅନୁଗାମୀମାନେ ସେ ପର୍ଯ୍ୟନ୍ତ ଅହଙ୍କାରୀ ଓ ଦୁର୍ବଳ ବ୍ୟକ୍ତି ଥିଲେ ବୋଲି ସେ ଜାଣିଥିଲେ, ଆଉ ତଥାପି ନିଜର ଶକ୍ତି ଓ ମହିମାରେ ସେ ସେମାନଙ୍କ ସମ୍ମୁଖରେ ନିଜକୁ ନତ କରିଥିଲେ ଓ ସେମାନଙ୍କ ପାଇଁ ଗୋଟିଏ ଦୃଷ୍ଟାନ୍ତ ସ୍ଥାପନ କରିଥିଲେ ।

ଚାର୍ଲସ୍ ସ୍ପର୍ଜିଅନଙ୍କ ବିଷୟରେ ଗୋଟିଏ ଅତି ପରିଚିତ ଉପାଖ୍ୟାନ ଅଛି । ଥରେ ତାଙ୍କର ଗୋଟିଏ ପ୍ରଚାରକ ଛାତ୍ର ଅତି ଅହଙ୍କାର ପୂର୍ଣ୍ଣ, ଉଦ୍ଧତଭାବରେ ମଞ୍ଚ ଉପରକୁ ଆସିବାର ଓ ପରେ ତାଙ୍କର ଶିକ୍ଷା ଅତି ମନ୍ଦ ହୋଇଥିବାରୁ ଅତି ଲଜ୍ଜିତ ଭାବରେ ଓହ୍ଲାଇ ଆସିବାର ଦେଖି ଚାର୍ଲସ ମନ୍ତବ୍ୟ ଦେଇଥିଲେ : ''ତୁମେ ଯେପରି ଭାବରେ ଓହ୍ଲାଇ ଆସିଲ, ସେହିପରି ଭାବରେ ଯଦି ମଞ୍ଚ ଉପରକୁ ଯାଇଥାଆନ୍ତ, ତେବେ ହୁଏତ ଯେପରି ଭାବରେ ଯାଇଥିଲ, ସେହିପରି ଭାବରେ ଓହ୍ଲାଇ ପାରିଥାନ୍ତ ।''

ଆମର ଆହ୍ୱାନ ଯେତେ ଶ୍ରେଷ୍ଠ, ଆମର ଦାନ ଯେତେ ଆକର୍ଷଣୀୟ, ଆମ ସୁଯୋଗର ଆକାର, କିମ୍ବା ଆମ ସେବାକାର୍ଯ୍ୟର ଖ୍ୟାତି ଯେତେ ବଡ଼ ହେଲେ ମଧ୍ୟ, ଆମେ କାହାରିକୁ ରକ୍ଷା କରିବା ପାଇଁ ଶକ୍ତିହୀନ ଅଟୁ । ପାପର ବର୍ତ୍ତନ ମୃତ୍ୟୁ ଅଟେ (ରୋମୀୟ ୬:୨୩), ମାତ୍ର ନମ୍ରତାର ବର୍ତ୍ତନ ଜୀବନ ଅଟେ (ହିତୋପଦେଶ ୨୨:୪) । କ୍ରୁଶ ଉପରେ ଆମର ଦଣ୍ଡ ଗ୍ରହଣ କରିଥିବା ନମ୍ର ଦୁଃଖଭୋଗୀ ଦାସଙ୍କ ମାଧ୍ୟମରେ, ଆମେ ବର୍ତ୍ତମାନ ଆମର ବିଶ୍ୱାସ ତାଙ୍କଠାରେ ସ୍ଥାପନ କରିପାରିବା ଓ ନମ୍ର ଭାବରେ ଆମର କ୍ରୁଶ ବହନ କରି ଆମର ପୁରାତନ ଅହଙ୍କାର ପୂର୍ଣ୍ଣ ସତ୍ତା ପ୍ରତି ମୃତ୍ୟୁବରଣ କରିପାରିବା । ଆମେ ମୃତ୍ୟୁରୁ ଜୀବନ ଦିଗକୁ ଅଗ୍ରସର ହୋଇପାରିବା । ନମ୍ରତା କେବଳ ଗୋଟିଏ ଭଲ ଗୁଣ, ତା' ନୁହେଁ, ଯୀଶୁ ପ୍ରଭୁ ଅଟନ୍ତି ବୋଲି ତାଙ୍କୁ ଚିହ୍ନିବା ସମୟରେ, ଆମେ ଏହା ଦ୍ୱାରା ଉପଯୁକ୍ତ ପ୍ରତିକ୍ରିୟା ମଧ୍ୟ ଦେଖାଇ ପାରିବା ।

- ''କାରଣ ସଦାପ୍ରଭୁ ଆପଣା ଲୋକଙ୍କଠାରେ ସନ୍ତୋଷ ପାଆନ୍ତି,
- ସେ ନମ୍ର ଲୋକମାନଙ୍କୁ ପରିତ୍ରାଣରେ ସୁଶୋଭିତ କରିବେ ।''
- **(ଗୀତସଂହିତା ୧୪୯:୪)**

ସୁସମାଚାର ପ୍ରଚାରରେ ନମ୍ରତା ଏହା ସୂଚାଏ ନାହିଁ ଯେ ଆମେ ଲୋକମାନଙ୍କୁ ସନ୍ତୁଷ୍ଟ କରୁ, ସୁସମାଚାରର ମାନକୁ ହ୍ରାସ କରୁ କିମ୍ବା ଯେଉଁଠାରେ ଏହା ଅପମାନ ସୃଷ୍ଟି କରିପାରେ, ସେହି ସ୍ଥାନରେ ସତ୍ୟ ଜଣାଇବାରେ ପଶ୍ଚାଦ୍‌ପଦ ହେଉ (ଓ ସୁସମାଚାର, ପ୍ରାୟତଃ, ଏକ ଅପମାନଜନକ ବାର୍ତ୍ତା ଅଟେ) । ସେହିପରି ସମାନ ଭାବରେ, ସୁସମାଚାର ପ୍ରଚାରରେ ନିର୍ଭୀକତା ଏହା ସୂଚାଏ ନାହିଁ ଯେ ଆମେ ଯେଉଁ ଭରସାର ବାର୍ତ୍ତାକୁ ବହନ କରୁଥାଉ, ତାକୁ ପ୍ରକୃତରେ ବୁଝିବାରେ ଲୋକମାନଙ୍କୁ କିପରି ସାହାଯ୍ୟ କରିପାରିବୁ, ଏହାକୁ ଆଦୌ ବିଚାର ନ କରି ଆମେ ଏହାକୁ ସେମାନଙ୍କ ଭିତରେ ବଳପୂର୍ବକ ପ୍ରବେଶ କରାଉ । ସୁସମାଚାର ପ୍ରଚାରରେ ନମ୍ରତା, ଅନ୍ତତଃ, ନିମ୍ନଲିଖିତ ଚାରୋଟି ବିଷୟକୁ ସୂଚାଏ :

ପ୍ରଶ୍ନ : କିଛି ସମୟ ପାଇଁ ସୁସମାଚାର ପ୍ରଚାରରେ ନମ୍ରତାର ଏହି ଚାରୋଟି କ୍ଷେତ୍ର ବିଷୟରେ କଥାବାର୍ତ୍ତା କରନ୍ତୁ । ଆପଣ ଏହି ନିୟମଗୁଡ଼ିକୁ କିପରି ଆପଣଙ୍କ ନିଜସ୍ୱ ସେବା କାର୍ଯ୍ୟରେ ପ୍ରୟୋଗ କରିପାରିବେ ?

### ନମ୍ର ଭାବରେ ପ୍ରଭୁଙ୍କର ସେବା କରନ୍ତୁ

ଈଶ୍ୱରଙ୍କ ସେବା କରିବା ଯେତେ ଆହ୍ୱାନମୂଳକ, ଅସୁବିଧାଜନକ କିମ୍ବା ଦାମୀ ହେଲେ ସୁଦ୍ଧା ତାଙ୍କର ସେବା କରିବା ଆମର ପ୍ରାଥମିକ ଦାୟିତ୍ୱ ଓ ଇଚ୍ଛା ହେବା ଉଚିତ୍ । ଆପଣ ଏକ ଦାସର ସ୍ୱଭାବ ପରିଧାନ କରି ଆମ ପ୍ରଭୁଙ୍କର ବାଧ୍ୟ ହେବାକୁ ଇଚ୍ଛା କରୁଛନ୍ତି କି ?

### ନମ୍ର ଭାବରେ ନିଜକୁ ଶୂନ୍ୟ କରନ୍ତୁ

ଆମେ ଯେପରି ପବିତ୍ର ଆତ୍ମାରେ ପରିପୂର୍ଣ୍ଣ ହୋଇପାରିବୁ, ଏଥିପାଇଁ ନମ୍ରତା ମଧ୍ୟରେ ନିଜ ନିଜକୁ ଶୂନ୍ୟ କରିବା ଅନ୍ତର୍ଭୁକ୍ତ ଥାଏ । ଏହା ଆପେ ଗୋଟିଏ ବିନମ୍ର କାର୍ଯ୍ୟ, ମାତ୍ର ଯେତେବେଳେ ଆମେ ପବିତ୍ର ଆତ୍ମାଙ୍କୁ ଆମ ଜୀବନରେ ବାସ କରିବା ପାଇଁ ନିମନ୍ତ୍ରଣ କରୁ, ସେତେବେଳେ ଆମେ ନମ୍ରତା ମପ୍ରତି ସମର୍ପିତ ହେବା ଦିଗରୁ ଏଥିପାଇଁ ଶକ୍ତିଯୁକ୍ତ ହେବା ଦିଗକୁ ଅଗ୍ରସର ହେଉ ।

### ନମ୍ରଭାବରେ ତାଙ୍କ ବାକ୍ୟକୁ ଗ୍ରହଣ କରନ୍ତୁ

ଈଶ୍ୱରଙ୍କ ବାକ୍ୟ ସମ୍ମୁଖରେ ନିଜକୁ ନମ୍ର କରନ୍ତୁ । ଏହାକୁ ଉତ୍ତମ ଭାବେ ପଢ଼ି ଏହାର ନିଜସ୍ୱ ସର୍ତ୍ତ ଉପରେ ଏହାକୁ ଗ୍ରହଣ କରନ୍ତୁ । ଆପଣଙ୍କ ଇଚ୍ଛା ଓ ଆବଶ୍ୟକତା ଅନୁରୂପୀ କଥା କହିବା ପାଇଁ ଏହାକୁ ବାଧ୍ୟ କରନ୍ତୁ ନାହିଁ । ଈଶ୍ୱରଙ୍କ ସତ୍ୟତା ଆପଣଙ୍କର ପୂର୍ବ କଳ୍ପିତ କିମ୍ବା ସଂସ୍କୃତି ଦ୍ୱାରା ଗଠିତ ଚିନ୍ତାଧାରା ପ୍ରତି ଯେତେ ଆହ୍ୱାନମୂଳକ ବୋଲି ପ୍ରମାଣିତ ହେଲେ ସୁଦ୍ଧା ଏହାକୁ ନମ୍ର ଭାବରେ ଶୁଣିବାକୁ ଚେଷ୍ଟା କରନ୍ତୁ । ଈଶ୍ୱରଙ୍କ ସତ୍ୟକୁ ଆବିଷ୍କାର କରି ତାଙ୍କ ଜ୍ଞାନକୁ ପ୍ରୟୋଗ କରିବା ନିମନ୍ତେ ନମ୍ରତା ଆବଶ୍ୟକ ହୁଏ ।

**ଯେଉଁମାନଙ୍କ ନିକଟରେ ସୁସମାଚାର ପ୍ରଚାର କରନ୍ତି ନମ୍ର ଭାବରେ ସେମାନଙ୍କର ସେବା କରନ୍ତୁ ।**

ଘୋଷଣା ଅନିବାର୍ଯ୍ୟ ଅଟେ, ମାତ୍ର ଆମେ ଜଗତକୁ ପ୍ରେମ କରିବା ମଧ୍ୟ ଆବଶ୍ୟକ ଅଟେ । ଆମେ ଅଭାବଗ୍ରସ୍ତମାନଙ୍କର ସେବା କରିବା ଆବଶ୍ୟକ ଅଟେ । ଆମେ ଲୋକମାନଙ୍କୁ ଉତ୍ତମଭାବେ ପ୍ରେମ କରିବା ପାଇଁ ଲକ୍ଷ୍ୟ ରଖିବା ସମୟରେ, ଆମେ ଅବଶ୍ୟ ସେମାନଙ୍କ କଥା ଉତ୍ତମ ରୂପେ ଶୁଣିବା । ଯଦି ଆମେ କେବଳ ଲୋକମାନଙ୍କ ନିକଟରେ କଥା କହୁ, ତେବେ ସୁସମାଚାର ଓ ସେମାନଙ୍କ ଜୀବନ ମଧ୍ୟରେ ଥିବା ଗୁରୁତ୍ୱପୂର୍ଣ୍ଣ ସଂଯୋଗ ବିଷୟଗୁଡ଼ିକୁ ପ୍ରାୟ ଦେଖି ନ ଥାଉ ଓ ସେମାନଙ୍କ ସହିତ ଏକ ଅର୍ଥପୂର୍ଣ୍ଣ ସଂପର୍କର ସମ୍ଭାବନାକୁ ହ୍ରାସ କରି ଦେଉ ।

ଈଶ୍ୱରଙ୍କୁ ସମ୍ମାନ ଦେଖାଇବା ଦ୍ୱାରା, ଆମ ମଧ୍ୟରେ କାର୍ଯ୍ୟ କରିବା ପାଇଁ ଆତ୍ମାଙ୍କୁ ସ୍ଥାନ ଦେବା ଦ୍ୱାରା ଓ ତାଙ୍କ ବାକ୍ୟର ସତ୍ୟତା ଉପରେ ନିର୍ମାଣ କରିବା ଦ୍ୱାରା ଆମେ ଜଗତ ନିକଟରେ ଫଳପ୍ରଦ ଦାସ ହୋଇପାରିବା ଓ ବ୍ୟାବହାରିକ ଆବଶ୍ୟକତାଗୁଡ଼ିକୁ ପୂରଣ କରିପାରିବା, ଲୋକମାନଙ୍କ କଥାକୁ ଉତ୍ତମଭାବେ ଶୁଣିପାରିବା ଓ ବିଶ୍ୱସ୍ତ ଭାବରେ ଯୀଶୁଙ୍କ କାହାଣୀକୁ ଘୋଷଣା କରିପାରିବା । ଯଦି ଆମେ ଆମ ସୁସମାଚାର ପ୍ରଚାରରେ ଫଳପୂର୍ଣ୍ଣ ହେବାକୁ ଚାହୁଁ, ତେବେ ଆମର ଆରମ୍ଭ କରିବାର ଭଙ୍ଗୀ ପ୍ରଭୁଙ୍କ ସମ୍ମୁଖରେ 'ନମ୍ରତା' ହେବା ଆବଶ୍ୟକ । ଡି.ଏଲ୍.ମୁଡ୍ଡୀ ଏହାକୁ ଏହିପରି ଭାବରେ ଲେଖିଛନ୍ତି :

''ମୋ ବଗିଚାରେ ଗୋଟିଏ ସୁନ୍ଦର ପିଜୁଳି ଗଛ ଅଛି, ଏହା ମୋ' ଅଞ୍ଚଳରେ ଗୋଟିଏ ସର୍ବାଧିକ ସୁନ୍ଦର ଗଛ ବୋଲି ମନେହୁଏ । ପ୍ରତ୍ୟେକ ଡାଳ ଆଲୋକକୁ ସ୍ପର୍ଶ କରିବା ଭଳି ମନେହୁଏ ଓ ଏହା ପ୍ରାୟ ଗୋଟିଏ ମହମବତୀ ଭଳି ଦଣ୍ଡାୟମାନ ହୋଇଛି, ମାତ୍ର ମୁଁ କେବେ ଏଥିରୁ କୌଣସି ଫଳ ପାଏ ନାହିଁ । ମୋର ଆଉ ଗୋଟିଏ ଗଛ ଅଛି ଯାହା ଗତବର୍ଷ ଫଳରେ ଏପରି ପରିପୂର୍ଣ୍ଣ ହୋଇଥିଲା ଯେ ଡାଳଗୁଡ଼ିକ ପ୍ରାୟ ଭୂମିକୁ ସ୍ପର୍ଶ କରୁଥିଲେ । ମୋର ବନ୍ଧୁଗଣ, ଯଦି ଆମେ କେବଳ ଅବନତ ହେବା, ତେବେ ଈଶ୍ୱର ତାଙ୍କ ଗୌରବ ନିମନ୍ତେ ଆମ ପ୍ରତ୍ୟେକଙ୍କୁ ବ୍ୟବହାର କରିବେ ।

ଡି.ଏଲ୍.ମୁଡ୍ଡୀ

## ଆଲୋଚନା (୧୫ ମିନିଟ୍)

*ନିମ୍ନଲିଖିତ ପ୍ରଶ୍ନ ଗୁଡ଼ିକର ଓ / କିମ୍ବା ଆଲୋଚନା ଉଦ୍ଧୃତାଂଶର ଅନୁସନ୍ଧାନ କରନ୍ତୁ :*

- ଆପଣଙ୍କ ଜୀବନରେ ଏପରି କେତେକ କ୍ଷେତ୍ର ଅଛି, ଯେଉଁଥିରେ ଆପଣ ନମ୍ରତା ସହିତ ସଂଘର୍ଷ କରୁଛନ୍ତି ?
- ସାହସର ସହିତ ସୁସମାଚାର ପ୍ରଚାର ଓ ନମ୍ରତାର ସହିତ ପ୍ରଚାର ମଧ୍ୟରେ କୌଣସି ଅନ୍ତର୍ନିହିତ ସଂଘର୍ଷ ଅଛି କି ?
- ଆମେ ଅନ୍ୟମାନଙ୍କଠାରେ ନମ୍ରତାର ଅଭାବ, କିମ୍ବା ମିଥ୍ୟା ନମ୍ରତାର ଉପସ୍ଥିତିକୁ କିପରି ପ୍ରେମରେ ଅନୁଧ୍ୟାନ କରିବା ?

''ପ୍ରେମ ଓ ନମ୍ରତା ଖ୍ରୀଷ୍ଟଙ୍କ ବିଦ୍ୟାଳୟରେ ସର୍ବୋଚ୍ଚ କର୍ତ୍ତୃତ୍ୱ ଅଟେ ଓ ସେ ପ୍ରକୃତରେ ଆମର କର୍ତ୍ତା ଅଟନ୍ତି ବୋଲି ଅତି ଉଜ୍ଜ୍ୱଳ ପ୍ରମାଣ ଅଟେ ବୋଲି ମୁଁ ବିଶ୍ୱାସ କରେ ।''

ଜନ୍ ନିଉଟନ୍

## ପ୍ରୟୋଗ (୫ ମିନିଟ୍)

ଆପଣ କିପରି ଅନପେକ୍ଷିତ ଓ ମୂଲ୍ୟବାନ୍ ମାର୍ଗରେ ଆପଣଙ୍କର ଚତୁର୍ଦ୍ଦିଗସ୍ଥିତ ଲୋକମାନଙ୍କର ସେବା କରିପାରିବେ ଓ ସେମାନଙ୍କୁ ଆଶୀର୍ବାଦ କରିପାରିବେ, ଏ ବିଷୟରେ ଯତ୍ନର ସହିତ ଚିନ୍ତା କରନ୍ତୁ । ଆପଣଙ୍କ ମଣ୍ଡଳୀ କିମ୍ବା ସେବାକାର୍ଯ୍ୟ କୌଣସି ସଫେଇ କର୍ମଚାରୀଙ୍କୁ ନିଯୁକ୍ତ କରିଛି କି ? ତାଙ୍କୁ ଗୋଟିଏ ଦିନ ଛୁଟୀ ଦେଇ ସେମାନଙ୍କ ପରିବାର ସହିତ, କିମ୍ବା କୌଣସି ଆତ୍ମିକ ସଭାରେ ସମୟ କାଟିବାକୁ କହନ୍ତୁ ଓ ନିଜେ ତାଙ୍କର କାର୍ଯ୍ୟ କରନ୍ତୁ । ପ୍ରତି ଦିନ କାର୍ଯ୍ୟାଳୟରେ, ଆପଣ ପ୍ରଥମେ ଚା' କିମ୍ବା କଫି ପ୍ରସ୍ତୁତ କରନ୍ତୁ । କୌଣସି ସ୍ଥାନରେ ଭୋଜନ କରିବା ପରେ, ଆପଣଙ୍କର ପରିବେଷଣକାରୀଙ୍କୁ ଉଦାର ଭାବରେ ବକ୍‌ସିସ୍ ଦିଅନ୍ତୁ ଓ ସେମାନଙ୍କ ପ୍ରତି ଈଶ୍ୱରଙ୍କ ପ୍ରେମ ପ୍ରକାଶ କରି ସେମାନଙ୍କୁ କିଛି ଲେଖନ୍ତୁ । ... ସୃଜନଶୀଳ ଓ ଉଦ୍ଦେଶ୍ୟମୂଳକ ହୁଅନ୍ତୁ ।

ଗୋଟିଏ ପକ୍ଷରେ, ଏଗୁଡ଼ିକ ମଧ୍ୟରୁ କୌଣସି କାର୍ଯ୍ୟ ଯୀଶୁଙ୍କର ନିଜ ଶିଷ୍ୟମାନଙ୍କର ପାଦ ଧୋଇଦେବା କାର୍ଯ୍ୟ ସହିତ ତୁଳନୀୟ ହୋଇ ପାରିବ ନାହିଁ, ମାତ୍ର ଅପର ପକ୍ଷରେ, ସେଗୁଡ଼ିକ କେବଳ ତଥାକଥିତ ''ଉଦ୍ଦେଶ୍ୟହୀନ ଦୟାର କାର୍ଯ୍ୟ'' ହେବା ଉଚିତ୍ ନୁହେଁ । ଏଗୁଡ଼ିକ ଏପରି ଚିନ୍ତାଶୀଳ, ପ୍ରେମଶୀଳ ଓ ନମ୍ର ଲୋକମାନଙ୍କର ଉଦ୍ଦେଶ୍ୟମୂଳକ କାର୍ଯ୍ୟ ଅଟେ, ଯେଉଁମାନେ ଦୁଃଖଭୋଗୀ ଦାସଙ୍କୁ ନିର୍ଦ୍ଦେଶ କରୁଥିବା ମାର୍ଗରେ ଅନ୍ୟମାନଙ୍କୁ ଆଶୀର୍ବାଦ କରିବା ପାଇଁ ଚତୁର୍ଦ୍ଦିଗରେ ଥିବା ସୁଯୋଗଗୁଡ଼ିକୁ ଦେଖନ୍ତି । ଆମେ ଈଶ୍ୱରଙ୍କର ଦୟା ପାଇବା ପାଇଁ କିମ୍ବା ଅନ୍ୟମାନଙ୍କ ଦୃଷ୍ଟିରେ ଉତ୍ତମ ଦେଖାଯିବା ନିମନ୍ତେ ଏହି କାର୍ଯ୍ୟଗୁଡ଼ିକୁ କରି ନ ଥାଉ (ପ୍ରକୃତରେ, ଆପଣ କରୁଥିବା କାର୍ଯ୍ୟ ବିଷୟରେ ସାମାଜିକ ଗଣ ମାଧ୍ୟମରେ ଚିତ୍କାର କରି କହନ୍ତୁ ନାହିଁ) – ଆମେ ସେଗୁଡ଼ିକୁ ଏପରି ଏକ ମାର୍ଗ ଭାବରେ କରିଥାଉ, ଯଦ୍ଦ୍ୱାରା ଆମେ ନମ୍ରତାରେ ବୃଦ୍ଧି ପାଇବା ଶିକ୍ଷା କରିପାରିବୁ ଓ ସେଗୁଡ଼ିକ ନମ୍ରତାର ଏପରି ଏକ ସ୍ୱାଭାବିକ ଫଳ ଅଟେ, ଯାହା ଆମଠାରେ ଈଶ୍ୱର ବୃଦ୍ଧି ପାଉଛନ୍ତି ବୋଲି ପ୍ରକାଶ କରେ ।

## ପ୍ରାର୍ଥନା

ଖ୍ରୀଷ୍ଟଙ୍କ ନମ୍ରତା ଓ ତାଙ୍କର ଦାସତ୍ୱ–ମନୋଭାବ ପାଇଁ ଧନ୍ୟବାଦ ଦିଅନ୍ତୁ । ଈଶ୍ୱର ଆପଣଙ୍କୁ ଯେପରି ଦେଖନ୍ତି, ସେହିପରି ନିଜକୁ ଦେଖିବାରେ ଓ ପ୍ରତିଦିନ ଆପଣ ଯେପରି ନମ୍ରତା ଓ ଜ୍ଞାନରେ ବୃଦ୍ଧି ପାଇବେ, ଏଥିପାଇଁ ଆପଣଙ୍କୁ ସାହାଯ୍ୟ କରିବା ନିମନ୍ତେ ଈଶ୍ୱରଙ୍କୁ ନିବେଦନ କରନ୍ତୁ । ଆପଣମାନେ ଯେପରି ସୁସମାଚାର ପ୍ରଚାରରେ ସାହସିକ ଓ ନମ୍ର ହେବେ, ଏଥିପାଇଁ ପରସ୍ପର ନିମନ୍ତେ ପ୍ରାର୍ଥନା କରନ୍ତୁ ।

## ଉତ୍ତର ଦାୟିତ୍ୱ (୧୫ ମିନିଟ୍)

*ସମୀକ୍ଷା ଫର୍ମଟିକୁ ପୂରଣ କରନ୍ତୁ, ଏହାକୁ ଦୁଇ ଜଣଙ୍କ ମଧ୍ୟରେ କିମ୍ବା ଛୋଟ ଦଳ ମଧ୍ୟରେ ଜଣାନ୍ତୁ ଓ ଏକ ଆରେକ ପାଇଁ ପ୍ରାର୍ଥନା କରନ୍ତୁ ।*

# ଅଧିବେଶନ – ୯
# ସୁସମାଚାର ପ୍ରଚାରକର ସୁଯୋଗ

**ପ୍ରଚାର କରିବାର ଦାନର ଏକ ଚିହ୍ନ ହେଉଛି – ଆମ ଚତୁର୍ଦ୍ଦିଗସ୍ଥିତ ଲୋକମାନଙ୍କୁ ସୁସମାଚାର ଜଣାଇବା ପାଇଁ ଯେକୌଣସି ଓ ପ୍ରତ୍ୟେକଟି ସୁଯୋଗକୁ ଦେଖିବାର ସାମର୍ଥ୍ୟ ଓ ତାକୁ ବ୍ୟବହାର କରିବାର ଗୋଟିଏ ଇଚ୍ଛା । ଆମେ କିପରି ପ୍ରତ୍ୟେକ ସୁଯୋଗର ସର୍ବାଧିକ ବ୍ୟବହାର କରିପାରିବା, ଏହି ବିଷୟରେ, ଆମେ ଏହି ଅଧିବେଶନରେ ଅନୁସନ୍ଧାନ କରିବା ।**

## ଗୋଟିଏ ବାକ୍ୟରେ ଅଧିବେଶନ

ଜଣେ ସୁସମାଚାର ପ୍ରଚାରକ ସର୍ବଦା ତା'ର ମାର୍ଗ ମଧ୍ୟକୁ ଆସୁଥିବା ଯେ କୌଣସି ସୁଯୋଗକୁ ଗ୍ରହଣ କରିବା ପାଇଁ ଓ ପ୍ରତ୍ୟେକ ପରିସ୍ଥିତି ଓ ପରିବେଶରେ ସ୍ପଷ୍ଟତାର ସହିତ ସୁସମାଚାରକୁ ବୁଝାଇବା ପାଇଁ ପ୍ରସ୍ତୁତ ରହିବା ଉଚିତ ।

## ଅଧିବେଶନର ପୃଷ୍ଠଭୂମି

ପିତର ଆମକୁ କହିଛନ୍ତି ଯେ ଯଦି କେହି ଆମକୁ ଆମ ନିକଟରେ ଥିବା ଭରସା ବିଷୟରେ ପ୍ରଶ୍ନ କରେ, ତେବେ ତାକୁ ସୁସମାଚାର ଜଣାଇବା ପାଇଁ ଆମେ ସର୍ବଦା ପ୍ରସ୍ତୁତ ରହିବା ଉଚିତ (୧ ପିତର ୩:୧୫) । ଜୀବନର ପ୍ରତ୍ୟେକ ସମୟରେ ଓ ପରିସ୍ଥିତିରେ ସୁସମାଚାର ପ୍ରଚାର କରିବା ପାଇଁ ପ୍ରସ୍ତୁତ ରହିବା ନିମନ୍ତେ ପାଉଲ ତୀମଥିଙ୍କୁ କହିଛନ୍ତି (୨ ତୀମଥି ୪:୨) ଓ ଆମେ ମଧ୍ୟ ପ୍ରତ୍ୟେକ ସୁଯୋଗର ସଦ୍‌ବ୍ୟବହାର କରିବା ଆବଶ୍ୟକ ବୋଲି ପାଉଲ ଅନ୍ୟ ସ୍ଥାନରେ ଲେଖିଛନ୍ତି (କଲସୀୟ ୪:୫) । ଯୀଶୁ ସବୁ ସମୟରେ ସେବା କରିବା ପାଇଁ ଓ ଶିକ୍ଷା ଦେବା ପାଇଁ ଏକ ପ୍ରସ୍ତୁତିର ଜୀବନଶୈଳୀ ପ୍ରଦର୍ଶନ କରିଛନ୍ତି । ବେଳେବେଳେ ତାହାର ଅର୍ଥ – ଅନପେକ୍ଷିତ ସ୍ଥାନ ଗୁଡ଼ିକରେ ଏକ ସୁଯୋଗ ଅନ୍ୱେଷଣ କରିବା (ଯେପରି ଲୂକ ୧୯:୧–୧୦ରେ ଜକ୍କିୟଙ୍କ କ୍ଷେତ୍ରରେ), ସାମାଜିକ ଭାବେ – ଆହ୍ୱାନମୂଳକ ପରିସ୍ଥିତିରେ ପ୍ରସ୍ତୁତ ରହିବା (ଯେପରି ଯୋହନ ୪:୧–୨୬ରେ ଶମିରୋଣୀୟ ସ୍ତ୍ରୀ କ୍ଷେତ୍ରରେ), ସୁବିଧାଜନକ ସ୍ଥାନରେ ସାହସୀ ହେବା (ଲୂକ ୭:୩୬–୫୦ରେ ଉଲ୍ଲିଖିତ ଫାରୁଶୀଙ୍କ ଗୃହରେ ଥିବା ପାପିନୀ ସ୍ତ୍ରୀକୁ ସ୍ମରଣ କରନ୍ତୁ), ସମାଜଚ୍ୟୁତମାନଙ୍କ ସହିତ ମିଶିବା (ଯେପରି ଲୂକ ୧୭:୧୧–୧୯ରେ କୁଷ୍ଠରୋଗୀମାନଙ୍କୁ ସୁସ୍ଥ କରିବା), କିମ୍ବା ଆପଣଙ୍କ ନିଜର ଦୁଃଖ ସମୟରେ ସତ୍ୟର ଘୋଷଣା କରିବା (ଲୂକ ୨୩:୩୯–୪୩ରେ, କ୍ରୁଶ ଉପରେ ଚୋର ସହିତ) – ଇତ୍ୟାଦି, ଇତ୍ୟାଦି ।

ନିଜର ସୁସମାଚାର ପ୍ରଚାର ଅଭିଯାନ ମାଧ୍ୟମରେ, ବିଲିଗ୍ରାହାମ୍ ଅନ୍ୟ ଯେ କୌଣସି ପ୍ରଚାରକଙ୍କ ଅପେକ୍ଷା ଅଧିକ ସଂଖ୍ୟକ ଲୋକଙ୍କ ନିକଟରେ ପ୍ରଚାର କରିଥିଲେ । ସେହି ଅଭିଯାନଗୁଡ଼ିକ ତାଙ୍କ ସୁସମାଚାର ପ୍ରଚାରର ସର୍ବାଧିକ ପ୍ରସିଦ୍ଧ ଦିଗ ଥିଲା। ମାତ୍ର କେବଳ ଏହି ଗୋଟିଏ ମାର୍ଗରେ ବିଲିଗ୍ରାହାମ ନିଜର ସମଗ୍ର ଜୀବନ ମଧ୍ୟରେ ସୁସମାଚାର ଜଣାଇ ନ ଥିଲେ । ରାଷ୍ଟ୍ରପତି କିମ୍ବା ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କ ସହିତ ସାକ୍ଷାତ୍ କରିବା ସମୟରେ, ଗଣ ମାଧ୍ୟମରେ ଆଲୋଚନା କାର୍ଯ୍ୟକ୍ରମ ସମୟରେ, ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା କ୍ଷତିଗ୍ରସ୍ତ ଅଞ୍ଚଳକୁ ସାହାଯ୍ୟ ଆଣିବା ସମୟରେ, ବିଦେଶରେ ସୈନ୍ୟମାନଙ୍କ ନିକଟରେ ପ୍ରଚାର କରିବା ସମୟରେ, କିମ୍ବା ପଥ ମଧ୍ୟରେ ସାକ୍ଷାତ୍ କରୁଥିବା ଲୋକମାନଙ୍କ ସହିତ କଥାବାର୍ତ୍ତା ହେବା ସମୟରେ, ବିଲିଗ୍ରାହାମ୍ ସର୍ବଦା ସେମାନଙ୍କୁ ସୁସମାଚାର ଜଣାଇବା ନିମନ୍ତେ ତତ୍ପର, ପ୍ରସ୍ତୁତ ଓ ଇଚ୍ଛୁକ ଥିଲେ ।

ବିଲିଗ୍ରାହାମ୍ କେବଳ ଧର୍ମଶାସ୍ତ୍ରର ବାଧ୍ୟ ନ ଥିଲେ କିମ୍ବା ସର୍ବାଧିକ ସ୍ପଷ୍ଟ ପ୍ରଚାର ସୁଯୋଗର ଉର୍ଦ୍ଧ୍ୱକୁ ଯାଇ ଅତ୍ୟଧିକ ଆଗ୍ରହର ସହିତ ମହା ଆଦେଶକୁ ପାଳନ କରୁ ନ ଥିଲେ । ଯେ କୌଣସି ଓ ପ୍ରତ୍ୟେକ ସୁଯୋଗକୁ ଦେଖି ତାକୁ ଗ୍ରହଣ କରିବା ପାଇଁ ତାଙ୍କର ମନୋଭାବଟି ସୁସମାଚାରକୁ ପ୍ରକୃତରେ ବୁଝିବା ଦ୍ୱାରା, ଗ୍ରହଣ କରିବା ଦ୍ୱାରା ଓ ଏହାର ବଶୀଭୂତ ହେବା ଦ୍ୱାରା ମଧ୍ୟ ଉତ୍ପନ୍ନ ହୋଇଥିଲା ।

ଜଣେ ସୁସମାଚାର ପ୍ରଚାରକ ନିକଟରେ ବିନାଶପ୍ରାପ୍ତମାନଙ୍କ ପାଇଁ ଏପରି ଏକ ଅଲୌକିକ ଦୟା ରହିଥିବ ଯାହା ଗୋଟିଏ ପ୍ରଚାର କାର୍ଯ୍ୟକୁ କିମ୍ବା ପ୍ରଚାର ସୁଯୋଗକୁ ସଂପୂର୍ଣ୍ଣ କରିବାର ସନ୍ତୋଷଠାରୁ ବହୁ ଗୁଣରେ ଅଧିକ ହେବ । ସମସ୍ତେ ଯେପରି ସୁସମାଚାର ଶୁଣି ଏହାକୁ ଗ୍ରହଣ କରିବେ, ଏଥିପାଇଁ ଜଣେ ପ୍ରଚାରକ ଅତି ବ୍ୟାକୁଳ ଥାଏ ଓ ଏପରିକି ଭର୍ତ୍ସନା ଓ କଠୋର ପରିଣତିର ବିପଦ ଅଧୀନରେ ସୁଦ୍ଧା, ସେ ସୁଯୋଗ ପାଇବା ମାତ୍ରେ ଯୀଶୁଙ୍କ ବିଷୟରେ ନ କହି ରହିପାରିବ ନାହିଁ (ପ୍ରେରିତ ୪:୧୮–୨୦) ।

ନିକଟରେ ପ୍ରଦର୍ଶିତ ହଲିଉଡ୍ ଚଳଚ୍ଚିତ୍ର ''ହ୍ୟାକ୍ସ ରିଜ୍'' (Hack-saw Ridge)ରେ ଡେସମୋଣ୍ଡ ଡୋସ୍‌ଙ୍କ ସମ୍ବନ୍ଧରେ ଉଲ୍ଲେଖ ଯୋଗ୍ୟ କାହାଣୀ ଅଛି । ଏଥିରେ ଏପରି ଜଣେ ବ୍ୟକ୍ତି ଅଛନ୍ତି ଯାହାଙ୍କୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ସାମରିକ ଡାକ୍ତର ଭାବରେ କାର୍ଯ୍ୟ କରିବାକୁ ବାଧ୍ୟ କରାଯାଇଥିଲା । ମାତ୍ର ସେ ଈଶ୍ୱରଙ୍କଠାରେ ଗଭୀର ବିଶ୍ୱାସ ରଖିଥିବାରୁ, ଯେ କୌଣସି ପରିସ୍ଥିତିରେ ବନ୍ଧୁକ ଉଠାଇବାକୁ ଅସମ୍ମତ ହୋଇଥିଲେ । ଜାପାନୀ ଦ୍ୱୀପ ଓକିନାୱାରେ ନିଯୁକ୍ତି ପାଇ, ଡୋସ୍ ନିଜକୁ ''ହାକ୍ସ ରିଜ୍'' ଉପରେ ଥିବା ଶତ୍ରୁର ସୀମା ପଛରେ ଆବିଷ୍କାର କରିଥିଲେ । ଶତ୍ରୁ ପକ୍ଷରୁ ଭୀଷଣ ଗୁଳି ବର୍ଷଣ ମଧ୍ୟରେ, ଡୋସ୍ ଉଭୟ ଆଘାତପ୍ରାପ୍ତ ଆମେରିକୀୟ ଓ ଜାପାନୀ ସୈନ୍ୟଙ୍କର ଚିତ୍କାର ଶୁଣି ପାରୁଥିଲେ ଓ ଗୋଟିଏ ଦଉଡ଼ି (ଏକ ଅସ୍ଥାୟୀ ଦଉଡ଼ି ଦ୍ୱାରା ସଂଯୁକ୍ତ ଚକ୍ର ସମ୍ବନ୍ଧୀୟ ବ୍ୟବସ୍ଥା) ଦ୍ୱାରା ତଳକୁ ଝୁଡ଼ି ପଡ଼ି, ଯାହାକୁ ପାରୁଥିଲେ, ତାକୁ ଉପରକୁ ଆଣି ବଞ୍ଚାଇବାକୁ ଚେଷ୍ଟା କରୁଥିଲେ । ଜଣେ ଲୁକ୍‌କାୟିତ ସୈନ୍ୟ ଡୋସ୍‌ଙ୍କ ହାତକୁ ଲକ୍ଷ୍ୟ କରି ଗୁଳି କରିଥିଲା ଓ ପରେ ତାଙ୍କ ଶରୀରରେ ୧୭ଟି ଧାତୁଖଣ୍ଡ (ଗୁଳିର ଭଗ୍ନାବଶେଷ) ରହିଥିବାର ଆବିଷ୍କାର କରାଯାଇଥିଲା ।

ତଥାପି ସେ ସେ ପର୍ଯ୍ୟନ୍ତ ସକ୍ଷମ ଥିଲେ, ସେ ପର୍ଯ୍ୟନ୍ତ ଯଥା ସମ୍ଭବ ଲୋକମାନଙ୍କୁ ବଞ୍ଚାଇବାରେ ଲାଗିଥିଲେ ।

ବହୁ ବର୍ଷ ପରେ, ଏହି ଅବିଶ୍ୱସନୀୟ କାର୍ଯ୍ୟ ସମ୍ବନ୍ଧରେ ପ୍ରଶ୍ନ କରାଯିବାରୁ, ଡୋସ୍ ବୁଝାଇଥିଲେ ଯେ ଯେଉଁ ସମୟରେ ସେ କ୍ଲାନ୍ତ ହୋଇ ଯାଉଥିଲେ ଓ ଆଉ କାହାରିକୁ ସାହାଯ୍ୟ କରିପାରିବେ ନାହିଁ ବୋଲି ଅନୁଭବ କରୁଥିଲେ, ସେହି ସମୟରେ ସେ ପ୍ରାର୍ଥନା କରୁଥିଲେ, ''ପ୍ରଭୋ, ମୋତେ ଆଉ ଜଣଙ୍କୁ ମାତ୍ର ବଞ୍ଚାଇବାରେ ସାହାଯ୍ୟ କର ।'' ଡୋସ୍ ସେହି ପାହାଡ଼ରେ ଅନ୍ତତଃ, ୭୫ ଜଣଙ୍କୁ ବଞ୍ଚାଇ ଥିଲେ ।

ଡୋସ୍‌ଙ୍କର ପ୍ରାର୍ଥନା ପ୍ରଚାରକର କ୍ରନ୍ଦନ ଅଟେ : ''ପ୍ରଭୋ, ପରିସ୍ଥିତି ଯେତେ କଷ୍ଟକର ହେଲେ ମଧ୍ୟ ଓ ଯେତେ ମୂଲ୍ୟ ଦେବାକୁ ପଡ଼ିଲେ ମଧ୍ୟ, ପ୍ରତ୍ୟେକ ସୁଯୋଗରେ, ଆଉ ଜଣଙ୍କୁ ପାଇବାରେ ମୋତେ ସାହାଯ୍ୟ କର ।''

# ଅଧିବେଶନ ସହାୟକ ସୂଚନା

## ନିକଟବର୍ତ୍ତୀ ହେବା (୧୦–୨୦ ମିନିଟ୍)

*ଏହି ସମୟରେ କାହାଣୀ, ଉତ୍ସାହପ୍ରଦ ଘଟଣା, ସୁଯୋଗଗୁଡ଼ିକ ବିଷୟରେ ମତାମତ ଓ ଦଳକୁ ଉତ୍ସାହିତ କରୁଥିବା ଯେ କୌଣସି ବିଷୟ ଜଣାଇ ଏକ ଆରେକର ନିକଟବର୍ତ୍ତୀ ହୁଅନ୍ତୁ । ଛୋଟ ଦଳ ମଧ୍ୟରେ, ପ୍ରତ୍ୟେକ ଜଣଙ୍କୁ ପୂର୍ବ ଅଧିବେଶନ ସମୟଠାରୁ ଏପର୍ଯ୍ୟନ୍ତ ମିଳିଥିବା ଗୋଟିଏ ଜୟ ଓ ଗୋଟିଏ ସଂଘର୍ଷ ଜଣାଇବାକୁ କହନ୍ତୁ । ବଡ଼ ଦଳ ମଧ୍ୟରେ, ପୂର୍ବ ଅଧିବେଶନ ପରେ ରହିଥିବା କିଛି ନିର୍ଦ୍ଦିଷ୍ଟ ସାକ୍ଷ୍ୟ ଜଣାଇବା ପାଇଁ ଚାରି କିମ୍ବା ପାଞ୍ଚ ଜଣଙ୍କୁ କହନ୍ତୁ ।*

## ପ୍ରାର୍ଥନା

*ପ୍ରଭୁଙ୍କୁ ସମୟ ଦିଅନ୍ତୁ ଓ ନିକଟବର୍ତ୍ତୀ ହେବା ସମୟରେ ଉତ୍ପନ୍ନ ହୋଇଥିବା ଯେ କୌଣସି ସକାରାତ୍ମକ କିମ୍ବା ଆହ୍ୱାନମୂଳକ ପରିସ୍ଥିତି ପାଇଁ ପ୍ରାର୍ଥନା କରନ୍ତୁ ।*

## ଶିକ୍ଷାଦାନ (୨୦–୩୦ ମିନିଟ୍)

*ନିମ୍ନଲିଖିତ ଶିକ୍ଷାଦାନର ବିଷୟବସ୍ତୁର ପ୍ରତ୍ୟେକଟି ବାକ୍ୟ ପଢ଼ିବା ଦ୍ୱାରା କିମ୍ବା ଆପଣଙ୍କ ନିଜସ୍ୱ ଉପସ୍ଥାପନା ମଧ୍ୟରେ ଏହାକୁ ପୁନଃ ପ୍ରୟୋଗ କରିବା ଦ୍ୱାରା, ଆପଣଙ୍କ ନିଜସ୍ୱ ମାର୍ଗରେ ଏହାକୁ ସଂପୂର୍ଣ୍ଣ କରନ୍ତୁ ।*

''ଦିନେ ପ୍ରାର୍ଥନାର ନିର୍ଦ୍ଦିଷ୍ଟ ସମୟରେ, ଅର୍ଥାତ୍, ଅପରାହ୍ନ ତିନି ଘଣ୍ଟା ସମୟରେ ପିତର ଓ ଯୋହନ ମନ୍ଦିରକୁ ଯାଉଥିଲେ । ଏପରି ସମୟରେ, ମାତୃଗର୍ଭରୁ ଖଞ୍ଜ ଜଣେ ଲୋକ ବୁହା ହୋଇ ଯାଉଥିଲା, ମନ୍ଦିରରେ ପ୍ରବେଶ କରୁଥିବା ଲୋକମାନଙ୍କଠାରୁ ଭିକ୍ଷା ମାଗିବା ନିମନ୍ତେ ଲୋକେ ତାକୁ ପ୍ରତିଦିନ ସେଥିର ସୁନ୍ଦର ନାମକ ଦ୍ୱାରରେ ରଖି ଦେଉଥିଲେ । ସେ ପିତର ଓ ଯୋହନଙ୍କୁ ମନ୍ଦିରରେ ପ୍ରବେଶ କରିବାକୁ ଉଦ୍ୟତ ଦେଖି ଭିକ୍ଷା ମାଗିବାକୁ ଲାଗିଲା । ପିତର ଓ ଯୋହନ ତା' ପ୍ରତି ସ୍ଥିର ଦୃଷ୍ଟିରେ ଚାହିଁଲେ, ପୁଣି ପିତର କହିଲେ, ଆମ୍ଭମାନଙ୍କ ଆଡକୁ ଚାହଁ । ସେଥିରେ ସେ ସେମାନଙ୍କଠାରୁ କିଛି ପାଇବା ଆଶାରେ ସେମାନଙ୍କ ଆଡକୁ ଚାହିଁ ରହିଲା । କିନ୍ତୁ ପିତର କହିଲେ, ''ରୂପା କି ସୁନା ମୋହର ନାହିଁ, ମାତ୍ର ମୋହର ଯାହା ଅଛି, ତାହା ମୁଁ ତୁମ୍ଭକୁ ଦେଉଅଛି, 'ନାଜରିତୀୟ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ଚାଲ' ।''

**ପ୍ରେରିତ ୩ : ୧–୬**

ସୁଯୋଗ ହରାଇବା ସହଜ ଅଟେ । ପରବର୍ତ୍ତୀ ଜୀବନରେ ଲୋକମାନେ କରୁଥିବା ଅନୁଶୋଚନାଗୁଡ଼ିକ ମଧ୍ୟରୁ ଅନେକ ଅନୁଶୋଚନା ହରାଇଥିବା ସୁଯୋଗଗୁଡ଼ିକର ଚତୁର୍ଦ୍ଦିଗରେ ଘୁରୁଥାଏ ଅର୍ଥାତ୍, ଯଦି ସେମାନେ ଚେଷ୍ଟା କରିବାର ସାହସ କରିଥା'ନ୍ତେ, କିମ୍ବା ଲୋକମାନେ ସେମାନଙ୍କ ବିଷୟରେ କ'ଣ ଭାବିବେ ବୋଲି ସେମାନେ ଚିନ୍ତା କରି ନ ଥାନ୍ତେ, ତେବେ ଯେଉଁ କାର୍ଯ୍ୟ କରିବାକୁ ସେମାନେ ଇଚ୍ଛା କରିଥିଲେ, ତାହା କରିପାରିଥାନ୍ତେ ବୋଲି ସେମାନେ ଅନୁଶୋଚନା କରନ୍ତି ।

ଗଣମାଧ୍ୟମର ଜଗତ ଗୋଟିଏ ନୂତନ ବିଷୟକୁ ଜାଗ୍ରତ କରିଛି – ''ହରେଇ ଦେବାର ଭୟ'' ('Fear of Missing out' FOMO) । ଗୋଟିଏ ନିରନ୍ତର – ସୁସଂଯୁକ୍ତ ଜଗତରେ, ଅନ୍ୟ ଲୋକମାନେ ଯାହା କରୁଥାନ୍ତି, ତାହାକୁ ଆମେ ଦେଖୁ ଓ ଯେତେବେଳେ ଆମ ଅପେକ୍ଷା ଅନ୍ୟମାନଙ୍କ ନିକଟରେ ଏକ ଉତ୍ତମତର ଜୀବନାନୁଭୂତି ରହିଛି ବୋଲି ମନେହୁଏ, ସେତେବେଳେ ''ହରେଇ ଦେବାର ଭୟ'' ଜାଗ୍ରତ ହୁଏ । ସାଧାରଣ ଭାଷାରେ, ''ହରେଇ ଦେବାର ଭୟ''କୁ ଆମର ସଂଯୁକ୍ତ ହୋଇ ରହିବାର ଏକ ଅନୁପକାରୀ ଓ ପ୍ରାୟତଃ, ଅସ୍ୱାସ୍ଥ୍ୟକର ପାର୍ଶ୍ୱ ପ୍ରତିକ୍ରିୟା ବୋଲି ବିଚାର କରାଯାଏ, ମାତ୍ର ବାଇବଲ ପଢ଼ିବା ସମୟରେ କ'ଣ ହୁଏ ? ଆପଣ ଯେତେବେଳେ ପ୍ରେରିତ ପୁସ୍ତକ ପଢ଼ନ୍ତି, ସେଠାରେ ଯୀଶୁଙ୍କର ଶିଷ୍ୟମାନେ ଓ ଆଦ୍ୟମଣ୍ଡଳୀ ଯେଉଁ ବିଷୟ ପ୍ରତି ଜାଗ୍ରତ ହୋଇଥିଲେ, ସେଥିରେ ଆପଣ କେବେ ''ହରେଇବାର ଭୟ''ର ଅନୁଭୂତି ପାଇଛନ୍ତି କି ?

ନୂତନ ନିୟମରେ ପ୍ରେରିତମାନଙ୍କ ସମ୍ବନ୍ଧରେ ପଠନ ହୁଏତ ଆପଣ ଭିତରେ ଏହି ଅନୁଭବ ସୃଷ୍ଟି କରିପାରେ ଯେ ପ୍ରେରିତମାନେ ସୁସମାଚାର ପ୍ରଚାର କରିବା ସମୟରେ ଯେଉଁ ରୋମାଞ୍ଚକର ଅନୁଭୂତି ପାଇଥିଲେ, ସେହି ପ୍ରକାର ଅନୁଭୂତିକୁ ଆପଣ ହରେଇ ଦେଇଛନ୍ତି । ଆମ ମଧ୍ୟରୁ ଅଧିକାଂଶ ଭୀତିପ୍ରଦ ଘଟଣା, ଯଥା, ପ୍ରସ୍ତରାଘାତ ପାଇଁ ଆଗ୍ରହୀ ହୁଅନ୍ତି ନାହିଁ – ମାତ୍ର ଆମେ ପ୍ରେରିତମାନଙ୍କ ସେବାକାର୍ଯ୍ୟ ସହିତ ମିଶି ରହିଥିବା ଚିହ୍ନ ଓ ଅଦ୍ଭୁତକର୍ମ ଦେଖିବା ପାଇଁ ଓ ସେହି ବିଷୟରେ ଅଧିକରୁ ଅଧିକ ଅନୁଭୂତି ପାଇବାକୁ ପସନ୍ଦ କରୁ ।

ପ୍ରେରିତ ୩ ଅଧ୍ୟାୟରେ, ପିତର ଓ ଯୋହନ ଗୋଟିଏ ଦୈନନ୍ଦିନ ପରିସ୍ଥିତି ମଧ୍ୟରେ ଉପସ୍ଥିତ ଥିଲେ : ଗୋଟିଏ ଖଞ୍ଜ ଭିକ୍ଷୁକ ସେମାନଙ୍କୁ ଭିକ୍ଷା ମାଗୁଥିଲା । ଏହି ଦୁଃଖି ଲୋକଟିକୁ ଅତିକ୍ରମ କରି ଚାଲିଯିବା, କିମ୍ବା କିଛି ଅଳ୍ପ ଦାନ ଦେଇ ଅଗ୍ରସର ହେବା ପ୍ରେରିତମାନଙ୍କ ପାଇଁ ସହଜ ହୋଇଥାନ୍ତା ।

ଏଠାରେ ଭାଷାଟି କେତେ ନିର୍ଦ୍ଦିଷ୍ଟ, ତାହା ଲକ୍ଷ୍ୟ କରନ୍ତୁ : ଅଗ୍ରସର ହେବା ପରିବର୍ତ୍ତେ, ପିତର ଓ ଯୋହନ ତାକୁ ଚାହିଁ ରହିଲେ । ଅନ୍ୟ ଏକ ଅନୁବାଦ ଅନୁସାରେ, ପିତର ଓ ଯୋହନ ସେହି ଲୋକଟିକୁ ନିରୀକ୍ଷଣ କଲେ ଓ ଲୋକଟି ମଧ୍ୟ କିଛି ପାଇବା ଆଶାରେ ସେମାନଙ୍କ ପ୍ରତି ନିଜର ଦୃଷ୍ଟି ନିବଦ୍ଧ କରିଥିଲା ।

ପ୍ରଶ୍ନ : ଆପଣ ଆପଣଙ୍କ ଚତୁର୍ଦ୍ଦିଗସ୍ଥିତ ଜଗତ ପ୍ରତି କେତେ ନିବିଧ ଭାବରେ ଦୃଷ୍ଟିପାତ କରୁଛନ୍ତି ? ଆପଣଙ୍କ ସାଧାରଣ ସେବାକାର୍ଯ୍ୟ (ଉଦାହରଣ ସ୍ୱରୂପ, ମଞ୍ଚ ଉପରୁ ସୁସମାଚାର ପ୍ରଚାର) ବାହାରେ ସୁସମାଚାର ପ୍ରଚାର କରିବା ପାଇଁ ଉତ୍ପନ୍ନ ହେଉଥିବା ସୁଯୋଗଗୁଡ଼ିକୁ ଦେଖିବାରେ ଓ ଗ୍ରହଣ କରିବାରେ ଆପଣ କେତେ ଉତ୍ତମ ଅଟନ୍ତି ?

ଖଞ୍ଜ ବ୍ୟକ୍ତିଟି ଯାହା ସର୍ବାଧିକ ଆବଶ୍ୟକ କରୁଥିଲା ବୋଲି ଭାବୁଥିଲା, ଅର୍ଥାତ୍, ମୁଦ୍ରା ପାଇବାର ଏକ ସୁଯୋଗ ଭାବରେ ଏହାକୁ ଦେଖିଥିଲା । ସୌଭାଗ୍ୟବଶତଃ, ପ୍ରେରିତମାନେ ସେମାନଙ୍କ ସମ୍ମୁଖରେ ଥିବା ସୁଯୋଗ ପ୍ରତି ଦୃଷ୍ଟିପାତ କରିଥିଲେ, ଅର୍ଥାତ୍, ସେମାନେ ତାକୁ ସେହି ବିଷୟ ଦେବା ପାଇଁ ସମର୍ଥ ଥିଲେ, ଯାହା ସେ ସର୍ବାଧିକ ଆବଶ୍ୟକ କରୁଥିଲା, ଯଥା, ଯୀଶୁ । ବିନାଶପ୍ରାପ୍ତ ମାନଙ୍କ ପ୍ରତି ଲୋକଟିର ଅକ୍ଷମତା କିମ୍ବା ସାମାଜିକ ସ୍ଥିତି ପାଇଁ ଦୟା ଭାବ ଯୋଗୁ ନୁହେଁ, ଥିବା ପ୍ରେମ ଯୋଗୁ, ପିତର ଓ ଯୋହନ ଅଟକି ଯାଇଥିଲେ ।

ଯେ କେହି ଈଶ୍ୱରଙ୍କୁ ସମ୍ମାନ ଦେଖାଏ, ସେ ଈଶ୍ୱରଙ୍କ ଦ୍ୱାରା ସମ୍ମାନିତ ହେବ ବୋଲି ବାଇବଲ ଆମକୁ କହିଛି (୧ ଶାମୁୟେଲ ୨:୩୦) । ଏହା ସେତେବେଳେ ଅଧିକ ସତ୍ୟ ଅଟେ, ଯେତେବେଳେ ଆମେ ଜୀବନର ''ଛୋଟ ଛୋଟ ବିଷୟ''ରେ ଈଶ୍ୱରଙ୍କୁ ସମ୍ମାନ ଦେଖାଉ । ଆମେ ଗୁପ୍ତ ସ୍ଥାନରେ – ଜୀବନର ଛୋଟ, ଦୃଷ୍ଟିଗୋଚର ହେଉ ନ ଥିବା କ୍ଷେତ୍ରରେ, ବିଶ୍ୱସ୍ତ ବୋଲି ପ୍ରମାଣିତ ହେଲେ, ଈଶ୍ୱର ଆମ ହସ୍ତରେ ବଡ଼ ବଡ଼ ବିଷୟ ସମର୍ପଣ କରନ୍ତି । ତାହା ଗୋଟିଏ ବୃହତ୍ତର ମଞ୍ଚ ହୋଇପାରେ । ମାତ୍ର କାହିଁକି କେବଳ ଅଧିକ ଶ୍ରୋତାରେ ସନ୍ତୁଷ୍ଟ ରହିବା ? ଗୋଟିଏ ବଡ଼ ମଞ୍ଚ ଅପେକ୍ଷା ଆମ ଜୀବନରେ ପବିତ୍ର ଆତ୍ମାଙ୍କ ଶକ୍ତିର ପ୍ରଦର୍ଶନ ଶ୍ରେଷ୍ଠତର ଅଟେ । ଆପଣ ପ୍ରଭୁଙ୍କର ବଶୀଭୂତ ହେବା ସମୟରେ, ଆଜି ହିଁ ଆପଣଙ୍କ ପ୍ରତି ଜୀବନ୍ତ ଈଶ୍ୱରଙ୍କ ଆତ୍ମାଙ୍କ ସଂପୂର୍ଣ୍ଣ ପରିମାଣ ଉପଲବ୍ଧ ହେବ, ମାତ୍ର ସେ ଏହାକୁ ସଂପୂର୍ଣ୍ଣ ଭାବରେ ଓ ଅଧିକ ଥର ସେହି ଲୋକମାନଙ୍କୁ ଦେବା ଭଳି ମନେ ହୁଏ, ଯେଉଁମାନେ ତାଙ୍କ ସେବା ନିମନ୍ତେ ଏହାକୁ ସର୍ବୋତ୍ତମ ଭାବେ ବ୍ୟବହାର କରନ୍ତି । ଇସ୍ରାଏଲୀୟ ସୈନ୍ୟବାହିନୀର ଯେ କୌଣସି ସୈନ୍ୟ ଈଶ୍ୱରଙ୍କ ସାହାଯ୍ୟରେ ଗଲିୟାତ୍‌କୁ ପରାସ୍ତ କରିପାରିଥାନ୍ତା, ମାତ୍ର କେବଳ ଦାଉଦ ହିଁ ଏହି ନିର୍ଦ୍ଦିଷ୍ଟ କାର୍ଯ୍ୟ ପାଇଁ ଅଗ୍ରସର ହୋଇ ବିଶ୍ୱାସଯୋଗ୍ୟ ବୋଲି ପ୍ରମାଣିତ ହୋଇଥିଲେ ଓ ସେଥିପାଇଁ ସିଂହାସନ ଦିଗକୁ ପଥ ସୁଗମ ହୋଇଥିଲା ।

ଯଦି ଆପଣ ସଂପୂର୍ଣ୍ଣ ରୋମାଞ୍ଚକର କାର୍ଯ୍ୟ ଇଚ୍ଛା କରନ୍ତି, ତେବେ ଛୋଟ ଛୋଟ ବିଷୟ ଗୁଡ଼ିକରେ, ପ୍ରତ୍ୟେକ ଦିନର ସୁଯୋଗ ଗୁଡ଼ିକରେ ବିଶ୍ୱସ୍ତ ରହନ୍ତୁ ଓ ଈଶ୍ୱର କ'ଣ କରୁଛନ୍ତି, ତାହା ଦେଖନ୍ତୁ । ଯଦି ଆପଣ ସେହି ସୁଯୋଗଗୁଡ଼ିକୁ ଗ୍ରହଣ କରିବା ବିଷୟରେ ପ୍ରରୋଚିତ ହେବା ପାଇଁ ସଂଘର୍ଷ କରୁଛନ୍ତି, ତେବେ ଆପଣ ଇଚ୍ଛା କରୁ ନ ଥିଲେ ସୁଦ୍ଧା ଆପଣଙ୍କର ସ୍ୱାଚ୍ଛନ୍ଦ୍ୟ ଅଞ୍ଚଳରୁ ବାହାର କରି ଆପଣଙ୍କୁ ଉଦ୍ଦେଶ୍ୟମୂଳକ ହେବା ପାଇଁ ମନୋନୀତ କରିବା ଦିଗରେ ଅଗ୍ରସର କରାଇବା ନିମନ୍ତେ ଈଶ୍ୱରଙ୍କୁ ପ୍ରାର୍ଥନା କରନ୍ତୁ । ଯଦି ଆପଣ ସୁଯୋଗ ହରେଇବା ବିଷୟରେ ଦୋଷୀ ଅନୁଭବ କରୁଛନ୍ତି ଓ ଈଶ୍ୱରଙ୍କୁ ଅବନତ କରିଛନ୍ତି ବୋଲି ଅନୁଭବ କରୁଛନ୍ତି, ତେବେ ଏହା ମନେରଖନ୍ତୁ ଯେ ଆପଣ ହରାଇଥିବା ସୁଯୋଗ ଗୁଡ଼ିକ ବିଷୟରେ ଦୋଷୀ ଅନୁଭବ ନ କରି ଈଶ୍ୱରଙ୍କ ନିମନ୍ତେ ଥିବା ଆପଣଙ୍କ ପ୍ରେମ ମଧ୍ୟରୁ ଆପଣ ବିନାଶପ୍ରାପ୍ତମାନଙ୍କୁ କିଛି ପ୍ରେମ ଦିଅନ୍ତୁ ବୋଲି ଈଶ୍ୱର ଇଚ୍ଛା କରନ୍ତି ।

ଆମ ମଧ୍ୟରୁ କେହି ସିଦ୍ଧ, ତ୍ରୁଟିଶୂନ୍ୟ ନୁହେଁ । ଏପରିକି ପ୍ରେରିତମାନେ ସେମାନଙ୍କ ସୁସମାଚାର ପ୍ରଚାରରେ ଭୁଲ୍ କରିଥିଲେ ଓ ପଥ ମଧ୍ୟରେ ଆସିଥିବା ଅନେକ ସୁଯୋଗ ହରେଇ ଦେଇଥିଲେ । ଚାପକୁ ବୃଦ୍ଧି କରୁଥିବା ଗୋଟିଏ ଅସମ୍ଭବ ଆଦର୍ଶକୁ ଧରି ରଖିବା ମୁଖ୍ୟ ବିଷୟ ନୁହେଁ, ମାତ୍ର ଅନୁଗ୍ରହ ବୃଦ୍ଧି କରୁଥିବା ଈଶ୍ୱରଙ୍କ ଅତୁଳନୀୟ ପ୍ରେମରେ ନିଜ ନିଜକୁ ଧରି ରଖିବା ମୁଖ୍ୟ ବିଷୟ ଅଟେ । ଏହି ବାସ୍ତବତାରୁ ହିଁ ଆମେ ବୃଦ୍ଧି ପାଉ ଓ ସେ ଦିନ ପରେ ଦିନ ଆମ ସମ୍ମୁଖରେ ରଖୁଥିବା ସୁଯୋଗ ପ୍ରତି କ୍ରମବର୍ଦ୍ଧିଷ୍ଣୁ ଭାବେ ବିଶ୍ୱସ୍ତ ହେବାରେ ପରିପକ୍ୱ ହେଉ ।

ଡି.ଏଲ୍.ମୁଡ୍ଡୀ ଥରେ କହିଥିଲେ, ''ଈଶ୍ୱର ମୋତେ ଗୋଟିଏ ଜୀବନ ରକ୍ଷାକାରୀ ନୌକା ଦେଇ କହିଥିଲେ, 'ମୁଡ୍ଡୀ, ଯେତେ ଜଣଙ୍କୁ ପାରୁଛ, ସେତେ ଜଣଙ୍କୁ ରକ୍ଷା କର' ।'' ନୌକା ବାହିବା ପାଇଁ, ବୁଡ଼ି ଯାଉଥିବା ଲୋକମାନଙ୍କୁ ଦେଖିବା ପାଇଁ ଓ ସେମାନଙ୍କୁ ଜଳ ମଧ୍ୟରୁ ଟାଣି ବାହାର କରିବା ପାଇଁ ଆପଣଙ୍କର ସାମର୍ଥ୍ୟ ଈଶ୍ୱରଙ୍କ ନିମନ୍ତେ ଥିବା ଆପଣଙ୍କ ପ୍ରେମରେ ଓ ଜଗତ ନିମନ୍ତେ ଥିବା ତାଙ୍କର ପ୍ରେମରେ ମିଳିଥାଏ ।

ପ୍ରତିଦିନର ସୁଯୋଗଗୁଡ଼ିକ ବିଷୟରେ କିପରି ଅଧିକ ସଚେତନ ହେବା ଓ ସେଗୁଡ଼ିକ ପ୍ରତି ବିଶ୍ୱସ୍ତ ହେବା, ଏଥି ନିମନ୍ତେ ଏଠାରେ ତିନୋଟି ବ୍ୟାବହାରିକ ପ୍ରସ୍ତାବ ଦିଆଯାଇଛି :

## ୧. ଦିନଲିପି

ଗୋଟିଏ ଦିନଲିପି ରଖିବାରେ ଅନେକ ଉପକାରୀ ବିଷୟ ରହିଛି । ସୁଯୋଗକୁ ମନ ମଧ୍ୟରେ ରଖି, ଆପଣଙ୍କ ଦିନ ବିଷୟରେ ବିଶଦ ଭାବରେ ଲେଖି ରଖନ୍ତୁ । ଆପଣ କାର୍ଯ୍ୟସ୍ଥଳୀରେ କାହା ସହିତ ସମୟ କାଟନ୍ତି ? ଆପଣ ନିଜ ସହରରେ ଜଣେ ବାସହୀନ ଲୋକକୁ ନିୟମିତ ଭାବେ ଭେଟନ୍ତି କି ? ଆପଣ ବିଦ୍ୟାଳୟର ଫାଟକ ନିକଟରେ କାହା ସହିତ କଥା ହୁଅନ୍ତି ? ଏହି ଲୋକମାନଙ୍କ ବିଷୟରେ ଆପଣଙ୍କ ଦିନ ଲିପିରେ ଲେଖିବା ଦ୍ୱାରା ସେମାନେ ଆପଣଙ୍କ ମନରେ ସତେଜ ହୋଇ ରହିବେ ଓ ଆପଣ ପ୍ରାର୍ଥନାରେ ସେମାନଙ୍କୁ ସ୍ମରଣ କରିପାରିବେ ଓ ଏହା ଏକ ବ୍ୟକ୍ତିଗତ ଉତ୍ତର ଦାୟିତ୍ୱ ସମୀକ୍ଷା ଭାବରେ ମଧ୍ୟ ଏହିପରି ବ୍ୟବହୃତ ହୋଇପାରିବ : ଆପଣ ସେହି ସମୟ ମଧ୍ୟରେ ସେମାନଙ୍କ ସହିତ ବିଶ୍ୱାସ-ଭିତ୍ତିକ ବାର୍ତ୍ତାଳାପ ବିଷୟରେ ଉଦ୍ଦେଶ୍ୟମୂଳକ ହୋଇଛନ୍ତି କି ? ସପ୍ତାହ ସପ୍ତାହ ଧରି କଥାବାର୍ତ୍ତାଗୁଡ଼ିକ ନଗଣ୍ୟ ହୋଇଛି କିମ୍ବା ଆପଣ ଅଧିକ ଗଭୀର ଯିବା ପାଇଁ ପ୍ରୟାସ କରିଛନ୍ତି ? ଯଦି ଆପଣ ସମର୍ଥ ଅଟନ୍ତି, ତେବେ ଆପଣ ଆପଣଙ୍କ ଦିନଲିପି ପଢ଼ିବା ପାଇଁ ଓ ଏହି କ୍ଷେତ୍ରଗୁଡ଼ିକ ବିଷୟରେ ମଧ୍ୟ ଆପଣଙ୍କୁ ପ୍ରଶ୍ନ କରିବା ପାଇଁ ଉତ୍ତରଦାୟୀ ସାଥୀମାନଙ୍କୁ କହିପାରନ୍ତି ।

## ୨. ଆହ୍ୱାନ

ଯଦି ଆପଣ ଦୈନିକ ସୁଯୋଗଗୁଡ଼ିକୁ ଗ୍ରହଣ କରିବା ପାଇଁ ସଂଘର୍ଷ କରନ୍ତି, ତେବେ କାହିଁକି ଆପଣଙ୍କ ପାଇଁ ଆହ୍ୱାନଗୁଡ଼ିକୁ ସ୍ଥିର କରନ୍ତି ନାହିଁ ? ଉଦାହରଣ ସ୍ୱରୂପ, ''ଏହି ସପ୍ତାହରେ, ମୁଁ, ଅନ୍ତତଃ ଜଣେ ଅପରିଚିତଙ୍କୁ ଖ୍ରୀଷ୍ଟଙ୍କ ବିଷୟରେ କହିବାକୁ ଇଚ୍ଛା କରୁଛି ।'' ଆହ୍ୱାନ ବ୍ୟବହାରିକ ତଥା ଘୋଷଣାତ୍ମକ ହୋଇପାରେ ଓ ଏହା ଆପଣଙ୍କ ସ୍ୱାଭାବିକ ସୁସମାଚାର ପ୍ରଚାରର ଉର୍ଦ୍ଧ୍ୱକୁ ସଂପ୍ରସାରିତ ହେବା ଉଚିତ ।

### ୩. ରୋମାଞ୍ଚକର କାର୍ଯ୍ୟ

ଆପଣଙ୍କ ମନୋସ୍ଥିତିକୁ କର୍ତ୍ତବ୍ୟରୁ ରୋମାଞ୍ଚକର କାର୍ଯ୍ୟକୁ ପରିବର୍ତ୍ତନ କରନ୍ତୁ । ଆମ ନିକଟରେ ଏକ ପ୍ରଚାରର ଦାୟିତ୍ୱ ଅଛି ଓ ଈଶ୍ୱର ଆମକୁ ଯାହା କରିବାକୁ କହନ୍ତି, ତାହା ପ୍ରତି ଆମେ ବାଧ ହେବାକୁ ଇଚ୍ଛା କରୁ, ମାତ୍ର ପ୍ରେମ ବିନା ଆମେ ଲକ୍ଷ୍ୟ ହରେଇ ଦେଇଥାଉ । ଆପଣଙ୍କ ଆଗାମୀ ସପ୍ତାହରେ ରହିଥିବା ସୁଯୋଗ ଗୁଡ଼ିକୁ କେବଳ ଏକ ଭାରଗ୍ରସ୍ତ କର୍ତ୍ତବ୍ୟ ଭାବରେ ନୁହେଁ, ମାତ୍ର ଅତି ରୋମାଞ୍ଚକର କାର୍ଯ୍ୟ ଭାବରେ ଚିନ୍ତା କରନ୍ତୁ । କାର୍ଯ୍ୟ କରିବା ପାଇଁ ଉଦ୍ଦିଷ୍ଟ ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଆବଦ୍ଧ ଅନେକ ଲୋକ – ଏପରିକି ନିଜ ନିଜ କାର୍ଯ୍ୟକୁ ଭଲ ପାଉଥିବା ଲୋକମାନେ ସୁଦ୍ଧା ଆଗାମୀ ସପ୍ତାହର ଶେଷକୁ ଅପେକ୍ଷା କରିପାରନ୍ତି ନାହିଁ । ଆମେ କ'ଣ ଏପରି ଲୋକ ହୋଇପାରିବା, ଯିଏ ସେହି ସମାନ ପ୍ରତ୍ୟାଶାର ସହିତ ଯୀଶୁଙ୍କୁ ଜଣାଇବା ପାଇଁ ପରବର୍ତ୍ତୀ ସୁଯୋଗକୁ ଅପେକ୍ଷା କରିପାରେ ନାହିଁ ? ଯଦି ଆମେ ପାରିବା, ତେବେ କାର୍ଯ୍ୟଟି ଯେତେ ଆହ୍ୱାନମୂଳକ ହେଲେ ସୁଦ୍ଧା, ଆମେ ଯେପରି ନିଜକୁ ପ୍ରସ୍ତୁତ କରି ପୁଣି ଥରେ ଯାଇ ପାରିବୁ, ଏଥିପାଇଁ ଆମେ ଏକ ସୁସ୍ଥ ମନୋସ୍ଥିତି ସହିତ ସେହି ରୋମାଞ୍ଚକର କାର୍ଯ୍ୟକୁ ଗ୍ରହଣ କରିବା ।

ମାର୍ଟିନ୍ ଲୁଥରଙ୍କ ଭାଷାରେ,

''ଯଦି ବିଶ୍ୱାସୀ ନିକଟରେ ବିଶ୍ୱାସ ଥାଏ, ତେବେ ତାକୁ ପ୍ରତିରୋଧ କରାଯାଇପାରିବ ନାହିଁ । ସେ ନିଜ ପ୍ରତି ବିଶ୍ୱାସ ଘାତକତା କରେ । ସେ ଭଗ୍ନ ହୁଏ । ସେ ପାପ ସ୍ୱୀକାର କରେ ଓ ନିଜ ଜୀବନକୁ ବିପନ୍ନ କରି ଲୋକମାନଙ୍କୁ ଏହି ସୁସମାଚାର ଶିକ୍ଷା ଦିଏ ।

## ଆଲୋଚନା (୨୦ ମିନିଟ୍)

*ନିମ୍ନଲିଖିତ ପ୍ରଶ୍ନ ଗୁଡ଼ିକୁ ଓ / କିମ୍ବା ଆଲୋଚନା ଉଦ୍ଧୃତାଂଶର ଅନୁସନ୍ଧାନ କରନ୍ତୁ :*

- ଆପଣ କେବେ ଗୋଟିଏ ସ୍ପଷ୍ଟ ସୁଯୋଗକୁ ହାତଛଡ଼ା କରିଛନ୍ତି କି ? ସେହି ଅନୁଭୂତିରୁ ଆପଣ କ'ଣ ଶିକ୍ଷା କରିଥିଲେ ?
- ସୁସମାଚାର ପ୍ରଚାର କରିବା ପାଇଁ ପ୍ରତ୍ୟେକଟି ସୁଯୋଗକୁ ବ୍ୟବହାର କରିବାରେ ଆପଣ କେଉଁ ବଡ଼ ବଡ଼ ଆହ୍ୱାନ ଗୁଡ଼ିକର ସମ୍ମୁଖୀନ ହୁଅନ୍ତି ?
- ଆପଣ କିପରି ସୁସମାଚାର ପ୍ରଚାର କରିବା ପାଇଁ ସୁଯୋଗ ନ ଥିବା ସ୍ଥାନରେ ଉଦ୍ଦେଶ୍ୟମୂଳକ ଭାବରେ ସୁଯୋଗ ସୃଷ୍ଟି କରନ୍ତି ?
- ଶିକ୍ଷାଦାନରୁ ଉପରୋକ୍ତ ତିନୋଟି ପ୍ରସ୍ତାବ (ଦିନଲିପି, ଆହ୍ୱାନ, ରୋମାଞ୍ଚକର କାର୍ଯ୍ୟ) ବିଷୟରେ ଆଲୋଚନା କରନ୍ତୁ । ଆପଣ ଏହି ବିଷୟଗୁଡ଼ିକର ମୂଲ୍ୟ ଦେଖିଛନ୍ତି କି ଓ ଆପଣ ସେଗୁଡ଼ିକୁ କାର୍ଯ୍ୟକାରୀ କରିପାରିବେ କି ?

''ଏଠାରେ ନିୟମ ପ୍ରଦତ୍ତ ହୋଇଛି – ଆପଣ ଯେଉଁ ଲୋକମାନଙ୍କ ନିକଟରେ ପ୍ରଚାର କରନ୍ତି, ସେମାନଙ୍କ ଆବଶ୍ୟକତା ସହିତ ଆପଣଙ୍କ ପଦକ୍ଷେପ ଗୁଡ଼ିକୁ ଉପଯୋଗୀ କରନ୍ତୁ । ଆପଣଙ୍କୁ ସେମାନଙ୍କ ନିକଟକୁ ଏହିପରି ପଦ୍ଧତିରେ ଓ ପରିସ୍ଥିତିରେ ସୁସମାଚାର ଦେବାକୁ ହେବ ଯେପରି ଏହାକୁ ସେମାନେ ଶୁଣିବେ ।

**କାଥରିନ୍ ବୁଥ୍**

## ପ୍ରୟୋଗ (୫ ମିନିଟ୍)

ଏହି ମାସରେ, ଆପଣ ସାଧାରଣ ଭାବରେ ଲକ୍ଷ୍ୟ କରୁ ନ ଥିବା କିମ୍ବା ଯେଉଁଥିରେ ନିୟୋଜିତ ହେବା ପାଇଁ ମନୋନୀତ କରୁ ନ ଥିବା ସୁଯୋଗଗୁଡ଼ିକୁ ବ୍ୟବହାର କରିବା ବିଷୟରେ ଇଚ୍ଛୁକ ହୁଅନ୍ତୁ । ଆପଣଙ୍କର କୌଣସି ଜଣେ ପୁରୁଣା ବନ୍ଧୁ ଅଛନ୍ତି କି, ଯାହାଙ୍କୁ ଆପଣ ସୁସମାଚାର ଜଣାଇପାରିବେ ? ଆପଣ କିଛି ଅଧିକ ସମୟ ବସି, ଜଣେ ବାସହୀନ ବ୍ୟକ୍ତିଙ୍କ କଥାବାର୍ତ୍ତା କରିପାରିବେ କି ? ଆପଣ କୌଣସି ଦୋକାନରୁ ନିୟମିତ ଭାବରେ କଫି ଆଣନ୍ତି କି ? ଯଦି ଆଣନ୍ତି, ତେବେ ଆପଣ ବାର୍ତ୍ତାଳାପକୁ ଯୀଶୁଙ୍କ ପ୍ରତି ଫେରାଇ ପାରିବେ କି ?

ଏହା ପ୍ରାୟ ସୁନିଶ୍ଚିତ ଅଟେ ଯେ ଦଳରେ ଥିବା ପ୍ରତ୍ୟେକ ଜଣ ସେମାନଙ୍କର ନିୟମିତ ସପ୍ତାହରେ ଏପରି ଏକ ସୁଯୋଗ ବିଷୟରେ ଭାବିବା ପାଇଁ ସମର୍ଥ ହେବେ, ଯେଉଁଥିରେ ସେମାନେ ଯୀଶୁଙ୍କୁ ପ୍ରଚାର କରିବା ପାଇଁ ଅଧିକ ଇଚ୍ଛୁକ ହୋଇପାରିବେ । ଏହି ସୁଯୋଗକୁ ନିଜ ନିଜ ମଧ୍ୟରେ ଗ୍ରହଣ କରିବା ପାଇଁ ପ୍ରତିବଦ୍ଧ ହୁଅନ୍ତୁ ଓ ପରବର୍ତ୍ତୀ ମାସରେ, ଆପଣ ଏହାକୁ କିପରି କରିଥିଲେ, ସେଥିପାଇଁ ପରସ୍ପରକୁ ଉତ୍ତରଦାୟୀ କରନ୍ତୁ । ମନେରଖନ୍ତୁ, ଏହା କେବଳ ସ୍ୱେଚ୍ଛାମୂଳକ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସ୍ଥାପନ କରିବା ସମ୍ବନ୍ଧୀୟ ନୁହେଁ, ମାତ୍ର ଅଭ୍ୟାସ ଓ ଆଚରଣର ଧାରା ପରିବର୍ତ୍ତନ କରିବା ସମ୍ବନ୍ଧୀୟ ଅଟେ । ଯାହା ଉଦ୍ଦେଶ୍ୟମୂଳକ କାର୍ଯ୍ୟ ଭାବରେ ଯାହା ଆରମ୍ଭ ହୁଏ, ତାହାକୁ ସମୟ କ୍ରମେ ସ୍ୱାଭାବିକ ଆଚରଣରେ ବିକାଶ କରାଯାଇପାରେ ।

ଗୋଟିଏ ଦିନଲିପି ଲେଖିବା ଆରମ୍ଭ କରନ୍ତୁ ।

## ପ୍ରାର୍ଥନା

ଈଶ୍ୱର ଆପଣଙ୍କୁ ସୁସମାଚାର ଘୋଷଣା କରିବା ପାଇଁ ଓ ଅନ୍ୟମାନଙ୍କୁ ଆପଣଙ୍କ ବିଶ୍ୱାସ ବିଷୟରେ ଜଣାଇବା ପାଇଁ ସୁଯୋଗ ଦେଇଥିବାରୁ ତାଙ୍କୁ ଧନ୍ୟବାଦ ଦିଅନ୍ତୁ । ଯେଉଁ ପରିସ୍ଥିତିରେ ଆପଣ ସଫଳତାର ଆଶା ରଖିଥାନ୍ତି, ସେଗୁଡ଼ିକର କିଛି ନିର୍ଦ୍ଦିଷ୍ଟ ସୁଯୋଗ ଓ ଦିନ ପ୍ରତିଦିନ ସାଧାରଣ ସୁଯୋଗ ଯୋଗାଇ ଦେବା ନିମନ୍ତେ ପ୍ରାର୍ଥନା କରନ୍ତୁ । ଆପଣମାନେ ଯେପରି ଆପଣମାନଙ୍କ ଚତୁର୍ଦ୍ଦିଗସ୍ଥିତ ସୁଯୋଗଗୁଡ଼ିକୁ ଦେଖିବେ ଓ ସୁଯୋଗ ଆସିବା ମାତ୍ରେ ପରସ୍ପର ପ୍ରତି ବିଶ୍ୱସ୍ତ ରହିବେ, ଏଥି ନିମନ୍ତେ ପରସ୍ପର ପାଇଁ ପ୍ରାର୍ଥନା କରନ୍ତୁ ।

## ଉତ୍ତର ଦାୟିତ୍ୱ (୧୫ ମିନିଟ୍)

*ସମୀକ୍ଷା ଫର୍ମଟିକୁ ପୂରଣ କରନ୍ତୁ, ଏହାକୁ ଦୁଇ ଜଣଙ୍କ ମଧ୍ୟରେ କିମ୍ବା ଛୋଟ ଦଳ ମଧ୍ୟରେ ଜଣାନ୍ତୁ ଓ ଏକ ଆରେକ ପାଇଁ ପ୍ରାର୍ଥନା କରନ୍ତୁ ।*

# ଅଧିବେଶନ – ୧୦
# ସୁସମାଚାର ପ୍ରଚାରକର ପ୍ରତିବଦ୍ଧତା

**ବାଇବଲ ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ମାଧ୍ୟମରେ ଆମର ବିଦ୍ରୋହରୁ ଫେରି ଈଶ୍ୱରଙ୍କ ସହିତ ସଂପର୍କ ମଧ୍ୟକୁ ଆସିବା ପାଇଁ ଈଶ୍ୱରଙ୍କର ନିମନ୍ତ୍ରଣ ସମ୍ବନ୍ଧୀୟ ପରି ପ୍ରକାଶ ଅଟେ । ଆମେ ସୁସମାଚାରକୁ କେବଳ ବର୍ଣ୍ଣନା କରି ଉପସ୍ଥାପନ କରି ନ ଥାଉ, ମାତ୍ର ଲୋକମାନେ ଯାହା ଶୁଣିଥାନ୍ତି, ତାହା ପ୍ରତି ପ୍ରତିକ୍ରିୟା ଦେଖାଇ ତଦନୁସାରେ କାର୍ଯ୍ୟ କରିବା ପାଇଁ ସେମାନଙ୍କୁ ସାହସର ସହିତ ଆହ୍ୱାନ କରୁଥାଉ – ଏ ବିଷୟରେ ଆମେ କିପରି ସୁନିଶ୍ଚିତ ହେବା ?**

## ଗୋଟିଏ ବାକ୍ୟରେ ଅଧିବେଶନ

ଜଣେ ପ୍ରଚାରକ ସୁସମାଚାରର ସଂପୂର୍ଣ୍ଣ ବାର୍ତ୍ତା ଘୋଷଣା କରିବା ପ୍ରତି ସମର୍ପିତ ଅଟେ – ଓ ଏହା ମଧ୍ୟରେ ଶ୍ରୋତାମାନଙ୍କୁ ସେମାନଙ୍କ ଦିଗ ପରିବର୍ତ୍ତନ କରିବା ପାଇଁ ଓ ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ମାଧ୍ୟମରେ ପ୍ରକୃତ ଜୀବନର ଅନୁଭୂତି ପାଇବା ପାଇଁ ଆମନ୍ତ୍ରଣ ରହିଥାଏ ।

## ଅଧିବେଶନର ପୃଷ୍ଠଭୂମି

ଜଣେ 'ବର'ଙ୍କର ବିବାହ ଦିନରେ ତାଙ୍କୁ ମଣ୍ଡଳୀ ସମ୍ମୁଖରେ ଠିଆ ହୋଇଥିବାର କଳ୍ପନା କରନ୍ତୁ । ସେ ନିଜ ବଧୂଙ୍କର ପ୍ରବେଶକୁ ଅପେକ୍ଷା କରି ସୁନ୍ଦର ଭାବରେ ସଜ୍ଜିତ ହୋଇଥିବା ଗୃହ, ବନ୍ଧୁ ଓ ପରିବାରରେ ପରିପୂର୍ଣ୍ଣ ପରିବେଶକୁ ଦୃଷ୍ଟିପାତ କରୁଥାନ୍ତି । ତାଙ୍କ ସ୍ୱପ୍ନର ଯୁବତୀ ଯେ କୌଣସି ମୁହୂର୍ତ୍ତରେ ପହଞ୍ଚିବାକୁ ଯାଉଛନ୍ତି । ଦଶମିନିଟ୍ ବିତିଯାଇଛି, ତଥାପି ବଧୂ ଆସି ନାହାନ୍ତି । ସେ ମନେ ମନେ ଭାବନ୍ତି, ''ବଧୂମାନଙ୍କର ବିଳମ୍ବ ଆଗମନ ଗୋଟିଏ ପ୍ରଥା ଅଟେ ।'' କୋଡ଼ିଏ ମିନିଟ ବିତିଯାଇଛି, ତଥାପି ବଧୂଙ୍କ ଆଗମନର କୌଣସି ଚିହ୍ନ ନାହିଁ । ସେ ଶଙ୍କିତ ମନରେ ହସନ୍ତି । ତିରିଶ ମିନିଟ ବିତି ଯାଇଛି, ତଥାପି ବଧୂ ଆସି ନାହାନ୍ତି କିମ୍ୱା ତାଙ୍କର କାହିଁକି ବିଳମ୍ବ ହେଉଛି, ସେ ବିଷୟରେ କିଛି ସମ୍ବାଦ ମିଳି ନାହିଁ । ବର୍ତ୍ତମାନ ସମବେତ ଜନତାଙ୍କର ମୃଦୁ କଥାବାର୍ତ୍ତା ଧୀରେ ଧୀରେ ବୃଦ୍ଧି ପାଇବା ସମୟରେ, ସେ ସାମାନ୍ୟ ଭୟଭୀତ ହୋଇଛନ୍ତି । ଏହାପରେ ୪୫ ମିନିଟ୍, ଗୋଟିଏ ଘଣ୍ଟା ବିତିଯାଇଛି, ତଥାପି ବଧୂ ଆସି ନାହାନ୍ତି । ଅତିଥିମାନଙ୍କର ମୃଦୁ କଥାବାର୍ତ୍ତା ବର୍ତ୍ତମାନ ଅତି ଉଚ୍ଚ ହୋଇଯାଇଛି । ''କ'ଣ ଘଟୁଛି ? ସେ ଜାଣିଶୁଣି ବିଳମ୍ବ କରୁଛନ୍ତି କିମ୍ୱା ସେ କୌଣସି ଅଭାବନୀୟ କାର୍ଯ୍ୟ କରି ଆଦୌ ଆସିବେ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି ?

ବର ନିଜ ମନରେ, ସେ ନ ଆସିବାର ସମସ୍ତ ସାମ୍ଭାବ୍ୟ କାରଣ ଭାବିବା ଆରମ୍ଭ କରିଛନ୍ତି ଓ ଏହାପରେ ହଠାତ୍ ସେ ଏହି ଉପଲବ୍ଧି ଦ୍ୱାରା ଆଘାତ ପାଇଛନ୍ତି ଯେ ସେ ପ୍ରକୃତରେ ତାଙ୍କର ବଧୂଙ୍କୁ କେବେ ହେଲେ ବିବାହ କରିବା ପାଇଁ କହିନାହାନ୍ତି ।

ଯଦି ଆପଣ କୌଣସି ଜଣେ ବ୍ୟକ୍ତିର ପ୍ରତିକ୍ରିୟା ପାଇଁ ଏକ ସୁଯୋଗ ପାଇଛନ୍ତି, ତେବେ ଆମନ୍ତ୍ରଣ ଅପରିହାର୍ଯ୍ୟ ଅଟେ । ଯୀଶୁଙ୍କର ସୁସମାଚାର ବାର୍ତ୍ତାର ସଂକ୍ଷିପ୍ତ ଅନୁବାଦକୁ ମାର୍କ ନିମ୍ନ ପ୍ରକାରେ ଲିପିବଦ୍ଧ କରିଛନ୍ତି : ''କାଳ ସଂପୂର୍ଣ୍ଣ ହେଲାଣି, ଈଶ୍ୱରଙ୍କ ରାଜ୍ୟ ସନ୍ନିକଟ, ମନ ପରିବର୍ତ୍ତନ କର ଓ ସୁସମାଚାରରେ ବିଶ୍ୱାସ କର'' (ମାର୍କ ୧:୧୫) ।

''ମନ ପରିବର୍ତ୍ତନ କର'' – ଏହି ପଦଟି କିଛି ସମସ୍ୟା ସୃଷ୍ଟି କରିପାରେ – ମୁଖ୍ୟତଃ, ଏହାର ବାସ୍ତବ ଅର୍ଥ କ'ଣ, ତାହା ଅନେକ ଲୋକ ଯେ ଜାଣି ନାହାନ୍ତି – ଏହି କାରଣରୁ ନୁହେଁ । ମାତ୍ର ଏହା ପ୍ରାୟତଃ ସୁସମାଚାର ପ୍ରଚାର ପ୍ରତି ଏକ ''ଫେର କିମ୍ୱା ଦଗ୍ଧୀଭୂତ ହୁଅ'' ପନ୍ଥା ସହିତ ସଂପୃକ୍ତ ହୋଇଥିବାରୁ, ଏହାକୁ ଶୁଣୁଥିବା ଅନେକ ଲୋକଙ୍କ ପାଇଁ ଏହା ଏକ ଦଣ୍ଡର ଘୋଷଣା ବୋଲି ମନେହୁଏ । ''ମନ ପରିବର୍ତ୍ତନ କର'', ଆଜି ଅନେକ ଲୋକଙ୍କ ପାଇଁ ଏକ ''ସୁସମ୍ବାଦ'' ଭଳି ମନେ ହୁଏ ନାହିଁ ।

ମାତ୍ର ଯେତେବେଳେ ଆମେ ଏହାକୁ ଯଥାର୍ଥ ଭାବରେ ବୁଝିବା, ସେତେବେଳେ ''ମନପରିବର୍ତ୍ତନ'' (ଅନୁତାପ) ଶବ୍ଦଟିରେ ସୁସମାଚାରର ସତ୍ୟ ସମ୍ବନ୍ଧରେ ଏକ ଆଶ୍ଚର୍ଯ୍ୟଜନକ ପରିପ୍ରକାଶ ରହିଥିବାର ଦେଖିବା । ଏହାର ଆକ୍ଷରିକ ଅର୍ଥ ହେଉଛି, ମନର ଏକ ପରିବର୍ତ୍ତନ, ଆପଣଙ୍କ ଜୀବନର ଗତିପଥର ପରିବର୍ତ୍ତନ । ଯୀଶୁ କହୁଛନ୍ତି, ''ତୁମେ ଭୁଲ୍ ଦିଗରେ ଯାଉଛ, ମାତ୍ର ମୋ' ସକାଶେ ତୁମେ ସଠିକ୍ ମାର୍ଗରେ ପିତାଙ୍କ ନିକଟକୁ ଯାଉଥିବା ସତ୍ୟମାର୍ଗରେ ଯାଇପାରିବ ।'' ଅନୁତାପ ବାସ୍ତବରେ ସୁନ୍ଦର ସୁ ସମ୍ବାଦ ଅଟେ, କାରଣ ଏହା ଯେ କୌଣସି ବ୍ୟକ୍ତିକୁ ମୃତ୍ୟୁ ପରିବର୍ତ୍ତେ ଜୀବନକୁ ଜାଣିବା ପାଇଁ ଏକ ସୁଯୋଗ ପ୍ରଦାନ କରେ ।  ଆମେ ଈଶ୍ୱରଙ୍କ ବିରୁଦ୍ଧରେ ଆମର ବିଦ୍ରୋହ ଦ୍ୱାରା ନିଜ ନିଜ ଉପରକୁ ଦଣ୍ଡ ଆଣିଅଛୁ ଓ ଅନୁତାପ ଏହି ବିଷୟରେ ଆମକୁ ସତର୍କ କରିବା ପାଇଁ ଏକ ସତର୍କ ଘଣ୍ଟି ଓ ତତ୍ ସଙ୍ଗେ ସଙ୍ଗେ ଯୀଶୁଙ୍କ ସମ୍ବନ୍ଧୀୟ ଭରସା ଆବିଷ୍କାର କରିବା ପାଇଁ ଏକ ଆମନ୍ତ୍ରଣ ଅଟେ ।

ୱାଲ୍ଟର ଏ. ଏଲ୍‌ୱେଲ୍ ଓ ବ୍ୟାରୀ ଜେ. ବିଟ୍‌ଜେଲ୍‌ଙ୍କ ମତରେ, ଅନୁତାପ (ପରିବର୍ତ୍ତନ)ରେ ତିନୋଟି ବିଷୟ ରହିଛି :

- ପ୍ରଥମରେ, ଏହା ନିର୍ଦ୍ଦିଷ୍ଟ ପାପ, ମିଥ୍ୟା ଦେବତା, କିମ୍ୱା କେବଳ ନିଜ ପାଇଁ ବଞ୍ଚିବାର ଏକ ଜୀବନ ଭଳି କିଛି ବିଷୟରୁ ଏକ ପ୍ରତ୍ୟାବର୍ତ୍ତନ ଅଟେ (୧ ଥେସଲନୀକୀୟ ୧:୯, ପ୍ରକାଶିତ ୯:୨୦,୨୧ ଓ ୧୬:୧୧) । ଦ୍ୱିତୀୟରେ, ପରିବର୍ତ୍ତନ ଈଶ୍ୱରଙ୍କ

ଇଚ୍ଛା ଓ ଜଗତରେ ତାଙ୍କର ଅନୁଗ୍ରହପୂର୍ଣ୍ଣ କାର୍ଯ୍ୟର ଏକ ଫଳ ଅଟେ (ପ୍ରେରିତ ୧୧:୧୮, ରୋମୀୟ ୨:୪, ୨ କରିନ୍ଥୀୟ ୭:୧୦, ୨ ତୀମଥି ୨:୨୫, ୨ ପିତର ୩:୯) । ତୃତୀୟରେ, ପରିବର୍ତ୍ତନ କୌଣସି ଜଣେ ବ୍ୟକ୍ତିଙ୍କ ପ୍ରତି ପ୍ରତ୍ୟାବର୍ତ୍ତନ, ଯୀଶୁ ଖ୍ରୀଷ୍ଟଙ୍କଠାରେ ଈଶ୍ୱରଙ୍କ ପ୍ରତି ନିଜର ସମଗ୍ର ଜୀବନର ଏକ ସମର୍ପଣ ଅଟେ (ପ୍ରେରିତ ୧୪:୧୫, ୧ ଥେସଲନୀକୀୟ ୧:୯, ୧ ପିତର ୨:୨୫) । ଏହିପରି ଭାବରେ, ଏହା ଆକର୍ଷଣୀୟ ହେଉ କିମ୍ବା ଅନାକର୍ଷଣୀୟ ହେଉ, ଆକସ୍ମିକ ହେଉ କିମ୍ବା ଧୀର ହେଉ, ଆବେଗ ପୂର୍ଣ୍ଣ ହେଉ କିମ୍ବା ଶାନ୍ତ ହେଉ – ଏହା ଏପରି ଏକ ସଂପୂର୍ଣ୍ଣ ନୂତନ ଦିଗ୍‌ଦର୍ଶନ ଅଟେ, ଯେଉଁଥିରେ ଜଣେ ବ୍ୟକ୍ତି ଈଶ୍ୱରଙ୍କୁ ନିଜର ସଂପୂର୍ଣ୍ଣ ଆନୁଗତ୍ୟ ପ୍ରଦାନ କରେ ।

ସୁସମାଚାରର ପ୍ରଥମ ପ୍ରଚାରକମାନେ ଯୀଶୁଙ୍କ ଭଳି ସେମାନଙ୍କ ବାର୍ତ୍ତା ପ୍ରତି ପ୍ରତିକ୍ରିୟା ଦେଖାଇବା ନିମନ୍ତେ ସେମାନଙ୍କ ଶ୍ରୋତାମାନଙ୍କୁ ଗୋଟିଏ ସୁଯୋଗ ଦେଉଥିଲେ । ଯୀଶୁଙ୍କ କାହାଣୀ ସମ୍ବନ୍ଧୀୟ ପ୍ରଚାରର ଶୀର୍ଷରେ ଅନୁତାପ ପାଇଁ ନିବେଦନ ରହୁଥିଲା (ପ୍ରେରିତ ୨:୩୭-୩୯, ୩:୨୫-୨୬, ୪:୧୨, ୫:୩୧, ୧୦:୪୩) ।

ସୁସମାଚାର ଈଶ୍ୱରଙ୍କଠାରୁ ପଳାୟନ ବନ୍ଦ କରିବା ପାଇଁ ମନୁଷ୍ୟ ଜାତିକୁ ଆମନ୍ତ୍ରଣ ଜଣାଏ । ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ମାଧ୍ୟମରେ ଆମେ ପଛକୁ ଫେରି ଈଶ୍ୱରଙ୍କର ସମ୍ମୁଖୀନ ହୋଇପାରିବା ଓ ସେହିପରି କରିବା ସମୟରେ, ଆମେ ଆମର ମନକୁ ''ଈଶ୍ୱର କିଏ'' ଏ ସମ୍ବନ୍ଧୀୟ ସତ୍ୟ ଦ୍ୱାରା ପରିବର୍ତ୍ତିତ ହେବା ପାଇଁ ଅନୁମତି ଦେଇପାରିବା ଓ ତାଙ୍କ ଆତ୍ମାଙ୍କ ଶକ୍ତି ଦ୍ୱାରା ଆମ ଜୀବନ ପରିବର୍ତ୍ତିତ ହେଉଥିବାର ଦେଖିପାରିବା ।

# ଅଧିବେଶନ ସହାୟକ ସୂଚନା

## ନିକଟବର୍ତ୍ତୀ ହେବା (୧୦–୨୦ ମିନିଟ୍)

*ଏହି ସମୟରେ କାହାଣୀ, ଉତ୍ସାହପ୍ରଦ ଘଟଣା, ସୁଯୋଗଗୁଡ଼ିକ ବିଷୟରେ ମତାମତ ଓ ଦଳକୁ ଉତ୍ସାହିତ କରୁଥିବା ଯେ କୌଣସି ବିଷୟ ଜଣାଇ ଏକ ଆରେକର ନିକଟବର୍ତ୍ତୀ ହୁଅନ୍ତୁ । ପୂର୍ବ ଅଧିବେଶନର ଆଲୋକରେ ଆପଣ ସମ୍ମୁଖୀନ ହୋଇଥିବା ଅଧିକ ସୁଯୋଗଗୁଡ଼ିକ ବିଷୟରେ ଜଣାନ୍ତୁ ।*

## ପ୍ରାର୍ଥନା

*ପ୍ରଭୁଙ୍କୁ ସମୟ ଦିଅନ୍ତୁ ଓ ଆପଣ ଗତ କିଛି ସପ୍ତାହ ମଧ୍ୟରେ ସୁସମାଚାର ପ୍ରଚାର କରିବା ପାଇଁ ପାଇଥିବା ସୁଯୋଗଗୁଡ଼ିକ ନିମନ୍ତେ ତାଙ୍କୁ ଧନ୍ୟବାଦ ଦିଅନ୍ତୁ । ସେହି ସୁଯୋଗଗୁଡ଼ିକ ମାଧ୍ୟମରେ ଯେଉଁମାନେ ଯୀଶୁଙ୍କଠାରେ ବିଶ୍ୱାସ କରିଛନ୍ତି, ସେମାନଙ୍କ ପାଇଁ ପ୍ରାର୍ଥନା କରନ୍ତୁ ।*

## ଶିକ୍ଷାଦାନ (୩୦–୪୦ ମିନିଟ୍)

*ନିମ୍ନଲିଖିତ ଶିକ୍ଷାଦାନର ବିଷୟବସ୍ତୁର ପ୍ରତ୍ୟେକଟି ବାକ୍ୟ ପଢ଼ିବା ଦ୍ୱାରା କିମ୍ବା ଆପଣଙ୍କ ନିଜସ୍ୱ ଉପସ୍ଥାପନା ମଧ୍ୟରେ ଏହାକୁ ପୁନଃ ପ୍ରୟୋଗ କରିବା ଦ୍ୱାରା, ଆପଣଙ୍କ ନିଜସ୍ୱ ମାର୍ଗରେ ଏହାକୁ ସଂପୂର୍ଣ୍ଣ କରନ୍ତୁ ।*

''ଏହି କଥା ଶୁଣି ସେମାନଙ୍କର ହୃଦୟ ବିଦୀର୍ଣ୍ଣ ହୋଇଗଲା, ପୁଣି ସେମାନେ ପିତର ଓ ଅବଶିଷ୍ଟ ପ୍ରେରିତମାନଙ୍କୁ କହିଲେ, ଭାଇମାନେ, ଆମ୍ଭେମାନେ କଅଣ କରିବା ?

ତେଣୁ ପିତର ସେମାନଙ୍କୁ କହିଲେ, ଆପଣମାନେ ମନପରିବର୍ତ୍ତନ କରନ୍ତୁ, ଆଉ ନିଜ ନିଜ ପାପ କ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୁଅନ୍ତୁ, ତାହାହେଲେ ଆପଣମାନେ ପବିତ୍ର ଆତ୍ମାଙ୍କର ଦାନ ପ୍ରାପ୍ତ ହେବେ । କାରଣ ଏହି ପ୍ରତିଜ୍ଞା ଆପଣମାନଙ୍କ ନିମନ୍ତେ, ଆପ୍ମମାନଙ୍କର ସନ୍ତାନ ସନ୍ତତିମାନଙ୍କ ନିମନ୍ତେ, ପୁଣି ଦୂରବର୍ତ୍ତୀ ଯେତେ ଲୋକଙ୍କୁ ପ୍ରଭୁ ଆମ୍ଭମାନଙ୍କର ଈଶ୍ୱର ଆପଣା ନିକଟକୁ ଡାକିବେ, ସେହି ସମସ୍ତଙ୍କ ନିମନ୍ତେ ।''

**ପ୍ରେରିତ ୨ : ୩୭–୩୯**

କ୍ରୁଶ ଭଳି ଆମନ୍ତ୍ରଣ ମଧ୍ୟ ସୁସମାଚାର ବାର୍ତ୍ତାରେ ଏକ ଅଂଶବିଶେଷ ଅଟେ । ପେଣ୍ଟିକଷ୍ଟରେ ପବିତ୍ର ଆତ୍ମାଙ୍କ ଆଗମନର ଅନୁଭୂତି ପାଇ, ପିତର ସମବେତ ଜନତାଙ୍କ ନିକଟରେ ପ୍ରଚାର କରିବା ଆରମ୍ଭ କରିଥିଲେ । ତାଙ୍କ ପ୍ରଚାରରେ କାର୍ଯ୍ୟକାରୀ ଆତ୍ମାଙ୍କ ଶକ୍ତି ମାଧ୍ୟମରେ ଶ୍ରୋତାମାନେ ସୁସମାଚାର ବାର୍ତ୍ତା ଶୁଣୁ ଶୁଣୁ ସେମାନଙ୍କର ''ହୃଦୟ ବିଦୀର୍ଣ୍ଣ ହୋଇଥିଲା ।''

ଏଠାରେ କାହାଣୀଟି ଭିନ୍ନ ମୋଡ଼ ନେଇଥିବାର ବୋଲି ଆପଣ କଳ୍ପନା କରିପାରୁଛନ୍ତି କି ? ଲୋକମାନେ ଯୀଶୁଙ୍କଠାରେ ବିଶ୍ୱାସ କରିବା ପାଇଁ ପ୍ରସ୍ତୁତ ହେବା ମାତ୍ରେ, ପିତର କହିଛନ୍ତି, ''ଧନ୍ୟବାଦ ଓ ଶୁଭରାତ୍ରି ।'' ଏହାପରେ ସେ ନିଜର ବନ୍ଧୁମାନଙ୍କ ସହିତ ଏକ ଉପଯୁକ୍ତ ପ୍ରଚାର ପରବର୍ତ୍ତୀ ଭୋଜନ ପାଇଁ ଚାଲିଯାଇଛନ୍ତି । ଲୋକମାନେ ତାଙ୍କ ବାର୍ତ୍ତା ଦ୍ୱାରା ପ୍ରଭାବିତ ହୋଇଛନ୍ତି, ମାତ୍ର ଏହାକୁ ସେମାନଙ୍କ ଜୀବନ ପ୍ରତି କିପରି ପ୍ରୟୋଗ କରିବେ, ଏହି ବିଷୟରେ ଦ୍ୱନ୍ଦ୍ୱଗ୍ରସ୍ତ ଅଛନ୍ତି । ସେଥିପାଇଁ ସେମାନେ ଉତ୍ତର ଅପେକ୍ଷା ଅଧିକ ପ୍ରଶ୍ନ ନେଇ ସେମାନଙ୍କ ପୁରାତନ ଜୀବନକୁ ଫେରି ଯାଇଛନ୍ତି ଓ ଯେଉଁ ଯୀଶୁଙ୍କ ବିଷୟରେ ପିତର ସେମାନଙ୍କୁ କହିଥିଲେ, ତାଙ୍କଠାରେ ବିଶ୍ୱାସ କରିବା ପାଇଁ ସେମାନେ ସୁଯୋଗ ପାଇ ନାହାନ୍ତି ।

ମାତ୍ର ପ୍ରକୃତରେ ତାହା ଘଟି ନ ଥିଲା । ପିତର ଗୋଟିଏ ପ୍ରତିକ୍ରିୟାକୁ ଆମନ୍ତ୍ରଣ କରିଥିଲେ ଓ ଲୋକମାନଙ୍କୁ ଅନୁତାପ କରିବା ପାଇଁ ଆହ୍ୱାନ କରିଥିଲେ । ସେମାନେ ଯେଉଁ ବାର୍ତ୍ତାକୁ ବୁଝିଥିଲେ ତଦନୁଯାୟୀ କାର୍ଯ୍ୟ କରିବା ପାଇଁ ଓ ସେମାନଙ୍କ ହୃଦୟରେ ଆତ୍ମାଙ୍କର ଆହ୍ୱାନର ଯେଉଁ ଅନୁଭୂତି ପାଇଥିଲେ, ତାହା ପ୍ରତି ପ୍ରତିକ୍ରିୟା ଦେଖାଇବା ପାଇଁ ସେ ସେମାନଙ୍କୁ ଏକ ବାସ୍ତବ ମାର୍ଗ ଜଣାଇଥିଲେ । ସଂପୂର୍ଣ୍ଣ ସୁସମାଚାର ମଧ୍ୟରେ ଅନୁତାପ ପାଇଁ ଏକ ଆମନ୍ତ୍ରଣ ଓ ଲୋକମାନେ ଯାହା ଶୁଣିଛନ୍ତି, ତାହାକୁ କିପରି କାର୍ଯ୍ୟକାରୀ କରିବାକୁ ହେବ, ଏହାର ଏକ ସ୍ପଷ୍ଟୀକରଣ ରହିଥାଏ । ଶିଷ୍ୟମାନେ ସଂପୂର୍ଣ୍ଣ ସୁସମାଚାର ପ୍ରଚାର ପ୍ରତି ସଂପୂର୍ଣ୍ଣ ଭାବେ ସମର୍ପିତ ଥିଲେ ଓ ଆମେ ମଧ୍ୟ ସେହିପରି ସମର୍ପିତ ହେବା ଆବଶ୍ୟକ ।

ଆପଣମାନଙ୍କ ମଧ୍ୟରୁ ଯେଉଁମାନେ ନିୟମିତ ଭାବରେ ଉପଦେଶ କିମ୍ବା ବକ୍ତୃତା ପ୍ରସ୍ତୁତ କରନ୍ତି, ସେମାନେ ପ୍ରତିଦିନର ଜୀବନ ପ୍ରତି ସେମାନଙ୍କର ବାର୍ତ୍ତା ପ୍ରୟୋଗ କରିବା ପାଇଁ କିଛି ଉପାୟକୁ ଅନ୍ତର୍ଭୁକ୍ତ

କରିବା କେତେ ଗୁରୁତ୍ୱପୂର୍ଣ୍ଣ ଅଟେ – ଏହା ଜାଣିବେ । ଯୀଶୁଙ୍କର ଓ ପ୍ରେରିତମାନଙ୍କର ପ୍ରଚାର ପ୍ରୟୋଗରେ ପରିପୂର୍ଣ୍ଣ ଥିଲା । ମାର୍କ ପୁସ୍ତକରେ, ଯୀଶୁଙ୍କର ପ୍ରଥମ ସୁସମାଚାର ଉପସ୍ଥାପନା – ''ସ୍ୱର୍ଗରାଜ୍ୟ ସନ୍ନିକଟ ଥିବାରୁ ଅନୁତାପ କରିବା ପାଇଁ ଏକ ଆହ୍ୱାନ କେବଳ ପ୍ରଚାରର ପ୍ରୟୋଗ ଅଟେ : ସେ କହୁଛନ୍ତି, ''ତୁମ୍ଭେମାନେ ଭୁଲ୍ ମାର୍ଗରେ ଯାଉଅଛ, ତୁମ୍ଭେ ଫେରିଆସ ଓ ଏକ ପରିବର୍ତ୍ତନର ଅନୁଭୂତି ଲାଭ କର ।''

ସମଗ୍ର ସୁସମାଚାରରେ, ଯୀଶୁ ବାରମ୍ବାର ଗୋଟିଏ ନିମନ୍ତ୍ରଣ ଜଣାଇଛନ୍ତି : ''ହେ ପରିଶ୍ରାନ୍ତ ... ଲୋକ ସମସ୍ତେ, ମୋ' ନିକଟକୁ ଆସ...'' (ମାଥିଉ ୧୧:୨୮), ''ଆସ, ଦେଖିବ'' (ଯୋହନ ୧:୩୯), ''ମୋହର ଅନୁଗମନ କର'' (ମାଥିଉ ୪:୧୯), ''କେହି ଯଦି ତୃଷିତ ହୁଏ, ତେବେ ସେ ମୋ' ନିକଟକୁ ଆସି ପାନ କରୁ'' (ଯୋହନ ୭:୩୭), ''ଆସି ଭୋଜନ କର'' (ଯୋହନ ୨୧:୧୨) ।

ଏହି ନିମନ୍ତ୍ରଣଗୁଡ଼ିକ ସ୍ୱେଚ୍ଛାଚାରୀ କିମ୍ବା ନଗଣ୍ୟ ନୁହେଁ, ସେଗୁଡ଼ିକ ଜଗତ ନିକଟରେ ଯୀଶୁଙ୍କର ପରିଚୟ ପ୍ରକାଶ କରନ୍ତି ଓ ସେଗୁଡ଼ିକୁ ଗ୍ରହଣ କିମ୍ବା ଅଗ୍ରାହ୍ୟ କରାଯିବା ସମୟରେ, ସେଗୁଡ଼ିକରେ ବାସ୍ତବ ପରିଣତି ରହିଥାଏ । ଗୋଟିଏ ନିୟନ୍ତ୍ରଣର ବ୍ୟାଖ୍ୟାକାରୀ ବିଷୟ ହେଉଛି – ଏହା ଏକ ପ୍ରତିକ୍ରିୟା ଦାବୀ କରେ । କେବଳ ବସି ରହିବାର ଅର୍ଥ ମଧ୍ୟ ନିମନ୍ତ୍ରଣକୁ ଅଗ୍ରାହ୍ୟ କରିବା, କାରଣ କେବଳ ''ହଁ'', ନିମନ୍ତ୍ରଣକୁ ସ୍ୱୀକାର ଓ ଏହାର ପରବର୍ତ୍ତୀ ଆଶୀର୍ବାଦ ଆଣେ ।

ପ୍ରଶ୍ନ : ନିମନ୍ତ୍ରଣର ନିମ୍ନଲିଖିତ ତିନୋଟି ବାଇବଲ ଉଲ୍ଲିଖିତ ଦୃଷ୍ଟାନ୍ତକୁ ଦେଖନ୍ତୁ ଓ ଦଳଗତ ଭାବରେ ସେଗୁଡ଼ିକୁ ଆଲୋଚନା କରନ୍ତୁ ।

### ଶିଷ୍ୟମାନଙ୍କ ପ୍ରତି ଆହ୍ୱାନ (ମାର୍କ ୧:୧୭)

*ଯୀଶୁଙ୍କ ଆହ୍ୱାନ ବ୍ୟକ୍ତିଗତ ଅଟେ ।*

### ଧନୀ ଯୁବକଙ୍କୁ ଆହ୍ୱାନ (ମାଥିଉ ୧୯:୧୬-୨୨)

*ଯୀଶୁଙ୍କର ଆହ୍ୱାନ ଅତି ମୂଲ୍ୟବାନ୍ ଅଟେ ।*

### ମୃତମାନଙ୍କୁ ଆହ୍ୱାନ (ଯୋହନ ୧୧:୪୩)

*ଯୀଶୁଙ୍କ ଆହ୍ୱାନ ଶକ୍ତିଶାଳୀ ଅଟେ ।*

ସୁସମାଚାର ପ୍ରତି ପ୍ରତିକ୍ରିୟା ଦେଖାଇବାର ସୁଯୋଗ ଆମ ପ୍ରଚାରର ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ବିଷୟ ଅଟେ । ବିଶ୍ୱାସଯୋଗ୍ୟ ଭାବରେ ସୁସମାଚାର ଘୋଷଣା କରିବା ପାଇଁ, ଆମକୁ ସର୍ବଦା ଯୀଶୁଙ୍କୁ ପ୍ରଭୁ ଓ ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରିବା ପାଇଁ ଏକ ନିମନ୍ତ୍ରଣ ଜଣାଇବାକୁ ହେବ ।

ଏହା ଜଟିଳ ହୋଇପାରେ ଓ ଗୋଟିଏ ପ୍ରତିକ୍ରିୟାକୁ ଆମନ୍ତ୍ରଣ କରିବା ପାଇଁ କେତେକ ସୁସମାଚାର ସୁଯୋଗ ଅନ୍ୟ ସୁଯୋଗ ଗୁଡ଼ିକ ଅପେକ୍ଷା ଉତ୍ତମତର ବୋଲି ମନେ ହୋଇପାରେ । ତେବେ ଆମେ ନିଜ ନିଜକୁ ଯେଉଁ ପରିସର ଓ ପରିସ୍ଥିତି ମଧ୍ୟରେ ଆବିଷ୍କାର କଲେ ମଧ୍ୟ, ଆମେ ଆମ ସୁସମାଚାର ପ୍ରଚାରରେ କିପରି ବିଶ୍ୱସ୍ତ ଭାବରେ ଏକ ପ୍ରତିକ୍ରିୟାକୁ ''ଆମନ୍ତ୍ରଣ'' କରିପାରିବା ? ଗୋଟିଏ ମଞ୍ଚ ଉପରୁ ହେଉ କିମ୍ବା ଗୋଟିଏ ବ୍ୟକ୍ତିଗତ ଆଲୋଚନା ମଧ୍ୟରେ ହେଉ, ଆମେ ଲୋକମାନଙ୍କୁ କେବଳ ରବିବାର ଉପାସନାରେ ସେମାନେ ଯୋଗ ଦେବେ କି ନାହିଁ ବୋଲି ପଚାରିବା ନାହିଁ (ଯଦିଓ ଯଥା ସମ୍ଭବ ଉପାୟରେ ଏହା କରନ୍ତୁ), ମାତ୍ର ସେମାନଙ୍କୁ ଈଶ୍ୱରଙ୍କ ରାଜ୍ୟ ମଧ୍ୟକୁ ଆସିବା ପାଇଁ ମଧ୍ୟ ନିମନ୍ତ୍ରଣ ଜଣାଇବା ଉଚିତ୍ । ଆମେ ଧର୍ମଶାସ୍ତ୍ରରେ ଏହି କାର୍ଯ୍ୟ ପାଇଁ ପ୍ରତ୍ୟେକଟି ପଦକ୍ଷେପକୁ ପାଇ ନ ଥାଉ, ମାତ୍ର ଏହି ନିୟମଗୁଡ଼ିକ ଆମର ଆରମ୍ଭ ପାଇଁ ଏକ ଉତ୍ତମ ସ୍ଥାନ ପ୍ରଦାନ କରେ ।

### ପ୍ରତ୍ୟକ୍ଷ ପ୍ରଶ୍ନ ପଚାରନ୍ତୁ

ଆପଣଙ୍କ ପ୍ରଶ୍ନଗୁଡ଼ିକୁ ପ୍ରତ୍ୟକ୍ଷ ଓ ସଂକ୍ଷିପ୍ତ ରଖନ୍ତୁ । ଉଦାହରଣ ସ୍ୱରୂପ, ଯୀଶୁ କିଏ ଓ ତାଙ୍କୁ ଅନୁସରଣ କରିବାର ଅର୍ଥ କ'ଣ ଏହା ବୁଝାଇବା ପରେ, କେବଳ ପଚାରନ୍ତୁ, ''ଆଜି ଆପଣ ଯୀଶୁ ଖ୍ରୀଷ୍ଟଙ୍କଠାରେ ନିଜର ବିଶ୍ୱାସ ସ୍ଥାପନ କରି ଓ ତାଙ୍କ ସହିତ ସଂପର୍କ ରଖି ଆପଣଙ୍କ ଜୀବନକୁ ଆରମ୍ଭ କରିବାକୁ ଚାହୁଁଛନ୍ତି କି ?

ଯଦି ଆପଣ ଆପଣଙ୍କ ଶ୍ରୋତାମାନଙ୍କ ସହିତ ସଂପୃକ୍ତ କୌଣସି ଦୃଷ୍ଟାନ୍ତ କିମ୍ବା କାହାଣୀ ବ୍ୟବହାର କରିବେ, ତେବେ ଏହାକୁ ଏକ କେନ୍ଦ୍ରସ୍ଥ ବିଷୟ ଭାବରେ ବ୍ୟବହାର କରନ୍ତୁ । ଉଦାହରଣ ସ୍ୱରୂପ, ଯଦି ଆପଣ ଅପବ୍ୟୟୀ ପୁତ୍ର ସମ୍ବନ୍ଧୀୟ କାହାଣୀ କହୁଛନ୍ତି, ତେବେ କହନ୍ତୁ : ''ଈଶ୍ୱର ଆଜି ଆପଣମାନଙ୍କୁ ଗୃହକୁ ଡାକୁଛନ୍ତି, ଆପଣମାନେ ସେହି ଅପବ୍ୟୟୀ ପୁତ୍ର ଭଳି ପିତାଙ୍କର ଆଲିଙ୍ଗନ ମଧ୍ୟକୁ ଆସିବାକୁ ଇଚ୍ଛା କରୁଛନ୍ତି କି ?'' ଶ୍ରୋତା ଯୀଶୁଙ୍କୁ 'ହଁ' କହିବା ପାଇଁ ଉନ୍ମୁକ୍ତ କି ନାହିଁ, ତାହା ଦେଖିବାରେ ଏହି ପ୍ରଶ୍ନ ଆପଣଙ୍କୁ ସାହାଯ୍ୟ କରେ । ଏହାପରେ, ଆପଣ ସେମାନଙ୍କ ପ୍ରତିକ୍ରିୟାକୁ ଅଧିକ ସ୍ପଷ୍ଟ କରିପାରିବେ, ମାତ୍ର ଆପଣଙ୍କର ପ୍ରାରମ୍ଭିକ ପ୍ରଶ୍ନ ପ୍ରତ୍ୟକ୍ଷ, ସରଳ ଓ ଆପଣ କହି ସାରିଥିବା ବାର୍ତ୍ତା ସହିତ ସୁସଂଯୁକ୍ତ ହେବା ଉଚିତ୍ ।

### ଆବଶ୍ୟକୀୟ ସମୟ ନିଅନ୍ତୁ

ଲୋକମାନଙ୍କୁ କହିବା ସମୟରେ, ଲୋକମାନଙ୍କ ହୃଦୟକୁ ଆତ୍ମା ଯେପର୍ଯ୍ୟନ୍ତ ସ୍ପର୍ଶ କରି ନାହାନ୍ତି, ବୋଲି ଆପଣ ଅନୁଭବ କରୁଛନ୍ତି, ସେପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ । ଏଥିପାଇଁ କେତେ ସମୟ ଲାଗେ (କିମ୍ବା ଏହା କେତେ ଅସୁବିଧାଜନକ ମନେହୁଏ), ତାହା ବହୁ ପରିମାଣରେ ଅପ୍ରାସଙ୍ଗିକ ଅଟେ । ଯାହା କୁହାଯାଇଛି, ତାହାକୁ ବିଚାର କରିବା ପାଇଁ ଲୋକମାନଙ୍କ ପାଖରେ ସମୟ ରହିବା ଓ ଈଶ୍ୱର ଯାହା କରିବାକୁ ଚାହାଁନ୍ତି, ତାହା କରିବା ପାଇଁ ଈଶ୍ୱରଙ୍କୁ ସମୟ ଦେବା ଗୁରୁତ୍ୱପୂର୍ଣ୍ଣ ଅଟେ । ଜଣେ ଲେଖାଏଁ ବ୍ୟକ୍ତିଙ୍କ ସହିତ ଆଲୋଚନା ସମୟରେ, ବ୍ୟକ୍ତିଜଣଙ୍କ ଭାବିବା ପାଇଁ ସମୟ ଓ ବ୍ୟବଧାନ ଆବଶ୍ୟକ କରିପାରେ ଓ ସେଥିପାଇଁ ଆପଣ ଏହାକୁ ଜାଣିବା ନିମନ୍ତେ ପୁଣିଥରେ ଅନ୍ୟ ଏକ ସମୟରେ ସାକ୍ଷାତ୍ କରିବାର ବ୍ୟବସ୍ଥା କରିପାରିବେ ।

### ପ୍ରତ୍ୟାଶାକୁ ସ୍ପଷ୍ଟ କରନ୍ତୁ

ଯଦି ଜଣେ ବ୍ୟକ୍ତି 'ହଁ' କହିବେ, ତେବେ କ'ଣ ଘଟିବ ଓ କେଉଁ ବିଷୟ ପାଇଁ ତାଙ୍କୁ ନିମନ୍ତ୍ରଣ କରାଯିବ, ତାହା ବୁଝାନ୍ତୁ । ଉଦାହରଣ ସ୍ୱରୂପ, ଏହା ବୁଝାନ୍ତୁ ଯେ ଆପଣମାନେ ଏକତ୍ର ପ୍ରାର୍ଥନା କରିବେ, ହୁଏତ ଆପଣ ସେମାନଙ୍କୁ ବାଇବଲ ଓ ପଠନ ଯୋଜନା ଦେବେ ଓ ଆପଣ ସେମାନଙ୍କୁ ଆପଣଙ୍କର ଅନ୍ୟ କୌଣସି ମଣ୍ଡଳୀ କିମ୍ବା ଉତ୍ସାହ ଦାୟକ ଶିଷ୍ୟତ୍ୱ ଦଳ ସହିତ ସଂଯୁକ୍ତ କରିବେ । ସେମାନଙ୍କର ଜୀବନ ତତ୍କ୍ଷଣାତ୍ ପରିବର୍ତ୍ତିତ ହୋଇ ନ ପାରେ, ମାତ୍ର ଦୈନିକ ଯୀଶୁଙ୍କର ଉପାସନା ମାଧ୍ୟମରେ, ସେ ପ୍ରଦାନ କରିଥିବା ଜୀବନର ସଂପୂର୍ଣ୍ଣତା ଧୀରେ ଧୀରେ ଦୃଷ୍ଟିଗୋଚର ହେବ ବୋଲି ସେମାନଙ୍କୁ ସ୍ପଷ୍ଟ ଭାବରେ ବୁଝାନ୍ତୁ । ପରବର୍ତ୍ତୀ ପଦକ୍ଷେପ ସମ୍ବନ୍ଧରେ ଓ ଯୀଶୁଙ୍କ ପ୍ରତି ଆମର ପ୍ରଥମ ପ୍ରତିକ୍ରିୟା ପରେ ଆସୁଥିବା ଶିଷ୍ୟତ୍ୱ ଜୀବନର ଆତ୍ମିକ ବାସ୍ତବତା ସମ୍ବନ୍ଧରେ ବୁଝାନ୍ତୁ ।

**ନିମନ୍ତ୍ରଣକୁ ଗ୍ରହଣ କଲେ ଆନନ୍ଦ କରନ୍ତୁ, ଅସ୍ୱୀକାର କଲେ ଉଦାର ହୁଅନ୍ତୁ**

ଯଦି ଲୋକମାନେ ନିମନ୍ତ୍ରଣକୁ ଗ୍ରହଣ କରିବା ପାଇଁ ଇଚ୍ଛା କରୁଛନ୍ତି ବୋଲି ସୂଚନା ଦିଅନ୍ତି, ତେବେ ଏହାକୁ ସମର୍ଥନ କରି ଆନନ୍ଦିତ ହୁଅନ୍ତି । ଯଦି ଆପଣ ସୁସମାଚାର ପ୍ରଚାର କରିବା ପୂର୍ବରୁ କୌଣସି ପ୍ରତିକ୍ରିୟା ପାଉଛନ୍ତି ଓ ଆପଣ ସେଥିପାଇଁ ବାସ୍ତବରେ ଆନନ୍ଦିତ ନୁହଁନ୍ତି, ତେବେ ଆନନ୍ଦିତ ହେବାର ଛଳନା କରନ୍ତୁ ନାହିଁ । ସେହିପରି, ଯଦି ଜଣେ ବ୍ୟକ୍ତି ଉପଯୁକ୍ତ ଭାବେ କିମ୍ୱା ସିଧାସଳଖ 'ନା' ବୋଲି କହେ, ତେବେ ଉଦାର ଓ ନମ୍ର ହୁଅନ୍ତୁ । ଯେଉଁ ବ୍ୟକ୍ତି ନିମନ୍ତ୍ରଣକୁ ଅସ୍ୱୀକାର କରେ, ତେବେ ଅନ୍ୟ କୌଣସି ସମୟରେ, ଈଶ୍ୱର ଯଦି ନିଜକୁ ତା' ନିକଟରେ ପ୍ରକାଶ କରିବେ, ତେବେ ସେ ଏହାକୁ ଗ୍ରହଣ କରିପାରିବେ ବୋଲି ଉଦାର ଭାବରେ ଅନ୍ୟ ଏକ ଆମନ୍ତ୍ରଣ ସହିତ ତାକୁ ଛାଡ଼ି ଦିଅନ୍ତୁ, ଯଦି ସମ୍ଭବ ହୁଏ, ତେବେ ତାକୁ କିଛି ଯୋଗାଯୋଗର ଉପାୟ ଜଣାନ୍ତୁ, ଯଦ୍ୱାରା ତା' ପ୍ରତି ଏପରି ଘଟିଲେ, ସେ ଆପଣଙ୍କ ସହିତ କିମ୍ୱା ସ୍ଥାନୀୟ ମଣ୍ଡଳୀ ସହିତ ଯୋଗାଯୋଗ କରିପାରିବ ।

ଲୋକମାନେ ଗୋଟିଏ ଅତି ସାଧାରଣ କାରଣ ଯୋଗୁ ସୁସମାଚାର ବାର୍ତ୍ତା ପ୍ରତି ପ୍ରତିକ୍ରିୟା ଦେଖାନ୍ତି ନାହିଁ ଓ ତା' ହେଉଛି କେହି ସେମାନଙ୍କୁ ତାହା କରିବା ପାଇଁ କହେ ନାହିଁ । ଯେଉଁ ଅତି ସାଧାରଣ କାରଣରୁ ସୁସମାଚାର ପ୍ରଚାରକମାନେ ଗୋଟିଏ ପ୍ରତିକ୍ରିୟା ମାଗନ୍ତି ନାହିଁ, ତା' ହେଉଛି – କେହି ପ୍ରତିକ୍ରିୟା ଦେଖାଇବେ ନାହିଁ ଓ ସେମାନେ (କିମ୍ୱା ସୁସମାଚାର) ମୂର୍ଖ ଭଳି ମନେହେବେ ବୋଲି ଭୟ କରିବା । ମାତ୍ର ପରିତ୍ରାଣର ଶକ୍ତି ଆପଣଙ୍କଠାରେ ନାହିଁଏ ଆଉ ଯୀଶୁଙ୍କଠାରୁ ମଧ୍ୟ ଲୋକମାନେ ଦୂରକୁ ଚାଲି ଯାଉଥିଲେ ଓ ତାଙ୍କର ନିମନ୍ତ୍ରଣକୁ ଅଗ୍ରାହ୍ୟ କରୁଥିଲେ । ଆମକୁ କେବଳ ସୁସମାଚାର ବାର୍ତ୍ତା ପ୍ରତି ଓ ନିମନ୍ତ୍ରଣ ଜଣାଇବା ପ୍ରତି ବିଶ୍ୱସ୍ତ ରହିବା ପାଇଁ ଆହ୍ୱାନ କରାଯାଇଛି ଓ ଏହାପରେ ହିଁ ପରବର୍ତ୍ତୀ ସମସ୍ତ ବିଷୟ ଘଟେ । ପ୍ରକୃତରେ, ଯୀଶୁ ଆମକୁ ନିଜ ପ୍ରତି ମୃତ୍ୟୁବରଣ କରିବା ପାଇଁ ଓ ନିଜର କ୍ରୁଶ ଘେନି ତାଙ୍କର ଅନୁସରଣ କରିବା ପାଇଁ ନିମନ୍ତ୍ରଣ କରିଛନ୍ତି (ମାଥିଉ ୧୬:୨୪) । ତାହାର ଅର୍ଥ ହେଉଛି, ଯେତେ ମୂଲ୍ୟ ପଡୁ ଓ ଆମେ ଯେତେ ମୂର୍ଖ ଦିଶୁ, ତଥାପି ଆମକୁ ଆମ ସୁସମାଚାର ପ୍ରଚାରରେ ମଧ୍ୟ ମୃତ୍ୟୁବରଣ କରିବାକୁ ହେବ ।

ଯୀଶୁ ଓ ପ୍ରେରିତମାନେ ସୁସମାଚାର ପ୍ରଚାର କରୁଥିବା ସମୟରେ, ନିମନ୍ତ୍ରଣ ମଧ୍ୟ କରୁଥିଲେ ଓ ଆମେ ସେହିପରି କରିବା ଆବଶ୍ୟକ । ପ୍ରତିକ୍ରିୟା ଯାହା ଆସିଲେ ମଧ୍ୟ, ଆମେ ସୁସମାଚାର ବାର୍ତ୍ତା ପ୍ରତି ଓ ଅନୁତାପ ପାଇଁ ଓ ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ପାଇଁ ଏହାର ମୁଖ୍ୟ ଆହ୍ୱାନ ପ୍ରତି ଯେ ବିଶ୍ୱସ୍ତ ରହିଅଛୁ, ଏହି ବିଷୟରେ ଆମେ ସୁନିଶ୍ଚିତ ହୋଇପାରିବା । ଈଶ୍ୱର ଅବଶିଷ୍ଟ ବିଷୟର ଯତ୍ନ ନେବେ ।

## ଆଲୋଚନା (୧୫ ମିନିଟ୍)

*ନିମ୍ନଲିଖିତ ପ୍ରଶ୍ନ ଗୁଡ଼ିକୁ ଓ / କିମ୍ୱା ଆଲୋଚନା ଉଦ୍ଧୃତାଂଶର ଅନୁସନ୍ଧାନ କରନ୍ତୁ :*

- ଯୀଶୁଙ୍କ ପ୍ରତି ବିଶ୍ୱାସ ପ୍ରଦର୍ଶନ କରିବା ପାଇଁ ଆହ୍ୱାନ ନ ଦେଇ ବିଶ୍ୱାସଯୋଗ୍ୟ ଭାବରେ ସୁସମାଚାର ପ୍ରଚାର କରିବା ଅସମ୍ଭବ ଅଟେ କି ?
- ସୁସମାଚାର ପ୍ରଚାରର ପ୍ରତିକ୍ରିୟା ଦିଗ ବିଷୟରେ ଆପଣଙ୍କୁ କେଉଁ ବିଷୟ ସହଜ / କଷ୍ଟକର ମନେ ହୁଏ ?
- ଆପଣ ସୁସମାଚାର ପ୍ରଚାର କରିବା ପରେ ସୁସମାଚାର ପ୍ରତି ପ୍ରତିକ୍ରିୟା ଦେଖାଇବାରେ ଲୋକମାନଙ୍କୁ କିପରି ସାହାଯ୍ୟ କରିବା ଶିକ୍ଷା କରିଛନ୍ତି ?

''ସୁସମାଚାର ପ୍ରଚାର ମାଧ୍ୟମରେ ଶ୍ରୋତାଙ୍କୁ ଏପରି ଏକ ନିଷ୍ପତ୍ତି ନେବା ପାଇଁ ଈଶ୍ୱରଙ୍କର ଆହ୍ୱାନ ଅଟେ, ଯାହା ତାକୁ ସ୍ଥିତିର ଏକ ନୂତନ ପରିସର ମଧ୍ୟରେ ପ୍ରବେଶ କରାଇବ ।''

**ମାଇକେଲ ଗ୍ରୀନ୍**

## ପ୍ରୟୋଗ (୫ ମିନିଟ୍)

ଆପଣ ଯେତେଥର ସୁସମାଚାର ପ୍ରଚାର କରନ୍ତି, ସେତେଥର ସୁସମାଚାର ପ୍ରତି ପ୍ରତିକ୍ରିୟା ଦେଖାଇବା ପାଇଁ ଏକ ଆମନ୍ତ୍ରଣ ଜଣାଇବା ବିଷୟରେ ଇଚ୍ଛୁକ ରହନ୍ତୁ । ଆପଣ ବୋଧହୁଏ ଜଣେ ମଞ୍ଚ ପ୍ରଚାରକ ଅଟନ୍ତି ଓ ଏହି ବିଷୟରେ ସଂଘର୍ଷ କରୁଛନ୍ତି । ଏକ ପ୍ରତିକ୍ରିୟା ଆହ୍ୱାନ କରିବାର ବିଭିନ୍ନ ଉପାୟ ପରୀକ୍ଷା କରନ୍ତୁ ଓ କେହି ପ୍ରତିକ୍ରିୟା ନ ଦେଖାଇଲେ ଲଜ୍ଜିତ ହେବାର ଭୟ ରଖନ୍ତୁ ନାହିଁ । ସମାନ ଭାବରେ, ଆପଣ ହୁଏତ ଲୋକମାନଙ୍କ ସହିତ ଯୀଶୁଙ୍କ ବିଷୟରେ କଥାବାର୍ତ୍ତା ଆରମ୍ଭ କରିବାରେ ଦକ୍ଷ ହୋଇପାରନ୍ତି, ମାତ୍ର ଏହାକୁ ପରବର୍ତ୍ତୀ ପଦକ୍ଷେପ ସହିତ ସଂଯୁକ୍ତ କରିବା ପାଇଁ ସଂଘର୍ଷ କରୁଛନ୍ତି । ଏହି ମାସ, ସାହସର ସହିତ ଅଗ୍ରସର ହୁଅନ୍ତୁ ଓ ଗୋଟିଏ ସୁସମାଚାର କୈନ୍ଦ୍ରିକ ବାର୍ତ୍ତାଳାପ ପରେ, କେହି ଯୀଶୁଙ୍କଠାରେ ବିଶ୍ୱାସ ସ୍ଥାପନ କରିବାକୁ ଇଚ୍ଛା କରୁଛନ୍ତି କି ବୋଲି, ଅନ୍ତତଃ, ଜଣେ ବ୍ୟକ୍ତିଙ୍କୁ ପଚାରନ୍ତୁ ।

## ପ୍ରାର୍ଥନା

ଈଶ୍ୱର ତାଙ୍କ ସହିତ ମିଳିତ ହେବା ପାଇଁ ଆମ ପ୍ରତ୍ୟେକଙ୍କୁ ଦେଇଥିବା ନିମନ୍ତ୍ରଣ ନିମନ୍ତେ, ତାଙ୍କୁ ଧନ୍ୟବାଦ ଦିଅନ୍ତୁ । ସୁସମାଚାର ପ୍ରଚାର ସମୟରେ ଆପଣଙ୍କୁ ସାହସ ଦେବା ପାଇଁ ଓ ଅନୁତାପ ନିମନ୍ତେ ଆହ୍ୱାନ ଜଣାଇବାରେ – ସେମାନଙ୍କୁ ଦଣ୍ଡାଜ୍ଞା ନୁହେଁ, ମାତ୍ର ଭରସା ଦେଖାଇବାରେ, ଆପଣ ଯେପରି ସ୍ପଷ୍ଟ ଓ ନିର୍ଭୀକ ହେବେ, ଏଥିପାଇଁ ଈଶ୍ୱରଙ୍କୁ ସାହାଯ୍ୟ ମାଗନ୍ତୁ । ଆପଣଙ୍କ ହୃଦୟ ଯେପରି ଏହି ଆମନ୍ତ୍ରଣକୁ ଗ୍ରହଣ କରିପାରିବ, ଏଥିପାଇଁ ପ୍ରାର୍ଥନା କରନ୍ତୁ ।

## ଉତ୍ତର ଦାୟିତ୍ୱ (୧୫ ମିନିଟ୍)

*ସମୀକ୍ଷା ଫର୍ମଟିକୁ ପୂରଣ କରନ୍ତୁ, ଏହାକୁ ଦୁଇ ଜଣଙ୍କ ମଧ୍ୟରେ କିମ୍ୱା ଛୋଟ ଦଳ ମଧ୍ୟରେ ଜଣାନ୍ତୁ ଓ ଏକ ଆରେକ ପାଇଁ ପ୍ରାର୍ଥନା କରନ୍ତୁ ।*

# ଅଧିବେଶନ – ୧୧
# ସୁସମାଚାର ପ୍ରଚାରକର ପ୍ରେରଣା

**ସୁସମାଚାର ପ୍ରଚାରକ ଭାବରେ ଆମର କାର୍ଯ୍ୟ କେବଳ ବିନାଶପ୍ରାପ୍ତମାନଙ୍କ ନିକଟରେ ସୁସମାଚାର ପ୍ରଚାର କରିବା ନୁହେଁ, ମାତ୍ର ମଣ୍ଡଳୀକୁ ସୁସମାଚାର ପ୍ରଚାର ପାଇଁ ଜାଗ୍ରତ କରିବା ମଧ୍ୟ ଅଟେ । ଏହି ଅଧିବେଶନରେ, ଆମେ କିପରି ସୁସମାଚାର ପ୍ରଚାରରେ ଈଶ୍ୱରଙ୍କ ପ୍ରତି ବିଶ୍ୱସ୍ତ ହେବା ପାଇଁ ଆମ ଚତୁର୍ଦ୍ଦିଗସ୍ଥିତ ଲୋକମାନଙ୍କୁ ଉତ୍ସାହିତ ଓ ପ୍ରସ୍ତୁତ କରିବା ନିମନ୍ତେ ମଣ୍ଡଳୀରେ ପ୍ରଥମ ପଦକ୍ଷେପ ନେଇପାରିବୁ ଏହି ବିଷୟ ଉପରେ ଆମେ ଅନୁସନ୍ଧାନ କରିବା ।**

## ଗୋଟିଏ ବାକ୍ୟରେ ଅଧିବେଶନ

ଜଣେ ସୁସମାଚାର ପ୍ରଚାରକ ଜଗତ ନିକଟରେ ସୁସମାଚାର ଘୋଷଣା କରିବା ସଙ୍ଗେ ସଙ୍ଗେ ସେବା କାର୍ଯ୍ୟ ପାଇଁ ସାଧୁମାନଙ୍କୁ ଉତ୍ସାହିତ ଓ ସୁସଜ୍ଜିତ କରିବା ଦ୍ୱାରା ସୁସମାଚାର ପ୍ରଚାର ପ୍ରତି ମଣ୍ଡଳୀକୁ ଜାଗ୍ରତ କରିବା ନିମନ୍ତେ ମଧ୍ୟ ପ୍ରତିବଦ୍ଧ ହେବେ ।

## ଅଧିବେଶନର ପୃଷ୍ଠଭୂମି

ଅଧିବେଶନ – ୨ରେ, ଆମେ ଉନ୍ନତ ଦଳ ଯାତ୍ରାର ଆଦ୍ୟ ପର୍ଯ୍ୟାୟରେ ଥିବା ସମୟରେ, ଆମେ ଜଣେ ସୁସମାଚାର ପ୍ରଚାରକକୁ ଆମ ସ୍ୱର୍ଗୀୟ ପିତାଙ୍କ ଜଣେ ବାର୍ତ୍ତା ବାହକ ସନ୍ତାନ ବୋଲି ପରିଚିତ କରାଇଥିଲୁ । ଏହାକୁ ମନ ମଧ୍ୟରେ ରଖି, କେବଳ ଜଗତ ପ୍ରତି ନୁହେଁ, ମାତ୍ର ଆମର ନିଜସ୍ୱ ପରିବାର, ମଣ୍ଡଳୀ ପ୍ରତି ଆମର ଦାୟିତ୍ୱ କ'ଣ ଅଟେ ?

ସାମାଜିକ ଗଣ ମାଧ୍ୟମର ବିକାଶ ପରଠାରୁ, ତଥାକଥିତ ''କ୍ଷମତା ବିସ୍ତାରକାରୀ'' ନାମକ ଗୋଟିଏ ନୂତନ ପ୍ରକାରର ପ୍ରସିଦ୍ଧି ବିକଶିତ ହୋଇଅଛି । ଏହି ଲୋକମାନଙ୍କୁ ଗୋଟିଏ ଗଣମାଧ୍ୟମ ମଞ୍ଚ (ନିର୍ଦ୍ଦିଷ୍ଟଭାବରେ ୟୁଟ୍ୟୁବ)ରେ ଅନେକ ଲୋକ ଅନୁସରଣ କରୁଥିବାରୁ, ସେମାନେ ଲୋକମାନଙ୍କ ଉପରେ ଗୋଟିଏ ଗଣ–ଆବେଦନ ପ୍ରଭାବ ପକାଇବା ପାଇଁ ସମର୍ଥ ଅଟନ୍ତି । ଏହା ସଂପୂର୍ଣ୍ଣ ଭାବରେ ଏକ ନୂତନ ଚିନ୍ତାଧାରା ନୁହେଁ – ଆମୋଦ ପ୍ରମୋଦ ଓ କ୍ରୀଡ଼ା ଜଗତର ପ୍ରସିଦ୍ଧ ବ୍ୟକ୍ତିମାନେ ଆମକୁ ବର୍ଷ ବର୍ଷ ଧରି ବିଜ୍ଞାପନ ମାଧ୍ୟମରେ କ'ଣ ପିନ୍ଧିବାକୁ ହେବ, କ'ଣ ଖାଇବାକୁ ହେବ, କ'ଣ ପିଇବାକୁ ହେବ, ଇତ୍ୟାଦି କହି ଆସୁଛନ୍ତି । ମାତ୍ର ଏହି ପ୍ରସିଦ୍ଧ ବ୍ୟକ୍ତିମାନଙ୍କର ପିଢ଼ୀ ଯୁକ୍ତିଯୁକ୍ତ ଭାବରେ ପ୍ରଭାବ ପକାଇବା ଉଦ୍ଦେଶ୍ୟରେ ଅନୁଗାମୀମାନଙ୍କୁ ଏକତ୍ରିତ କରିବାରେ ପ୍ରଥମ ଅଟନ୍ତି ।

ପାଉଲ ଆମକୁ ଏହି ଯୁଗର ପ୍ରଭାବରେ ପ୍ରଭାବିତ ନ ହେବା ପାଇଁ, ମାତ୍ର ପବିତ୍ର ଆତ୍ମାଙ୍କର ବଶୀଭୂତ ହୋଇ ଆମ ମନର ନୂତନୀକରଣ ଦ୍ୱାରା ପରିବର୍ତ୍ତିତ ହେବା ପାଇଁ ରୋମୀୟ ପୁସ୍ତକରେ କହିଛନ୍ତି (ରୋମୀୟ ୧୨:୨) । ଈଶ୍ୱରଙ୍କ ପବିତ୍ର ଲୋକ ଭାବରେ, ଆମେ ଏପରି ଗୋଟିଏ ବାର୍ତ୍ତା ଦ୍ୱାରା ଲୋକମାନଙ୍କୁ ପ୍ରଭାବିତ କରିବାରେ ପ୍ରଥମ ଅଟୁ, ଯାହା ଜୀବନ, ସ୍ୱାଧୀନତା ଓ ଭରସା ଆଣେ ।

ଅଧିବେଶନ – ୭ରେ, ଆମେ ଏହା ସ୍ମରଣ କରିଥିଲୁ ଯେ ସ୍ୱାଦବିହୀନ ଲବଣ କୌଣସି କାର୍ଯ୍ୟ ପାଇଁ ଯୋଗ୍ୟ ନୁହେଁ । ଗୋଟିଏ ସାମାଜିକ ଗଣ ମାଧ୍ୟମ ଦ୍ୱାରା ପ୍ରଭାବ ବିସ୍ତାର କରୁଥିବା ବ୍ୟକ୍ତିର କେତେ ଜଣ ଅନୁଗାମୀ ଅଛନ୍ତି ଓ ସେ ଯାହାର ସମର୍ଥନ କରନ୍ତି, ତାକୁ ସେହି ଅନୁଗାମୀମାନେ କେତେ ଭଲ ଭାବରେ ଅନୁସରଣ କରନ୍ତି – ଏହା ସେହି ବ୍ୟକ୍ତିର ଶକ୍ତି ଅଟେ । ମଣ୍ଡଳୀ ପାଇଁ, ଆମର ଭିନ୍ନତା ବହୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଅଟେ ଓ ଏହାକୁ ହରାଇବା ଦ୍ୱାରା ବହୁ ଅଧିକ ମୂଲ୍ୟ ଦେବାକୁ ହୁଏ । ସାମାଜିକ ଗଣମାଧ୍ୟମର ଜଣେ ପ୍ରଭାବଶାଳୀ ବ୍ୟକ୍ତି ଧୀରେ ଧୀରେ ପ୍ରଭାବଶୂନ୍ୟ ହେଲେ, ନିଜର ଖ୍ୟାତି ଓ କାର୍ଯ୍ୟକାଳ ହରାଇ ପାରନ୍ତି, ମାତ୍ର ଯଦି ମଣ୍ଡଳୀ ପ୍ରଭାବଶୂନ୍ୟ ହୋଇ ଏହାର ଭିନ୍ନତା ହରାଇ ଦିଏ, ତେବେ ଜଗତ ସୁସମାଚାରକୁ ଜୀବନରେ ପ୍ରଦର୍ଶିତ ହେବାର ଦେଖିପାରେ ନାହିଁ ଓ ବୋଧଗମ୍ୟ ମାର୍ଗରେ ଏହାକୁ ଘୋଷିତ ହେବାର ଶୁଣିପାରେ ନାହିଁ ।

ଜଗତ ଯେପରି ସୁସମାଚାରକୁ ଗ୍ରହଣ କରିବ, ଏହା ଦେଖିବା ପାଇଁ ସୁସମାଚାର ପ୍ରଚାରକମାନେ ଆଗ୍ରହୀ ଅଟନ୍ତି, ମାତ୍ର ମଣ୍ଡଳୀ ଯେପରି ଜଗତରେ ସୁସମାଚାର – ପ୍ରଭାବ ବହନ କରିବ, ଏଥିପାଇଁ ଏହାକୁ ନିରନ୍ତର ଜାଗ୍ରତ କରିବା ନିମନ୍ତେ ମଧ୍ୟ ଆମେ ଆଗ୍ରହୀ ହେବା ଆବଶ୍ୟକ । ସର୍ବୋପରି, ସୁସମାଚାର କ୍ଷେତ୍ରରେ, କୌଣସି ''ଦ୍ୱିତୀୟ ଯୋଜନା'' ନାହିଁ ଓ ଯୀଶୁ ଖ୍ରୀଷ୍ଟଙ୍କ ମଣ୍ଡଳୀ ଏହାର ଏକାତ୍ର ରାଜଦୂତ ଅଟେ । ଯେତେବେଳେ ମଣ୍ଡଳୀ ଏହା ଭୁଲିଯାଏ ଓ ବିଭ୍ରାନ୍ତ ହୋଇଯାଏ, ସେତେବେଳେ ସୁସମାଚାର ପ୍ରଚାରକମାନେ ପୁଣି ଥରେ ପ୍ରେମପୂର୍ଣ୍ଣ ଭାବରେ ସୁସମାଚାର ପ୍ରଚାର ରୂପକ ଜାଳେଣି ଦ୍ୱାରା ଅଗ୍ନିକୁ ପ୍ରଜ୍ୱଳିତ କରିବା ଆବଶ୍ୟକ ଯେପରିକି ସୁସମାଚାରର ପ୍ରଭାବ ସମସ୍ତଙ୍କ ଦୃଷ୍ଟିଗୋଚରରେ ଉଜ୍ଜ୍ୱଳ ଭାବରେ ଆଲୋକ ବିଚ୍ଛୁରଣ କରିବ ।

# ଅଧିବେଶନ ସହାୟକ ସୂଚନା

## ନିକଟବର୍ତ୍ତୀ ହେବା (୧୦–୨୦ ମିନିଟ୍)

*ଏହି ସମୟରେ କାହାଣୀ, ଉତ୍ସାହପ୍ରଦ ଘଟଣା, ସୁଯୋଗଗୁଡ଼ିକ ବିଷୟରେ ମତାମତ ଓ ଦଳକୁ ଉତ୍ସାହିତ କରୁଥିବା ଯେ କୌଣସି ବିଷୟ ଜଣାଇ ଏକ ଆରେକର ନିକଟବର୍ତ୍ତୀ ହୁଅନ୍ତୁ । ପୂର୍ବ ଅଧିବେଶନର ଆଲୋକରେ ସୁସମାଚାର ପ୍ରତି ପ୍ରତିକ୍ରିୟା ଜଣାଇବା ପାଇଁ ଲୋକମାନଙ୍କୁ ଆହ୍ୱାନ କରିବା ସମୟରେ ଯେଉଁ ଅନୁଭୂତି ସବୁ ମିଳିଥିଲା, ସେଗୁଡ଼ିକୁ ଜଣାନ୍ତୁ (ଅଧିବେଶନ – ୧୦ : ପ୍ରୟୋଗ) ।*

## ପ୍ରାର୍ଥନା

*ପ୍ରଭୁଙ୍କୁ ସମୟ ଦିଅନ୍ତୁ ଓ ନିକଟବର୍ତ୍ତୀ ହେବା ସମୟରେ ଉତ୍ପନ୍ନ ହୋଇଥିବା ଯେ କୌଣସି ସକାରାତ୍ମକ କିମ୍ବା ଆହ୍ୱାନମୂଳକ ପରିସ୍ଥିତି ପାଇଁ ପ୍ରାର୍ଥନା କରନ୍ତୁ ।*

## ଶିକ୍ଷାଦାନ (୨୦–୩୦ ମିନିଟ୍)

*ନିମ୍ନଲିଖିତ ଶିକ୍ଷାଦାନର ବିଷୟବସ୍ତୁର ପ୍ରତ୍ୟେକଟି ବାକ୍ୟ ପଢ଼ିବା ଦ୍ୱାରା କିମ୍ବା ଆପଣଙ୍କ ନିଜସ୍ୱ ଉପସ୍ଥାପନା ମଧ୍ୟରେ ଏହାକୁ ପୁନଃ ପ୍ରୟୋଗ କରିବା ଦ୍ୱାରା, ଆପଣଙ୍କ ନିଜସ୍ୱ ମାର୍ଗରେ ଏହାକୁ ସଂପୂର୍ଣ୍ଣ କରନ୍ତୁ ।*

> ‘‘ସେ କାହା କାହାକୁ ପ୍ରେରିତ, କାହା କାହାକୁ ଭାବବାଦୀ, କାହା କାହାକୁ ସୁସମାଚାର ପ୍ରଚାରକ, ପୁଣି କାହା କାହାକୁ ପାଳକ ଓ ଶିକ୍ଷକ ରୂପେ ନିଯୁକ୍ତ କରି ଦାନ କରିଅଛନ୍ତି, ଯେପରି ସାଧୁମାନେ ସେବାକାର୍ଯ୍ୟ ନିମନ୍ତେ ସିଦ୍ଧି ଲାଭ କରନ୍ତି ଓ ଖ୍ରୀଷ୍ଟଙ୍କ ଶରୀର ନିଷ୍ଠା ପ୍ରାପ୍ତ ହୁଏ, ଶେଷରେ ଯେପରି ଆମ୍ଭେମାନେ ସମସ୍ତେ ବିଶ୍ୱାସରେ ଓ ଈଶ୍ୱରଙ୍କ ପୁତ୍ର ବିଷୟକ ଜ୍ଞାନରେ ଏକତା ପ୍ରାପ୍ତ ହେଉ, ଅର୍ଥାତ୍, ଖ୍ରୀଷ୍ଟଙ୍କ ପୂର୍ଣ୍ଣତାର ପରିମାଣାନୁସାରେ ପୂର୍ଣ୍ଣ ବୟସ୍କ ପୁରୁଷ ହେଉ ।’’
>
> **ଏଫିସୀୟ ୪ :୧୧–୧୩**

ଯେଉଁମାନଙ୍କ ନିକଟରେ ଏକ ବିଶାଳ ମଞ୍ଚ ରହିଛି, ସେମାନେ ମଧ୍ୟ ଜୀବନରେ କିଛି ପ୍ରେରଣା ଆବଶ୍ୟକ କରନ୍ତି ବୋଲି ହଲିଉଡ୍‌ର ଅଭିନେତା ଡ୍ୱାଏନେ ‘‘ଦିରକ୍’’ ଜନ୍‌ସନ୍ ସାକ୍ଷ୍ୟ ଦେଇଛନ୍ତି :

> ‘‘ଯେତେବେଳେ ମୁଁ ଆଠ ବର୍ଷ ବୟସର ଥିଲି, ସେତେବେଳେ ନର୍ଥ କାରୋଲିଆର ଚାର୍ଲୋଟରେ ‘ରେଡର୍ ଅଫ୍ ଦି ଲଷ୍ଟ ଆର୍କ (Raider of the Lost Ark) ନାମକ ଚଳଚ୍ଚିତ୍ର ଦେଖିଥିଲି । ମୁଁ ସେଠାରୁ ବାହାରି ଆସିବା ସମୟରେ ଅତି ଅନୁପ୍ରାଣିତ ହୋଇଥିଲି, ମୁଁ ସେହି ଚଳଚ୍ଚିତ୍ରକୁ ଭଲ ପାଉଥିଲି ଓ ମୁଁ ସେହି ବାଳକ ହେବାକୁ ଇଚ୍ଛା କରୁଛି ବୋଲି ଜାଣିଥିଲି ।’’

**ପ୍ରଶ୍ନ :** ଆପଣ କେବେ ଏପରି କୌଣସି ପ୍ରେରଣାଦାୟକ ବ୍ୟକ୍ତିଙ୍କ ସହିତ ସାକ୍ଷାତ୍ କରିଛନ୍ତି କି, ଯଦ୍ୱାରା ସେମାନେ ଯାହା କରନ୍ତି, ତାହା କରିବା ପାଇଁ ଓ ଯେଭଳି ଦିଶନ୍ତି, ସେହିପରି ଦିଶିବା ପାଇଁ ଆପଣ ସଙ୍ଗେ ସଙ୍ଗେ ଇଚ୍ଛା କରିଛନ୍ତି ? ସେମାନଙ୍କର କେଉଁ ବିଷୟ କିମ୍ବା କେଉଁ କାର୍ଯ୍ୟ ଆପଣଙ୍କ ଉପରେ ଏହି ପ୍ରଭାବ ପକାଇଥିଲା ?

ଆମେ ପ୍ରାୟ ସମସ୍ତ ପ୍ରକାର ସ୍ଥାନରେ – ହୁଏତ ଜଣେ ପରିବାର ସଦସ୍ୟଙ୍କଠାରେ, ଐତିହାସିକ ବ୍ୟକ୍ତିଙ୍କ ଠାରେ, ଆଧୁନିକ ସଙ୍ଗୀତର କୌଣସି ଲୋକପ୍ରିୟ କଳାକାର କିମ୍ବା କୌଣସି କାଳ୍ପନିକ ଚରିତ୍ରରେ ପ୍ରେରଣା ପାଇପାରୁ । ଏହି ପ୍ରଭାବରୁ କିଛି ଆମର ପ୍ରିୟ ଅଭ୍ୟାସ ଓ କାର୍ଯ୍ୟକୁ ପ୍ରଭାବିତ କରେ ଓ ଆମର ଚରିତ୍ର ଓ ଜାଗତିକ ଦୃଷ୍ଟିକୋଣ ସୁଦ୍ଧା ଗଠନ କରିପାରେ । ବେଳେ ବେଳେ ଏହା ଅନ୍ୟ ପ୍ରକାରେ କାର୍ଯ୍ୟ କରେ – ଆପଣ ହୁଏତ କୌଣସି ଅତି ପ୍ରତିଭାଶାଳୀ ବ୍ୟକ୍ତିଙ୍କୁ ଦେଖି କୌଣସି ବିଷୟରେ ଚେଷ୍ଟା କରିବା ପାଇଁ ନିରୁତ୍ସାହିତ ହୋଇପାରନ୍ତି : ‘‘କ’ଣ ଲାଭ ? ମୁଁ ସେମାନଙ୍କ ଭଳି ଏତେ ଉତ୍ତମ ହୋଇପାରିବି ନାହିଁ ।’’

ବାଇବଲରେ ଅନେକ ପ୍ରେରଣା ଦାୟକ ଚରିତ୍ର ଅଛନ୍ତି ଓ ଆମେ ଉଭୟ, ବାଇବଲ ପୃଷ୍ଠାରେ ଓ ବାଇବଲ ବାହାରେ ବିଶ୍ୱାସବୀରମାନଙ୍କ ପ୍ରତି ଦୃଷ୍ଟିପାତ କରିବା ଉତ୍ତମ ଅଟେ । ବିଶେଷ ଭାବରେ, ସେମାନେ ଯେତେ ଆକର୍ଷଣୀୟ ହେଲେ ମଧ୍ୟ, ସେମାନେ ଯେ ସାଧାରଣ ଲୋକ ଥିଲେ ଓ ଈଶ୍ୱରଙ୍କ ପ୍ରତି ବିଶ୍ୱସ୍ତ ଥିଲେ ଏହା ଆମେ ଉପଲବ୍ଧି କରିବା ଉତ୍ତମ ଅଟେ । ଆମେ ଜାଣୁ ଯେ ଯେଉଁ କାରଣରୁ ମୋଶା ଫାରୋଙ୍କ ସହିତ ଶକ୍ତିରେ କଥା କହିପାରି ନ ଥିଲେ, ତାହା ତାଙ୍କର ବାଗ୍ମୀତା ସହିତ ସଂପୃକ୍ତ ନ ଥିଲା । ସବୁକିଛି ଯେ ଈଶ୍ୱରଙ୍କ ଆହ୍ୱାନ ପ୍ରତି ତାଙ୍କର ବିଶ୍ୱସ୍ତତା ଓ ତାଙ୍କ ଶକ୍ତି ପ୍ରତି ବଶ୍ୟତା ସହିତ ସଂପୃକ୍ତ ଥିଲା – ଏହା ଯେପରି ଉତ୍ସାହ ଦାୟକ ସେହିପରି ପ୍ରେରଣା ଦାୟକ ମଧ୍ୟ ଅଟେ । ଈଶ୍ୱର ଆଜି ମଧ୍ୟ ସେହି ସମାନ ଈଶ୍ୱର ଅଟନ୍ତି, ସେଥିପାଇଁ ଆମେ ମଧ୍ୟ ସେହି ସମାନ କାର୍ଯ୍ୟ କରିପାରିବା ।

ଶେଷରେ କେବଳ ଜଣେ ମାତ୍ର ବ୍ୟକ୍ତି ଅଛନ୍ତି, ଯିଏ ଆମକୁ ଉଭୟ ପ୍ରେରଣା ଦେଇ ପାରନ୍ତି ଓ ଶକ୍ତିଯୁକ୍ତ କରିପାରନ୍ତି । ଆମର ଜୀବନ କିପରି ହେବା ଉଚିତ୍, ଏହାର ସଠିକ୍ ନମୁନା ଓ ଯଦ୍ୱାରା ଆମେ ଏହିପରି ଭାବରେ ବଞ୍ଚି ପାରିବୁ, ଏହାର ସଠିକ୍ ଶକ୍ତି – ଏହି ଉଭୟ ବିଷୟ ଆମେ ଯୀଶୁଙ୍କଠାରେ ପାଉ । ଯୀଶୁଙ୍କ ଦୃଷ୍ଟାନ୍ତ ଓ ଶିକ୍ଷାଦ୍ୱାରା ପ୍ରରୋଚିତ ହୋଇ ଓ ଆମର ବିଶ୍ୱାସର ଜୀବନ ପାଇଁ ତାଙ୍କ ଦ୍ୱାରା ଶକ୍ତିଯୁକ୍ତ ହୋଇ, ଆମେ ସେହି ସମ୍ଭାବ୍ୟ ପ୍ରଭାବକୁ ବିଚାର କରିବା ଉଚିତ୍, ଯଦ୍ୱାରା ଆମେ ଆମ ଚତୁପାର୍ଶ୍ୱସ୍ଥ ଲୋକଙ୍କୁ ପ୍ରଭାବିତ କରୁ ।

ପାଉଲ ଏଫିସୀୟମାନଙ୍କୁ ଏହି ଶିକ୍ଷା ଦେଇଛନ୍ତି ଯେ ଯୀଶୁ ମଣ୍ଡଳୀକୁ ଭିନ୍ନ ଭିନ୍ନ ଦାନ ଦେଇଛନ୍ତି ଓ ସେଗୁଡ଼ିକ ତାଙ୍କ ରାଜ୍ୟର ଉଦ୍ଦେଶ୍ୟ ପାଇଁ ଉପଯୋଗୀ ଅଟେ । ସୁସମାଚାର ପ୍ରଚାରକମାନେ ପ୍ରେରିତ, ପାଳକ, ଶିକ୍ଷକ ଓ ଭାବବାଦୀମାନଙ୍କ ସହିତ ଉଲ୍ଲିଖିତ ଅଛନ୍ତି । ପାଉଲ ଏହା ମଧ୍ୟ କହିଛନ୍ତି ଯେ ଏହିସବୁ ଆହ୍ୱାନକୁ ସଫଳ କରିବା ପାଇଁ ଯେଉଁ ଲୋକମାନେ ଏହି ସମସ୍ତ ଦାନ ପାଇଛନ୍ତି, ସେମାନଙ୍କୁ ସେବାକାର୍ଯ୍ୟ ପାଇଁ ମଣ୍ଡଳୀକୁ ସୁସଜ୍ଜିତ କରିବାକୁ ଓ ଖ୍ରୀଷ୍ଟଙ୍କ ଶରୀର (ମଣ୍ଡଳୀ)କୁ ନିର୍ମାଣ କରିବାକୁ ହେବ ।

''... ବେଳେ ବେଳେ ଗୋଟିଏ ଚିନ୍ତାଧାରା ଆରମ୍ଭ ହେଉଥିଲା ଓ ଖ୍ରୀଷ୍ଟିଆନ ସମାଜରେ ଅତି ଲୋକପ୍ରିୟ ହୋଇ ଯାଉଥିଲା ... ମଣ୍ଡଳୀର ସେବାକାର୍ଯ୍ୟ ସେହିପରି ବେତନପ୍ରାପ୍ତ, ବୃତ୍ତିଧାରୀ, ଧର୍ମତତ୍ତ୍ୱରେ ତାଲିମପ୍ରାପ୍ତ ଧର୍ମଗୋଷ୍ଠୀ ଦ୍ୱାରା ସାଧିତ ହେବ ବୋଲି ଉଦ୍ଦିଷ୍ଟ ଅଟେ । ଏହି ମତ ଅନୁସାରେ, ସାଧାରଣ ଜନତାର ସମଗ୍ର ଉଦ୍ଦେଶ୍ୟ ହେଉଛି, ପ୍ରଚାର, ପରାମର୍ଶ, ସାନ୍ତ୍ୱନା ଓ ମଣ୍ଡଳୀରେ ଆମେ ଯୋଗାଇ ଦେବାକୁ ଚେଷ୍ଟା କରୁଥିବା ଅନ୍ୟ ସମସ୍ତ ବିଷୟ ପରିପ୍ରେକ୍ଷୀରେ ସେବାକାର୍ଯ୍ୟରୁ ଉପକାର ପ୍ରାପ୍ତ ହେବା । ମାତ୍ର ନେତୃତ୍ୱ ପାଇଁ କେତେକ ଦାନ ପ୍ରଦତ୍ତ ହେବାର କାରଣ ହେଉଛି, ସେବାକାର୍ଯ୍ୟ ପାଇଁ ବିଶ୍ୱାସୀମାନଙ୍କୁ ସୁସଜ୍ଜିତ କରିବା । ମଣ୍ଡଳୀକୁ ଏକ ଯୁଦ୍ଧ ନିମନ୍ତେ ପ୍ରସ୍ତୁତ ସେନାବାହିନୀ ହେବାକୁ ପଡ଼ିବ ।''

**ଆର୍.ସି.ସ୍ପ୍ରାଉଲ**

ଏଫିସୀୟ ୪ ଅଧ୍ୟାୟରେ ସେବାକାର୍ଯ୍ୟର ଭୂମିକାଗୁଡ଼ିକ ପ୍ରତି ଦୃଷ୍ଟିପାତ କରି ସେଗୁଡ଼ିକ ଯେ ଆମ ମଣ୍ଡଳୀଗୁଡ଼ିକରେ କେତେକ ନିର୍ଦ୍ଦିଷ୍ଟ ଲୋକମାନଙ୍କୁ ସୂଚିତ କରେ, ଏହି ସିଦ୍ଧାନ୍ତ ନେବା ଏକ ଭୁଲ୍ ହେବ । ଏଡି ସେବାକାର୍ଯ୍ୟଗୁଡ଼ିକ ରହିବାର କାରଣ ହେଉଛି – ମଣ୍ଡଳୀ ସ୍ୱତନ୍ତ୍ର ଅଟେ ଓ ଏହା ଏକ ଶରୀର ଭାବରେ ବୃଦ୍ଧି ପାଏ ବୋଲି ସୁନିଶ୍ଚିତ କରିବା ପାଇଁ ଈଶ୍ୱର ସାଧାରଣ ଲୋକମାନଙ୍କ ମାଧ୍ୟମରେ କାର୍ଯ୍ୟ କରନ୍ତି । ଆମେ ଆମ ମଣ୍ଡଳୀର ବାହାରେ ଥିବା ଲୋକମାନଙ୍କ ନିକଟରେ ସୁସମାଚାର ପ୍ରଚାର କରୁ କରୁ ମଣ୍ଡଳୀ ଭିତରେ ଥିବା ଲୋକମାନଙ୍କର ମଧ୍ୟ ଯତ୍ନ ନେଉ । ପ୍ରତ୍ୟେକେ କାର୍ଯ୍ୟ କରିବାର ସୁଯୋଗ ପାଆନ୍ତି ।

ଆମର ଦାନଗୁଡ଼ିକୁ ଉତ୍ତମ ରୂପେ ବ୍ୟବହାର କରିବା ପାଇଁ ଆମର ଏକ ଦାୟିତ୍ୱ ଅଛି ଓ ତାହାର ଅର୍ଥ ହେଉଛି – ପ୍ରେରଣା ଦାୟକ ହେବା ବିଷୟରେ ଇଚ୍ଛୁକ ହେବା । ଏହା ଏହି ବିଷୟକୁ ମଧ୍ୟ ସୂଚାଏ ଯେ ପୂର୍ବ ଅଧିବେଶନରେ ଆମେ ଆଲୋଚନା କରିଥିବା ନମ୍ରତା ଓ ପବିତ୍ରତା ଦ୍ୱାରା, ଆମେ ଏହି ଦାନ ଗୁଡ଼ିକର କୌଣସି ଅପ ବ୍ୟବହାରକୁ ପ୍ରତିରୋଧ କରିବାର ନେତୃତ୍ୱ ନେବା ଆବଶ୍ୟକ ଯେପରି ଏଗୁଡ଼ିକ ମଣ୍ଡଳୀରେ ବିଭାଜନ ସୃଷ୍ଟି କରିପାରିବ ନାହିଁ । ଗର୍ବ, ଅହଂଭାବ, ଈର୍ଷା ଓ କ୍ଷମତାର ଅପ ବ୍ୟବହାର ବିଭାଜନର ଗୋଟିଏ ଗୋଟିଏ ମାର୍ଗ ଅଟେ ।

**ପ୍ରଶ୍ନ :** ଆପଣଙ୍କ ମଣ୍ଡଳୀରେ କାହାକୁ ସର୍ବାଧିକ ପ୍ରେରଣା ଦାୟକ ବୋଲି ବିଚାର କରାଯାଏ ଓ ଏହାକୁ ସ୍ମରଣରେ ରଖି, ଆଜି ମଣ୍ଡଳୀରେ ଲୋକମାନେ କେଉଁ ଭୂମିକା ଓ କାର୍ଯ୍ୟ ଆଶା କରୁଥିବାର ଆପଣ ଦେଖନ୍ତି ? ଏହା ହୁଏତ ଜଣେ ପାଳକ କିମ୍ବା ଯୁବ କାର୍ଯ୍ୟକାରୀ, ଏକ ଉପାସନା ନେତା କିମ୍ବା ଏକ ବାଇବଲ ଶିକ୍ଷକର କାର୍ଯ୍ୟ ହୋଇପାରେ । ଲୋକମାନେ ସାକ୍ଷ୍ୟ ଦେବା ପାଇଁ କିମ୍ବା ସୁସମାଚାର ପ୍ରଚାର କରିବା ପାଇଁ ଇଚ୍ଛା କରୁଥାନ୍ତି କି ? ଯଦି କରୁ ନ ଥାନ୍ତି, ତେବେ କାହିଁକି କରୁ ନ ଥାନ୍ତି ?

ଏଠାରେ ଚାରୋଟି ଉପାୟ ପ୍ରଦତ୍ତ ହୋଇଛି ଯଦ୍ଦ୍ୱାରା ଆମେ ବିଶ୍ୱସ୍ତ ଭାବରେ ସୁସମାଚାର ପ୍ରଚାର କରିବା ପାଇଁ ଅନ୍ୟମାନଙ୍କୁ ପ୍ରେରଣା ଦେବା ନିମନ୍ତେ ଚେଷ୍ଟା କରିପାରିବା :

**୧. ସୁସମାଚାର ଘୋଷଣା କରନ୍ତୁ**

ଲୋକମାନଙ୍କୁ ସୁସମାଚାର ପ୍ରଚାର କରିବା ପାଇଁ ପ୍ରେରଣା ଦେବାର ଗୋଟିଏ ସର୍ବୋତ୍ତମ ମାର୍ଗ ହେଉଛି, ଆମ ସମାବେଶରେ ନିୟମିତ ଭାବରେ ସେହିପରି କରିବା । ଅନ୍ୟ ଏକ ମାର୍ଗ ହେଉଛି, ଆମର ଖ୍ରୀଷ୍ଟୀୟ ଭାଇ ଭଉଣୀମାନଙ୍କୁ ଏପରି ସ୍ଥାନକୁ ନିମନ୍ତ୍ରଣ କରିବା ଯେଉଁଠାରେ, ଆମେ ପ୍ରଚାର କରୁଥାଉ କେବଳ ସେମାନଙ୍କ ପ୍ରାର୍ଥନା ସହାୟତା ପାଇଁ ନୁହେଁ, ମାତ୍ର ପ୍ରଥମ ଥର ପାଇଁ ଲୋକମାନେ ଯୀଶୁଙ୍କ ବିଷୟରେ ଶୁଣୁଥିବା ସମୟରେ ଏହାର ଶକ୍ତି କିପରି କାର୍ଯ୍ୟକାରୀ ହୁଏ, ତାହା ଦେଖି ସେମାନଙ୍କର ବିଶ୍ୱାସ ଯେପରି ବୃଦ୍ଧି ପାଇବ, ଏଥିପାଇଁ ମଧ୍ୟ । ଆମେ ସୁସମାଚାର ପ୍ରଚାର କରୁଥିବା ସମୟରେ, ସୁସମାଚାର ପ୍ରଚାର ସମସ୍ତ ବିଶ୍ୱାସୀଙ୍କ ପାଇଁ ଏକ ଅଧିକାର ବୋଲି ସର୍ବଦା ସୁନିଶ୍ଚିତ କରିବା ଉଚିତ୍ ।

**୨. ସାକ୍ଷ୍ୟ ପ୍ରସ୍ତୁତ କରନ୍ତୁ**

ସେମାନଙ୍କର ସାକ୍ଷ୍ୟ ଓ ସେମାନଙ୍କ ବିଶ୍ୱାସ କରିବାର ପ୍ରଥମ ସମୟଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ, ଈଶ୍ୱର ସେମାନଙ୍କ ଜୀବନ ଉପରେ ପକାଇଥିବା ପ୍ରଭାବ ବିଷୟରେ ଚିନ୍ତା କରିବା ପାଇଁ ଲୋକମାନଙ୍କୁ ସାହାଯ୍ୟ କରନ୍ତୁ । ସେମାନେ ପ୍ରଥମେ କିପରି ତାଙ୍କଠାରେ ବିଶ୍ୱାସ ସ୍ଥାପନ କରିଥିଲେ ଓ ସେ ବର୍ତ୍ତମାନ ସମୟରେ ସେମାନଙ୍କ ଜୀବନରେ କ'ଣ କରୁଛନ୍ତି ? ବିବେଚନା ପୂର୍ବକ ବ୍ୟକ୍ତିଗତ ସାକ୍ଷ୍ୟ ପ୍ରସ୍ତୁତ କରିବା, ସୁସମାଚାର ପ୍ରଚାର ପାଇଁ ଏକ ଆରେକକୁ ପ୍ରେରଣା ଦେବାର ଓ ସୁସଜ୍ଜିତ କରିବାର ଏକ ଶ୍ରେଷ୍ଠ ଉପାୟ ଓ ତତ୍ ସଙ୍ଗେ ସଙ୍ଗେ ଈଶ୍ୱର ଆମ ଜୀବନରେ ଯାହା କରିଛନ୍ତି, ସେଥିପାଇଁ ତାଙ୍କୁ ଧନ୍ୟବାଦ ଦେବା ନିମନ୍ତେ ଏହା ଏକ ଉପାସନାର କାର୍ଯ୍ୟ ମଧ୍ୟ ଅଟେ ।

**୩. କାହାଣୀ କଥନକୁ ପ୍ରାଧାନ୍ୟ ଦିଅନ୍ତୁ**

ଆମର ସମାବେଶରେ ଓ ବାର୍ତ୍ତାଳାପରେ, ଆମେ ନିୟମିତ ଭାବେ ଆମ ସୁସମାଚାର ପ୍ରଚାର ବିଷୟରେ କାହାଣୀସବୁ କହିବା ଉଚିତ୍ । ଆପଣଙ୍କ ମାଧ୍ୟମରେ ଈଶ୍ୱରଙ୍କୁ କାର୍ଯ୍ୟ କରୁଥିବାର ଦେଖିଲେ ଆନନ୍ଦିତ ଓ ଉତ୍ସାହିତ ହୁଅନ୍ତୁ ଓ ଯେଉଁ ପରିସ୍ଥିତିଗୁଡ଼ିକ ଉତ୍ତମ ମନେ ହେଉ ନ ଥିଲା, ସେଗୁଡ଼ିକରୁ ଆପଣ କ'ଣ ଶିକ୍ଷା କରିପାରିବେ, ଏହି ବିଷୟରେ ସକାରାତ୍ମକ ଭାବରେ ଓ ସୃଜନଶୀଳ ଭାବରେ ଚିନ୍ତା କରନ୍ତୁ । ଆପଣଙ୍କ ସମାଜ ସେମାନଙ୍କ ଭଳି ସାଧାରଣ ଲୋକମାନଙ୍କ ମାଧ୍ୟମରେ ଈଶ୍ୱରଙ୍କ କାର୍ଯ୍ୟ ସମ୍ବନ୍ଧୀୟ କାହାଣୀ ଶୁଣିବା ଦ୍ୱାରା, ସେମାନଙ୍କୁ ମଧ୍ୟ ଈଶ୍ୱର ବ୍ୟବହାର କରିପାରିବେ ବୋଲି ସେମାନେ ବିଶ୍ୱାସରେ ବୃଦ୍ଧି ପାଇବେ ।

**୪. ସୁଯୋଗ ଦିଅନ୍ତୁ**

ଆପଣଙ୍କ ମଣ୍ଡଳୀ ମାଧ୍ୟମରେ ଓ ଆପଣଙ୍କ ପ୍ରଶସ୍ତ ବନ୍ଧୁ ଦଳ ମଧ୍ୟରେ, ସୁସମାଚାର ପ୍ରଚାରରେ ଅନ୍ତର୍ଭୁକ୍ତ ହେବା ପାଇଁ

ଲୋକମାନଙ୍କ ନିମନ୍ତେ ସୁଯୋଗ ସୃଷ୍ଟି କରନ୍ତୁ । ସ୍ଥାନୀୟ ଓ ଆନ୍ତର୍ଜାତୀୟ ମିଶନ ସୁଯୋଗଗୁଡ଼ିକର ଆୟୋଜନ କରନ୍ତୁ, ଆପଣ ଚଳାଉଥିବା କୌଣସି ସଭାରେ ଗୋଟିଏ ପ୍ରଚାର ଦଳର ସଦସ୍ୟ ହେବା ପାଇଁ ଲୋକମାନଙ୍କ ଆମନ୍ତ୍ରଣ କରନ୍ତୁ, କିମ୍ବା କିଛି ବନ୍ଧୁଙ୍କୁ ସଙ୍ଗରେ ନେଇ କିଛି ଘଣ୍ଟା ପାଇଁ ରାସ୍ତାରେ ପ୍ରଚାର କରନ୍ତୁ । ଯେଉଁ ଯେଉଁ ଉପାୟରେ ଆପଣ ଏହା କରିପାରିବେ, ସେଗୁଡ଼ିକ ଅସଂଖ୍ୟ ଅଟେ : ଆପଣ ପ୍ରଚାର କରିବାକୁ ଯିବା ପୂର୍ବରୁ କିଛି ତାଲିମ ଦିଅନ୍ତୁ ଓ ଫେରିବା ପରେ କାର୍ଯ୍ୟ ବିଷୟରେ ତଥ୍ୟ ସଂଗ୍ରହ କରନ୍ତୁ । ବେଳେବେଳେ ଲୋକମାନେ ସେମାନଙ୍କ ଦୈନନ୍ଦିନ ଜୀବନ ମଧ୍ୟରେ ଏହିସବୁ ''ଔପୋଚାରିକ'' ସୁଯୋଗଗୁଡ଼ିକର ଅନୁଭୂତିକୁ ଅତି ସୁବିଧାଜନକ ଭାବେ ଗ୍ରହଣ କରିବେ ଓ ସେମାନଙ୍କ ସୁସମାଚାର ପ୍ରଚାର ଏକ ସଂଗଠିତ ମିଶନ ସପ୍ତାହରୁ ଏକ ଦୈନିକ ସୁଯୋଗ ଦିଗକୁ ଗତି କରିବ ।

କିନ୍ତୁ ଆମେ, ସୁମାଚାର ପ୍ରଚାରକ ଭାବରେ ଏହିପରି କରୁଥିବା ସମୟରେ, ଆମର ଖ୍ରୀଷ୍ଟୀୟ ଭାଇ ଓ ଭଉଣୀମାନଙ୍କୁ ଈଶ୍ୱରଙ୍କର ବାର୍ତ୍ତାବାହକ ସନ୍ତାନସନ୍ତତି ଭାବରେ ସେମାନଙ୍କ ସଂପୂର୍ଣ୍ଣ ପରିଚୟ ଜାଣିବା ପାଇଁ ଜାଗ୍ରତ ଓ ସାହାଯ୍ୟ କରିବା ବିଷୟରେ ପ୍ରତିବଦ୍ଧ ହେବା ଉଚିତ୍ ।

## ଆଲୋଚନା (୨୦ ମିନିଟ୍)

*ନିମ୍ନଲିଖିତ ପ୍ରଶ୍ନ ଗୁଡ଼ିକୁ ଓ / କିମ୍ବା ଆଲୋଚନା ଉଦ୍ଧୃତାଂଶର ଅନୁସନ୍ଧାନ କରନ୍ତୁ :*

- ପାଉଲ ଏଫିସୀୟ ପୁସ୍ତକରେ ଯେପରି ବର୍ଣ୍ଣନା କରିଛନ୍ତି, ସେହିପରି ଭାବରେ ମଣ୍ଡଳୀକୁ ନିର୍ମାଣ କରିବାର ଅର୍ଥ କ'ଣ ?
- ଜଗତରେ ଯୀଶୁଙ୍କର ଅନୁଗାମୀ ଭାବରେ ଓ ମଣ୍ଡଳୀରେ ଆଗ୍ରହୀ ସୁସମାଚାର ପ୍ରଚାରକ ଭାବରେ, ଆମେ କିପରି ଆମର ଭିନ୍ନତାକୁ ରକ୍ଷା କରିବା ?
- ଏହି ଅଧିବେଶନରେ ଆମେ ଆଲୋଚନା କରିଥିବା ଚାରୋଟି ମାର୍ଗ ବ୍ୟତୀତ, ଆମେ କିପରି ସୁସମାଚାର ପ୍ରଚାର ପାଇଁ ଅନ୍ୟମାନଙ୍କୁ ପ୍ରେରଣା ଦେଇପାରିବା ?

''ତୁମ୍ଭେମାନେ ଜଗତର ଜ୍ୟୋତିଃ । ପର୍ବତ ଉପରେ ସ୍ଥାପିତ ନଗର ଗୁପ୍ତ ହୋଇ ରହି ନ ପାରେ, କିବା ଲୋକମାନେ ଦୀପ ଜାଳି ମାଣ ତଳେ ରଖନ୍ତି ନାହିଁ, ମାତ୍ର ଦୀପରୁଖା ଉପରେ ରଖନ୍ତି, ସେଥିରେ ତାହା ଗୃହରେ ଥିବା ସମସ୍ତ ଲୋକଙ୍କୁ ଆଲୋକ ଦିଏ । ସେହି ପ୍ରକାରେ ତୁମ୍ଭମାନଙ୍କ ଆଲୋକ ଲୋକଙ୍କ ସାକ୍ଷାତ୍‌ରେ ପ୍ରକାଶ ପାଉ, ଯେପରି ସେମାନେ ତୁମ୍ଭମାନଙ୍କର ସତ୍କର୍ମ ଦେଖି ତୁମ୍ଭମାନଙ୍କର ସ୍ୱର୍ଗସ୍ଥ ପିତାଙ୍କର ମହିମା କୀର୍ତ୍ତନ କରିବେ ।''

**ମାଥିଉ ୫ : ୧୪–୧୬**

## ପ୍ରୟୋଗ (୧୦ ମିନିଟ୍)

ପ୍ରଥମ ବର୍ଷର ସମାପ୍ତି ପରେ, ଏହି ଦଳରେ ରହିବା ପାଇଁ ଆପଣ ଇଚ୍ଛା କରିବେ ବୋଲି ଓ ସୁସମାଚାର ପ୍ରଚାରକ ଭାବରେ ବୃଦ୍ଧି ପାଇବା ପାଇଁ ଏକତ୍ର ଯାତ୍ରା କରିବା ଅବ୍ୟାହତ ରଖିବେ ବୋଲି ଆଶା କରାଯାଏ । ମାତ୍ର ସୁସମାଚାର ପ୍ରଚାର ପାଇଁ ମଣ୍ଡଳୀକୁ ପ୍ରେରଣା ଦେବା ବିଷୟକୁ ମନରେ ରଖି, ଆପଣଙ୍କ ନିଜସ୍ୱ 'ଉନ୍ନତ' ଦଳ ଚଳାଇବା କିପରି ହେବ, ଏ ବିଷୟରେ ବର୍ତ୍ତମାନ ହିଁ ଚିନ୍ତା କରିବା ଆରମ୍ଭ କରନ୍ତୁ ।

ସଂଖ୍ୟା ବୃଦ୍ଧି 'ଉନ୍ନତ' କାର୍ଯ୍ୟକ୍ରମର ଗୋଟିଏ ମୁଖ୍ୟ ନିୟମ ଅଟେ କାରଣ ସୁସମାଚାର ପ୍ରଚାରକ ଭାବରେ, ଅନ୍ୟମାନଙ୍କୁ ସେମାନଙ୍କ ସୁସମାଚାର ପ୍ରଚାରରେ ଉତ୍ସାହିତ କରିବା ଆମର ଇଚ୍ଛା ହେବା ଉଚିତ୍ । ସେଥିପାଇଁ କିଛି ସମୟ ଧରି ଏପରି ଲୋକମାନଙ୍କର ଏକ ତାଲିକା କରନ୍ତୁ ଯେଉଁମାନେ ଆପଣଙ୍କ ଯାତ୍ରା ପଥକୁ ଅନୁସରଣ କରିବା ପାଇଁ ଆଗ୍ରହୀ ହୋଇପାରନ୍ତି ଓ ଏହାପରେ ଆସନ୍ତା ସପ୍ତାହରେ ସେମାନଙ୍କ ନିକଟକୁ ଯିବା ଆରମ୍ଭ କରନ୍ତୁ । ଆପଣ ଏହି ଦଳରୁ ଓ 'ଉନ୍ନତ' ସମ୍ବଳରୁ ପାଇଥିବା ଅନୁଭୂତିକୁ ବ୍ୟବହାର କରି ଆପଣଙ୍କ ନିଜସ୍ୱ ଦଳର ଯୋଜନା ଓ ସଂଗଠନ କରନ୍ତୁ ।

## ପ୍ରାର୍ଥନା

ସ୍ଥାନୀୟ ମଣ୍ଡଳୀର ସମସ୍ତ ଲୋକ ଯେପରି ସେମାନଙ୍କ ଜୀବନ ପାଇଁ ଉଦ୍ଦିଷ୍ଟ ସୁସମାଚାରର ଆହ୍ୱାନ ପ୍ରତି ବିଶ୍ୱସ୍ତ ହେବେ, ଏଥିପାଇଁ ପ୍ରାର୍ଥନା କରନ୍ତୁ । ଆପଣ ଯେପରି ଅନ୍ୟମାନଙ୍କୁ ଉତ୍ସାହିତ କରିବାର ସୁଯୋଗ ପାଇବେ, ଏଥିପାଇଁ ପ୍ରାର୍ଥନା କରନ୍ତୁ । ଦଳର ପ୍ରତ୍ୟେକ ସଦସ୍ୟ ଯେପରି ସୁସମାଚାର ଆବଶ୍ୟକ କରୁଥିବା ଏହି ଜଗତ ନିକଟରେ କେବଳ ସୁସମାଚାର ପ୍ରଚାର କରିବେ, ତା' ନୁହେଁ, ମାତ୍ର ସେପରି କରିବା ପାଇଁ ଯୀଶୁଙ୍କର ଅନ୍ୟ ଅନୁଗାମୀମାନଙ୍କୁ ମଧ୍ୟ ପ୍ରେରଣା ଦେବେ ଓ ପ୍ରସ୍ତୁତ କରିବେ, ଏଥି ନିମନ୍ତେ ପ୍ରାର୍ଥନା କରନ୍ତୁ ।

## ଉତ୍ତର ଦାୟିତ୍ୱ (୧୫ ମିନିଟ୍)

*ସମୀକ୍ଷା ଫର୍ମଟିକୁ ପୂରଣ କରନ୍ତୁ, ଏହାକୁ ଦୁଇ ଜଣଙ୍କ ମଧ୍ୟରେ କିମ୍ବା ଛୋଟ ଦଳ ମଧ୍ୟରେ ଜଣାନ୍ତୁ ଓ ଏକ ଆରେକ ପାଇଁ ପ୍ରାର୍ଥନା କରନ୍ତୁ ।*

# ଅଧିବେଶନ – ୧୨
# ନିର୍ଜ୍ଜନ ସ୍ଥାନରେ ସଭା

**ଗୋଟିଏ 'ଉନ୍ନତ' ଦଳର ପ୍ରଥମ ବର୍ଷର ବୃତ୍ତାନ୍ତ ହେଉଛି ନିର୍ଜ୍ଜନ ସ୍ଥାନରେ ସମ୍ମିଳିତ ହୋଇ ସମୟ କାଟିବା । ଆପଣ ଏହା କିପରି କରିବା ପାଇଁ ନିଷ୍ପତ୍ତି ନିଅନ୍ତି, ତାହା ଆପଣଙ୍କ ଉପରେ ନିର୍ଭର କରେ, ମାତ୍ର ଉନ୍ନତ ଦଳ ସଭା ଗୁଡ଼ିକର ସାଧାରଣ ନିୟମାବଳି ସହିତ ସାମଞ୍ଜସ୍ୟ ରଖି ଏକତ୍ର କିପରି ସମୟ କାଟିବାକୁ ହେବ ଓ ପ୍ରଥମ ବର୍ଷଟିକୁ କିପରି ଏକ ଲକ୍ଷ୍ୟ କୈନ୍ଦ୍ରିକ ସମାପ୍ତି ନିକଟକୁ ଆଣିବାକୁ ହେବ, ଏହି ବିଷୟରେ ଏଠାରେ କିଛି ପରାମର୍ଶ ଦିଆଯିବ ।**

## ନିର୍ଜ୍ଜନ ସ୍ଥାନରେ କିପରି ଗୋଟିଏ 'ଉନ୍ନତ' ଦଳ ସଭା ଚଳାଇବାକୁ ହେବ

ସାଧାରଣ ଚିନ୍ତାଧାରା ହେଉଛି – ସାଧାରଣ ସ୍ଥାନରୁ ଦୂରେଇ ଯାଇ ନିୟମିତ ଦଳଗତ ଅଧିବେଶନ ପାଇଁ ଆପଣ ଦେଉଥିବା ସମୟ ଅପେକ୍ଷା ଅଧିକ ସମୟକୁ ପୃଥକ୍ କରିବା । ଯଦି ଆପଣ କେବଳ ଗୋଟିଏ ସକାଳ, ଅପରାହ୍ନ କିମ୍ବା ସଂନ୍ଧ୍ୟା ଦେଇପାରନ୍ତି, ତେବେ ଆପଣ ଏହି ସମୟରେ ଯଥା ସାଧ୍ୟ କାର୍ଯ୍ୟ କରିପାରିବେ, ମାତ୍ର ଯେଉଁଠାରେ ସମ୍ଭବ ହୁଏ, ସେହିଠାରେ ସମଗ୍ର ଦିନ ଏହିପରି ଭାବେ ସମ୍ମିଳିତ ହେବା ଅଧିକ ଉପକାରୀ ଅଟେ ।

ଏହି ସମୟରେ କ'ଣ କରିବାକୁ ହେବ, ସେ ସମ୍ବନ୍ଧରେ କିଛି ଚିନ୍ତାଧାରା ପ୍ରଦତ୍ତ ହୋଇଛି :

### ମୁଖ୍ୟ ଶାସ୍ତ୍ରାଂଶ

ଯଦି ଆପଣ ଏହି ସମ୍ମିଳନୀ ସମୟରେ ଗୋଟିଏ ନିର୍ଦ୍ଦିଷ୍ଟ ଶାସ୍ତ୍ରାଂଶ ଉପରେ ମନୋଯୋଗୀ ହେବାକୁ ଇଚ୍ଛା କରୁଛନ୍ତି, ତେବେ କଲସୀୟ ପୁସ୍ତକର ନିମ୍ନଲିଖିତ ଶାସ୍ତ୍ରାଂଶ ଆପଣଙ୍କ ସମାବେଶ ପାଇଁ ଏକ ମୁଖ୍ୟ ଶାସ୍ତ୍ରାଂଶ ଭାବରେ ସହାୟକ ହେବ ।

''ପ୍ରାର୍ଥନାରେ ଏକାଗ୍ରଭାବରେ ନିବିଷ୍ଟ ଥାଅ, ପୁଣି, ଧନ୍ୟବାଦ ସହ ସେଥିରେ ଜାଗ୍ରତ ଥାଅ, ଆମ୍ଭମାନଙ୍କ ନିମନ୍ତେ ମଧ୍ୟ ପ୍ରାର୍ଥନା କର, ଯେପରି ବାକ୍ୟ ପ୍ରଚାର ନିମନ୍ତେ ଈଶ୍ୱର ଆମ୍ଭମମାନଙ୍କ ପାଇଁ ଦ୍ୱାର ଫିଟାନ୍ତି, ପୁଣି, ଯେପରି ଖ୍ରୀଷ୍ଟଙ୍କର ଯେଉଁ ନିଗୂଢ଼ତତ୍ତ୍ୱ ନିମନ୍ତେ ମୁଁ ବନ୍ଦୀ ଅଟେ, ତାହା ଉଚିତ ମତେ କଥା କହି ପ୍ରକାଶ କରିପାରେ । ସୁଯୋଗର ସଦ୍ ବ୍ୟବହାର କରି ବାହାରର ଲୋକମାନଙ୍କ ନିକଟରେ ବୁଦ୍ଧି ସହ ଆଚରଣ କର । ତୁମ୍ଭମାନଙ୍କ ବାକ୍ୟ ସର୍ବଦା ମନୋହର ପୁଣି ଲବଣରେ ସ୍ୱାଦଯୁକ୍ତ ହେଉ, ଯେପରି କାହାକୁ କିପରି ଉତ୍ତର ଦେବାକୁ ହୁଏ, ତାହା ଜାଣିପାର ।''

**କଲସୀୟ ୪ : ୨–୬**

ଏହି ଛୋଟ ଅନୁଚ୍ଛେଦ ମଧ୍ୟରେ, ପାଉଲ ଏପରି ୧୨ଟି ବିଷୟକୁ ଉପସ୍ଥାପନ କରିଛନ୍ତି ଯେଉଁଗୁଡ଼ିକୁ ଆମର ସୁସମାଚାର ପ୍ରଚାର ପାଇଁ ଆଲୋଚନା ଓ ସମର୍ଥନ କରାଯାଇ ପାରିବ :

୧. ସମର୍ପିତ ହୁଅନ୍ତୁ (ପ୍ରାର୍ଥନାରେ ଏକାଗ୍ର ଭାବେ ନିବିଷ୍ଟ ଥାଅ) ।

୨. ଆତ୍ମିକ ସହଭାଗିତାକୁ ଉତ୍ସାହିତ କରନ୍ତୁ (ଆମ ନିମନ୍ତେ ମଧ୍ୟ ପ୍ରାର୍ଥନା କର) ।

୩. ଈଶ୍ୱରଙ୍କ ଉପରେ ନିର୍ଭର ରଖନ୍ତୁ (ଯେପରି ... ଈଶ୍ୱର ଆମ୍ଭମାନଙ୍କ ପାଇଁ ଦ୍ୱାର ଫିଟାନ୍ତି) ।

୪. ବାକ୍ୟ ଘୋଷଣା ପ୍ରତି ସମର୍ପିତ ହୁଅନ୍ତୁ (ଯେପରି ଆମେ ଖ୍ରୀଷ୍ଟଙ୍କର ନିଗୂଢ଼ତତ୍ତ୍ୱ ପ୍ରକାଶ କରିପାରୁ) ।

୫. ସ୍ୱଚ୍ଛତାକୁ ଇଚ୍ଛା କରନ୍ତୁ (ଯେପରି ତାହାକୁ ଉଚିତ୍ ମତେ ପ୍ରକାଶ କରିପାରୁ) ।

୬. ସୁସମାଚାର ପାଇଁ ସ୍ୱାର୍ଥତ୍ୟାଗ (ବଳିଦାନ) ଗ୍ରହଣ କରନ୍ତୁ (ଯାହା ନିମନ୍ତେ ମୁଁ ବନ୍ଦୀ ଅଟେ) ।

୭. ଐଶ୍ୱରିକ ଜ୍ଞାନ ଉପରେ ନିର୍ଭର କରନ୍ତୁ (ବୁଦ୍ଧି ସହ ଆଚରଣ କର) ।

୮. ସୁଯୋଗର ସଦ୍‌ବ୍ୟବହାର କରନ୍ତୁ (ପ୍ରତ୍ୟେକ ସୁଯୋଗର ସଦ୍ ବ୍ୟବହାର କର) ।

୯. କହନ୍ତୁ ଓ ଶୁଣନ୍ତୁ (ତୁମ୍ଭମାନଙ୍କର ବାକ୍ୟ) ।

୧୦. ଉଦାର ଓ ନମ୍ର ହୁଅନ୍ତୁ (ସର୍ବଦା ମନୋହର ହେଉ) ।

୧୧. ଭିନ୍ନ ହୁଅନ୍ତୁ (ଲବଣରେ ସ୍ୱାଦଯୁକ୍ତ ହେଉ) ।

୧୨. ପ୍ରସ୍ତୁତ ରହନ୍ତୁ (ଯେପରି କାହାକୁ କିପରି ଉତ୍ତର ଦେବାକୁ ହୁଏ, ତାହା ଜାଣିପାର) ।

ଆପଣ ଅନୁଚ୍ଛେଦଟିକୁ ଏକତ୍ର କିମ୍ବା ଏକାକୀ ପଢ଼ିବେ (ନିମ୍ନରେ ଦେଖନ୍ତୁ), ଏଥିରୁ ଏହି ବିଷୟଗୁଡ଼ିକୁ କିପରି ବାହାର କରିବେ ଓ ସେଗୁଡ଼ିକୁ କିପରି ଏକତ୍ର ଆଲୋଚନା କରିବେ – ଏହା ଆପଣ କିପରି ଆପଣଙ୍କ ସଭାର ସମୟଟିକୁ ଚଳାଉଛନ୍ତି, ତାହା ଉପରେ ସଂପୂର୍ଣ୍ଣ ଭାବରେ ନିର୍ଭରଶୀଳ ଅଟେ । ମାତ୍ର ଆପଣ ନିମ୍ନରେ ପ୍ରସ୍ତାବିତ କାର୍ଯ୍ୟଗୁଡ଼ିକ ପ୍ରତି ଦୃଷ୍ଟିପାତ କରିବା ସମୟରେ ଏହି ଅନୁଚ୍ଛେଦଟିକୁ ଓ ଏହି ବିଷୟଗୁଡ଼ିକୁ ସ୍ମରଣରେ ରଖନ୍ତୁ ।

### ବାକ୍ୟ

'ଉନ୍ନତ' ଦଳର ଗୋଟିଏ ମୁଖ୍ୟ ଲକ୍ଷ୍ୟ ହେଉଛି, ଈଶ୍ୱରଙ୍କ ବାକ୍ୟ ପ୍ରତି ସମର୍ପିତ ହୋଇଥିବା ସୁସମାଚାର ପ୍ରଚାରକ ଭାବରେ ବୃଦ୍ଧି ପାଇବା ପାଇଁ ପରସ୍ପରକୁ ସାହାଯ୍ୟ କରିବା । ଏହି ସମ୍ମିଳନୀର

ସମୟ ଈଶ୍ୱରଙ୍କ ବାକ୍ୟକୁ ଅଧିକ ଗଭୀର ଭାବେ ଜାଣିବା ପାଇଁ ଏକ ବଡ଼ ସୁଯୋଗ ଅଟେ ।

### ଦୀର୍ଘକାଳୀନ ବାଇବଲ ପଠନ (ଏକାକୀ ପଠନ)

ଈଶ୍ୱରଙ୍କ ବାକ୍ୟରେ ଅଧିକ ସମୟ କ୍ଷେପଣ କରିବା ଆଦୌ ସମୟର ଅପଚୟ ନୁହେଁ । ଏକକାଳୀନ ଭାବରେ, ମାର୍କ ଲିଖିତ ସୁସମାଚାର କିମ୍ବା ନୂତନ ନିୟମର କୌଣସି ପତ୍ରକୁ ପଢ଼ିବା ପାଇଁ ସମୟ ଦେବା, ସେହି ପୁସ୍ତକର ବିଷୟ ବସ୍ତୁ ଉପରେ ଏକ ସଂପୂର୍ଣ୍ଣ ଜ୍ଞାନ ଲାଭ କରିବାର ଏକ ଶ୍ରେଷ୍ଠ ମାର୍ଗ ଅଟେ । ଯଦି ଏହା ଗୋଟିଏ ଛୋଟ ପୁସ୍ତକ ଅଟେ, ତେବେ ଏହାକୁ ବାରମ୍ବାର ପଢ଼ନ୍ତୁ, ପ୍ରତ୍ୟେକ ପଠନ ପରେ ପ୍ରାର୍ଥନା ଓ ଅନୁଧ୍ୟାନ କରନ୍ତୁ, ଟୀକା ପ୍ରସ୍ତୁତ କରନ୍ତୁ ଓ ଏହାପରେ ପୁଣି ଥରେ ପଢ଼ନ୍ତୁ । ଆପଣମାନେ ସମସ୍ତେ ସମାନ ବିଷୟ ପଢ଼ିପାରନ୍ତି, କିମ୍ବା କିଛି ଭିନ୍ନ ବିଷୟ ପଢ଼ିବା ପରେ ସେମାନଙ୍କ ପଠନ ଓ ଚିନ୍ତନ ସମୟ ବିଷୟରେ ପରସ୍ପରକୁ ଜଣାଇ ପାରନ୍ତି ।

### ବାଇବଲ ଅଧ୍ୟୟନ (ଦଳଗତ ପଠନ)

ଏହି ସମ୍ମିଳନୀ ସମୟରେ ଏକତ୍ର ବାଇବଲ ଅଧ୍ୟୟନ ନିମନ୍ତେ ସୁବିଧା ପ୍ରଦାନ କରିବା ପାଇଁ ଅନେକଗୁଡ଼ିଏ ମାର୍ଗ ରହିଛି । ଆପଣ ହୁଏତ 'ଉନ୍ନତ' ଦଳ ଅଧିବେଶନ ଗୁଡ଼ିକରେ ଆଲୋଚନା କରିଥିବା କିଛି ମୁଖ୍ୟ ଅନୁଚ୍ଛେଦଗୁଡ଼ିକୁ ପୁଣି ଥରେ ଦେଖିବା ପାଇଁ ଇଚ୍ଛା କରିବେ । ଏହାର ବିକଳ୍ପ ଭାବରେ, ଆପଣ ହୁଏତ କୌଣସି ନିର୍ଦ୍ଦିଷ୍ଟ ଅନୁଚ୍ଛେଦ କିମ୍ବା ବିଷୟବସ୍ତୁ ମନୋନୀତ କରିବା ପାଇଁ ଚାଳନା ପାଇ ପାରନ୍ତି ଯାହା ସମ୍ମଳନୀ ପାଇଁ ଉପଯୋଗୀ ହେବ । ଏହା ଯେପରି ପ୍ରଚାରକ ଭାବରେ ପରସ୍ପରକୁ ବିକଶିତ କରିବା ସହିତ ସାମଞ୍ଜସ୍ୟ ରଖିବ, ଏ ବିଷୟରେ ସର୍ବଦା ସୁନିଶ୍ଚିତ ହୁଅନ୍ତୁ ।

### ଅତିରିକ୍ତ ଅଧିବେଶନ ଓ ଅନ୍ୟ 'ଉନ୍ନତ' ସମ୍ବଳ

ଏହି ପୁସ୍ତକରେ ଥିବା ଦୁଇଟି ଅତିରିକ୍ତ ଅଧିବେଶନ ମଧ୍ୟରୁ ଗୋଟିଏ କିମ୍ବା ଉଭୟ ଆପଣଙ୍କ ସମ୍ମିଳନୀର ଅଂଶ ବିଶେଷ ଭାବରେ ଏକ ନିୟମିତ 'ଉନ୍ନତ' ଦଳ ଅଧିବେଶନ ଚଳାଇବା ପାଇଁ ବ୍ୟବହୃତ ହୋଇପାରିବ । ଆମେ ଯେଉଁ ପଦ୍ଧତି ବ୍ୟବହାର କରୁଅଛୁ, ସେହି ପଦ୍ଧତି କିମ୍ବା ଆପଣଙ୍କ ନିଜସ୍ୱ ବିଷୟ ବସ୍ତୁ ବ୍ୟବହାର କରି, ଆପଣ କିପରି ଗୋଟିଏ 'ଉନ୍ନତ' ଦଳ ଅଧିବେଶନ ଚଳାଇ ପାରିବେ, ଏଥିପାଇଁ ଆପଣ ହୁଏତ କିଛି ଧାରଣା ମଧ୍ୟ ପାଇପାରିବେ । ଏଠାରେ ଅଧିବେଶନ ପାଇଁ କେବଳ କିଛି ବିଷୟବସ୍ତୁ ଚିନ୍ତାଧାରା ପ୍ରଦତ୍ତ ହୋଇଛି, ଯେଉଁଗୁଡ଼ିକୁ ଆପଣ ଆପଣଙ୍କ ଦଳ ସହିତ ଆଲୋଚନା କରିପାରିବେ :

- ତ୍ରି-ତତ୍ତ୍ୱ
- ଈଶ୍ୱରଙ୍କ ରାଜ୍ୟ
- କ୍ରୁଶ
- ପୁନରୁତ୍ଥାନ
- ଆତ୍ମାଙ୍କ ଫଳ
- ଉପାସନା ଓ ସୁସମାଚାର ପ୍ରଚାର

### ଅନ୍ୟ ବିଶ୍ୱାସ-ମତାବଲମ୍ବୀମାନଙ୍କୁ ଜଣାଇବା

ସମାନ ଭାବରେ, ଆପଣ ଉନ୍ନତ ଦଳ ୱେବସାଇଟ (advnce 2020.org)ରେ ଗୋଟିଏ "One Thing" ବ୍ଲଗ୍ ପ୍ରତି ଦୃଷ୍ଟିପାତ କରିପାରିବେ । ସେଠାରେ ବହୁସଂଖ୍ୟକ ଭିନ୍ନ ଭିନ୍ନ ପ୍ରଚାରକ ସୁସମାଚାର ପ୍ରଚାର ଆରମ୍ଭ କରିବା ସମୟରେ ଯେଉଁ ଗୋଟିଏ ବିଷୟ ଜାଣିଥିଲେ, ତାହା ଜଣାଇ ଥାନ୍ତି ।

### ନୂତନ ସମ୍ବଳ

ଆଶା କରାଯାଏ, ଏହି ପ୍ରଥମ ବର୍ଷ ପରେ ମଧ୍ୟ ଆପଣ ଗୋଟିଏ ଦଳ ଭାବରେ ରହିବା ପାଇଁ ଇଚ୍ଛା କରିବେ । ଅଧିବେଶନଗୁଡ଼ିକ ମଧ୍ୟରେ ଏକତ୍ର ଗୋଟିଏ ପୁସ୍ତକ ପାଠ କରିବା ଓ ଏହାପରେ ଏହାକୁ ଭିତ୍ତି କରି ଶିକ୍ଷାଲାଭ ଓ ଆଲୋଚନା କରିବା ମଧ୍ୟ ଏପରି ଅନ୍ୟ ଗୋଟିଏ ମାର୍ଗ ଯଦ୍ଦ୍ୱାରା ଆପଣ ଦଳକୁ ବିଷୟବସ୍ତୁ ଯୋଗାଇ ପାରିବେ । ଏହି ପୁସ୍ତକର ପଶ୍ଚାଦଭାଗରେ (ପୃଷ୍ଠା -୬୮)ରେ ଥିବା ''ପ୍ରସ୍ତାବିତ ପୁସ୍ତକ'' ମଧ୍ୟରୁ ଆପଣ ଯେ କୌଣସି ପୁସ୍ତକକୁ ବାଛି ପାରିବେ, ମାତ୍ର ଯେଉଁ ପୁସ୍ତକଗୁଡ଼ିକର ନାମ ବଡ଼ ବଡ଼ ଅକ୍ଷରରେ ଲେଖାଯାଇଛି, ସେଗୁଡ଼ିକ ବିଶେଷ ଭାବରେ ଉପକାରୀ କାରଣ ସେଗୁଡ଼ିକ ସଂକ୍ଷିପ୍ତ, ପ୍ରାସଙ୍ଗିକ ଓ ସେଗୁଡ଼ିକରେ ଆଲୋଚନାମୂଳକ ପ୍ରଶ୍ନାବଳିକୁ ଅନ୍ତର୍ଭୁକ୍ତ କରାଯାଇଛି ।

## ପ୍ରାର୍ଥନା

ସମ୍ମିଳନୀ ସମୟରେ ପ୍ରାର୍ଥନା ପାଇଁ ଯଥେଷ୍ଟ ସମୟ ଦିଅନ୍ତୁ । ଗୋଟିଏ ନିର୍ଦ୍ଦିଷ୍ଟ ବିଷୟ ପାଇଁ ପ୍ରାର୍ଥନା ସମୟର ଓ ଉଭୟ ଶାସ୍ତ୍ରାଂଶ ଉପରେ ପ୍ରାର୍ଥନା ଓ ସ୍ୱତଃସ୍ଫୁର୍ତ୍ତ ପ୍ରାର୍ଥନା ସମୟର ଯୋଜନା କରନ୍ତୁ । ସମ୍ମିଳନୀ ସମୟରେ, ପ୍ରାର୍ଥନାରେ ଆପଣ ଯାହା କିଛି କଲେ ମଧ୍ୟ, ନିମ୍ନଲିଖିତ ତିନୋଟି ବିଷୟ ପାଇଁ ପ୍ରସ୍ତାବ ଦିଆଯାଉଛି ।

### ପରସ୍ପର ପାଇଁ ପ୍ରାର୍ଥନା କରିବା

ଆପଣଙ୍କର ଏହି ଏକତ୍ରିତ ହେବା ସମୟର ଏକ ପ୍ରାଥମିକ ବିଷୟ ଭାବରେ ଏକ ଆରେକ ପାଇଁ ନିଶ୍ଚୟ ପ୍ରାର୍ଥନା କରନ୍ତୁ । ଲୋକମାନଙ୍କୁ ଏପରି ଗୋଟିଏ କ୍ଷେତ୍ର ବିଷୟରେ ପଚାରନ୍ତୁ, ଯେଉଁଥିରେ ସେମାନେ ଈଶ୍ୱରଙ୍କ ପ୍ରତି କୃତଜ୍ଞତା ଅନୁଭବ କରୁଛନ୍ତି ଓ ଏପରି ଗୋଟିଏ କ୍ଷେତ୍ର, ଯେଉଁଥିରେ ସେମାନେ କୌଣସି ବିଷୟ କିମ୍ବା କିଛି ଅଗ୍ରଗତି ଆବଶ୍ୟକ କରୁଛନ୍ତି । ଲୋକମାନଙ୍କୁ ସେମାନଙ୍କ ଅନୁରୋଧ ଗୁଡ଼ିକରେ ନିର୍ଦ୍ଦିଷ୍ଟ ଓ ସଙ୍କୋଚ ହେବା ପାଇଁ କହନ୍ତୁ ଓ ପ୍ରତ୍ୟେକ ବ୍ୟକ୍ତିକୁ ତରବର କରନ୍ତୁ ନାହିଁ, ମାତ୍ର ପ୍ରତ୍ୟେକଙ୍କୁ ଯଥେଷ୍ଟ ସମୟ ଦିଅନ୍ତୁ । ଏହି ସମୟରେ ଉତ୍ପନ୍ନ ହେଉଥିବା କୌଣସି ବାକ୍ୟ ଉତ୍ସାହପ୍ରଦ ବିଷୟକୁ ଲେଖି ରଖିବା ବିଷୟରେ ସୁନିଶ୍ଚିତ ହୁଅନ୍ତୁ ।

### ସ୍ଥାନୀୟ ଓ ବିଶ୍ୱସ୍ତରୀୟ ପ୍ରଚାର ପାଇଁ ପ୍ରାର୍ଥନା କରିବା

ଆପଣଙ୍କ ସ୍ଥାନୀୟ ଅଞ୍ଚଳରେ ଓ ବିଶ୍ୱସ୍ତରରେ ମଧ୍ୟ ସୁସମାଚାରର ପ୍ରସାର ପାଇଁ କିଛି ସମୟ ପ୍ରାର୍ଥନା କରନ୍ତୁ । ଯଦି ଆପଣଙ୍କ ହୃଦୟରେ ଗୋଟିଏ ସ୍ଥାନୀୟ କିମ୍ବା ବିଶ୍ୱସ୍ତରୀୟ ନିର୍ଦ୍ଦିଷ୍ଟ ପରିସ୍ଥିତି ରହିଛି, ତେବେ ସେଗୁଡ଼ିକ ପାଇଁ ପ୍ରାର୍ଥନା କରନ୍ତୁ । ଆପଣଙ୍କ ପ୍ରାର୍ଥନାରେ ବ୍ୟକ୍ତି ବିଶେଷ, ମଣ୍ଡଳୀ, ପରିସ୍ଥିତି, ସେବାକାର୍ଯ୍ୟ, ମିଶନେରୀ, ସମ୍ବାଦରୁ ଜଣା ପଡୁଥିବା ପରିସ୍ଥିତି, ଇତ୍ୟାଦିକୁ ତୋଳି ଧରନ୍ତୁ ।

### ''ଉନ୍ନତ'' ଯାତ୍ରା ପାଇଁ ପ୍ରାର୍ଥନା କରିବା

ଏହି ଦଳରେ ଆପଣ ଯେଉଁ ଯାତ୍ରା କରିଛନ୍ତି, ସେଥିପାଇଁ ଧନ୍ୟବାଦ ଦିଅନ୍ତୁ ଓ ବ୍ୟକ୍ତିଗତ ଅଭିବୃଦ୍ଧି ଓ ସଫଳତା ଓ ପରିତ୍ରାଣର କାହାଣୀଗୁଡ଼ିକ ଉପରେ ଚିନ୍ତା କରନ୍ତୁ । ପ୍ରଭୁ ଆପଣଙ୍କଠାରେ ଯେଉଁ କାର୍ଯ୍ୟ ଆରମ୍ଭ କରିଛନ୍ତି, ତାହାକୁ ଯେପରି ଅବ୍ୟାହତ ରଖିବେ ଓ ଆପଣ ଯେପରି କ୍ରମବର୍ଦ୍ଧିଷ୍ଣୁ ଗୌରବର ସହିତ ତାଙ୍କ ପ୍ରତିମୂର୍ତ୍ତିରେ ପରିବର୍ତ୍ତିତ ହେବେ, ଏଥିପାଇଁ ପ୍ରଭୁଙ୍କୁ ନିବେଦନ କରନ୍ତୁ । (ଆପଣ ୨ କରିନ୍ଥୀୟ ୩:୧୭-୧୮ ମାଧ୍ୟମରେ ପ୍ରାର୍ଥନା କରିପାରିବେ ।)

## ଉପାସନା

ଈଶ୍ୱର ବାକ୍ୟରେ, ପ୍ରାର୍ଥନାରେ ଓ ସହଭାଗିତାରେ ସମୟ କାଟିବା ଉପାସନାର ଅଂଶ ବିଶେଷ ଅଟେ । ମାତ୍ର ଗୀତଗାୟନ କିମ୍ବା ଅନ୍ୟ ସୃଜନାତ୍ମକ ପରିପ୍ରକାଶ ମାଧ୍ୟମରେ ନିର୍ଦ୍ଦିଷ୍ଟ ଭକ୍ତିମୂଳକ ଉପାସନାରେ ମଧ୍ୟ ସମୟ କାଟନ୍ତୁ ।

### ସଙ୍ଗୀତ ଗାୟନ ଉପାସନା

ଯଦି ଆପଣ କୌଣସି ପ୍ରତିଭାବାନ୍ ସଙ୍ଗୀତଜ୍ଞଙ୍କୁ ଜାଣିଛନ୍ତି, ତେବେ ତାଙ୍କୁ ଗାୟନ-ଉପାସନାର ନେତୃତ୍ୱ ନେବା ପାଇଁ ନିମନ୍ତ୍ରଣ କରନ୍ତୁ । ଏହାର ବିକଳ୍ପ ଭାବରେ, ଅନେକ ବିଖ୍ୟାତ ସାମୂହିକ ଉପାସନା ଆପ୍ ଓ ଭିଡିଓ ମଧ୍ୟ ଅନ୍ ଲାଇନ୍‌ରେ ଉପଲବ୍ଧ ଅଟେ ଓ ସେଗୁଡ଼ିକ ମଧ୍ୟରୁ ଅନେକ ମାଗଣା ଅଟେ । ଆପଣ ଆପଣଙ୍କର ପ୍ରିୟ ଉପାସନା ଗୀତ ପାଇଁ ୟୁଟ୍ୟୁବରେ ଅତିଶୀଘ୍ର ଖୋଜି ପାରିବେ ଓ ଏହାକୁ ଦଳ ଏକତ୍ରିତ ଭାବରେ ଗାନ କରିପାରିବେ । ଈଶ୍ୱରଙ୍କ ଗୌରବ ପ୍ରକାଶ କରିବା ପାଇଁ ଈଶ୍ୱରଙ୍କ ଲୋକମାନେ ଏକତ୍ର ଗୀତ ଗାନ କରିବାରେ ଶକ୍ତି ରହିଥାଏ ।

### ଦାୟିତ୍ୱ ଅର୍ପଣ କରିବା

ଯେଉଁ ସୁସମାଚାର କାର୍ଯ୍ୟ ପାଇଁ ଈଶ୍ୱର ଆପଣଙ୍କୁ ଆହ୍ୱାନ କରିଛନ୍ତି ଓ ଶକ୍ତିଯୁକ୍ତ କରିଛନ୍ତି, ସେହି କାର୍ଯ୍ୟରେ ପରସ୍ପରକୁ ଈଶ୍ୱରଙ୍କ ସାକ୍ଷାତ୍‌ରେ ଦାୟିତ୍ୱ ଅର୍ପଣ କରିବା ଦ୍ୱାରା ଅନ୍ୟ ଏକ ମାର୍ଗରେ ଆପଣ ଏକ ସାମୂହିକ ଉପାସନାରେ ଅଂଶୀଦାର ହୋଇପାରିବେ । ଆପଣଙ୍କର 'ଉନ୍ନତ' ଦଳର ଏହି ପ୍ରଥମ ବର୍ଷର ଶେଷରେ, ଏହି ଗୁରୁତ୍ୱପୂର୍ଣ୍ଣ ଘଟଣା ସୁସଂଗଠିତ କରିବା ପାଇଁ ଏହା ଉତ୍ସାହଦାୟକ ଓ ଦୃଢ଼ ସମର୍ଥନକାରୀ ହେବ । ସେଥିପାଇଁ, ଏହା ନିମନ୍ତେ ଈଶ୍ୱରଙ୍କୁ ଧନ୍ୟବାଦ ଦିଅନ୍ତୁ ଓ ଜଗତର ପରିତ୍ରାଣ ଓ ଈଶ୍ୱରଙ୍କର ଗୌରବ ସକାଶେ ପୁଣି ଥରେ ସୁସମାଚାର ପ୍ରଚାର କରିବାକୁ ଯାଉଥିବା ସମୟରେ ପରସ୍ପର ପାଇଁ ପ୍ରାର୍ଥନା କରନ୍ତୁ ।

## ସହଭାଗିତା

ଆମେ ଏକତ୍ରିତ ହେବା ସମୟରେ ଏକ ଆରେକ ସହିତ ବନ୍ଧୁତାରେ ଓ ବିଶ୍ୱାସରେ ବୃଦ୍ଧି ପାଉ । ଆପଣଙ୍କ 'ଉନ୍ନତ' ଦଳର ସହଭାଗିତା ଆଶାଜନକଭାବରେ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଏକ ଆଶୀର୍ବାଦ ହୋଇ ରହିଛି ଓ ସମ୍ମିଳନୀରେ ଆପଣ ପରସ୍ପରକୁ ଉତ୍ତରଦାୟୀ କରିବା ପାଇଁ ଆପଣଙ୍କ ସଂକଳ୍ପରେ ଓ ପରସ୍ପରର ସାହଚର୍ଯ୍ୟକୁ ଉପଭୋଗ କରିବାରେ ଅବ୍ୟାହତ ରହିପାରିବେ ।

### ଉତ୍ତରଦାୟିତ୍ୱ

ଏପର୍ଯ୍ୟନ୍ତ ଉତ୍ତର ଦାୟିତ୍ୱ ପ୍ରତ୍ୟେକ ଅଧିବେଶନର ଏକ ମୁଖ୍ୟ ଅଂଶ ହୋଇରହିଛି ଓ ବର୍ଷର ଏହି ଅନ୍ତିମ ଅଧିବେଶନରେ, ଆପଣ ଯେ ପବିତ୍ର ଓ ନମ୍ର ଜୀବନ କାଟୁଛନ୍ତି, ଏହି ବିଷୟକୁ ସୁନିଶ୍ଚିତ କରିବା ପାଇଁ ପୁଣି ଥରେ ସେହି ସମାନ ପ୍ରକ୍ରିୟା ପ୍ରତି ସମର୍ପିତ ହୁଅନ୍ତୁ ।

### ଉପବାସ / ଭୋଜି

ସମ୍ମିଳନୀର ଗୋଟିଏ ଅଂଶ ବିଶେଷ ଭାବରେ ଆପଣମାନେ କିଛି ସମୟ ପାଇଁ ଉପବାସ ରହିପାରନ୍ତି, କିମ୍ବା ଏକତ୍ରିତ ଭାବରେ ଭୋଜନ କରିପାରନ୍ତି । ଏହି ସମୟରେ ଆପଣମାନେ ଏକତ୍ରିତ ହୋଇ ଆଲୋଚନା ପାଇଁ କିଛି ସମୟ ଦେଇପାରିବେ । ଏହା କରିବାର କୌଣସି ଠିକ୍ କିମ୍ବା ଭୁଲ୍ ମାର୍ଗ ନାହିଁ - କେବଳ ଏତିକି ବିଷୟ ଗୁରୁତ୍ୱପୂର୍ଣ୍ଣ ଅଟେ ଯେ ଏହା ଯେପରି ଆପଣଙ୍କୁ ଆପଣଙ୍କ ସମ୍ମିଳନୀ ସମୟର ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରିବ ।

### କାର୍ଯ୍ୟକ୍ରମ

ଆପଣ ଏକତ୍ର ଗୋଟି କାର୍ଯ୍ୟକ୍ରମର ଯୋଜନା କରିପାରନ୍ତି - ଉଦାହରଣ ସ୍ୱରୂପ, ଯଦି ଆପଣ କୌଣସି ପ୍ରାକୃତିକ ପରିବେଶରେ ସମ୍ମିଳନୀ କରୁଛନ୍ତି, ତେବେ ଏକତ୍ର ଏକ ଭ୍ରମଣରେ ଯାଆନ୍ତୁ ଓ ଏହି ସମୟ ମଧ୍ୟରେ ଉପରୋକ୍ତ ଉପାସନାମୂଳକ କାର୍ଯ୍ୟ ମଧ୍ୟରୁ କିଛି ଅନ୍ତର୍ଭୁକ୍ତ କରନ୍ତୁ । ଯଦି କୌଣସି ସହରୀ ପରିବେଶରେ ଅଛନ୍ତି, ତେବେ ଆପଣ କୌଣସି ଚିତ୍ରକଳା ପ୍ରଦର୍ଶନୀକୁ ଏକତ୍ର ଯାଇପାରିବେ ଓ ଅନୁଚିନ୍ତା ଓ ଉପାସନା ପାଇଁ ଏକ ଉଦ୍ଦୀପକ ଭାବରେ କିଛି ଚିତ୍ରକଳା ବ୍ୟବହାର କରି ସମାନ କାର୍ଯ୍ୟ କରିପାରିବେ ।

ସେହିପରି ଭାବରେ, ଆପଣ ଏକତ୍ର କୌଣସି ଆମୋଦ ପ୍ରମୋଦର କାର୍ଯ୍ୟ କରିପାରିବେ - ଗୋଟିଏ ଦଳଗତ କାର୍ଯ୍ୟ, ଖେଳ, ଆମୋଦ ପ୍ରମୋଦ ଇତ୍ୟାଦି । ଏହା ଉପାସନାକୁ ଉତ୍ସାହିତ କରିବାର ସହଭାଗିତା ହେଉ କିମ୍ବା ପରସ୍ପରର ସାହଚର୍ଯ୍ୟକୁ ଉପଭୋଗ କରି ପରସ୍ପର ସହିତ ସଂପର୍କରେ ବୃଦ୍ଧି ପାଇବାର ସହଭାଗିତା ହେଉ, ପରସ୍ପର ସହିତ ଯଥେଷ୍ଟ ସମୟ କ୍ଷେପଣ କରନ୍ତୁ ।

## ପରବର୍ତ୍ତୀ ପଦକ୍ଷେପ

'ଉନ୍ନତ' କାର୍ଯ୍ୟକ୍ରମର ପ୍ରଥମ ବର୍ଷ ସମାପ୍ତ ହୋଇଛି । ଆପଣ ବର୍ଷଟିକୁ (ଓ ସମ୍ମିଳନୀକୁ) ସମାପ୍ତ କରିବା ପୂର୍ବରୁ, ଏହି ଦଳ ପାଇଁ ଓ ଏହି ଦଳରୁ ଆରମ୍ଭ ହେବାକୁ ଥିବା ନୂତନ ଦଳ ପାଇଁ ପରବର୍ତ୍ତୀ ପଦକ୍ଷେପ ପ୍ରତି ନିଶ୍ଚିତଭାବେ ଦୃଷ୍ଟିପାତ କରନ୍ତୁ ।

### ଏହି ଦଳ

ଲୋକମାନଙ୍କ ପାଇଁ 'ଉନ୍ନତ' ଦଳର ଅନୁଭୂତି କିପରି ରହିଥିଲା, ସେ ବିଷୟରେ ଜଣାଇବା ପାଇଁ ସେମାନଙ୍କୁ ସମୟ ଦିଅନ୍ତୁ । ଆପଣମାନେ ସମସ୍ତେ କିପରି ବୃଦ୍ଧି ପାଇଛନ୍ତି ଓ ବିକାଶ ଲାଭ କରିଛନ୍ତି ସେହି ବିଷୟରେ ମତାମତ ଆଦାନ ପ୍ରଦାନ କରନ୍ତୁ ଓ ଏହି ବର୍ଷ ମଧ୍ୟରୁ କେଉଁ ବଡ଼ ବିଷୟ ଶିକ୍ଷା କରିଛନ୍ତି ସେହି ବିଷୟରେ ଚିନ୍ତା କରନ୍ତୁ । ଏହି ସମସ୍ତ ବିଷୟରେ ପରସ୍ପରକୁ ଉତ୍ସାହିତ କରନ୍ତୁ ।

ଯଦି ଦଳକୁ ଅବ୍ୟାହତ ରଖିବା ପାଇଁ ଆପଣ ଏପର୍ଯ୍ୟନ୍ତ ପ୍ରତିବଦ୍ଧ ହୋଇ ନାହାଁନ୍ତି, ତେବେ ଏହାକୁ ଅବ୍ୟାହତ ରଖିବାକୁ ସେମାନେ ଇଚ୍ଛା କରୁଛନ୍ତି କି ନାହିଁ, ତାହା ପ୍ରତ୍ୟେକଙ୍କୁ ପଚାରନ୍ତୁ ଓ ସେମାନେ ଏହା ଚାହୁଁଛନ୍ତି / ଏହାକୁ ଆବଶ୍ୟକ କରୁଛନ୍ତି – ଏହା ବାଛିବା ପାଇଁ ଲୋକମାନଙ୍କୁ ସୁଯୋଗ ଦିଅନ୍ତୁ । ଯଦି ଏକତ୍ର ଯାତ୍ରା କରିବା ପାଇଁ ଆପଣଙ୍କ ନିକଟରେ ଯଥେଷ୍ଟ ଲୋକ ଅଛନ୍ତି, ତେବେ ଆପଣ ଆସନ୍ତା ମାସରେ ଏକତ୍ର କ'ଣ କରିବେ, ସେହି ବିଷୟରେ କିଛି ଆକାଂକ୍ଷା ରଖନ୍ତୁ (ଆପଣ କେଉଁ ନୂତନ ସମ୍ବଳ ବ୍ୟବହାର କରିବେ, ଏକତ୍ରିତ ହେବାର ସମୟ ସେହି ସମାନ ରହିବ କି ନାହିଁ, ଇତ୍ୟାଦି) । ପ୍ରାର୍ଥନା କରନ୍ତୁ ଓ 'ଉନ୍ନତ' କାର୍ଯ୍ୟକ୍ରମର ପ୍ରଥମ ବର୍ଷ ପାଇଁ ଧନ୍ୟବାଦ ଦିଅନ୍ତୁ ଓ 'ଉନ୍ନତ' କାର୍ଯ୍ୟକ୍ରମର ପ୍ରଥମ ବର୍ଷ ପାଇଁ ଧନ୍ୟବାଦ ଦିଅନ୍ତୁ ଓ ସମ୍ମୁଖସ୍ଥ ବିଷୟକୁ ପ୍ରଭୁଙ୍କ ନିକଟରେ ସମର୍ପଣ କରନ୍ତୁ ।

**ନୂତନ ଦଳ**

ଗତ ଅଧିବେଶନରେ ଆରମ୍ଭ ହୋଇଥିବା ନୂତନ ଦଳର ବିକାଶ ଉପରେ ଦୃଷ୍ଟି ଦେବା ମଧ୍ୟ ମୂଲ୍ୟବାନ ହେବ । ଯଦି ଲୋକମାନେ ନୂତନ ଦଳ ଆରମ୍ଭ କରିବାକୁ ଯାଉଥାନ୍ତି, ତେବେ ସେମାନଙ୍କ ନୂତନ ଦଳରେ ଯୋଗ ଦେବା ପାଇଁ କହିବା ସମୟରେ ସେମାନେ ପ୍ରତ୍ୟେକ ଜଣଙ୍କ ସହିତ କିପରି ସଂଯୋଗ ସ୍ଥାପନ କରୁଛନ୍ତି, ତାହା ପରୀକ୍ଷା କରନ୍ତୁ ଓ ନୂତନ ଦଳଗୁଡ଼ିକ ପାଇଁ ପ୍ରାର୍ଥନା କରନ୍ତୁ ।

ଆପଣ ଆପଣଙ୍କ ସମ୍ମିଳନୀ ସମୟକୁ ଯେପରି ଭାବରେ ଚଳାଇଲେ ସୁଦ୍ଧା, 'ଉନ୍ନତ' କାର୍ଯ୍ୟକ୍ରମ ମୁଖ୍ୟ ମୂଲ୍ୟବୋଧଗୁଡ଼ିକ ଦୃଷ୍ଟିରେ ରଖନ୍ତୁ, ଗୋଟିଏ ଦଳ ଭାବରେ ଆପଣ ଯେଉଁ ଯାତ୍ରା କରିଛନ୍ତି, ତାହା ଉପରେ ଚିନ୍ତା କରନ୍ତୁ, ପଥ ମଧ୍ୟରେ ମିଳିଥିବା ଅଭିବୃଦ୍ଧି ଓ ସଫଳତା ପାଇଁ ଧନ୍ୟବାଦ ଦିଅନ୍ତୁ ଓ ଈଶ୍ୱରଙ୍କ ନିକଟରେ ଭବିଷ୍ୟତକୁ ସମର୍ପଣ କରନ୍ତୁ ।

# ଅତିରିକ୍ତ ଅଧିବେଶନ
# ଏବଂ ସମ୍ବଳ

# ଅତିରିକ୍ତ ଅଧିବେଶନ – ୧ : ବାର୍ତ୍ତାଳାପ ସହିତ ସୁସମାଚାର ପ୍ରଚାର

**ଏହି ଅଧିବେଶନ କେବଳ କୌଣସି ମଞ୍ଚରୁ ମିଳୁଥିବା ସୁଯୋଗ ଦ୍ୱାରା ନୁହେଁ, ମାତ୍ର ସୁସମ୍ବାଦ ଘୋଷଣା କରିବା ପାଇଁ ପ୍ରତ୍ୟେକଟି ସୁଯୋଗକୁ ଦେଖିବା ଓ ତାକୁ ବ୍ୟବହାର କରିବାର ଗୁରୁତ୍ୱ ଉପରେ ଆଲୋଚନା କରିଛି ।**

## ଗୋଟିଏ ବାକ୍ୟରେ ଅଧିବେଶନ

ପୃଥିବୀରେ ସୁସମାଚାର ପ୍ରଚାର ସମ୍ବନ୍ଧୀୟ ଆଲୋଚନାର ମୁଖ୍ୟଭାଗ ବ୍ୟକ୍ତି – ବ୍ୟକ୍ତି ମଧ୍ୟରେ ବାର୍ତ୍ତାଳାପ ମାଧ୍ୟମରେ ସଂଗଠିତ ହୁଏ, ସେଥିପାଇଁ, ଆମ ନିକଟରେ କେବଳ ଗୋଟିଏ ମଞ୍ଚ ଉପରୁ ପ୍ରଚାର କରିବାର ସୁଯୋଗ ମିଳିବା ସମୟରେ ନୁହେଁ, ମାତ୍ର ଈଶ୍ୱର ଯୋଗାଉଥିବା ଯେ କୌଣସି ଓ ପ୍ରତ୍ୟେକ ସୁଯୋଗରେ ସୁସମାଚାରକୁ ସ୍ପଷ୍ଟ ଭାବରେ ଜଣାଇବା ପାଇଁ ପ୍ରସ୍ତୁତ ରହିବାକୁ ହେବ ।

## ଅଧିବେଶନର ପୃଷ୍ଠଭୂମି

ଆମେ ପ୍ରତ୍ୟେକ ଦିନ ବାର୍ତ୍ତାଳାପରେ ନିୟୋଜିତ ହେଉ । ଏଥି ମଧ୍ୟରୁ ଅନେକଟି ସମ୍ମୁଖାସମ୍ମୁଖୀ କଥାବାର୍ତ୍ତା ଅଟେ, ମାତ୍ର ଯାନ୍ତ୍ରିକ କୌଶଳ ମାଧ୍ୟମରେ, ଆମେ ବର୍ତ୍ତମାନ ସମଗ୍ର ପୃଥିବୀର ଲୋକମାନଙ୍କ ସହିତ ଠିକ୍ ସମୟରେ ବିଭିନ୍ନ ମାର୍ଗରେ କଥାବାର୍ତ୍ତା କରିପାରୁଛୁ । ଏହି ଡିଜିଟାଲ–ଭିତ୍ତିକ କଥାବାର୍ତ୍ତା ହୁଏତ ଗୋଟିଏ କୋଠରୀ ମଧ୍ୟରେ ସମ୍ମୁଖାସମ୍ମୁଖୀ ହୋଇ ବ୍ୟକ୍ତିଗତ ସଂପର୍କ ରଖିବା ସହିତ ସମାନ ହୋଇ ନ ପାରେ, ମାତ୍ର ସେଗୁଡ଼ିକ ଉଭୟ ବନ୍ଧୁ ଓ ଅପରିଚିତମାନଙ୍କ ସହିତ ଯୋଗାଯୋଗ ରଖିବାର ଏକ ସାଧାରଣ ଓ ମୂଲ୍ୟବାନ ମାର୍ଗରେ ପରିଣତ ହୋଇଅଛି ।

ଗୋଟିଏ ମଞ୍ଚରୁ ପ୍ରଚାର, ସାଧାରଣ ଭାବରେ ବାର୍ତ୍ତାଳାପ ପାଇଁ ଅଧିକ ସୁଯୋଗ ଦିଏ ନାହିଁ । ଏଥିରେ ପ୍ରାୟ ଏପରି ମନେ ହୁଏ ଯେପରି ଆମେ ଆମର ବାର୍ତ୍ତା ଘୋଷଣା କରୁ ଓ ଏହା ଆମ ଶ୍ରୋତାମାନଙ୍କର ହୃଦୟରେ ରୋପିତ ହୋଇଯାଇଛି ବୋଲି ଆଶା କରୁ । କିନ୍ତୁ, ଗୋଟିଏ ବାର୍ତ୍ତାଳାପରେ ପ୍ରଶ୍ନ ପଚାରିବା ପାଇଁ, ଗୋଟିଏ ସଂପର୍କ ଗଠନ କରିବା ପାଇଁ ଓ ଶୁଣିବା ପାଇଁ ସୁଯୋଗ ରହିଥାଏ । ବେଳେବେଳେ ମଞ୍ଚ ଉପରୁ ଶୁଣାଯାଉଥିବା ଗୋଟିଏ – ଦିଗର ବାର୍ତ୍ତାକୁ ସଙ୍ଗେ ସଙ୍ଗେ ଅଗ୍ରାହ୍ୟ କରାଯାଇପାରେ, ମାତ୍ର ବ୍ୟକ୍ତିଗତ ବାର୍ତ୍ତାଳାପ ଶ୍ରୋତା ସହିତ ଅଧିକ ନିର୍ଦ୍ଦିଷ୍ଟ ଭାବରେ ପ୍ରତ୍ୟକ୍ଷ ଭାବରେ କଥା କହିବା ପାଇଁ ଅଧିକ ସୁଯୋଗ ପ୍ରଦାନ କରେ ।

ମଞ୍ଚ ଉପରୁ ସମସ୍ତ ସୁସମାଚାର ଘୋଷଣା କରାଯାଇ ନାହିଁ । ପ୍ରକୃତରେ, ଯୀଶୁ ଜନସମୂହଙ୍କ ନିକଟରେ ସୁସମାଚାର ଘୋଷଣା କରିବା ଅପେକ୍ଷା ଅଧିକ ବ୍ୟକ୍ତିଗତ ସ୍ତରରେ ଲୋକମାନଙ୍କ ସହିତ କଥାବାର୍ତ୍ତା କରିଥିଲେ ବୋଲି ବିବରଣୀ ଅଛି । ଯୀଶୁ ବାର୍ଟିମୟକୁ ପଚାରିଥିଲେ, ''ମୁଁ ତୁମ ପାଇଁ କ'ଣ କରିବି ବୋଲି ତୁମେ ଇଚ୍ଛା କରୁଛ ?'' (ମାର୍କ ୧୦:୫୧) । ''ମୁଁ ଦେଖିବାକୁ ଇଚ୍ଛା କରୁଛି'' – ଏହା ଏକ ସରଳ ଉତ୍ତର ଅଟେ ଯାହା ତା'ର ଆବଶ୍ୟକତାକୁ ଓ ଯୀଶୁଙ୍କ ନିକଟରେ ଯେ ସୁସ୍ଥ କରିବାର ଶକ୍ତି ଅଛି, ତା'ର ଏହି ବିଶ୍ୱାସକୁ ପ୍ରଦର୍ଶନ କରିଛି । ଏହିପରି ଜଣେ ଜଣେ ବ୍ୟକ୍ତିଙ୍କ ସହିତ ସାକ୍ଷାତ୍‌ରେ ସୁସମାଚାର କୌଣସି ସ୍ପଷ୍ଟ ବର୍ଣ୍ଣନା ନାହିଁ, ମାତ୍ର ଏହା ଯୀଶୁଙ୍କୁ ସେହି ଅନ୍ୱେଷୀର ଆବଶ୍ୟକତାକୁ ଆବିଷ୍କାର କରି ତାହା ପୂରଣ କରିବା ପାଇଁ ସୁଯୋଗ ପ୍ରଦାନ କରିଛି, ଯିଏ ଅନ୍ଧତ୍ୱରୁ ଅନୁଗାମୀ ହେବା ଦିଗରେ ଅଗ୍ରସର ହୋଇଛି ।

ଏପରିକି, ନିର୍ଦ୍ଦିଷ୍ଟ ଭାବରେ ''ପ୍ରଚାରକ'' ଉପାଧି ବହନ କରିଥିବା ବାଇବଲ ଚରିତ୍ର, ଫିଲିପ୍ପଙ୍କୁ ମଧ୍ୟ ଗଣ ପ୍ରଚାର କାର୍ଯ୍ୟ ମଧ୍ୟରେ ଜଣେ କୃଶୀୟ ନପୁଂସକଙ୍କ ସହିତ ସମ୍ମୁଖାସମ୍ମୁଖୀ କଥାବାର୍ତ୍ତା କରି ସୁସମାଚାର ଜଣାଇବା ପାଇଁ ପ୍ରଭୁଙ୍କର ଜଣେ ଦୂତ ନିର୍ଦ୍ଦେଶ ଦେଇଥିଲେ (ପ୍ରେରିତ ୮:୨୬–୪୦) । ସୁସମାଚାର ପ୍ରଚାର କରୁଥିବା ଯୀଶୁଙ୍କର ଅଧିକାଂଶ ଅନୁଗାମୀ ପରିବାର ସଦସ୍ୟ, ବନ୍ଧୁ, ସହକର୍ମୀ, କିମ୍ବା ସଂପୂର୍ଣ୍ଣ ଅପରିଚିତଙ୍କୁ ସୁଦ୍ଧା ବ୍ୟକ୍ତିଗତ ବାର୍ତ୍ତାଳାପ ମାଧ୍ୟମରେ ସୁସମାଚାର ଜଣାଇବେ । ନୂତନ ନିୟମରେ ଆମେ ଯେଉଁ ସେବାକାର୍ଯ୍ୟର ଗୁରୁତ୍ୱାରୋପ ଦେଖୁ, ତାହା ଦର୍ଶାଏ ଯେ ଯୀଶୁ ଓ ଆଦ୍ୟ ପ୍ରଚାରକମାନେ ଉଭୟ ଜନତାଙ୍କ ନିକଟରେ ଓ ବ୍ୟକ୍ତି ବିଶେଷଙ୍କ ନିକଟରେ ସୁସମାଚାର ଜଣାଇବା ପାଇଁ ସଂପୂର୍ଣ୍ଣ ଭାବରେ ପ୍ରସ୍ତୁତ ଥିଲେ । ପ୍ରଶ୍ନ ହେଉଛି – ଆମେ କ'ଣ ପ୍ରସ୍ତୁତ ଅଛୁ ?

## ଅଧିବେଶନ ସହାୟକ ସୂଚନା

### ନିକଟବର୍ତ୍ତୀ ହେବା (୧୦–୨୦ ମିନିଟ୍)

*ଏହି ସମୟରେ କାହାଣୀ, ଉତ୍ସାହପ୍ରଦ ଘଟଣା, ସୁଯୋଗଗୁଡ଼ିକ ବିଷୟରେ ମତାମତ ଓ ଦଳକୁ ଉତ୍ସାହିତ କରୁଥିବା ଯେ କୌଣସି ବିଷୟ ଜଣାଇ ଏକ ଆରେକର ନିକଟବର୍ତ୍ତୀ ହୁଅନ୍ତୁ । ଛୋଟ ଦଳ ମଧ୍ୟରେ, ପୂର୍ବର ସାକ୍ଷାତ୍ ସମୟଠାରୁ ଏପର୍ଯ୍ୟନ୍ତ ମିଳିଥିବା ଗୋଟିଏ ଜୟ ଓ ଗୋଟିଏ ସଂଘର୍ଷ ଜଣାଇବାକୁ କହନ୍ତୁ । ବଡ଼ ଦଳ ମଧ୍ୟରେ, ଗତ ସାକ୍ଷାତ୍ ସମୟ ପରେ ରହିଥିବା କିଛି ନିର୍ଦ୍ଦିଷ୍ଟ ସାକ୍ଷ୍ୟ ଜଣାଇବା ପାଇଁ ଚାରି କିମ୍ବା ପାଞ୍ଚ ଜଣଙ୍କୁ କହନ୍ତୁ ।*

### ପ୍ରାର୍ଥନା

*ପ୍ରଭୁଙ୍କୁ ସମୟ ଦିଅନ୍ତୁ ଓ ନିକଟବର୍ତ୍ତୀ ହେବା ସମୟରେ ଉତ୍ପନ୍ନ ହୋଇଥିବା ଯେ କୌଣସି ସକାରାତ୍ମକ କିମ୍ବା ଆହ୍ୱାନମୂଳକ ପରିସ୍ଥିତି ପାଇଁ ପ୍ରାର୍ଥନା କରନ୍ତୁ ।*

# ଶିକ୍ଷାଦାନ (୨୦-୩୦ ମିନିଟ୍)

*ନିମ୍ନଲିଖିତ ଶିକ୍ଷାଦାନର ବିଷୟବସ୍ତୁର ପ୍ରତ୍ୟେକଟି ବାକ୍ୟ ପଢ଼ିବା ଦ୍ୱାରା କିମ୍ବା ଆପଣଙ୍କ ନିଜସ୍ୱ ଉପସ୍ଥାପନା ମଧ୍ୟରେ ଏହାକୁ ପୁନଃ ପ୍ରୟୋଗ କରିବା ଦ୍ୱାରା, ଆପଣଙ୍କ ନିଜସ୍ୱ ମାର୍ଗରେ ଏହାକୁ ସଂପୂର୍ଣ୍ଣ କରନ୍ତୁ ।*

''ଏପରି ସମୟରେ ତାହାଙ୍କର ଶିଷ୍ୟମାନେ ଆସି ତାହାଙ୍କୁ ଜଣେ ସ୍ତ୍ରୀ ଲୋକ ସହିତ କଥାବାର୍ତ୍ତା କରୁଥିବା ଦେଖି ଚମତ୍କୃତ ହେଲେ, ତଥାପି ଆପଣ କଅଣ ଚାହାଁନ୍ତି, କିମ୍ବା କାହିଁକି ତାହା ସାଙ୍ଗରେ କଥା କହୁଅଛନ୍ତି, ଏହା କେହି ପଚାରିଲେ ନାହିଁ ।

ସେଥିରେ ସେହି ସ୍ତ୍ରୀ ଆପଣା ଜଳପାତ୍ର ଥୋଇ ଦେଇ ନଗରକୁ ଯାଇ ଲୋକମାନଙ୍କୁ କହିଲା, ଆସ, ଜଣଙ୍କୁ ଦେଖିବ, ମୁଁ ଯାହା ଯାହା କରିଅଛି, ସେହି ସବୁ ସେ ମୋତେ କହିଲେ, ସେ କେଜାଣି ଖ୍ରୀଷ୍ଟ ହେବେ ପରା ? ଏ ଥିଲେ ଲୋକେ ନଗରରୁ ବାହାରି ତାହାଙ୍କ ନିକଟକୁ ଯିବାକୁ ଲାଗିଲେ ।''

**ଯୋହନ ୪ : ୨୭-୩୦**

ଖ୍ରୀଷ୍ଟିଆନ ହୋଇ ନ ଥିବା ଜଣେ ବନ୍ଧୁଙ୍କ ସହିତ ଆପଣ ନିଜର ବିଶ୍ୱାସ ବିଷୟରେ ଶେଷ ଥର ପାଇଁ କେବେ କଥା ହୋଇଥିଲେ ? ଜଣେ ସଂପୂର୍ଣ୍ଣ ଅପରିଚିତଙ୍କ ବିଷୟରେ କ'ଣ କୁହାଯିବ ? ଅନେକ ସୁସମାଚାର ପ୍ରଚାରକ ବ୍ୟକ୍ତି ବିଶେଷଙ୍କ ନିକଟରେ ସାକ୍ଷ୍ୟଦାନକୁ ସଂପୂର୍ଣ୍ଣ ଆହ୍ୱାନମୂଳକ ବୋଲି ଆବିଷ୍କାର କରିପାରନ୍ତି । ସେମାନଙ୍କୁ ଗୋଟିଏ ମାଇକ୍ରୋଫୋନ୍ ଓ ଗୋଟିଏ ମଞ୍ଚ ଦେଇ ଦେଲେ, ସେମାନେ ଦିନସାରା ପ୍ରଚାର କରିପାରନ୍ତି, ମାତ୍ର କୌଣସି କଫି ଦୋକାନରେ ଜଣେ ଅପରିଚିତଙ୍କ ସହିତ କଥା କହିବା ପାଇଁ ପବିତ୍ର ଆତ୍ମାଙ୍କ ଚାଳନା ପାଇବା ସମୟରେ, ସେମାନଙ୍କ ପାଇଁ ଏହା ଏକ ଭିନ୍ନ କାହାଣୀ ହୋଇପାରେ ।

**ପ୍ରଶ୍ନ :** କାହିଁକି କେତେ ଜଣ ବ୍ୟକ୍ତି ମଞ୍ଚ ଉପରୁ ସାହସର ସହିତ ଘୋଷଣା କରିପାରୁଥିଲେ ସୁଦ୍ଧା ବ୍ୟକ୍ତି ବିଶେଷଙ୍କର ସମ୍ମୁଖୀନ ହେବା ପାଇଁ ସଂଘର୍ଷ କରନ୍ତି ? କୌଣସି ସମ୍ମୁଖାସମ୍ମୁଖୀ ଆଳାପ ସମୟରେ ଆପଣ ଭଲ ଭାବେ କହିପାରନ୍ତି କିମ୍ବା ସଂଘର୍ଷ କରନ୍ତି ?

ଯୀଶୁ ବ୍ୟକ୍ତି ବିଶେଷଙ୍କ ଜୀବନରେ ଆଗ୍ରହୀ ଅଟନ୍ତି । ଜନସମୂହଙ୍କ ନିକଟରେ ପ୍ରଚାର କରିବାର ଅଧିକାଂଶ ସମୟରେ ସେ ତାଙ୍କ ଯାତ୍ରା ପଥରେ ସାକ୍ଷାତ୍ କରୁଥିବା ଲୋକଙ୍କ ସହିତ ଓ ତାଙ୍କୁ ଉଦ୍ଦେଶ୍ୟମୂଳକ ଭାବରେ ଖୋଜୁଥିବା କିଛି ଲୋକଙ୍କ ସହିତ ସମ୍ମୁଖାସମ୍ମୁଖୀ ବାର୍ତ୍ତାଳାପରେ ନିୟୋଜିତ ରହୁଥିଲେ ବୋଲି ନୂତନ ନିୟମରେ ଉଲ୍ଲେଖ ଅଛି । ତାଙ୍କ ବାକ୍ୟ ଶୁଣିବା ପାଇଁ ଆଗ୍ରହୀ ଲୋକମାନଙ୍କ ନିକଟରେ ହେଉ, କିମ୍ବା ତାଙ୍କୁ ଧରିବା ପାଇଁ ଚେଷ୍ଟା କରୁଥିବା କ୍ରୁଦ୍ଧ ଧର୍ମଗୋଷ୍ଠୀ ନିକଟରେ ହେଉ, କିମ୍ବା ବିଭିନ୍ନ ବର୍ଗର ବ୍ୟକ୍ତି, ଯଥା ଧନୀ ଓ ଦରିଦ୍ର, ପୁରୁଷ ଓ ମହିଳା, ରୋଗୀ ଓ ସୁସ୍ଥ, ଧାର୍ମିକ ଓ ଅଧାର୍ମିକ, ଇତ୍ୟାଦିଙ୍କ ନିକଟରେ ହେଉ - ଯୀଶୁ ପ୍ରଚାର କରିବା ସମୟରେ ତାଙ୍କ ବାର୍ତ୍ତାକୁଅତି ସ୍ୱାଚ୍ଛନ୍ଦ୍ୟ ଭାବରେ ଜଣାଉଥିଲେ ବୋଲି ମନେ ହେଉଥିଲା ।

ଯେତେବେଳେ ଯୀଶୁ ଯୋହନ ୪ରେ ଉଲ୍ଲିଖିତ ଶମିରୋଣୀୟ ସ୍ତ୍ରୀ ସହିତ ସାକ୍ଷାତ୍ କରିଛନ୍ତି, ସେତେବେଳେ ସେଠାରେ ଏପରି କେତେକ ବିଷୟ ରହିଛି, ଯେଉଁଗୁଡ଼ିକ ପ୍ରତି ଆମେ ଦୃଷ୍ଟିପାତ କରିବା ଉଚିତ୍ :

**୧. ଆକସ୍ମିକ ସାକ୍ଷାତ୍ ପାଇଁ ପ୍ରସ୍ତୁତ ରହନ୍ତୁ**

ଶମିରୋଣୀୟ ସ୍ତ୍ରୀଟି ପାଇଁ ଏହି ସାକ୍ଷାତ୍ ସଂପୂର୍ଣ୍ଣ ଭାବରେ ଅନପେକ୍ଷିତ - ଓ ସମ୍ଭବତଃ, ଅନୁଉପଯୁକ୍ତ ଥିଲା, ମାତ୍ର ଯୀଶୁ ତା' ସହିତ କଥାବାର୍ତ୍ତା କରିବା ପାଇଁ ପ୍ରସ୍ତୁତ ଥିଲେ ଓ ତାଙ୍କର ଜଳର ଆବଶ୍ୟକତା ବିଷୟରେ ଜଣାଇ କଥାବାର୍ତ୍ତା ଆରମ୍ଭ କରିଥିଲେ । ଆମ ଜୀବନରେ ଗୋଟିଏ ସରଳ ଆବଶ୍ୟକତାରୁ କିମ୍ବା ପରିବେଶରୁ କେତେ ସଂଖ୍ୟକ ବାର୍ତ୍ତାଳାପ ଆରମ୍ଭ କରାଯାଇପାରିବ ? ଆପଣ ସ୍ନାନାଗାର ପାଇପ୍‌କୁ ମରାମତି କରିବା ପାଇଁ ଆସୁଥିବା ପାଇପ୍ ମିସ୍ତ୍ରୀ ? ଆପଣଙ୍କୁ କଫି ପରିବେଷଣ କରୁଥିବା ଜଣେ ପରିଚାରକ ? ଆପଣଙ୍କୁ ଗୋଟିଏ ଗୁରୁତର ରୋଗ ବିଷୟରେ ଜଣାଉଥିବା ଜଣେ ଡାକ୍ତର ? ଆମ ଚତୁର୍ଦ୍ଦିଗରେ କଥା କହିବା ପାଇଁ ଅନେକ ସୁଯୋଗ ଅଛି ଓ ଯଦିଓ 'ଅନ୍ୱେଷୀ'ଙ୍କ ସହିତ ଆକସ୍ମିକ ଭାବେ ସାକ୍ଷାତ୍ ହୋଇପାରେ, ତଥାପି ଯୀଶୁଙ୍କଠାରେ ଆମର ଯେଉଁ ଭରସା ଅଛି, ସେହି ଭରସା ବିଷୟରେ ଜଣାଇବା ପାଇଁ ଆମେ ସର୍ବଦା ପ୍ରସ୍ତୁତ ରହିବା ଉଚିତ୍ (ଏପରିକି ଆମେ କ୍ଳାନ୍ତ ହୋଇଥିବା ସମୟରେ ମଧ୍ୟ, ଯେପରି ଯୀଶୁ ଏଠାରେ ନିଶ୍ଚିତ ଭାବେ କ୍ଳାନ୍ତ ଶ୍ରାନ୍ତ ଥିଲେ) ।

**୨. ବ୍ୟକ୍ତିଗତ ଭାବରେ ଓ ସକାରାତ୍ମକ ଭାବରେ ନିୟୋଜିତ ହୁଅନ୍ତୁ**

ଯୀଶୁ ଯେପରି ଦୟା, ସମ୍ବେଦନଶୀଳତା ଓ ଅନୁକମ୍ପା ସହିତ ଶମିରୋଣୟ ସ୍ତ୍ରୀ ପ୍ରତି ବ୍ୟବହାର ଦେଖାଇଥିଲେ, ତାହା ଏହି ସାକ୍ଷାତ୍‌ର ଗୋଟିଏ ଅତି ସୁନ୍ଦର ବିଷୟ ଅଟେ । ସେ ଯେପରି ସ୍ୱାଭାବିକ ଭାବରେ ତା' ସହିତ କଥାବାର୍ତ୍ତା କରିଥିଲେ, ତା' ଜୀବନ ସହିତ ଯେପରି ବ୍ୟକ୍ତିଗତ ସଂପର୍କ ସ୍ଥାପନ କରିଥିଲେ ଓ ଯେପରି ଦୟାର ସହିତ, ସେ ତା' ନିକଟରେ ସତ୍ୟ ପ୍ରକାଶ କରିଥିଲେ, ସେଗୁଡ଼ିକ ସକାରାତ୍ମକ ବାର୍ତ୍ତାଳାପରେ ଆମେ କିପରି ନିୟୋଜିତ ହେବୁ ଏ ବିଷୟରେ ପ୍ରେରଣାଦାୟକ ଦୃଷ୍ଟାନ୍ତ ଅଟେ ।

**୩. ଉତ୍ତମଭାବେ ଶୁଣନ୍ତୁ**

ଆମେ ଯାହା ବିଶ୍ୱାସ କରୁ, ତାହା ବିଷୟରେ ଲୋକମାନେ ଯେ ପ୍ରଶ୍ନ ପଚାରିବେ, ଏହା ଅବଶ୍ୟମ୍ଭାବୀ ଅଟେ । ଏହି ପ୍ରଶ୍ନଗୁଡ଼ିକ ଦ୍ୱାରା ଭୟଭୀତ ହେବା ପରିବର୍ତ୍ତେ, ଆମେ କିଛି ସମୟ ଭଲ ଭାବରେ ଶୁଣିବା ଓ ଏହାପରେ ଯେତେବେଳେ ଓ ଯେଉଁଠାରେ ଆମେ ସମର୍ଥ ଅଟୁ, ସେଠାରେ ନିଷ୍କପଟ ଭାବରେ ଉତ୍ତର ଦେବା ଉଚିତ । ପ୍ରାୟତଃ, ଏହା ମଧ୍ୟରେ ଆମ ନିଜ ବିଷୟରେ ପ୍ରଶ୍ନ ରହିଥାଏ - ଯେପରି ଯୀଶୁ ଓ ଶମିରୋଣୀୟ ସ୍ତ୍ରୀ କ୍ଷେତ୍ରରେ ଘଟିଥିଲା । ପ୍ରଶ୍ନଗୁଡ଼ିକ କେବଳ ଆମେ ଜଣାଉଥିବା ବିଷୟକୁ ଗ୍ରହଣ କରିବା ପାଇଁ ଉଦ୍ଦିଷ୍ଟ ନୁହେଁ, ମାତ୍ର ସେଗୁଡ଼ିକ ଆମେ ଜଣାଉଥିବା ଚିନ୍ତାଧାରା ଉପରେ ଚିନ୍ତନ କରିବା ପାଇଁ (ଓ ସେମାନଙ୍କ ନିଜସ୍ୱ ଚିନ୍ତାଧାରା ଉପରେ ମଧ୍ୟ ଚିନ୍ତନ କରିବା ପାଇଁ) ସେମାନଙ୍କୁ ଆମନ୍ତ୍ରଣ କରେ । ଯୀଶୁ ନିଜ ପ୍ରଚାରରେ ପ୍ରଶ୍ନ ବ୍ୟବହାର କରିବାରେ ଦକ୍ଷ ଥିଲେ ଓ ଲୋକମାନଙ୍କର ସାଂପ୍ରତିକ ଦୁର୍ବଳ ଦୃଷ୍ଟିକୋଣ ସ୍ଥାନରେ ସେମାନଙ୍କୁ ସତ୍ୟଗ୍ରହଣ କରିବା ପାଇଁ ପରାମର୍ଶ ଦେଉଥିଲେ ।

**୪. ଭୁଲ୍ ବୁଝାମଣାରୁ ପରିପ୍ରକାଶ ଦିଗକୁ ଅଗ୍ରସର ହୁଅନ୍ତୁ ।**

ସ୍ତ୍ରୀଟି ପ୍ରଥମେ ଯୀଶୁଙ୍କ କଥାକୁ ଭୁଲ୍ ବୁଝିଥିଲା (ପଦ ୧୧) । ଯୀଶୁ ବାର୍ତ୍ତାଳାପକୁ ଅବ୍ୟାହତ ରଖିଥିଲେ ଓ ଯେ ପର୍ଯ୍ୟନ୍ତ ତା' ନିକଟରେ ସଂପୂର୍ଣ୍ଣ ପରିପ୍ରକାଶ ଆସି ନାହିଁ, ସେ ପର୍ଯ୍ୟନ୍ତ ତାକୁ ବୁଝାଇବା ପାଇଁ ଅଧିକ ସୁଗଠିତ ଶୈଳୀ ବ୍ୟବହାର କରିଥିଲେ ।

ଭୁଲ ବୁଝାମଣା ଓ ଭୁଲ୍ ବ୍ୟାଖ୍ୟା ମାନବିକ ବାର୍ତ୍ତାଳାପର ଅବିଚ୍ଛେଦ୍ୟ ଅଂଶ ଅଟେ । ଭୟଭୀତ ନ ହୋଇ ଧୈର୍ଯ୍ୟଶୀଳ ହୁଅନ୍ତୁ । ଆପଣ ଯାହା କହୁଛନ୍ତି, ତାହା ସ୍ପଷ୍ଟ ନ ହେବା ପର୍ଯ୍ୟନ୍ତ ବାର୍ତ୍ତାଳାପ ଅବ୍ୟାହତ ରଖନ୍ତୁ – ଏହି ସମସ୍ତ ବିଷୟ ପାଇଁ ହିଁ ଆପଣ ଉତ୍ତରଦାୟୀ ଅଟନ୍ତି । ମାତ୍ର ଈଶ୍ୱରଙ୍କ ଆତ୍ମା ସରଳ ବୋଧ ଜ୍ଞାନକୁ ପ୍ରକୃତ ପ୍ରତ୍ୟାଦେଶ (ପରିପ୍ରକାଶ)ରେ ପରିଣତ କରିବେ ।

**୫. ମୁଖ୍ୟ ବିଷୟକୁ ମୁଖ୍ୟ ବିଷୟ କରି ରଖନ୍ତୁ**

ଯେତେବେଳେ ସ୍ତ୍ରୀଟି ଜଳ ପାଇଁ ଯୀଶୁ ତାକୁ ଅନୁରୋଧ କରିଥିଲେ, ସେତେବେଳେ ସେ ଏହାର ଯଥାର୍ଥତା ଉପରେ ଆଗ୍ରହ ପ୍ରଦର୍ଶନ କରିଥିଲା । ଏହି ସମୟରେ, ଯୀଶୁ ହୁଏତ ନିଜର ମୁଖ୍ୟ ବିଷୟ ଉପରୁ ଦୃଷ୍ଟି ଫେରାଇ ରାଜନୈତିକ ଓ ସାଂସ୍କୃତିକ ବାର୍ତ୍ତାଳାପ କରିପାରିଥାନ୍ତେ । ମାତ୍ର ଏହା ପରିବର୍ତ୍ତେ, ସୁସମାଚାର ସମ୍ବନ୍ଧୀୟ କଥାବାର୍ତ୍ତା ଯେପରି ଆଗକୁ ବଢ଼ିବ, ଏଥିପାଇଁ ସେ ମୁଖ୍ୟ ବିଷୟକୁ ମୁଖ୍ୟ ବିଷୟ କରି ରଖିଥିଲେ । ଅନେକ ସମୟରେ ବାର୍ତ୍ତାଳାପ ମାଧ୍ୟମରେ ସୁସମାଚାର ପ୍ରଚାରରେ ମୁଖ୍ୟ ପ୍ରସଙ୍ଗରୁ ବିଭ୍ରାନ୍ତ ହେବାର ସୁଯୋଗ ଥାଏ ମାତ୍ର ଆମର ଲକ୍ଷ୍ୟ (ଯଦିଓ ଆମକୁ କିଛି ଅନ୍ୟାନ୍ୟ ବିଷୟ କହିବାକୁ ପଡ଼େ) ହେଉଛି, ଖ୍ରୀଷ୍ଟଙ୍କ କ୍ରୁଶକୁ ବାର୍ତ୍ତାଳାପର କେନ୍ଦ୍ରରେ ରଖିବା ।

**୬. ସମ୍ଭାବନାକୁ ଚିହ୍ନନ୍ତୁ**

ଆପଣଙ୍କ ସମ୍ମୁଖରେ ବସିଥିବା ବ୍ୟକ୍ତି ନିକଟରେ ଉଭୟ ସୁସମାଚାର ଗ୍ରହଣ କରିବାର ଓ ଏହା ନିମନ୍ତେ ସାକ୍ଷୀ ହେବାର ସମ୍ଭାବନା ରହିଅଛି । ଯେଉଁମାନେ ଅଳ୍ପ କିଛି ଦିନ ପୂର୍ବେ ଈଶ୍ୱରଙ୍କର ସାକ୍ଷାତ୍ ପାଇଥାନ୍ତି ସେମାନେ ପ୍ରାୟ ସର୍ବାଧିକ ପ୍ରଭାବଶାଳୀ ପ୍ରଚାରକ ହୁଅନ୍ତି । ଆମେ ଯେପରି ଆମ ପରିତ୍ରାଣର ସଂକ୍ରମିତ ଆନନ୍ଦକୁ ଆଦୌ ହରାଇବୁ ନାହିଁ, ଏଥିପାଇଁ ଏହା ଆମକୁ ଆହ୍ୱାନ ଜଣାଇବା ଉଚିତ ଓ ତତ୍ ସଙ୍ଗେ ସଙ୍ଗେ, ଆମେ ଯେଉଁମାନଙ୍କ ନିକଟରେ ସାକ୍ଷ୍ୟ ଦେଉ, ସେମାନେ ଯେପରି ଅତିଶୀଘ୍ର ଖ୍ରୀଷ୍ଟଙ୍କ ପାଇଁ ସଫଳ ଓ ଆକର୍ଷଣୀୟ ସାକ୍ଷୀ ହୋଇପାରିବେ, ଏଥିପାଇଁ ଏହା ଆମକୁ ପ୍ରେରଣା ମଧ୍ୟ ଦେବା ଉଚିତ୍ ।

ପ୍ରଚାର କରିବା ପାଇଁ ହୁଏତ ସମସ୍ତଙ୍କ ନିକଟରେ ମଞ୍ଚ ନ ଥାଏ (କିମ୍ବା ସୁସମାଚାର ''ପ୍ରଚାରକ'' ହେବା ପାଇଁ ଆହ୍ୱାନ କିମ୍ବା ଦାନ ନ ଥାଏ), ମାତ୍ର ଆମ ସମସ୍ତଙ୍କୁ ସୁସମାଚାର ପ୍ରଚାରରେ ନିୟୋଜିତ ହେବା ପାଇଁ ଆହ୍ୱାନ ଦିଆଯାଇଛି । ପୃଥିବୀରେ ଅଧିକାଂଶ ସୁସମାଚାର ପ୍ରଚାର ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ବାର୍ତ୍ତାଳାପ ମାଧ୍ୟମରେ ସଂଘଟିତ ହୁଏ – ଅର୍ଥାତ୍, ବିଶ୍ୱାସୀମାନେ ବ୍ୟକ୍ତିଗତ ଭାବରେ ଅନ୍ୱେଷୀମାନଙ୍କ ସହିତ କଥାବାର୍ତ୍ତା କରି ଏହା ଜଣାଇଥାନ୍ତି । ଯୀଶୁ ଓ ତାଙ୍କର ଅନୁଗାମୀମାନେ ଏହି ପ୍ରକାର ପ୍ରଚାର ପ୍ରତି ସମର୍ପିତ ଥିଲେ, ଆଉ ଆମେ ମଧ୍ୟ ସେହିପରି କରିବା ଉଚିତ୍ ।

## ଆଲୋଚନା (୨୦ ମିନିଟ୍)

*ନିମ୍ନଲିଖିତ ପ୍ରଶ୍ନ ଗୁଡ଼ିକୁ ଓ / କିମ୍ବା ଆଲୋଚନା ଉଦ୍ଧୃତାଂଶର ଅନୁସନ୍ଧାନ କରନ୍ତୁ :*

- ଆମେ ଆମ ବିଶ୍ୱାସ ବିଷୟରେ ଲୋକମାନଙ୍କ ସହିତ କଥାବାର୍ତ୍ତା କରୁଥିବା ସମୟରେ ଶୁଣିବା କାହିଁକି ଏତେ ଗୁରୁତ୍ୱପୂର୍ଣ୍ଣ ଅଟେ ?
- ଜଣେ ବ୍ୟକ୍ତି ବନ୍ଧୁ କିମ୍ବା ଅପରିଚିତ – ଏହା ଉପରେ ନିର୍ଭର କରି ବାର୍ତ୍ତାଳାପ ମାଧ୍ୟମରେ ସୁସମାଚାର ପ୍ରଚାରକୁ କିପରି ପରିବର୍ତ୍ତନ କରାଯାଇ ପାରିବ ?
- ବ୍ୟକ୍ତିଗତ ସାକ୍ଷ୍ୟ ପାଇଁ ସୁଯୋଗ ଅନ୍ୱେଷଣ କରିବାରେ ଆପଣ କିପରି ଅଧିକ ଇଚ୍ଛୁକ ହୋଇପାରିବେ ?
- ଯେଉଁମାନଙ୍କୁ ବ୍ୟକ୍ତିଗତ ସାକ୍ଷ୍ୟଦାନ କଷ୍ଟକର ମନେହୁଏ, ସେମାନଙ୍କୁ ଆପଣ କିପରି ଉତ୍ସାହିତ ଓ ସହାୟତା ପ୍ରଦାନ କରିବେ ?

''ସୁସମାଚାର ପ୍ରଚାରରେ, ଆମେ ମୁଖ୍ୟତଃ, ପଦ୍ଧତି ବିଷୟରେ ସଂଘର୍ଷ କରି ନ ଥାଉ, ମାତ୍ର ପରିପକ୍ୱତା ବିଷୟରେ ସଂଘର୍ଷ କରିଥାଉ । ଆମେ କ'ଣ ଈଶ୍ୱରଙ୍କ ପାଇଁ ଆଗ୍ରହୀ ଅଟୁ ଓ ଈଶ୍ୱର ଯେଉଁ ବିଷୟରେ ଯତ୍ନଶୀଳ (ବିନାଶପ୍ରାପ୍ତ ଲୋକ), ଆମେ କ'ଣ ସେହି ବିଷୟରେ ଯତ୍ନଶୀଳ ଅଟୁ ? ଯଦି ଆମ ନିକଟରେ ଈଶ୍ୱରଙ୍କ ହୃଦୟ ଅଛି, ତେବେ ଈଶ୍ୱରଙ୍କ ରାଜ୍ୟର ଉଦ୍ଦେଶ୍ୟକୁ ଅଗ୍ରସର କରାଇବା ପାଇଁ ଆମେ ଆମର ଅବିଶ୍ୱାସୀ ବନ୍ଧୁମାନଙ୍କ ସହିତ ଆମର ପ୍ରତ୍ୟେକ ବାର୍ତ୍ତାଳାପରେ ଯଥାସାଧ୍ୟ ଉଦ୍ୟମ କରିପାରିବା ।

**ନର୍ମାନ ଓ ଡେଭିଡ୍ ଗିସ୍‌ଲର**

## ପ୍ରୟୋଗ (୫ ମିନିଟ୍)

କୌଣସି ପ୍ରଚାର ସୁଯୋଗ ମାଧ୍ୟମରେ କିମ୍ବା ବକ୍ତୃତା ମାଧ୍ୟମରେ ନୁହେଁ, ମାତ୍ର ଆପଣଙ୍କ ସାଧାରଣ ଜୀବନର ଏକ ଅଂଶ ଭାବରେ କୌଣସି ଜଣେ ବ୍ୟକ୍ତିଙ୍କୁ ଏହି ସପ୍ତାହରେ ଆପଣଙ୍କ ବିଶ୍ୱାସ ବିଷୟରେ କହନ୍ତୁ । ଆପଣଙ୍କର ଦୈନନ୍ଦିନ ବାର୍ତ୍ତାଳାପ ସମୟରେ, ଆପଣଙ୍କ ବିଶ୍ୱାସ ବିଷୟରେ ସେମାନଙ୍କର କୌଣସି ପ୍ରଶ୍ନ ଅଛି କି ବୋଲି ପଚାରନ୍ତୁ ଓ କଥାବାର୍ତ୍ତା କଲେ ଆପଣ ଖୁସି ହେବେ ବୋଲି ସେମାନଙ୍କୁ ଜଣାନ୍ତୁ କିମ୍ବା ଯୀଶୁ କିଏ ବୋଲି ସେମାନେ ଭାବୁଛନ୍ତି, ତାହା ପଚାରନ୍ତୁ ଓ ଏହି ପ୍ରଶ୍ନ କେଉଁ ଦିଗକୁ ଗତି କରୁଛି, ତାହା ଦେଖନ୍ତୁ ।

## ପ୍ରାର୍ଥନା

ଅନ୍ୟମାନଙ୍କୁ ଈଶ୍ୱରଙ୍କ ପ୍ରଦତ୍ତ ଭରସା ବିଷୟରେ ଜଣାଇବା ପାଇଁ ଚତୁର୍ଦ୍ଦିଗରେ ଥିବା ସମ୍ଭାବନାଗୁଡ଼ିକୁ ଆପଣ ଯେପରି ଅଧିକ ଉତ୍ତମ ଭାବେ ଦେଖିପାରିବେ, ଏଥିପାଇଁ ଈଶ୍ୱରଙ୍କୁ ସାହାଯ୍ୟ ମାଗନ୍ତୁ । ଆପଣଙ୍କ ସମ୍ମୁଖରେ ଏହି ସୁଯୋଗ ଗୁଡ଼ିକୁ ରଖିଥିବାରୁ ଓ ଏହି ଜଗତରେ ସେ ଯାହା କରୁଛନ୍ତି, ସେଥିରେ ଆପଣଙ୍କୁ ଅଂଶୀ କରାଇବାରେ ସେ ଆନନ୍ଦିତ ହେଉଥିବାରୁ, ତାଙ୍କୁ ଧନ୍ୟବାଦ ଦିଅନ୍ତୁ । ଯେଉଁମାନେ ସମ୍ମୁଖାସମ୍ମୁଖୀ ବାର୍ତ୍ତାଳାପ ପାଇଁ ସଂଘର୍ଷ କରୁଛନ୍ତି, ସେମାନଙ୍କ ନିମନ୍ତେ ପ୍ରାର୍ଥନା କରନ୍ତୁ ଓ ଈଶ୍ୱର ଯେପରି ସେମାନଙ୍କୁ ଯେ କୌଣସି ପ୍ରକାର ଭୟ ଓ ଉଦ୍‌ବେଗରୁ ରକ୍ଷା କରିବେ ଓ ଆପଣ ଅଗ୍ରସର ହେଉଥିବା ସମୟରେ ଯେପରି ପରସ୍ପରକୁ ଉତ୍ସାହିତ କରିବେ, ଏଥିପାଇଁ ମଧ୍ୟ ପ୍ରାର୍ଥନା କରନ୍ତୁ ।

## ଉତ୍ତର ଦାୟିତ୍ୱ (୧୫ ମିନିଟ୍)

*ସମୀକ୍ଷା ଫର୍ମଟିକୁ ପୂରଣ କରନ୍ତୁ, ଏହାକୁ ଦୁଇ ଜଣଙ୍କ ମଧ୍ୟରେ କିମ୍ବା ଛୋଟ ଦଳ ମଧ୍ୟରେ ଜଣାନ୍ତୁ ଓ ଏକ ଆରେକ ପାଇଁ ପ୍ରାର୍ଥନା କରନ୍ତୁ ।*

# ଅତିରିକ୍ତ ଅଧିବେଶନ – ୨
# ବିଶ୍ୱାସମତର ପକ୍ଷ ସମର୍ଥନ

**ଏହି ଅଧିବେଶନ ପକ୍ଷ ସମର୍ଥନ ସମ୍ବନ୍ଧୀୟ ବିଷୟ ପ୍ରତି ଦୃଷ୍ଟିପାତ କରିଛି ଓ ସର୍ବଦା ଯୀଶୁ ଖ୍ରୀଷ୍ଟଙ୍କ ବ୍ୟକ୍ତିତ୍ୱ ପ୍ରତି ଲୋକମାନଙ୍କ ଦୃଷ୍ଟି ଆକର୍ଷଣ କରୁଥିବା ସମୟରେ, ଜଗତ ଯେଉଁ କେତେକ ବିଷୟ ଉପରେ କଥାବାର୍ତ୍ତା କରିବାକୁ ଇଚ୍ଛା କରେ ସେହି ବିଷୟଗୁଡ଼ିକ ଉପରେ ଆମକୁ କେଉଁଠାରେ ଦକ୍ଷ ହେବାକୁ ପଡ଼ିବ, ତାହା ଚିହ୍ନିବାରେ ଆମକୁ ସାହାଯ୍ୟ କରେ ।**

## ଗୋଟିଏ ବାକ୍ୟରେ ଅଧିବେଶନ

ପକ୍ଷ ସମର୍ଥନ ଏପରି ଏକ ସୁସମାଚାର ପ୍ରଚାରର ଉପକରଣ ଅଟେ ଯାହା ଆମକୁ ଆମର ବିଶ୍ୱାସ ସମ୍ବନ୍ଧୀୟ ପ୍ରଶ୍ନର ଉତ୍ତର ଦେବା ପାଇଁ ଓ ସୁସମାଚାରକୁ ବିରୋଧ କରୁଥିବା ଲୋକମାନଙ୍କ ନିକଟରେ ଏହାର ପକ୍ଷ ସମର୍ଥନ କରିବା ପାଇଁ ସାହାଯ୍ୟ କରେ ।

## ଅଧିବେଶନର ପୃଷ୍ଠଭୂମି

ଯେତେବେଳେ ଆମକୁ ଆମର ବିଶ୍ୱାସ ଓ ଆମେ ପ୍ରଚାର କରୁଥିବା ବାର୍ତ୍ତା ବିଷୟରେ ପ୍ରଶ୍ନ କରାଯାଏ, ସେତେବେଳେ ଏପରି ବିଶ୍ୱାସଯୋଗ୍ୟ ଉତ୍ତର ଦେବା ଆମର ଦାୟିତ୍ୱ ଅଟେ ଯାହା ଯୀଶୁଙ୍କ ସମ୍ବନ୍ଧୀୟ ସତ୍ୟତାକୁ ଦର୍ଶାଏ ।

ଖ୍ରୀଷ୍ଟିଆନ ପକ୍ଷ ସମର୍ଥନର ଗୋଟିଏ ସର୍ବାଧିକ ସରଳ ସଂଜ୍ଞା ହୋଇଛି : ''ଖ୍ରୀଷ୍ଟିଆନ ବିଶ୍ୱାସ ମତର ଏକ ପକ୍ଷ ସମର୍ଥନ'' ପକ୍ଷ ସମର୍ଥନ ସୁସମାଚାର ପ୍ରଚାରର ଏକ ନୂତନ ବିକାଶ ନୁହେଁ, ମାତ୍ର ୧ ପିତର ୩:୧୫ରେ ଆଇନ ସମ୍ବନ୍ଧୀୟ ଶବ୍ଦ ''ଆପୋଲୋଜିଆ''ର ବ୍ୟବହାର ଠାରୁ ଆରମ୍ଭ କରି ପ୍ରେରିତ ୧୭ରେ ଏଥେନ୍‌ବାସୀମାନଙ୍କ ନିକଟରେ ପାଉଲଙ୍କର ବକ୍ତୃତାର ଗଠନ ଶୈଳୀ ଓ ଘୋଷଣା ପର୍ଯ୍ୟନ୍ତ, ବାଇବଲରେ ଏହାକୁ ଚିହ୍ନଟ କରାଯାଇପାରିବ । ବାଇବଲରେ ପ୍ରଶ୍ନ, ଆଗ୍ରହ ଓ ଆପତ୍ତି ଗୁଡ଼ିକର ଉତ୍ତରରେ ଖ୍ରୀଷ୍ଟୀୟ ବିଶ୍ୱାସର ଏକ ଯୁକ୍ତିଯୁକ୍ତ କିମ୍ବା ସୃଜନାତ୍ମକ ଉପସ୍ଥାପନ ସମ୍ବନ୍ଧରେ ଏକାଧିକ ବିବରଣୀ ରହିଛି ।

ପକ୍ଷ ସମର୍ଥନ କାର୍ଯ୍ୟ ଈଶ୍ୱରଙ୍କୁ ଯୁକ୍ତିଯୁକ୍ତ କରିବା ପାଇଁ ଉଦ୍ଦିଷ୍ଟ ନୁହେଁ, ମାତ୍ର ଆମ ନିକଟରେ ଯେଉଁ ସତ୍ୟତା ଓ ବିଶ୍ୱାସଯୋଗ୍ୟ ଭରସା ରହିଛି, ତା' ସହିତ ଲୋକମାନଙ୍କୁ ସଂଯୁକ୍ତ କରିବା ପାଇଁ ଉଦ୍ଦିଷ୍ଟ ଅଟେ । ଯେଉଁମାନେ ଆମର ବିଶ୍ୱାସକୁ ପ୍ରଶ୍ନ କରନ୍ତି, ସେମାନେ ଯେପରି ଖ୍ରୀଷ୍ଟଙ୍କୁ ଜାଣିପାରିବେ, ଏଥିପାଇଁ ଆମେ ଆମ ବିଶ୍ୱାସର ପକ୍ଷ ସମର୍ଥନ କରୁ । ମାତ୍ର ତର୍କ ଦ୍ୱାରା ନୁହେଁ, ମାତ୍ର ତାଙ୍କର ତ୍ରାଣକାରୀ ଶକ୍ତି ଦ୍ୱାରା ହିଁ ଜଣଙ୍କୁ ଈଶ୍ୱରଙ୍କ ରାଜ୍ୟ ମଧ୍ୟ ଅଣା ଯାଇପାରିବ ।

''ପକ୍ଷ ସମର୍ଥନ ପରିତ୍ରାଣ ଦିଏ ନାହିଁ, କେବଳ ଯୀଶୁ ଖ୍ରୀଷ୍ଟ ତାହା କରିବାକୁ ସମର୍ଥ ଅଟନ୍ତି । ମାତ୍ର ପକ୍ଷ ସମର୍ଥନକାରୀମାନେ ଗୋଟିଏ ବାପ୍ତିଜକ ଯୋହନଙ୍କ ଭଳି ଖ୍ରୀଷ୍ଟଙ୍କ କ୍ରୁଶର ପଥକୁ ସଳଖ ଓ ସୁଗମ କରିବା କାର୍ଯ୍ୟ କରିପାରନ୍ତି ଓ କରିବା ଉଚିତ୍ ।

**ଜେ. ଡବ୍ଲ୍ୟୁ. ମୋଣ୍ଟଗୋମେରୀ**

ପକ୍ଷ ସମର୍ଥନକାରୀମାନେ ଯୀଶୁଙ୍କୁ ତାଙ୍କ ସିଂହାସନରୁ ଦୂର କରିବା ପାଇଁ ବୌଦ୍ଧିକ କିମ୍ବା ଆତ୍ମିକ ପ୍ରଚେଷ୍ଟା ଗୁଡ଼ିକର ବିରୋଧ କରିପାରିବେ । ଏହା ହୁଏତ ଆହ୍ୱାନମୂଳକ ଆଲୋଚନା ଦିଗକୁ ପରିଚାଳିତ କରିପାରେ ମାତ୍ର ଆମକୁ ଏହା ମନେ ରଖିବାକୁ ହେବ ଯେ, କ୍ରିସ୍ ସିଙ୍କୋନ୍‌ସନ୍ ଯେପରି ଲେଖିଛନ୍ତି, ସେହିପରି, ''ଅପମାନିତ କରିବା ଆମର ଲକ୍ଷ୍ୟ ନୁହେଁ, ମାତ୍ର ଖ୍ରୀଷ୍ଟଙ୍କର ଯେ କୌଣସି ପ୍ରତିଦ୍ୱନ୍ଦ୍ୱୀର ଦୁର୍ବଳତାକୁ ପ୍ରକାଶ କରିବା ଆମର ଲକ୍ଷ୍ୟ ହେବା ଉଚିତ ।'' ଏହାକୁ ସ୍ମରଣରେ ରଖିବା ଉପକାରୀ ଅଟେ ଯେ ପକ୍ଷ ସମର୍ଥନର ବ୍ୟବହାର କେବଳ ସୁସମାଚାର ପ୍ରଚାର ପ୍ରତି ସୀମିତ ନୁହେଁ – ଏହା ଶିଷ୍ୟତ୍ୱର ଅଂଶ ବିଶେଷ ଭାବରେ ମଣ୍ଡଳୀରେ ମଧ୍ୟ କାର୍ଯ୍ୟ କରିପାରେ ଓ ଏହା ଅବିଶ୍ୱାସୀମାନଙ୍କୁ ପ୍ରଥମ ଥର ପାଇଁ ଖ୍ରୀଷ୍ଟଙ୍କ କ୍ରୁଶ ସହିତ ସଂଯୁକ୍ତ କରିବାରେ ଯେତିକି ସାହାଯ୍ୟ କରିପାରେ, ବିଶ୍ୱାସୀମାନଙ୍କୁ ଗଭୀରତର ସତ୍ୟ ସହିତ ସଂଯୁକ୍ତ କରିବାରେ ମଧ୍ୟ ସେତିକି ସାହାଯ୍ୟ କରିପାରେ ।

## ଅଧିବେଶନ ସହାୟକ ସୂଚନା

### ନିକଟବର୍ତ୍ତୀ ହେବା (୧୦–୨୦ ମିନିଟ୍)

*ଏହି ସମୟରେ କାହାଣୀ, ଉତ୍ସାହପ୍ରଦ ଘଟଣା, ସୁଯୋଗଗୁଡ଼ିକ ବିଷୟରେ ମତାମତ ଓ ଦଳକୁ ଉତ୍ସାହିତ କରୁଥିବା ଯେ କୌଣସି ବିଷୟ ଜଣାଇ ଏକ ଆରେକର ନିକଟବର୍ତ୍ତୀ ହୁଅନ୍ତୁ । ଛୋଟ ଦଳ ମଧ୍ୟରେ, ପୂର୍ବର ସାକ୍ଷାତ୍ ସମୟଠାରୁ ଏପର୍ଯ୍ୟନ୍ତ ମିଳିଥିବା ଗୋଟିଏ ଜୟ ଓ ଗୋଟିଏ ସଂଘର୍ଷ ଜଣାଇବାକୁ କହନ୍ତୁ । ବଡ଼ ଦଳ ମଧ୍ୟରେ, ଗତ ସାକ୍ଷାତ୍ ସମୟ ପରେ ରହିଥିବା କିଛି ନିର୍ଦ୍ଦିଷ୍ଟ ସାକ୍ଷ୍ୟ ଜଣାଇବା ପାଇଁ ଚାରି କିମ୍ବା ପାଞ୍ଚ ଜଣଙ୍କୁ କହନ୍ତୁ ।*

### ପ୍ରାର୍ଥନା

*ପ୍ରଭୁଙ୍କୁ ସମୟ ଦିଅନ୍ତୁ ଓ ନିକଟବର୍ତ୍ତୀ ହେବା ସମୟରେ ଉତ୍ପନ୍ନ ହୋଇଥିବା ଯେ କୌଣସି ସକାରାତ୍ମକ କିମ୍ବା ଆହ୍ୱାନମୂଳକ ପରିସ୍ଥିତି ପାଇଁ ପ୍ରାର୍ଥନା କରନ୍ତୁ ।*

## ଶିକ୍ଷାଦାନ (୨୦-୩୦ ମିନିଟ୍)

*ନିମ୍ନଲିଖିତ ଶିକ୍ଷାଦାନର ବିଷୟବସ୍ତୁର ପ୍ରତ୍ୟେକଟି ବାକ୍ୟ ପଢ଼ିବା ଦ୍ୱାରା କିମ୍ବା ଆପଣଙ୍କ ନିଜସ୍ୱ ଉପସ୍ଥାପନା ମଧ୍ୟରେ ଏହାକୁ ପୁନଃ ପ୍ରୟୋଗ କରିବା ଦ୍ୱାରା, ଆପଣଙ୍କ ନିଜସ୍ୱ ମାର୍ଗରେ ଏହାକୁ ସଂପୂର୍ଣ୍ଣ କରନ୍ତୁ ।*

''କିନ୍ତୁ ଖ୍ରୀଷ୍ଟଙ୍କୁ ପ୍ରଭୁ ବୋଲି ଆପଣା ଆପଣା ହୃଦୟରେ ପବିତ୍ର ରୂପେ ମାନ୍ୟ କର । ତୁମ୍ଭମାନଙ୍କଠାରେ ଥିବା ଭରସାର କାରଣ ସମ୍ବନ୍ଧରେ ଯେ କେହି ପ୍ରଶ୍ନ କରେ, ତାହାକୁ ପ୍ରତ୍ୟୁତ୍ତର ଦେବାକୁ ପ୍ରସ୍ତୁତ ରୁହ, କିନ୍ତୁ ନମ୍ର ଭାବରେ ଓ ସଭୟରେ ଉତ୍ତମ ବିବେକ ସହ ଉତ୍ତର ଦିଅ'' ।

**୧ ପିତର ୩ : ୧୫**

ଆମ ନିକଟରେ କାହିଁକି ଏହି ଭରସା ଅଛି, ବୋଲି ପ୍ରଶ୍ନ କରୁଥିବା ଯେ କୌଣସି ବ୍ୟକ୍ତିକୁ ଉତ୍ତର ଦେବା ପାଇଁ ପ୍ରସ୍ତୁତ ରହିବାକୁ ପାଉଲ ଏ ସମସ୍ତ ବିଶ୍ୱାସୀଙ୍କୁ ଆହ୍ୱାନ କରିଛନ୍ତି । ଆମେ ସୁସମାଚାରକୁ ସ୍ପଷ୍ଟ ଭାବରେ ଜଣାଇବା ପାଇଁ ପ୍ରାଧାନ୍ୟ ଦେବା ଉଚିତ୍, ମାତ୍ର ଯେତେବେଳେ ପ୍ରଶ୍ନ ଉଠେ, ସେତେବେଳେ ଆମେ ବିଶଦଭାବରେ ଓ ଅର୍ଥପୂର୍ଣ୍ଣ ଭାବରେ ଉତ୍ତର ଦେବା ପାଇଁ ପ୍ରସ୍ତୁତ ରହିବା ଉଚିତ୍ ।

ଜୀବନର ସର୍ବାଧିକ ମୌଳିକ ଦର୍ଶନ ସମ୍ବନ୍ଧୀୟ ପ୍ରଶ୍ନଗୁଡ଼ିକର ଉତ୍ତର ଦେବା ଅଧିକାଂଶ ଲୋକଙ୍କ ପାଇଁ ଅତି କଷ୍ଟକର ମଧ୍ୟ ଅଟେ : ''ମୁଁ ଏଠାରେ କାହିଁକି ଅଛି ?'' ''ଆମେ କେଉଁଠାରୁ ଆସିଅଛୁ ?'', ''ଜୀବନର ଅର୍ଥ କ'ଣ ?'' ଖ୍ରୀଷ୍ଟୀୟ ବିଶ୍ୱାସ ଯୌନାଚାର, ଲିଙ୍ଗଗତ ପରିଚୟ, ବିବାହ ବିଚ୍ଛେଦ କିମ୍ବା ଗର୍ଭପାତ ଭଳି ବିଷୟ ଉପରେ କ'ଣ କହେ, ତା' ଉପରେ ଆପଣଙ୍କ ମତାମତ ଜଣାଇବା ପାଇଁ ମଧ୍ୟ ଆପଣଙ୍କୁ କୁହାଯାଇପାରେ । ଆପଣ ହୁଏତ ଆଧୁନିକ ବୈଜ୍ଞାନିକ ଜ୍ଞାନ ବିରୁଦ୍ଧରେ ପାରଂପାରିକ ବିଶ୍ୱାସ ମତକୁ ସମର୍ଥନ କରିବା ପାଇଁ ଚେଷ୍ଟା କରିପାରନ୍ତି - ଉଦାହରଣ ସ୍ୱରୂପ, ବିବର୍ତ୍ତନବାଦର ଆଲୋକରେ ଆଦିପୁସ୍ତକରେ ବର୍ଣ୍ଣିତ ଈଶ୍ୱରଙ୍କ ସୃଷ୍ଟି ବିବରଣୀକୁ ସମର୍ଥନ କରିବା । ଅନ୍ୟ ପ୍ରଶ୍ନଗୁଡ଼ିକ ହୁଏତ ଈଶ୍ୱରଙ୍କ ଚରିତ୍ର ସମ୍ବନ୍ଧୀୟ ଦାବୀଗୁଡ଼ିକୁ ପରୀକ୍ଷା କରିପାରେ - ଯଥା - ଜଣେ ଉତ୍ତମ ଈଶ୍ୱର କିପରି ଦୁଃଖକୁ ଅନୁମତି ଦିଅନ୍ତି ।

**ପ୍ରଶ୍ନ :** ଆପଣଙ୍କୁ ଅତୀତରେ ବିଶ୍ୱାସ ସମ୍ବନ୍ଧୀୟ କେଉଁ ପ୍ରକାର ପ୍ରଶ୍ନ ପଚରା ଯାଉଅଛି ଓ ଏହି ପ୍ରକାର ପ୍ରଶ୍ନ ଗୁଡ଼ିକର ଉତ୍ତର ଦେବା ପାଇଁ ଆପଣ କିପରି ପ୍ରସ୍ତୁତ ଥିଲେ ବୋଲି ଅନୁଭବ କରୁଛନ୍ତି ?

ସୌଭାଗ୍ୟବଶତଃ, ପକ୍ଷ ସମର୍ଥନ କାହାରିକୁ ପରିତ୍ରାଣ ଦେଇପାରେ ନାହିଁ । ନଚେତ୍ ପରିତ୍ରାଣ ପାଇଁ ଚାପ ଓ ଦାୟିତ୍ୱ ଆମର ତର୍କର ଶକ୍ତି ଉପରେ ନିର୍ଭର କରିଥା'ନ୍ତା । ପକ୍ଷ ସମର୍ଥନ ପ୍ରାୟ ଏପରି ଏକ ଉପକାରୀ ମାର୍ଗ ହୋଇପାରେ ଯଦ୍ଦ୍ୱାରା ଆମେ ଜଣେ ବ୍ୟକ୍ତିକୁ ଅବିଶ୍ୱାସର ବିଶ୍ୱାସ ଦିଗରେ ପରିଚାଳିତ କରିବାରେ ସାହାଯ୍ୟ କରିପାରିବା । ମାତ୍ର ଲୋକମାନେ ଆମର ସାକ୍ଷ୍ୟ ମାଧ୍ୟମରେ ତାଙ୍କର ଆହ୍ୱାନକୁ ଶୁଣି ଉତ୍ତର ଦେବା ସମୟରେ, ଈଶ୍ୱର ନିଜେ ଜଣେ ବ୍ୟକ୍ତିକୁ ଜୀବନ ନିକଟକୁ ଆଣିବେ ।

ଏ ବିଷୟରେ ଏହିପରି ଚିନ୍ତା କରନ୍ତୁ : ଆମେ ଗୋଟିଏ ରାସ୍ତା ଉପରେ ଜଣେ ଅବିଶ୍ୱାସୀ ସହିତ ଠିଆ ହୋଇଛୁ ଓ ଏହାର ବିପରୀତ ପ୍ରାନ୍ତରେ ଖ୍ରୀଷ୍ଟଙ୍କର ଶୂନ୍ୟ କ୍ରୁଶ ଅଛି । ସମଗ୍ର ପଥରେ ଗର୍ତ୍ତ, ପ୍ରତିବନ୍ଧକ, ପ୍ରାଚୀର, ଆବର୍ଜ୍ଜନା ଓ ତୀକ୍ଷ୍ଣ ବସ୍ତୁ ସବୁ ରହିଅଛି । କ୍ରୁଶ ମଧ୍ୟ ଘନ କୁହୁଡ଼ି ମଧ୍ୟରେ ଭଲ ଭାବରେ ଦେଖାଯାଉ ନାହିଁ । ପକ୍ଷ ସମର୍ଥନ ଏପରି ଏକ ମାର୍ଗ ଅଟେ ଯଦ୍ଦ୍ୱାରା ଆମେ ସେହି ପଥରେ ସୁରକ୍ଷିତ ଭାବରେ ଯାତ୍ରା କରିପାରିବା ଓ ଆବର୍ଜ୍ଜନାକୁ ପରିଷ୍କାର କରିପାରିବା, ଗର୍ତ୍ତଗୁଡ଼ିକୁ ଭର୍ତ୍ତି କରିପାରିବା, ପ୍ରାଚୀରକୁ ଭୂମିସାତ୍ କରିପାରିବା, ପ୍ରତିବନ୍ଧକକୁ ଦୂର କରିପାରିବା ଓ କୁହୁଡ଼ିକୁ ପରିଷ୍କାର କରିପାରିବା । ଆମର ଚରମ ଲକ୍ଷ୍ୟ ହେଉଛି, ସେହି ବ୍ୟକ୍ତିକୁ କ୍ରୁଶର ନିକଟବର୍ତ୍ତୀ କରାଇବା, କାରଣ ସେମାନେ ଯେପରି ପୁନରୁତ୍ଥିତ ଯୀଶୁଙ୍କୁ ସାକ୍ଷାତ୍ କରିବେ, ଏଥିପାଇଁ ଏହା ସେଠାରେ ଅଛି । ପକ୍ଷ ସମର୍ଥନ କେବଳ ଏ ପର୍ଯ୍ୟନ୍ତ ବିଶ୍ୱାସ କରି ନ ଥିବା ଜଣେ ବ୍ୟକ୍ତିକୁ ଯୀଶୁଙ୍କ ସହିତ ସାକ୍ଷାତ୍ କରାଇ ଦିଏ ।

ସଫଳ ପକ୍ଷ ସମର୍ଥନ ବାର୍ତ୍ତାଳାପ ପାଇଁ, ଆମେ ନିମ୍ନଲିଖିତ ଚାରୋଟି ବିଷୟକୁ ସ୍ମରଣରେ ରଖିବା ଉଚିତ୍ :

**୧. ପ୍ରସ୍ତୁତିର ଶକ୍ତି ସହିତ ନିୟୋଜିତ ହୁଅନ୍ତୁ ।**

ରଭି ଜାକାରିଆସ୍, ଉଇଲିୟମ ଲେନ୍ କ୍ରେଗ୍ ଓ ଜନ୍ ଲେନୋକ୍ସଙ୍କ ଭଳି ସମର୍ଥନକାରୀମାନଙ୍କ ପାଇଁ, ପକ୍ଷ ସମର୍ଥନ ସେମାନଙ୍କ ସୁସମାଚାର ପ୍ରଚାରର ସେହିପରି ଏକ ମୁଖ୍ୟ ବିଷୟ ହେବ - ଯେପରି ଧର୍ମତତ୍ତ୍ୱ, ଦର୍ଶନ ବିଦ୍ୟା, ବିଜ୍ଞାନ, ଇତିହାସ, ସାଂପ୍ରତିକ ଘଟଣା, ବିଶ୍ୱସ ଧର୍ମ ଓ ଅନ୍ୟାନ୍ୟ ବିଷୟର ଅଧ୍ୟୟନ ଏକ ଅପରିହାର୍ଯ୍ୟ ଖାଦ୍ୟ ହେବ । ଅନ୍ୟମାନଙ୍କ ପାଇଁ, ଜଗତରେ ଓ ବାର୍ତ୍ତାଳାପରେ ଆମେ ସମ୍ମୁଖୀନ ହେଉଥିବା ବିଷୟଗୁଡ଼ିକରେ ନିୟୋଜିତ ରହିବାର ଇଚ୍ଛା, ବିଶେଷ ଭାବରେ ସେହିଠାରେ ଜ୍ଞାନପୂର୍ଣ୍ଣ ହେବ, ଯେଉଁଠାରେ ଆମର ଜଣେ ବନ୍ଧୁଙ୍କର କୌଣସି ନିର୍ଦ୍ଦିଷ୍ଟ ଆଗ୍ରହ କିମ୍ବା ସମସ୍ୟା ରହିଛି ବୋଲି ଆମେ ଜାଣିଥାଉ । ଈଶ୍ୱରଙ୍କ ସମ୍ବନ୍ଧରେ ଆମର ଜ୍ଞାନରେ ଓ ତାଙ୍କ ବାକ୍ୟ ପ୍ରକାଶ କରୁଥିବା ସତ୍ୟତାରେ ବୃଦ୍ଧି ପାଇବା ପାଇଁ ପ୍ରତିଦିନ ତାଙ୍କ ବାକ୍ୟକୁ ଭୋଜନ (ଗ୍ରହଣ) କରିବା ପ୍ରତି ଆମର ସ୍ୱାଭାବିକ ପ୍ରତିବଦ୍ଧତା ସହିତ ଏହାର କିଛି ସଂପର୍କ ନାହିଁ ।

**୨. ପ୍ରାର୍ଥନାର ଶକ୍ତି ପ୍ରତି ସମର୍ପିତ ହୁଅନ୍ତୁ ।**

ସମସ୍ତ ପ୍ରକାର ସୁସମାଚାର ପ୍ରଚାର ସହି, ପ୍ରାର୍ଥନା ଅନିବାର୍ଯ୍ୟ ଅଟେ । ପକ୍ଷ ସମର୍ଥନ ବିଷୟ ଉପସ୍ଥିତ ହେଲେ, ମୃଦୁ ଭାବରେ ଓ ସମ୍ମାନର ସହିତ ପ୍ରଶ୍ନ ଗୁଡ଼ିକର ଉତ୍ତର ଦେବାରେ ଆପଣଙ୍କୁ ସାହାଯ୍ୟ କରିବା ପାଇଁ ଈଶ୍ୱରଙ୍କୁ ନିବେଦନ କରନ୍ତୁ ।

**୩. ନମ୍ରତାର ଶକ୍ତିକୁ ଚିହ୍ନନ୍ତୁ ।**

ଅହଙ୍କାର ଓ ଆକ୍ରମଣାତ୍ମକ ମନୋଭାବ ଅହିତକର ଓ ଅନାକର୍ଷଣୀୟ ଗୁଣ ଅଟେ । ଦୃଢ଼ ବିଶ୍ୱାସର ସହିତ ଗୋଟିଏ ପ୍ରଶ୍ନର ଉତ୍ତର ଦେବାର ଏହି ଅର୍ଥ ନୁହେଁ ଯେ ଆମକୁ ନମ୍ରତାକୁ ଦୂରେଇ ଦେବାକୁ ହେବ ଓ ନମ୍ରତାର ଅର୍ଥ ହେଉଛି, ଆମେ ସବୁ କିଛି ଜାଣି ନାହୁଁ ବୋଲି ସ୍ୱୀକାର କରିବା ପାଇଁ ପ୍ରସ୍ତୁତ ଅଟୁ । ବେଳେ ବେଳେ, ସରଳ ଭାଷାରେ ''ଉତ୍ତମ ପ୍ରଶ୍ନ, ମୁଁ ତାହାର ଉତ୍ତର ଜାଣେ ନାହିଁ'' ବୋଲି କହିବା ଆମର ଯଥାସାଧ୍ୟ ସର୍ବୋତ୍ତମ ଉତ୍ତର ଅଟେ ।

**୪. ଗୋଟିଏ ପ୍ରଶ୍ନର ଶକ୍ତିକୁ ବ୍ୟବହାର କରନ୍ତୁ ।**

ଲୋକମାନେ ଆପଣଙ୍କୁ ପ୍ରଶ୍ନ ପଚାରିପାରିବେ ଓ ଆପଣ ଅପମାନିତ ନ ହୋଇ ଖୁସିରେ ଉତ୍ତର ଦେବାକୁ ଚେଷ୍ଟା କରିବେ

ବୋଲି ସେମାନଙ୍କୁ ଜାଣିବାକୁ ଦିଅନ୍ତୁ । ଏହାଦ୍ୱାରା ଆପଣ, ବିଶେଷ ଭାବରେ ଏପରି ଲୋକମାନଙ୍କ ସହିତ ବାର୍ତ୍ତାଳାପ କରିବାର ସୁଯୋଗ ସୃଷ୍ଟି କରିପାରିବେ ଯେଉଁମାନେ ପ୍ରଶ୍ନ ପଚାରିବାକୁ ଇଚ୍ଛା କରୁଥିବେ, ମାତ୍ର ଆପଣ କାଳେ ତଦ୍ଦ୍ୱାରା ଅପମାନିତ ହେବେ ବୋଲି ଭୟ କରୁଥିବେ । ଏତଦ୍ ବ୍ୟତୀତ, ଆପଣଙ୍କର ନିଜସ୍ୱ ପ୍ରଶ୍ନ ପଚାରିବା ପାଇଁ ଭୟଭୀତ ହୁଅନ୍ତୁ ନାହିଁ : ବାର୍ତ୍ତାଳାପ କେବଳ ଗୋଟିଏ ପାର୍ଶ୍ୱସ୍ଥ ପଥ ନୁହେଁ । ଆମେ ଲୋକମାନଙ୍କୁ ଉଦ୍ଧତ ଭାବେ ଭୟଭୀତ କରିବା ପାଇଁ ଚେଷ୍ଟା କରିବା ଉଚିତ୍ ନୁହେଁ, ମାତ୍ର ସେମାନଙ୍କର ପୂର୍ବ ଧାରଣା ଗୁଡ଼ିକରେ ଥିବା ତ୍ରୁଟିକୁ ମୃଦୁଭାବରେ ଦର୍ଶାଇବା ଉଚିତ୍ । ଯୀଶୁ ପ୍ରଚାର କରୁଥିବା ସମୟରେ ପ୍ରଶ୍ନ ପଚାରିବାକୁ ଭଲ ପାଉଥିଲେ ଓ ସେ ଉତ୍ତର ଦେବା ଅପେକ୍ଷା ଅଧିକ ପ୍ରଶ୍ନ ପଚାରୁଥିଲେ ।

ତର୍କ ଦ୍ୱାରା କାହାରିକୁ ଈଶ୍ୱରଙ୍କ ରାଜ୍ୟ ମଧ୍ୟକୁ ଅଣାଯାଇ ନାହିଁ, କିମ୍ବା ଜଣେ କେବଳ ତର୍କରେ ପରାସ୍ତ ହୋଇଥିବାରୁ ଯୀଶୁଙ୍କର ଅନୁଗାମୀ ହୋଇ ନାହିଁ । ମାତ୍ର କୋମଳ ଓ ସମ୍ମାନ ପ୍ରଦ ପକ୍ଷ ସମର୍ଥନକାରୀ ଆଲୋଚନା ଲୋକମାନଙ୍କୁ କ୍ରୁଶୀୟ ପଥ ଆଡକୁ ସାମାନ୍ୟ ଅଗ୍ରସର କରାଇବାରେ ସାହାଯ୍ୟ କରିପାରେ ।

## ଆଲୋଚନା (୨୦ ମିନିଟ୍)

*ନିମ୍ନଲିଖିତ ପ୍ରଶ୍ନ ଗୁଡ଼ିକୁ ଓ / କିମ୍ବା ଆଲୋଚନା ଉଦ୍ଧୃତାଂଶର ଅନୁସନ୍ଧାନ କରନ୍ତୁ :*

- ଲୋକମାନଙ୍କ ପ୍ରଶ୍ନଗୁଡ଼ିକୁ ଗମ୍ଭୀର ଭାବରେ ଗ୍ରହଣ କରିବା କାହିଁକି ଗୁରୁତ୍ୱପୂର୍ଣ୍ଣ ଅଟେ ?
- ପକ୍ଷ ସମର୍ଥନର ସମୀବଦ୍ଧତାଗୁଡ଼ିକ କ'ଣ କ'ଣ ?
- ଆପଣ ସୁସମାଚାର ପ୍ରଚାର କରୁଥିବା ସମୟରେ ଯେଉଁ ପ୍ରଶ୍ନଗୁଡ଼ିକ ଉତ୍ଥିତ ହୁଏ, ସେଗୁଡ଼ିକର ଉତ୍ତର ଦେବା ପାଇଁ ଆପଣ ପ୍ରସ୍ତୁତ ଅଛନ୍ତି ବୋଲି ଅନୁଭବ କରନ୍ତି କି ?
- ପକ୍ଷ ସମର୍ଥନ ସମ୍ବନ୍ଧୀୟ ଅଧ୍ୟୟନ କିପରି ଉପାସନାଯୁକ୍ତ ହୋଇପାରିବ ?

''ପକ୍ଷ ସମର୍ଥନ ଏକ ସମ୍ବଳ ଅଟେ, ଆଧୁନିକ ଜଗତରେ ବାସ୍ତବ ଲୋକମାନଙ୍କ ଜୀବନ ସହିତ ସଂପର୍କ ରଖିବା ବିଶ୍ୱାସମତର ସମର୍ଥନକାରୀ ଉପରେ ନିର୍ଭର କରେ । ଏହି ସଂପର୍କ ବିନା, ମତବାଦ କେବଳ ମତବାଦ ହୋଇ ରହିଯାଏ, ଅସ୍ପୃଶ୍ୟ ଚିନ୍ତାଧାରାଗୁଡ଼ିକ ମଧ୍ୟ ଆକାଶରେ ଝୁଲି ରହେ ଓ ସେଗୁଡ଼ିକ ଜୀବନର ବାସ୍ତବତାରେ ସଂଲଗ୍ନ ହୁଏ ନାହିଁ ।''

**ଆଲିଷ୍ଟେୟାର ମ୍ୟାକ୍‌ଗ୍ରାଥ୍**

## ପ୍ରୟୋଗ (୫ ମିନିଟ୍)

ଖ୍ରୀଷ୍ଟୀୟ ବିଶ୍ୱାସ ସମ୍ବନ୍ଧରେ ଏହି ସାଧାରଣ ପ୍ରଶ୍ନଗୁଡ଼ିକ ମଧ୍ୟରୁ କେତୋଟି ପ୍ରଶ୍ନକୁ ଚିନ୍ତା କରନ୍ତୁ ଓ ଆପଣ କିପରି କୌଣସି ଜଣେ ବ୍ୟକ୍ତିଙ୍କୁ ତାଙ୍କର ପ୍ରାରମ୍ଭିକ ପ୍ରଶ୍ନରୁ ଖ୍ରୀଷ୍ଟଙ୍କ କ୍ରୁଶ ନିକଟକୁ ନେଇ ପାରିବେ, ତାହା ଅନୁସନ୍ଧାନ କରନ୍ତୁ ।

- ଈଶ୍ୱରଙ୍କୁ କିଏ ସୃଷ୍ଟି କରିଥିଲା ?
- ବିଜ୍ଞାନ ଖ୍ରୀଷ୍ଟ ଧର୍ମକୁ ଖଣ୍ଡନ କରି ନାହିଁ କି ?
- ବିଗ୍ ବ୍ୟାଙ୍ଗ ମତବାଦ ଓ ବିବର୍ତ୍ତନବାଦ ବିଷୟରେ କ'ଣ କୁହାଯିବ ?
- ଯଦି ଈଶ୍ୱର ଉତ୍ତମ ଅଟନ୍ତି, ତେବେ ସେ କାହିଁକି ଜଗତରେ ଦୁଃଖକୁ ଅନୁମତି ଦେଇଛନ୍ତି ?
- ବାଇବଲ ତ୍ରୁଟି ଓ ବିରୋଧାଭାସରେ ପରିପୂର୍ଣ୍ଣ ନୁହେଁ କି ?
- ଯଦି ଈଶ୍ୱର ବାସ୍ତବ ଅଟନ୍ତି, ତେବେ ସେ କାହିଁକି ଜଗତ ନିକଟରେ ନିଜକୁ ପ୍ରଦର୍ଶନ କରୁ ନାହାଁନ୍ତି ?
- ନିରଙ୍କୁଶ ସତ୍ୟ ଭଳି କିଛି ବିଷୟ ନାହିଁ, ସେଥିପାଇଁ ଆମେ ସମସ୍ତେ ଯାହା ଚାହୁଁ, ତାହା ବିଶ୍ୱାସ କରିବା ଉଚିତ୍ ନୁହେଁ କି ?
- ମୁଁ ଜଣେ ଉତ୍ତମ ବ୍ୟକ୍ତି – ସେ ଅଛନ୍ତି ବୋଲି କେବଳ ବିଶ୍ୱାସ କରୁ ନ ଥିବାରୁ, ସେ କାହିଁକି ମୋତେ ନର୍କକୁ ପ୍ରେରଣ କରିବେ ?
- ଅନ୍ୟ ଧର୍ମ ପରିବର୍ତ୍ତେ ଖ୍ରୀଷ୍ଟ ଧର୍ମ କାହିଁକି ?
- ଆପଣ ବାସ୍ତବରେ ଖ୍ରୀଷ୍ଟ ଧର୍ମରେ ବିଶ୍ୱାସ କରନ୍ତି କି ?

## ପ୍ରାର୍ଥନା

ଆପଣ ସତ୍ୟନିଷ୍ଠା ଓ ସାହସର ସହିତ ଈଶ୍ୱରଙ୍କର ପ୍ରତିନିଧିତ୍ୱ କରିବା ସଙ୍ଗେ ସଙ୍ଗେ, ନମ୍ରତା ଓ ପ୍ରେମରେ ଜଗତର ପ୍ରଶ୍ନ ଓ ଆଗ୍ରହ ଗୁଡ଼ିକର ଉତ୍ତର ଦେବା ପାଇଁ ଚେଷ୍ଟା କରୁଥିବା ସମୟରେ, ସ୍ୱର୍ଗର ଜ୍ଞାନ ପାଇଁ ଏକତ୍ର ପ୍ରାର୍ଥନା କରନ୍ତୁ । ଉନ୍ମୁକ୍ତମନ ଓ ଗ୍ରହଣଶୀଳ ହୃଦୟ ପାଇଁ ପ୍ରାର୍ଥନା କରନ୍ତୁ ଓ ବଳିଷ୍ଠ ଓ ଯୁକ୍ତିଯୁକ୍ତ ଉତ୍ତର ରହିଥିଲେ ସୁଦ୍ଧା, ଈଶ୍ୱରଙ୍କର ତ୍ରାଣକାରୀ କାର୍ଯ୍ୟ ପ୍ରକୃତରେ ଆହ୍ୱାନମୂଳକ ପ୍ରଶ୍ନଗୁଡ଼ିକୁ ସଫଳଭାବରେ ଉତ୍ତର ଦେବା ପାଇଁ ଆମର ସାମର୍ଥ୍ୟ ଉପରେ ଝୁଲି ରହି ନାହିଁ ବୋଲି ଈଶ୍ୱରଙ୍କୁ ଧନ୍ୟବାଦ ଦିଅନ୍ତୁ ।

## ଉତ୍ତର ଦାୟିତ୍ୱ (୧୫ ମିନିଟ୍)

*ସମୀକ୍ଷା ଫର୍ମଟିକୁ ପୂରଣ କରନ୍ତୁ, ଏହାକୁ ଦୁଇ ଜଣଙ୍କ ମଧ୍ୟରେ କିମ୍ବା ଛୋଟ ଦଳ ମଧ୍ୟରେ ଜଣାନ୍ତୁ ଓ ଏକ ଆରେକ ପାଇଁ ପ୍ରାର୍ଥନା କରନ୍ତୁ ।*

# ପରିଶିଷ୍ଟ :
# ସୁସମାଚାର ଶିକ୍ଷା

ଆପଣ ଆକସ୍ମିକ ଭାବରେ ଆସି ନାହାନ୍ତି । ଆପଣଙ୍କୁ ସିଦ୍ଧ ଓ ପ୍ରେମମୟ ଈଶ୍ୱର (ପିତା, ଆତ୍ମା, ପୁତ୍ର) ନିଜର ପ୍ରତିମୂର୍ତ୍ତିରେ ସୃଷ୍ଟି କରିଛନ୍ତି । ସେ ଜୀବନର ଉତ୍ସ ଓ ପାଳନକର୍ତ୍ତା ଅଟନ୍ତି (ଆଦିପୁସ୍ତକ ୧) ।

ଆମେ ସମସ୍ତେ ଆମର ସୃଷ୍ଟିକର୍ତ୍ତାଙ୍କ ବାଧ୍ୟ ହୋଇ ଜୀବନ କାଟିବା ପରିବର୍ତ୍ତେ ଆମର ନିଜସ୍ୱ ମାର୍ଗରେ ଯାଇ ଈଶ୍ୱରଙ୍କୁ ଅଗ୍ରାହ୍ୟ କରିଅଛୁ (ପାପ କରିଅଛୁ) । ସେଥିପାଇଁ ଜଗତ ଭଗ୍ନ ଅଟେ ଓ ଦୁଃଖରେ ପରିପୂର୍ଣ୍ଣ ଅଟେ । ଏହା ଈଶ୍ୱରଙ୍କୁ ଦୁଃଖ ଦିଏ, କାରଣ ସେ ପାପକୁ ଅଣଦେଖା କିମ୍ବା କ୍ଷମା କରିବା ଦ୍ୱାରା ଏହାକୁ ତୁଚ୍ଛୀକୃତ କରନ୍ତି ନାହିଁ । ମାତ୍ର ସେ ନ୍ୟାୟୋଚିତ ଭାବରେ ପାପ କରୁଥିବା ଲୋକମାନଙ୍କୁ ଦଣ୍ଡ ଦିଅନ୍ତି (ରୋମୀୟ ୩:୨୩) ।

ଈଶ୍ୱରଙ୍କ ବିରୁଦ୍ଧରେ ବିଦ୍ରୋହ କରି, ବିଶ୍ୱର ରାଜାଙ୍କ ପ୍ରତି ଗୋଟିଏ ବିଶ୍ୱାସଘାତକତାର କାର୍ଯ୍ୟ କରିବା ପରେ, ସମସ୍ତ ବିଷୟକୁ ପୁଣି ଥରେ ସଜାଡ଼ିବା ପାଇଁ ଆମେ ଶକ୍ତିହୀନ ଅଟୁ । ଈଶ୍ୱରଙ୍କୁ ପ୍ରତ୍ୟାଖ୍ୟାନ କରିବାର ଅର୍ଥ ଜୀବନକୁ ହିଁ ପ୍ରତ୍ୟାଖ୍ୟାନ କରିବା । ଆମ ପାଇଁ କେବଳ ଅନନ୍ତ ମୃତ୍ୟୁ ରହିଅଛି, ଯାହା ଆମର ଜୀବନକୁ ଅଗ୍ରାହ୍ୟ କରିବାର ସ୍ୱାଭାବିକ ଫଳ ଓ ଯଥାର୍ଥ ଜୀବନ ଯାପନ ପାଇଁ ଉଦ୍ଦିଷ୍ଟ ଈଶ୍ୱରଙ୍କର ଆଦର୍ଶକୁ ଭଗ୍ନ କରିଥିବାରୁ ଈଶ୍ୱରଙ୍କ ଦଣ୍ଡ (ସ୍ୱର୍ଗୀୟ ନ୍ୟାୟ) ଅଟେ (ରୋମୀୟ ୬:୨୩) ।

ମାତ୍ର ଈଶ୍ୱର ନିଜେ ପ୍ରେମ ହୋଇଥିବାରୁ ଓ ଆମ ଅର୍ଥାତ୍, ତାଙ୍କ ପ୍ରିୟ ସନ୍ତାନମାନଙ୍କ ସହିତ, ଅନନ୍ତକାଳୀନ ସଂପର୍କ ରଖିବାକୁ ଇଚ୍ଛା କରୁଥିବାରୁ କେହି ମୃତ୍ୟୁଭୋଗ କରୁ ବୋଲି ସେ ଚାହାଁନ୍ତି ନାହିଁ । ଈଶ୍ୱର ନିଜ ଅନୁଗ୍ରହରେ ଆମକୁ ପରିତ୍ରାଣ ଦେବା ପାଇଁ ଏକ ଉଦ୍ଧାର କାର୍ଯ୍ୟକୁ ଗତିଶୀଳ କରିଛନ୍ତି (୧ ତୀମଥି ୨:୪-୬) ।

ଈଶ୍ୱର ନିଜର ପୁତ୍ର ଯୀଶୁ ଖ୍ରୀଷ୍ଟଙ୍କୁ ଏପରି ଏକ ସିଦ୍ଧ ଜୀବନ କାଟିବା ପାଇଁ ଏକ ମନୁଷ୍ୟ ଭାବରେ ଜଗତକୁ ପ୍ରେରଣ କରିଥିଲେ ଯିଏ ପିତାଙ୍କୁ ଆଦୌ ଅଗ୍ରାହ୍ୟ କରି ନ ଥିଲେ । ଆମର ପ୍ରତିବଦଳ ଭାବରେ କାର୍ଯ୍ୟ କରି ଓ ଈଶ୍ୱରଙ୍କୁ ଆମର ପ୍ରତ୍ୟାଖ୍ୟାନ ଯୋଗୁ ଆମ ପାଇଁ ଯେଉଁ ମୃତ୍ୟୁ ଯୋଗ୍ୟ ଥିଲା, ତାହାକୁ ନିଜେ ଗ୍ରହଣ କରି, ଯୀଶୁ କ୍ରୁଶ ଉପରେ ନିହତ ହୋଇଥିଲେ (ଯୋହନ ୩:୧୬, ରୋମୀୟ ୩:୨୩-୨୬) ।

ଯୀଶୁ ତିନି ଦିନ ପରେ ମୃତମାନଙ୍କ ମଧ୍ୟରୁ ଉତ୍ଥିତ ହୋଇ, ମୃତ୍ୟୁର ଅଭିଶାପ ଭଗ୍ନ ହୋଇଅଛି ବୋଲି ପ୍ରଦର୍ଶନ କରିଥିଲେ । ନୂତନ ଜୀବନ କେବଳ ଯୀଶୁ ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ ଓ ପାପ କ୍ଷମା ପାଇଁ ପ୍ରଚେଷ୍ଟା ମାଧ୍ୟମରେ ସମ୍ଭବ ଅଟେ (ହିତୋପଦେଶ ୨୮:୧୩, ଏଫିସୀୟ ୨:୧୦, ୧ ଯୋହନ ୧:୭-୯) ।

ଯୀଶୁଙ୍କ ମୃତ୍ୟୁ ଓ ପୁନରୁତ୍ଥାନ ଯୋଗୁ ପୁନର୍ମିଳନ, ଉଦ୍ଧାର, ତୁଷ୍ଟିକରଣ ଓ ମନ୍ଦତାର ପରାଜୟ ସମ୍ଭବ ହୋଇଥିଲା । ଆମର ପାପ ଯୀଶୁଙ୍କୁ ଦିଆଯାଇଥିଲା ଓ ତାଙ୍କର ଧାର୍ମିକତା ଆମକୁ ଦିଆଯାଇଥିଲା (ଆରୋପିତ ଧାର୍ମିକତା) । ଏହି କାର୍ଯ୍ୟ ଯେପରି ସଂପାଦିତ ହେବ, ଏଥିପାଇଁ ଆମକୁ କେବଳ ଯୀଶୁଙ୍କୁ ପ୍ରଭୁ ଭାବରେ ବିଶ୍ୱାସ କରିବାକୁ ହେବ (ବିଶ୍ୱାସ) ଓ ଈଶ୍ୱର ତାଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇଥିଲେ ବୋଲି ବିଶ୍ୱାସ କରିବାକୁ ହେବ । ଆମେ କେବଳ ବିଶ୍ୱାସ ଦ୍ୱାରା ପରିତ୍ରାଣ ପାଇଅଛୁ (ମାଥିଉ ୨୦:୨୮, ରୋମୀୟ ୧୦:୯, ୨ କରିନ୍ଥୀୟ ୫:୧୮-୨୧, ଯୋହନ ୧୨:୩୧, କଲସୀୟ ୨:୧୫) ।

ଆମେ ବର୍ତ୍ତମାନ ଆମର ସ୍ୱର୍ଗୀୟ ପିତାଙ୍କ ସହିତ ପୁନଃସଂପର୍କ ସ୍ଥାପନ କରିପାରିଛୁ । ଆମ ନିକଟରେ ଶାନ୍ତି ଅଛି ଓ ଆମେ ତାଙ୍କ ପରିବାର ମଧ୍ୟରେ ଗୃହୀତ ହୋଇଅଛୁ । ଆମେ ଆମର ପୁରାତନ ଜୀବନ ପ୍ରତି ମୃତ୍ୟୁବରଣ କରିଅଛୁ ଓ ଏକ ନୂତନ ଜୀବନ ମଧ୍ୟରେ ପୁନର୍ଜନ୍ମ ନେଇଅଛୁ (ଲୂକ ୯:୨୩, କଲସୀୟ ୧:୨୦, ୨:୧୩-୧୪, ରୋମୀୟ ୫:୧-୨, ଗାଲାତୀୟ ୪:୪-୭) ।

ଯୀଶୁ ସ୍ୱର୍ଗାରୋହଣ କରିଥିଲେ ଓ ସେଠାରେ ସେ ପିତାଙ୍କ ଦକ୍ଷିଣ ପାର୍ଶ୍ୱରେ ରାଜତ୍ୱ କରୁଛନ୍ତି, ମାତ୍ର ବିଶ୍ୱାସୀମାନେ ଯେପରି ଜୀବନର ସଂପୂର୍ଣ୍ଣତାରେ ଆଜ୍ଞାବହ ହୋଇ ଜୀବନ କାଟିବେ, ଏଥିପାଇଁ ସେମାନଙ୍କୁ ଶକ୍ତିଯୁକ୍ତ କରିବା ନିମନ୍ତେ ଓ ସେମାନେ ଯେପରି ଜଗତ ନିକଟରେ ସୁସମ୍ବାଦ ଘୋଷଣା କରିବେ, ଏଥିପାଇଁ ସେମାନଙ୍କୁ ସାହାଯ୍ୟ କରିବା ନିମନ୍ତେ ସେ ସେମାନଙ୍କୁ ପବିତ୍ର ଆତ୍ମା ଦାନ କରିଅଛନ୍ତି । ଆମ ଜୀବନରେ ପବିତ୍ର ଆତ୍ମାଙ୍କ କାର୍ଯ୍ୟ ଦ୍ୱାରା ଆମେ ନୂତନ ସୃଷ୍ଟି - ଶିଷ୍ୟ - ପରିବର୍ତ୍ତିତ ହୋଇଅଛୁ ଓ ଏହା ଆମକୁ ସଫଳତା ଦିଗରେ କଢ଼ାଇ ନିଏ । ଆମେ ଜଗତରେ ଈଶ୍ୱରଙ୍କ ରାଜଦୂତ ଭାବରେ କାର୍ଯ୍ୟ କରୁ ଓ ବାକ୍ୟରେ ଓ କାର୍ଯ୍ୟରେ ଯୀଶୁଙ୍କ ସତ୍ୟ କାହାଣୀର ସାକ୍ଷୀ ଭାବରେ ଶାନ୍ତି ରାଜ୍ୟର ପ୍ରତିନିଧିତ୍ୱ କରୁ (ମୀଖା ୬:୮, ପ୍ରେରିତ ୧:୮, ୨ କରିନ୍ଥୀୟ ୫:୧୧-୨୧, ଗାଲାତୀୟ ୫:୨୨-୨୩) ।

ଦିନେ, ଯୀଶୁ ଜୀବିତ ଓ ମୃତମାନଙ୍କର ବିଚାର କରିବା ପାଇଁ ପ୍ରତ୍ୟାବର୍ତ୍ତନ କରିବେ । ଈଶ୍ୱରଙ୍କର ସିଦ୍ଧ ରାଜ୍ୟ ପୁନଃ ପ୍ରତିଷ୍ଠିତ ହେବ ଓ ଆମର ପ୍ରେମମୟ ପିତାଙ୍କ ସହିତ ଅନନ୍ତ ଜୀବନ ସେହି ଲୋକମାନଙ୍କ ପାଇଁ ଅପେକ୍ଷା କରୁଅଛି, ଯେଉଁମାନେ ଯୀଶୁଙ୍କୁ ପ୍ରଭୁ ଭାବରେ ବିଶ୍ୱାସ କରିଛନ୍ତି । ପୁଣି ଯେଉଁମାନେ ବିଶ୍ୱାସ କରି ନାହାନ୍ତି, ସେମାନଙ୍କ ପାଇଁ ଅନନ୍ତ ମୃତ୍ୟୁ (ନର୍କ) ଅପେକ୍ଷା କରୁଅଛି ।

ସୁସମ୍ବାଦ ହେଉଛି - କେହି ଅନନ୍ତକାଳ ପାଇଁ ବିନଷ୍ଟ ହେବା ଆବଶ୍ୟକ ନୁହେଁ, ସମସ୍ତେ ଯୀଶୁ ଖ୍ରୀଷ୍ଟଙ୍କ ମାଧ୍ୟମରେ ଅନନ୍ତ ଜୀବନ ଓ ଈଶ୍ୱରଙ୍କ ସହିତ ସଂପର୍କର ଆନନ୍ଦ ଜାଣିପାରିବେ (୧ କରିନ୍ଥୀୟ ୧୫, ପ୍ରକାଶିତ ୨୧:୧-୮, ୨୨:୧-୫) ।

# ପରିଶିଷ୍ଟ :
# ସୁସମାଚାର ବର୍ଣ୍ଣନା

ସମସ୍ତ ବିଷୟ ପୂର୍ବରୁ, ଈଶ୍ୱର ନିଜ ସହିତ, ଅର୍ଥାତ୍, ପିତା, ଆତ୍ମା, ପୁତ୍ର ସହିତ ଯଥାର୍ଥ ସଂପର୍କରେ ବିଦ୍ୟମାନ ଥିଲେ । ଈଶ୍ୱର ଜଗତକୁ ସୃଷ୍ଟି କରିଥିଲେ ଓ ଏହା ଅତି ଉତ୍ତମ ଥିଲା ଓ ସେ ମନୁଷ୍ୟ ସହିତ ଏକ ଅସାଧାରଣ ସଂପର୍କ ରଖିଥିଲେ । ଆମେ ବିଶ୍ୱର ରାଜାଙ୍କ ସହିତ ଓ ଯିଏ ନିଜେ ଜୀବନ ଅଟନ୍ତି, ତାଙ୍କ ସହିତ ଯଥାର୍ଥ ଜୀବନ ପାଇଁ ସୃଷ୍ଟ ହୋଇଥିଲୁ । ମାତ୍ର ଈଶ୍ୱର ତାଙ୍କୁ ପ୍ରେମ କରିବା ପାଇଁ ମନୁଷ୍ୟ ଜାତିକୁ ବାଧ୍ୟ କରି ନ ଥିଲେ, ଏହି ସିଦ୍ଧାନ୍ତ ନେବା ପାଇଁ ସେ ଆମକୁ ଅନୁମତି ଦେଇଥିଲେ । ଏହି ସ୍ୱାଧୀନ ଇଚ୍ଛା ସହିତ, ମନୁଷ୍ୟ ଈଶ୍ୱରଙ୍କୁ ପ୍ରତ୍ୟାଖ୍ୟାନ କରି ତା'ର ନିଜସ୍ୱ ମାର୍ଗରେ ଯିବା ପାଇଁ ମନୋନୀତ କରିଥିଲା ।

ବିଶ୍ୱର ରାଜାଙ୍କୁ ପ୍ରତ୍ୟାଖ୍ୟାନ ଅତୁଳନୀୟ ବିଶ୍ୱାସଘାତକତା, ଜୀବନ ବିରୁଦ୍ଧରେ ବିଦ୍ରୋହ ଅଟେ । ମୃତ୍ୟୁ, ଦୁଃଖ ଓ ଯନ୍ତ୍ରଣା ଜଗତ ମଧ୍ୟରେ ପ୍ରବେଶ କରିଥିଲା । ମାନବଜାତି ଶେଷରେ ସେମାନଙ୍କର ସିଦ୍ଧ ସ୍ୱର୍ଗୀୟ ପିତାଙ୍କଠାରୁ ବିଚ୍ଛିନ୍ନ ହୋଇଥିଲା ଓ ଫେରିବାର ଆଉ କୌଣସି ମାର୍ଗ ନ ଥିଲା । ଈଶ୍ୱର ବିଦ୍ରୋହକୁ କ୍ଷମା କରିପାରି ନ ଥିଲେ, କାରଣ ସେହି କାର୍ଯ୍ୟ ନ୍ୟାୟୋଚିତ ହୋଇ ନ ଥା'ନ୍ତା । ଜଣେ ନ୍ୟାୟବାନ୍ ଓ ଧାର୍ମିକ ଈଶ୍ୱରଙ୍କୁ ସଂଘଟିତ ଅପରାଧ ପାଇଁ ଏକ ଦଣ୍ଡର ମୂଲ୍ୟ ପରିଶୋଧ କରିବା ନିମନ୍ତେ ଦାବୀ କରିବାକୁ ହୁଏ । ଜୀବନ ବିରୁଦ୍ଧରେ ବିଦ୍ରୋହର ଦଣ୍ଡ ମୃତ୍ୟୁ ଅଟେ ।

ମାତ୍ର ଈଶ୍ୱର ଜଗତକୁ ଏପରି ପ୍ରେମ କଲେ ଯେ ସେ ମନୁଷ୍ୟ ଜାତିକୁ ରକ୍ଷା କରିବା ପାଇଁ – ତାଙ୍କ ଜୀବନର ଓ ପ୍ରେମର ପୂର୍ଣ୍ଣତାକୁ ଚିରଦିନ ନିମନ୍ତେ ଜାଣିବା ଆମ ପକ୍ଷେ ସମ୍ଭବ କରିବା ପାଇଁ ଏକ ଯୋଜନା ଆରମ୍ଭ କରିଥିଲେ । ଈଶ୍ୱର ଏକ ସିଦ୍ଧ ମନୁଷ୍ୟ ଜୀବନ କାଟିବା ପାଇଁ ନିଜ ପୁତ୍ର ଯୀଶୁଙ୍କୁ ଜଗତ ମଧ୍ୟକୁ ପ୍ରେରଣ କରିଥିଲେ । ତାହା ଏପରି ଏକ ଜୀବନ ଥିଲା ଯାହା ଆଦୌ ବିଦ୍ରୋହ କରି ନ ଥିଲା ଓ ଈଶ୍ୱରଙ୍କ ବିରୁଦ୍ଧରେ କୌଣସି ଅପରାଧରେ ଦୋଷୀ ହୋଇ ନ ଥିଲା ।

ଯୀଶୁ ମାନବ ଜାତିର ବିଦ୍ରୋହ ପାଇଁ ଯୋଗ୍ୟ ମୃତ୍ୟୁ ଦଣ୍ଡ ନିଜେ ଗ୍ରହଣ କରିବାକୁ କ୍ରୁଶ ଉପରେ ସ୍ୱେଚ୍ଛାରେ ମୃତ୍ୟୁବରଣ କରିଥିଲେ ଓ ତାହା କରି, ସେ ଆମର ପ୍ରତିବଦଳ ହୋଇଥିଲେ । ତିନିଦିନ ପରେ ସେ ପୁନର୍ଜୀବିତ ହୋଇଥିଲେ, କାରଣ ସେ ଈଶ୍ୱର ଅଟନ୍ତି ଓ ମୃତ୍ୟୁ ତାଙ୍କୁ ଧରି ରଖି ପାରେ ନାହିଁ । ଏହି ମୁହୂର୍ତ୍ତରେ, ମାନବ ଜାତି ପାଇଁ କେବଳ ଈଶ୍ୱରଙ୍କ ବିରୁଦ୍ଧରେ ବିଦ୍ରୋହ ପାଇଁ ପାପକ୍ଷମା ନୁହେଁ, ମାତ୍ର ଯୀଶୁ ସମ୍ଭବ କରିଥିବା ଅନନ୍ତ ଜୀବନ ମଧ୍ୟ ଗ୍ରହଣ କରିବା ସମ୍ଭବ କରିଥିଲେ । ମୃତ୍ୟୁର ଅଭିଶାପ ଭଗ୍ନ ହୋଇଥିଲା ।

ଆମେ କେବଳ ଏହା ବିଶ୍ୱାସ କରିବା ଆବଶ୍ୟକ ଯେ ଯୀଶୁ ଯିଏ ଅଟନ୍ତି ବୋଲି କହିଛନ୍ତି, ସେ ତାହା ହିଁ ଅଟନ୍ତି, ଅର୍ଥାତ୍, ସେ ଜଗତର କ୍ରୁଶାର୍ପିତ ଓ ପୁନରୁତ୍ଥିତ ତ୍ରାଣକର୍ତ୍ତା, ବିଶ୍ୱର ରାଜା ଅଟନ୍ତି ଓ ଏହାପରେ ଆମେ ତାଙ୍କୁ ଆମ ଜୀବନର ପ୍ରଭୁ କରିବା ପାଇଁ ମନୋନୀତ କରିବା ଆବଶ୍ୟକ । ଯେଉଁମାନେ ତାଙ୍କଠାରେ ବିଶ୍ୱାସ କରନ୍ତି, ସେମାନଙ୍କ ପାଇଁ ପରିତ୍ରାଣ ଓ ଜୀବନ ଅଛି ଓ ତାଙ୍କ ପବିତ୍ର ଆତ୍ମାଙ୍କର ଶକ୍ତି,ଯେଉଁ ପ୍ରକାର ଜୀବନ କାଟିବା ପାଇଁ ଆମେ ସୃଷ୍ଟ ହୋଇଥିଲୁ, ସେହି ପ୍ରକାର ଜୀବନ କାଟିବା ପାଇଁ ଆମକୁ ସାମର୍ଥ୍ୟ ଦିଅନ୍ତି : ଅର୍ଥାତ୍, ସେହି ଜୀବନ ଈଶ୍ୱରଙ୍କ ସାଦୃଶ୍ୟକୁ ପ୍ରକାଶ କରେ ଯେପରି ତଦ୍ଦ୍ୱାରା ସମସ୍ତେ ପ୍ରକୃତ ଜୀବନ ଜାଣିପାରିବେ । ଯୀଶୁଙ୍କ ଉପରେ ଆମର ବିଶ୍ୱାସ ସ୍ଥାପନ କରିବା ଦ୍ୱାରା, ଆମେ ଆମର ପୁରାତନ ଜୀବନ ପ୍ରତି ମୃତ୍ୟୁବରଣ କରୁ ଓ ନୂତନ ଜୀବନ ମଧ୍ୟକୁ ପୁନର୍ବାର ଜନ୍ମ ଲାଭ କରୁ । ଦିନେ ଯୀଶୁ ପ୍ରତ୍ୟାବର୍ତ୍ତନ କରିବେ ଓ ତାଙ୍କର ସିଦ୍ଧ ରାଜ୍ୟ ପୁନଃସ୍ଥାପିତ ହେବ । ଯେଉଁମାନେ ତାଙ୍କ ଠାରେ ବିଶ୍ୱାସ କରନ୍ତି, ସେମାନେ ତାଙ୍କ ରାଜ୍ୟ ମଧ୍ୟରେ ଚିରଦିନ ବାସ କରିବେ, ସମସ୍ତେ ଯେପରି ଏହି ଅନନ୍ତ ଭରସାକୁ ଜାଣିପାରିବେ, ସେଥିପାଇଁ ଆମକୁ ଜଗତ ନିକଟରେ ଈଶ୍ୱରଙ୍କ ପ୍ରେମ ଜଣାଇବା ପାଇଁ ଆହ୍ୱାନ କରାଯାଇଛି ଓ ବାଧ୍ୟ କରାଯାଇଛି ।

# ପରିଶିଷ୍ଟ :
# ଦଶମିନିଟର ଯୁବ ସୁସମାଚାର ଆଲୋଚନାର ଦୃଷ୍ଟାନ୍ତ

## ଏକ : ଆପଣ ଆକସ୍ମିକ ଭାବରେ ଆସି ନାହାନ୍ତି !

ଅନେକ ଲୋକ ଭାବନ୍ତି ଯେ ସେମାନେ ଏକ ଅଲୌକିକ ଆକସ୍ମିକତା ଅଟନ୍ତି, ବିଶ୍ୱ ଶୂନ୍ୟରୁ ଉଦ୍ଭବ ହୋଇଥିବାରୁ ସେମାନେ ଏଠାରେ ଅଛନ୍ତି ଓ ଏହାପରେ କିଛି ଲକ୍ଷ ଲକ୍ଷ ବର୍ଷ ବିତିଯାଇଛି । ମାତ୍ର ଏହା କୌଣସି ଅର୍ଥ ପ୍ରତିପାଦନ କରେ ନାହିଁ, କିମ୍ବା ଜୀବନର ଅର୍ଥ କ'ଣ ହୋଇପାରେ, ସେ ବିଷୟରେ କୌଣସି ଭରସା ଦିଏ ନାହିଁ ।

ବାଇବଲ କହେ ଯେ ଈଶ୍ୱର ସର୍ବଦା ବିଦ୍ୟମାନ ଅଛନ୍ତି ଓ ନିଜ ସୃଷ୍ଟି – ମାନବ ଜାତିକୁ ତାଙ୍କ ପ୍ରେମର ସହଭାଗୀ କରାଇବା ପାଇଁ ଇଚ୍ଛା କରି ସେ ଜଗତକୁ ସୃଷ୍ଟି କରିଥିଲେ ।

ସେଥିପାଇଁ ଆପଣ ଆକସ୍ମିକ ଭାବରେ ଆସି ନାହାନ୍ତି ଆପଣ ଈଶ୍ୱରଙ୍କର ସୃଷ୍ଟି ଅଟନ୍ତି, ଆପଣଙ୍କୁ ପ୍ରେମ କରାଯାଇଛି ଓ ଆପଣଙ୍କର ଏକ ଉଦ୍ଦେଶ୍ୟ ଅଛି ।

## ଦୁଇ : ଆପଣ ମୁଖ୍ୟ ବିଷୟକୁ ଦେଖିପାରି ନାହାନ୍ତି !

ସମସ୍ୟା ହେଉଛି, ଯେତେବେଳେ ଲୋକମାନେ ଜାଣନ୍ତି ନାହିଁ ଯେ ଈଶ୍ୱର ସେମାନଙ୍କୁ ସୃଷ୍ଟି କରିଥିଲେ ଓ ସେ ସେମାନଙ୍କୁ ପ୍ରେମ କରନ୍ତି, ସେତେବେଳେ ସେମାନେ ସେମାନଙ୍କ ଜୀବନର ମୁଖ୍ୟ ବିଷୟକୁ ଦେଖି ପାରନ୍ତି ନାହିଁ । ଈଶ୍ୱରଙ୍କୁ ଜାଣିବାର ଅର୍ଥ ହେଉଛି, ଜୀବନ ଯେପରି କ୍ଷେପଣ କରିବା ପାଇଁ ଉଦ୍ଦିଷ୍ଟ ଥିଲା, ସେହିପରି ଜୀବନ କାଟିବା, ଅର୍ଥାତ୍, ଆମ ସୃଷ୍ଟିକର୍ତ୍ତାଙ୍କ ସହିତ ବନ୍ଧୁତା ରଖି, ଏକ ପ୍ରେମମୟ, ଦୟାଳୁ, କରୁଣାମୟ, ଅନୁଗ୍ରହଶୀଳ, ଧୈର୍ଯ୍ୟଶୀଳ ଓ ଜ୍ଞାନୀ ଈଶ୍ୱରଙ୍କ ସହିତ ସଂପର୍କ ରଖି ଜୀବନ କାଟିବା । ବାଇବଲ ଈଶ୍ୱରଙ୍କୁ ଏପରି ତ୍ରୁଟିଶୂନ୍ୟ, ସିଦ୍ଧ ପିତା ବୋଲି କହିଛି ଯିଏ ତାଙ୍କ ସନ୍ତାନମାନଙ୍କ ପାଇଁ – ଅର୍ଥାତ୍, ଆପଣଙ୍କ ପାଇଁ ଓ ମୋ' ପାଇଁ ଉତ୍ତମ ବିଷୟ ଇଚ୍ଛା କରନ୍ତି !

ଈଶ୍ୱରଙ୍କୁ ନ ଜାଣିବା, ଗୋଟିଏ ବିଶ୍ୱକପ୍‌ର ଅନ୍ତିମ ଖେଳ ପାଇଁ ଦୌଡ଼ିବା, ଅଥଚ କୌଣସି ଲକ୍ଷ୍ୟ ହାସଲ ପାଇଁ ବ୍ୟସ୍ତ ନ ହେବା ସଦୃଶ ଅଟେ ... କେହି କୌଣସି ଗୋଲ ହାସଲ କରିବା ପାଇଁ ସମର୍ଥ ହେବେ ନାହିଁ, କେହି ପୁରସ୍କାର ଜିତିବା ପାଇଁ ସମର୍ଥ ହେବେ ନାହିଁ – ଏହା ମୂଲ୍ୟହୀନ ହେବ ।

## ତିନି : ଆପଣ ସଂପୂର୍ଣ୍ଣ ଜୀବନକୁ ଜାଣିପାରିବେ !

ଈଶ୍ୱରଙ୍କୁ ନ ଜାଣିବାରେ ସର୍ବାଧିକ ବଡ଼ ସମସ୍ୟା ହେଉଛି – ସେ ଆମ ପାଇଁ ରଖିଥିବା ସର୍ବୋତ୍ତମ ଜୀବନକୁ ଆମେ କେବଳ ହରେଇ ଦେଉ, ତା' ନୁହେଁ, ମାତ୍ର ଆମେ ପ୍ରକୃତରେ ବିଶ୍ୱର ରାଜା ଓ ସୃଷ୍ଟିକର୍ତ୍ତାଙ୍କୁ ମଧ୍ୟ ଅଗ୍ରାହ୍ୟ କରି ତାଙ୍କଠାରୁ ବିମୁଖ ହେଉ । ବାଇବଲ ଆମକୁ କହେ ଯେ ଯେତେବେଳେ ଆମେ ଆମ ପାଇଁ ଈଶ୍ୱର ରଖିଥିବା ଜୀବନକୁ ପ୍ରତ୍ୟାଖ୍ୟାନ କରୁ, ସେତେବେଳେ ଜଗତ ମଧ୍ୟକୁ ମନ୍ଦ ବିଷୟ ସବୁ ଆସେ କାରଣ ଜୀବନକୁ କିପରି କାଟିବାକୁ ହୁଏ, ଏହା ଆମେ ଆମ ସୃଷ୍ଟିକର୍ତ୍ତାଙ୍କ ଅପେକ୍ଷା ଅଧିକ ଉତ୍ତମଭାବେ ଜାଣୁ ବୋଲି ଆମେ ଭାବୁ । ବାଇବଲ ଏହାକୁ 'ପାପ' ବୋଲି କହେ, ମାତ୍ର ଏହାକୁ ସ୍ୱାର୍ଥପରତା ବୋଲି ଭାବିବା ଗୋଟିଏ ଅଧିକ ସହଜ ମାର୍ଗ ହୋଇପାରେ । ଆମେ ଈଶ୍ୱରଙ୍କ ମାର୍ଗ ପରିବର୍ତ୍ତେ ଆମ ନିଜସ୍ୱ ମାର୍ଗ ମନୋନୀତ କରିଅଛୁ । ଆମେ କହୁ, ''ହେ ଈଶ୍ୱର, ମୁଁ ଆପଣଙ୍କ ଅପେକ୍ଷା ଅଧିକ ଉତ୍ତମ, ମୁଁ ଆପଣଙ୍କଠାରୁ ଅଧିକ ଜାଣେ, ମୁଁ ଆପଣଙ୍କୁ ଆବଶ୍ୟକ କରେ ନାହିଁ ।'' ଆମେ ଯେଉଁ ବିଶୃଙ୍ଖଳିତ ଜଗତରେ ବାସ କରୁଛୁ, ତାହାକୁ ଦେଖିବା ପାଇଁ ଆମକୁ କେବଳ ସମ୍ବାଦ ଦେଖିବାକୁ ହେବ ଓ ଏହା ଲୋକମାନଙ୍କର ମୁଖ୍ୟ ବିଷୟକୁ ନ ଦେଖିବାର, ସେମାନଙ୍କର ପ୍ରେମମୟ ପିତା ଈଶ୍ୱରଙ୍କ ପରିବର୍ତ୍ତେ ନିଜ ନିଜ ପାଇଁ ବଞ୍ଚିବାର ପରିଣତି ଅଟେ ।

ଏହି ପ୍ରତ୍ୟାଖ୍ୟାନ ଈଶ୍ୱର ଓ ଆମ ମଧ୍ୟରେ ଗୋଟିଏ ପ୍ରତିବନ୍ଧକ ସୃଷ୍ଟିକରେ ଓ ଆମେ ଯେତେବେଳେ ଜୀବନ ଦାତା ଈଶ୍ୱରଙ୍କ ବିରୁଦ୍ଧରେ ଯାଉ, ସେତେବେଳେ ଆମ ପାଇଁ କେବଳ ମୃତ୍ୟୁ ଅବଶିଷ୍ଟ ରହିଥାଏ ।

ମାତ୍ର ଆପଣ ମୃତ୍ୟୁବରଣ କରନ୍ତୁ ବୋଲି ଈଶ୍ୱର ଇଚ୍ଛା କରନ୍ତି ନାହିଁ । ବାଇବଲ କହେ ଯେ ଈଶ୍ୱର ଯୀଶୁଙ୍କୁ, ଅର୍ଥାତ୍, ମାନବରୂପୀ ଈଶ୍ୱରଙ୍କୁ ଏପରି ଏକ ସିଦ୍ଧ ଜୀବନ କାଟିବା ପାଇଁ ଏହି ଜଗତ ମଧ୍ୟକୁ ପ୍ରେରଣ କରିଥିଲେ ଯାହା ଆମକୁ କିପରି ସଂପୂର୍ଣ୍ଣତାର ସହିତ ଜୀବନ କାଟିବାକୁ ହୁଏ, ତାହା ପ୍ରଦର୍ଶନ କରେ । ଯେତେବେଳେ ଆମେ ଈଶ୍ୱରଙ୍କୁ ପ୍ରତ୍ୟାଖ୍ୟାନ କରୁ, ସେତେବେଳେ ଆମେ ଗୋଟିଏ ଦଣ୍ଡର ଯୋଗ୍ୟ ହେଉ, ଠିକ୍ ଯେପରି ବିଦ୍ୟାଳୟରେ ନିୟମ ଅମାନ୍ୟ କଲେ ଆମକୁ ଗୋଟିଏ ଦଣ୍ଡ ମିଳେ ।

ଆମେ ଈଶ୍ୱରଙ୍କୁ ପ୍ରତ୍ୟାଖ୍ୟାନ କରିବା ସମୟରେ ଯେଉଁ ମୃତ୍ୟୁକୁ ମନୋନୀତ କରିଥିଲୁ, ସେହି ମୃତ୍ୟୁ, ଆମର ସେହି ଦଣ୍ଡ – ଆମର ବନ୍ଦୀତ୍ୱକୁ ଗ୍ରହଣ କରିବା ପାଇଁ ଯୀଶୁ ପ୍ରତୀକାତ୍ମକ ଭାବରେ ଗୋଟିଏ କ୍ରୁଶ ଉପରେ ନିହତ ହୋଇଥିଲେ ।

ତିନିଦିନ ପରେ ସେ ପୁନର୍ଜୀବିତ ହୋଇଥିଲେ – କାରଣ ସେ ଈଶ୍ୱର ଅଟନ୍ତି, ମୃତ୍ୟୁ ତାଙ୍କୁ ଧରି ରଖି ପାରେ ନାହିଁ – ଏହା ପ୍ରତୀକାତ୍ମକ ଭାବରେ ପ୍ରକାଶ କରେ ଯେ ଈଶ୍ୱରଙ୍କୁ ପ୍ରତ୍ୟାଖ୍ୟାନ କରିଥିବାରୁ, ଯେତେବେଳେ ଆମେ ଦୁଃଖ ପ୍ରକାଶ କରୁ ଓ ଏହାପରେ ତାଙ୍କଠାରେ ବିଶ୍ୱାସ ସ୍ଥାପନ କରୁ, ସେତେବେଳେ ଆମେ ଜୀବନ ନିକଟକୁ ଫେରି ଆସୁ ଓ ଜୀବନକୁ ସଂପୂର୍ଣ୍ଣ ଭାବରେ ଜାଣୁ ।

# ପରିଶିଷ୍ଟ : ସୁସମାଚାର ପଦ୍ଧତି

## ଚାରି : ଆପଣଙ୍କ ଜୀବନର ମୁଖ୍ୟ ସ୍ଥାନରେ କିଏ ଅଛି ?

କିଏ ‘‘ବିଗ୍ ବ୍ୟାଙ୍ଗ ମତବାଦ’’କୁ ଦେଖିଛି ? ସେହି କାର୍ଯ୍ୟକ୍ରମରେ ଶେଲ୍‌ଡନ୍ ଏପରି ଗୋଟିଏ ଆସନରେ ବସିଛନ୍ତି, ଯାହା ଉପରେ ବସିବା ପାଇଁ ଅନ୍ୟ କାହାକୁ ଅନୁମତି ଦିଆଯାଇ ନାହିଁ । ଏହା ତାଙ୍କର ସ୍ଥାନ ! ଆମେ ଆମ ଜୀବନ ସହିତ ମଧ୍ୟ ସେହିପରି କରୁ : ଆମେ କହୁ, ‘‘ହେ ଈଶ୍ୱର, ଆପଣ ମୋ’ ଜୀବନର ମୁଖ୍ୟ ସ୍ଥାନରେ ବସି ପାରିବେ ନାହିଁ । ମୁଁ ନିୟନ୍ତ୍ରଣ କରିବାକୁ ଚାହେଁ ।’’ ମାତ୍ର ଈଶ୍ୱର ଆମକୁ ଏତେ ପ୍ରେମ କରନ୍ତି ଯେ ସେ ଆମକୁ ଯେଉଁ ଜୀବନ ପାଇଁ ସୃଷ୍ଟି କରିଥିଲେ, ସେହି ସତ୍ୟ ଜୀବନକୁ ଆମେ ଜାଣୁ ବୋଲି ସେ ଚାହାଁନ୍ତି । ସେ ଆମକୁ ସାହାଯ୍ୟ କରିବା ପାଇଁ, ଆମକୁ ଚାଳନା ଦେବା ପାଇଁ, ତାଙ୍କ ନିଜସ୍ୱ ଆସନ, ଅର୍ଥାତ୍, ଆମ ଜୀବନର ମୁଖ୍ୟ ସ୍ଥାନରେ ବସିବା ପାଇଁ ଇଚ୍ଛା କରନ୍ତି ।

ଜୀବନ କ’ଣ ଅଟେ – ଏ ବିଷୟରେ ଅନେକ ଲୋକ ଦ୍ୱନ୍ଦ୍ୱଗ୍ରସ୍ତ ଅଟନ୍ତି । ଆମେ ବିଷାଦ, ଆତ୍ମଘାତ, ବିଶୃଙ୍ଖଳିତ ଭୋଜନ ସହିତ ସଂଘର୍ଷ କରୁ । ଆମେ ଦର୍ପଣରେ ଯାହା ଦେଖୁ, ସେଥିରେ ଖୁସି ହେଉ ନାହୁଁ, କିଛି କର୍ତ୍ତୃତ୍ୱ ହାସଲ କରିବୁ ବୋଲି ଆମେ ଭାବୁ ନାହୁଁ । ଆମେ ଅସୁଖୀ ଓ ଚାପଗ୍ରସ୍ତ ଅଟୁ ।

ଈଶ୍ୱର କହନ୍ତି, ‘‘ତୁମ୍ଭେମାନେ ମୁଖ୍ୟ ବିଷୟ ଦେଖିପାରୁ ନାହଁ । ମୋ’ ନିକଟକୁ ଫେରି ଆସ, ମୋତେ ଅଗ୍ରାହ୍ୟ କରିଥିବାରୁ ଦୁଃଖ ପ୍ରକାଶ କର ଓ ମୁଁ ତୁମ୍ଭମାନଙ୍କୁ କ୍ଷମା ଦେବି । ମୋ’ଠାରେ ବିଶ୍ୱାସ ରଖ ଓ ମୁଁ ତୁମ୍ଭମାନଙ୍କୁ ସଂପୂର୍ଣ୍ଣ ଜୀବନ, ବାସ୍ତବ ଜୀବନ ପ୍ରଦର୍ଶନ କରିବି ଓ ତୁମ୍ଭେମାନେ ମୃତ୍ୟୁର ଅନୁଭୂତି ଆଦୌ ପାଇବ ନାହିଁ ।’’

ଆପଣ ଆକସ୍ମିକ ଭାବରେ ଆସି ନାହାନ୍ତି, ଆପଣଙ୍କୁ ଈଶ୍ୱର ପ୍ରେମ କରନ୍ତି । ଆପଣ ଈଶ୍ୱରଙ୍କୁ ବିଶ୍ୱାସ କରନ୍ତୁ ବୋଲି ସେ ଆପଣଙ୍କୁ ବାଧ୍ୟ କରିବେ ନାହିଁ । ନିଜେ ଏହାକୁ ମନୋନୀତ କରନ୍ତୁ – ଈଶ୍ୱରଙ୍କ ନିକଟକୁ ଫେରି ଆସନ୍ତୁ ଓ ବାସ୍ତବ ଜୀବନ ଜାଣନ୍ତୁ ।

## ଚାରୋଟି ଆତ୍ମିକ ବ୍ୟବସ୍ଥା

4lasw.com

ସୁସମାଚାରର ମୌଳିକ ବିଷୟ ସମ୍ବନ୍ଧରେ ବିଲ୍ ବ୍ରାଇଟଙ୍କର ଉତ୍କୃଷ୍ଟ ସ୍ପଷ୍ଟୀକରଣ ।

## ଚାରୋଟି ବିଷୟ

the4points.com

ଚାରୋଟି ଆତ୍ମିକ ନିୟମର ଏକ ଯୁବ–କୈନ୍ଦ୍ରିକ ଅନୁବାଦ ।

## ତିନି ବୃତ୍ତ

ବିଭିନ୍ନ ୟୁଟ୍ୟୁବ୍ ଦୃଷ୍ଟାନ୍ତ

ସୁସମାଚାରର ଏକ ସଂକ୍ଷିପ୍ତ ଓ ସରଳ ବର୍ଣ୍ଣନା । ଏହାକୁ ଶିକ୍ଷା କରୁଥିବା ଯେ କୌଣସି ବ୍ୟକ୍ତି ଯେପରି ସହଜରେ ଏହାକୁ ନକଲ କରିପାରିବ, ଏଥିପାଇଁ ଏହାକୁ ପ୍ରସ୍ତୁତ କରାଯାଇଛି ।

# ପ୍ରସ୍ତାବିତ ପୁସ୍ତକ

## ସୁସମାଚାର ଓ ସୁସମାଚାର ପ୍ରଚାର

Mark Dever, *The Gospel and Personal Evangelism* (Crossway : Wheaton, Illinois, 2007)

Will Metzger, *Tell The Truth* (IVP : Downers Grove, Illinois, 4th ed., 2012)

**Ben Jack, *The Simple Gospel* (The Message Trust : Manchester, 2018)**

**Rico Tice, *Honest Evangelism* (The Good Book Company : London, 2015)**

J.I. Packer, *Evangelism and the Sovereignty of God* (IVP : London, Reprint Ed., 2012)

Andy Hawthorne, *Here I Am : Joining God's Adventurous Call To Love The World* (David C. Cook : Colorado Springs, 2019)

Tom Wright, *Simply Good News* (SPCK : London, 2015)

R.T. Kendall, *Whatever Happened To The Gospel ?* (Charisma House : Lake Mary, Florida, 2018)

Robert E. Coleman, *The Masterplan of Evangelism* (Baker : Grand Rapids. MI, 1963)

David Watson, *I Believe In Evangelism* (Hodder and Stoughton : London, 1976) (currently out of print but second-hand copies are available cheaply through Amazon Marketplace)

## ମୌଳିକ ଖ୍ରୀଷ୍ଟ ବିଶ୍ୱାସ ଓ

**John Stott, *Basic Christianity* (IVP : London, 2013)**

J.I. Packer, *Concise Theology : A Guide To Historic Christian Beliefs* (IVP : London, Reissue Ed., 2011)

Alistair McGrath, *Christian Theology : an Introduction* (Blackwell : Chichester, W. Sussex, Fifth Ed., 2011)

Wayne Grudem, *Systematic Theology : An Introduction To Biblical Theology* (IVP : London, 1994)

## କ୍ରୁଶ ଓ ପୁନରୁତ୍ଥାନ

John Stott, *The Cross of Christ* (IVP : London, 1986)

D.A. Carson, *Scandalous : The Cross and Resurrection of Jesus* (IVP : London, 2010)

Derek Tidball, *The Message of the Cross* (The Bible Speaks Today) (IVP : London, 2001)

Paul Beasley-Murray, *The Message of the Resurrection (The Bible Speaks Today)* (IVP : London, 2000)

## ପ୍ରଚାର ଓ ଯୋଗାଯୋଗ

Tim Keller, *Preaching : Communicating Faith in an Age of Skepticism* (Hodder and Stoughton : London, 2015)

Carmine Gallo, *Talk Like TED : The 9 Public Speaking Secrets of the World's Top Minds* (Macmillan : Oxford, 2014)

## ବିଶ୍ୱାସମତର ସମର୍ଥନ

C.S. Lewis, *Mere Christianity* (Harper Collins : London, 1952)

Alistair McGrath, *Mere Apologetics : How to Help Seekers and Skeptics Find Faith* (Baker : Grand Rapids, 2012)

J. Warner Wallace, *Cold Case Christianity* (David C. Cook : Colorado Springs, 2013)

Tim Keller, *The Reason For God* (Hodder & Stoughton : London, 2008)

Tim Keller, *Making Sense of God* (Hodder & Stoughton : London, 2016)

## ଅନ୍‌–ଲାଇନ୍‌ ସମ୍ବଳ

**reasonablefaith.org - coldcasechristianity.com - apologetics315.com**

## ଡିଭିଡି/ୟୁଏସ୍‌ବି ସମ୍ବଳ

**talkingjesus.org - Alpha.org - Dare2Share.org**

# ଉତ୍ତର ଦାୟିତ୍ୱପୂର୍ଣ୍ଣ (ସମୀକ୍ଷା) ପ୍ରଶ୍ନାବଳି

ସୂଚନା
✓ ଉତ୍ତମ
- ଠିକ୍ ଅଛି
X ଖରାପ

''ହେ ପରମେଶ୍ୱର, ମୋହର ଅନୁସନ୍ଧାନ କର ଓ ମୋ' ଅନ୍ତଃକରଣର ପରିଚୟ ନିଅ (ଗୀତସଂହିତା ୧୩୯:୨୩) ।

''ପରସ୍ପରକୁ ଗ୍ରହଣ କର'' (ରୋମୀୟ ୧୫:୭) । ''ପରସ୍ପର ନିକଟରେ ଆପଣା ଆପଣା ପାପସ୍ୱୀକାର କର'' (ଯାକୁବ ୫:୧୬) । ''ପରସ୍ପରକୁ ସାନ୍ତ୍ୱନା ଦିଅ, ପୁଣି ପରସ୍ପରର ନିଷ୍ଠା ଜନ୍ମାଅ'' (୧ ଥେସଲନୀକୀୟ ୫:୧୧) ।

**''ଈଶ୍ୱର-ସୃଷ୍ଟ ପରିଚୟକୁ ଜୀବନରେ ପ୍ରଦର୍ଶନ କରନ୍ତୁ । ଈଶ୍ୱର ଯେପରି ଆପଣଙ୍କ ପ୍ରତି ପ୍ରଦର୍ଶନ କରିଛନ୍ତି, ସେହିପରି ଅନ୍ୟମାନଙ୍କ ପ୍ରତି ଉଦାରତା ଓ ଅନୁଗ୍ରହ ପ୍ରଦର୍ଶନ କରନ୍ତୁ'' (ମାଥିଉ ୫:୪୮) ।**

ମୋ' ଜୀବନ ପାଇଁ ମୋର ଦର୍ଶନ କେତେ ସ୍ୱଷ୍ଟ ଅଟେ ?

ମୁଁ ଯେଉଁ କାର୍ଯ୍ୟରେ ଜଡ଼ିତ ଅଛି, ସେହି କାର୍ଯ୍ୟ ପାଇଁ ମୋର ଦର୍ଶନ କେତେ ସ୍ୱଷ୍ଟ ଅଟେ ?

ମୁଁ ଯାହା କରେ, ତାକୁ ଉପଭୋଗ କରେ କି ?

ମୁଁ ଯାହା କରୁଅଛି, ସେଥିରେ ଈଶ୍ୱର ସନ୍ତୁଷ୍ଟ ଅଛନ୍ତି ବୋଲି ମୁଁ ଅନୁଭବ କରେ କି ?

ମୁଁ କେତେ ଆଗ୍ରହୀ ଅଟେ ?

ଯୀଶୁଙ୍କ ସହିତ ମୋର ଘନିଷ୍ଠତା ଅଛି କି ?

ମୁଁ ପ୍ରାର୍ଥନା ପାଇଁ ଯଥେଷ୍ଟ ସମୟ ଦେଉଛି କି ?

ମୁଁ ବ୍ୟକ୍ତିଗତ ବାଇବଲ ଅଧ୍ୟୟନରେ ସମୟ କାଟୁଅଛି କି ?

ଆଜି ମୋ' ପାଇଁ ବାଇବଲ ଜୀବନ୍ତ ହୋଇଥିଲା କି ?

ମୁଁ ମୋର ଜୀବନରେ ଓ ସେବା କାର୍ଯ୍ୟରେ ଈଶ୍ୱରଙ୍କ ଶକ୍ତିର ପ୍ରମାଣ ଖୋଜୁଅଛି କି ?

ଯୀଶୁ ମୋ' ପ୍ରତି ବାସ୍ତବ ଅଟନ୍ତି କି ?

ମୁଁ ଶିକ୍ଷଣୀୟ ଓ ଉତ୍ତରଦାୟୀ ଅଟେ କି ?

ମୁଁ ସର୍ବଦା ଉପଲବ୍ଧ ଓ ପ୍ରବେଶ୍ୟ ଅଟେ କି ?

ମୁଁ ଉତ୍ତମ ଭାବେ ଶୁଣେ କି ?

ମୁଁ ଅନ୍ୟମାନଙ୍କ ପ୍ରତି ନିଜକୁ ବିପଜ୍ଜନକ କରୁଅଛି କି ?

ମୁଁ ଗୋଟିଏ ସେବକର ହୃଦୟ ସହିତ ନେତୃତ୍ୱ ନେଉଅଛି କି ?

ମୁଁ ବିଶ୍ୱାସଯୋଗ୍ୟ ଅଟେ କି ?

ମୁଁ ମୋର ପ୍ରତିଜ୍ଞାଗୁଡ଼ିକୁ ରକ୍ଷା କରୁଅଛି କି ?

ମୁଁ ସୁସ୍ଥ ଦୃଷ୍ଟିକୋଣ ଧରି ରଖିଛି କି ?

ମୁଁ ଚାପକୁ ଉତ୍ତମ ଭାବେ ନିୟନ୍ତ୍ରଣ କରୁଅଛି କି ? (ଲୋକମାନଙ୍କଠାରୁ, କାର୍ଯ୍ୟରୁ, ପରିବେଶରୁ) ।

ମୋର ସ୍ୱାସ୍ଥ୍ୟ କିପରି ଅଟେ ?

ମୁଁ ସ୍ୱାସ୍ଥ୍ୟ ପ୍ରଦ ଖାଦ୍ୟ ଖାଉଛି କି ?

ମୁଁ ଉତ୍ତମ ଭାବେ ଶୟନ କରୁଛି କି ?

ମୁଁ ମୋର ମନକୁ ଅନୁପଯୁକ୍ତ ଚିନ୍ତା ଉପରେ ନ୍ୟସ୍ତ କରୁଛି କି ?

ମୁଁ ରୋଗୀ, ଆଘାତପ୍ରାପ୍ତ ଓ ଅଭାବଗ୍ରସ୍ତମାନଙ୍କୁ ସ୍ମରଣ କରୁଛି କି ?

ମୋର ପରିବାର ଖୁସି ଅଛି କି ?

ମୋର ବନ୍ଧୁତା କିପରି ଅଟେ ?

ମୁଁ ଯେଉଁମାନଙ୍କ ସହିତ କାର୍ଯ୍ୟ କରେ, ସେମାନଙ୍କ ସହିତ ମୋହର ସଂପର୍କ ଉତ୍ତମ ଅଟେ କି ? (ବନ୍ଧୁ, ନେତା, ବିପରୀତ ଲିଙ୍ଗର ବ୍ୟକ୍ତି) ।

କ୍ଷୁଧିତ ହେବା, କ୍ରୋଧିତ ହେବା, ନିଃସଙ୍ଗ ହେବା କିମ୍ବା କ୍ଳାନ୍ତ ହେବା ସମୟରେ ମୋର ପ୍ରତିକ୍ରିୟା କେତେ ଉତ୍ତମ ଅଟେ ?

ମୁଁ ଅନୁପଯୁକ୍ତ କାମନା ପୂର୍ଣ୍ଣ ଚିନ୍ତାରେ ନିୟୋଜିତ ହୋଇଛି କି ?

ମୁଁ ଯଥେଷ୍ଟ ବିଶ୍ରାମ ନେଉଛି କି ?

ମୁଁ ମୋର ସମୟକୁ ଉତ୍ତମ ଭାବେ ପରିଚାଳନା କରୁଛି କି ?

ମୁଁ ମୋର ସମୟକୁ ଏକ ହିତଜନକ ମାର୍ଗରେ କ୍ଷେପଣ କରୁଛି କି ?

ମୁଁ ମଣ୍ଡଳୀ, କାର୍ଯ୍ୟ ଓ ପାରିବାରିକ ଜୀବନ ମଧ୍ୟରେ ଏକ ଉପଯୁକ୍ତ ସନ୍ତୁଳନ ରକ୍ଷା କରୁଛି କି ?

ମୁଁ ଅଣ-ଖ୍ରୀଷ୍ଟିଆନମାନଙ୍କ ସହିତ ସଂପର୍କ ସ୍ଥାପନ ଓ ସଂପର୍କ ରକ୍ଷା କରୁଅଛି କି ?

ମୁଁ ଯୌନ ଉଦ୍ଦୀପକ ବିଷୟ ପ୍ରତି ନିଜକୁ ଉନ୍ମୋଚିତ କରୁଛି କି ?

ମୁଁ ମୋ' ଜୀବନର କୌଣସି କ୍ଷେତ୍ରରେ ପରାସ୍ତ ହୋଇଛି କି : ଈର୍ଷା, ଅଶୁଚିତା, ସମାଲୋଚନାମୂଳକ, ବିରକ୍ତି, ସ୍ପର୍ଶକାତର କିମ୍ବା ଅବିଶ୍ୱସ୍ତତା ।

ମୁଁ ମୋର ଅର୍ଥକୁ ଉତ୍ତମଭାବେ ପରିଚାଳନା କରୁଛି କି ?

ମୁଁ ଉଦାର ଭାବରେ ଦାନ ଦେଉଛି କି ?

ମୁଁ ଅନ୍ୟ ଲୋକମାନଙ୍କୁ ଈର୍ଷା ନ କରିବା ପାଇଁ ମନୋନୀତ କରୁଛି କି ?

ମୁଁ ବଚସା କିମ୍ବା ଅଭିଯୋଗ ନ କରିବା ପାଇଁ ମନୋନୀତ କରୁଛି କି ?

ମୁଁ ସତ୍ୟନିଷ୍ଠାର ସହିତ ଆଚରଣ କରୁଛି କି ?

ମୁଁ ନିର୍ଣ୍ଣାୟାତ୍ମକ ଓ ଦୃଢ଼ ବିଶ୍ୱାସୀ ଅଟେ କି ?

ମୁଁ ବିପଦ ବରଣ କରିବା ପାଇଁ ଇଚ୍ଛା କରୁଛି କି ?

ମୁଁ ବଳିଦାନ (ସ୍ୱାର୍ଥତ୍ୟାଗ) କରିବା ପାଇଁ ଇଚ୍ଛା କରୁଛି କି ?

ମୁଁ ମୋର ସର୍ବୋତ୍ତମ ବିଷୟକୁ ଧରି ରଖିଛି କି ?

ମୁଁ ଆତ୍ମାଙ୍କ ଶକ୍ତିରେ ଗତି କରୁଛି କି ?

ମୁଁ ଏ ପର୍ଯ୍ୟନ୍ତ କୌଣସି ଜଣେ ବ୍ୟକ୍ତିଙ୍କୁ କ୍ଷମା ଦେଇ ନାହିଁ କି ?

ମୁଁ ଧ୍ୱଂସାତ୍ମକ ଧାରା ଓ ସୁରକ୍ଷିତ ସ୍ଥାନରୁ ସ୍ୱାଧୀନ ହେବା ପାଇଁ ଚେଷ୍ଟା କରୁଛି କି ?

---

**''ତୁମ୍ଭେ ସର୍ବାନ୍ତଃକରଣ ସହିତ ସଦାପ୍ରଭୁଙ୍କଠାରେ ବିଶ୍ୱାସ କର ଓ ନିଜ ସୁବିବେଚନାରେ ଆଉଜି ପଡ଼ ନାହିଁ । ଆପଣାର ସବୁ ଗତିରେ ତାଙ୍କୁ ସ୍ୱୀକାର କର, ତହିଁରେ ସେ ତୁମ୍ଭର ପଥ ସବୁ ସରଳ କରିବେ । ତୁମ୍ଭେ ଆପଣା ଦୃଷ୍ଟିରେ ଜ୍ଞାନବାନ୍ ହୁଅ ନାହିଁ, ସଦାପ୍ରଭୁଙ୍କ ଭୟ କର ଓ ମନ୍ଦତାରୁ ବିମୁଖ ହୁଅ'' (ହିତୋପଦେଶ ୩:୫-୭) ।**

# ସୁସମାଚାର
# ଦ୍ୱିତୀୟ ଯୋଜନା ନାହିଁ